# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୪/୨୦୨୪ (୧୬+୪ ପୃଷ୍ଠା) | Bhubaneswar, Thursday, March 14/2024 | Page 20 | ₹ 7.00 | RAYAGADA

୫୦ଶ ଭାଗ ୧୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 50 ISSUE 111 | ମୂଲ୍ୟ ₹୭/-







# ଆଜି ହଟିପାରେ ମେଣ୍ଟ ଦ୍ୱନ୍ଦ୍ୱ

## ■ ଶାହାଙ୍କ ସହ ବସିଲା ଭାଜପା ରାଜ୍ୟ ନେତାଙ୍କ ବୈଠକ
## ■ ଆଜି ନବୀନ ନିବାସରେ ବସିବ ବିଜେଡି ନେତାଙ୍କ ବୈଠକ

ଭୁବନେଶ୍ୱର, ୧୩।୩ (ସୁନିତ୍ ମିଶ୍ର)

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶାରେ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବ ବୋଲି ଯେଉଁ ଚର୍ଚ୍ଚା ଚାଲିଛି ସେକଥାର ସ୍ପଷ୍ଟ ଚିତ୍ର ଏ ପର୍ଯ୍ୟନ୍ତ ଆସି ନ ଥିଲେ ମଧ୍ୟ କିଛି ଘଟଣାକ୍ରମ ଦେଖିଲେ ଏହି ପ୍ରସଙ୍ଗକୁ ଏଡ଼ାଇ ଦିଆଯାଇ ନ ପାରେ। ଭାଜପା ପକ୍ଷରୁ ଲୋକ ସଭା ନିର୍ବାଚନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ବୁଧବାର ପ୍ରକାଶ ପାଇସାରିଥିବା ବେଳେ ସେଥିରେ ଓଡ଼ିଶାର କୌଣସି ପ୍ରାର୍ଥୀଙ୍କ ନାମ ନ ରହିବା ଏବଂ ବିଜେଡି ପକ୍ଷରୁ ସବୁ କାର୍ଯ୍ୟକ୍ରମ ଏକ ପ୍ରକାର ସ୍ଥଗିତ ରଖାଯିବା ଘଟଣାରୁ ମେଣ୍ଟ ହେବା ନେଇ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିବାରେ ଲାଗିଛି। ସେହିପରି ଭାଜପା ରାଜ୍ୟ ନେତୃବୃନ୍ଦ ସାଧାରଣ ନିର୍ବାଚନ ସମ୍ପର୍କିତ ଆଲୋଚନା ପାଇଁ ୩ ଦିନ ହେଲା ଦିଲ୍ଲୀରେ ଡେରା ପକାଇଥିବା ବେଳେ ବୁଧବାର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସହ ବିଳମ୍ବିତ ସନ୍ଧ୍ୟାରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିବା ଜଣାପଡ଼ିଛି। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି, ପ୍ରଭାରୀ ବିଜୟ ପାଲ ସିଂ ତୋମାର, ସହପ୍ରଭାରୀ ଲତା ଉସେଣ୍ଡି ଏବଂ ଆଉ କେତେଜଣ ରାଜ୍ୟର ବରିଷ୍ଠ ନେତା ମେଣ୍ଟ ବାବଦରେ ଶାହାଙ୍କ ସହ ଚୂଡ଼ାନ୍ତ ଆଲୋଚନା କରିଥିବା ସୂଚନା ମିଳିଛି। ହେଲେ ଆଲୋଚନା ହେଲା ସେକଥା ରିପୋର୍ଟ ପ୍ରସ୍ତୁତି ଯାଏ ବାହାରକୁ ଆସିନାହିଁ। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅପରାହ୍ନ ସାଢେ ୪ଟାରେ ବିଜେଡିର କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସ ଡାକିଥିବା ସୂଚନା ମିଳିଛି। କିଛିଦିନ ତଳେ ନବୀନ ଦଳର ଯେଉଁ ବରିଷ୍ଠ ନେତାମାନଙ୍କୁ ଡାକି ମେଣ୍ଟ ବାବଦରେ ଆଲୋଚନା କରିଥିଲେ, ସେମାନେ ହିଁ ଏହି ବୈଠକରେ ସାମିଲ ହେବେ। ମୁଖ୍ୟତଃ ଯେଉଁମାନେ ବିଭିନ୍ନ ଜିଲାର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ରହିଛନ୍ତି ସେମାନଙ୍କୁ ନବୀନ ନିବାସରୁ ଟେଲିଫୋନ ଯାଇଥିବା ସୂଚନା ମିଳିଛି। ମେଣ୍ଟର ଚୂଡ଼ାନ୍ତ ଘୋଷଣା ବୋଧହୁଏ ନବୀନ ଏହି ସମୟରେ କରିପାରନ୍ତି ବୋଲି ବିଜେଡି ମହଲରେ ଚର୍ଚ୍ଚା ଜୋର୍ ଧରିଛି। ମେଣ୍ଟକୁ ନେଇ ବିଜେଡି ଭିତରେ ନେତା ଏବଂ କର୍ମୀମାନଙ୍କ ମଧ୍ୟରେ ଏକ ପ୍ରକାର ଦ୍ୱନ୍ଦ୍ୱ ବଢ଼ିଯାଇଥିବାରୁ ଏହି ପ୍ରସଙ୍ଗକୁ ଆଉ ବିଳମ୍ବିତ କରିବା ପାଇଁ ଦଳର ସୁପ୍ରିମୋ ଚାହୁଁ ନ ଥିବା ମଧ୍ୟ ଶୁଣିବାକୁ ମିଳୁଛି।ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ବିଜେଡି-ଭାଜପା ମେଣ୍ଟ ନେଇ ଗତ ୬ ତାରିଖରୁ ରାଜ୍ୟରେ ବ୍ୟାପକ ଚର୍ଚ୍ଚା ଆଲୋଚନା ଲାଗିରହିଛି। ମୁଖ୍ୟମନ୍ତ୍ରୀ ନବୀନ ନିବାସକୁ ଡାକି ଦଳର କେତେଜଣ ବରିଷ୍ଠ ନେତାଙ୍କ ସହ ଏ ବାବଦରେ ଆଲେଚନା କରିବା ପରଠାରୁ ହିଁ ମେଣ୍ଟ ଆଲୋଚନା ବଢ଼ିଥିଲା। ସେହିପରି ସମାନ ଦିନ ଭାଜପା ରାଜ୍ୟ ନେତୃବୃନ୍ଦଙ୍କୁ ଦିଲ୍ଲୀ ଡାକି ଏ ବାବଦରେ ଆଲୋଚନା କରାଯାଇଥିବା ଭାଜପା ଏମ୍‌ପି ଜୁଏଲ ଓରାମ କହିବା ପରେ ମେଣ୍ଟ ଚର୍ଚ୍ଚାକୁ ଅଧିକ ବଳ ମିଳିଥିଲା। ଏହା ପରଠାରୁ ମେଣ୍ଟ ହେବା ନେଇ ସେଭଳି କିଛି ସ୍ପଷ୍ଟ ଚିତ୍ର ନ ଆସିବା ଯୋଗୁ ଏହି ପ୍ରସଙ୍ଗରେ ବିଭିନ୍ନ ମହଲରେ ପ୍ରବଳ ଚର୍ଚ୍ଚା, ଆଲୋଚନା ବଢ଼ିଯାଇଥିଲା। ଠିକ୍ ଖବର କାହା ପାଖରେ ନ ରହିବା କାରଣରୁ ନାନା ପ୍ରକାର ଆକଳନ ଏହାକୁ ନେଇ ଚାଲିଛି। ଆସନ ବୁଝାମଣା ହୋଇ ନ ପାରିବା ଯୋଗୁ ବିଳମ୍ବ ହେଉଛି ବୋଲି ଅନେକେ ମତ ରଖୁଥିବା ବେଳେ ଭାଜପା ରାଜ୍ୟ ନେତୃତ୍ୱ କୁଆଡେ ମେଣ୍ଟ ☞ ପୃଷ୍ଠା-୧୩

**ଆଜିର ସମ୍ପାଦକୀୟ**

ମୌଳବାଦୀ ଖ୍ରୀଷ୍ଟିଆନଙ୍କ ଦୃଷ୍ଟିରେ ଟ୍ରମ୍ପ୍

# ୨୨,୨୧୭ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଛି

## ସୁପ୍ରିମକୋର୍ଟରେ ସତ୍ୟପାଠ ଦାଖଲ କଲା ଏସ୍‌ବିଆଇ

ନୂଆଦିଲ୍ଲୀ, ୧୩।୩

୨୦୧୯ ଏପ୍ରିଲ ୧ରୁ ୨୦୨୪ ଫେବୃୟାରୀ ୧୫ ପ୍ରାୟ ୫ ବର୍ଷ ମଧ୍ୟରେ ରାଜନୈତିକ ଦଳଗୁଡ଼ିକ ମୋଟ ୨୨,୨୧୭ଟି ଇଲେକ୍ଟୋରାଲ ବଣ୍ଡ୍ କିଣିଛନ୍ତି। ସେଥିରୁ ୨୨,୦୩୦ ବଣ୍ଡ୍ ବିକ୍ରି କରି ଅର୍ଥ ଲାଭ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ବୁଧବାର ସର୍ବୋଚ୍ଚ ଅଦାଲତରେ ଏକ ସତ୍ୟପାଠ ଦାଖଲ କରାଯାଇଛି। ଉକ୍ତ ସତ୍ୟପାଠରେ ମାର୍ଚ୍ଚ ୧୨ ସନ୍ଧ୍ୟାରେ ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ନିକଟରେ ଦାଖଲ ଉପରୋକ୍ତ ତଥ୍ୟର ଅବତାରଣା କରାଯାଇଛି। ସତ୍ୟପାଠରେ ଏସ୍‌ବିଆଇ ଉଲ୍ଲେଖ କରିଛି ଯେ, ପ୍ରତ୍ୟେକ ଇଲେକ୍ଟୋରାଲ ବଣ୍ଡ୍ କିଣା ତାରିଖ, କ୍ରେତାଙ୍କ ନାମ ସହ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି। ଏସ୍‌ବିଆଇ ଚେୟାରମ୍ୟାନ୍ ଦୀନେଶ କୁମାର ଖାରା ସତ୍ୟପାଠରେ ଦର୍ଶାଇଛନ୍ତି, କେଉଁ ତାରିଖରେ କେତେ ଇଲେକ୍ଟୋରାଲ ବଣ୍ଡ୍ ବିକ୍ରି ହୋଇଛି, ଚାନ୍ଦା ଗ୍ରହଣ ☞ ପୃଷ୍ଠା-୧୩

## ଉଚିତ ସମୟରେ ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ପ୍ରଘଟ: ସିଇସି

ଜମ୍ମୁ, ୧୩।୩

ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଦାଖଲ କରିଥିବା ଇଲେକ୍ଟୋରାଲ ବଣ୍ଡ୍ ତଥ୍ୟ ଉପଯୁକ୍ତ ସମୟରେ ପ୍ରଘଟ କରାଯିବ ବୋଲି ବୁଧବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ରାଜୀବ କୁମାର ସୂଚନା ଦେଇଛନ୍ତି। ନିର୍ବାଚନ ପରିଚାଳନା ସଂକ୍ରାନ୍ତ ସମୀକ୍ଷା ପାଇଁ ଜମ୍ମୁ-କଶ୍ମୀର ଗସ୍ତରେ ଥିବା ସିଇସି କହିଛନ୍ତି, ୨୦୨୪ ଲୋକ ସଭା ନିର୍ବାଚନ ପାଇଁ ଆମେ ପ୍ରସ୍ତୁତ। ସାରା ଦେଶରେ ମୁକ୍ତ ଓ ନିରପେକ୍ଷ ନିର୍ବାଚନ କରାଇବା ☞ ପୃଷ୍ଠା-୧୩







ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୪/୨୦୨୪ | Bhubaneswar, Thursday, March 14/2024




# କନିଷ୍ଠ ଶିକ୍ଷକଙ୍କ ଦରମା ୨୦ ହଜାରକୁ ବୃଦ୍ଧି

## ୨୦୨୩ ଜାନୁୟାରୀ ପହିଲାରୁ ଲାଗୁ ହେବ

**ଭୁବନେଶ୍ୱର,୧୩।୩(ଅନିଲ ଦାସ)**

ରାଜ୍ୟରେ ଥିବା ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ନିୟୋଜିତ ହୋଇଥିବା କନିଷ୍ଠ ଶିକ୍ଷକ (ଜୁନିୟର ଟିଚର) ଯେଉଁମାନେ ଯୋଜନା ଭିତ୍ତିକ ପଦବୀରେ ୩ ବର୍ଷ କାର୍ଯ୍ୟ କରିସାରିଛନ୍ତି ରାଜ୍ୟ ସରକାର ସେମାନଙ୍କର ଦରମା ବୃଦ୍ଧି କରିଛନ୍ତି। ସେମାନଙ୍କର ବିଭିନ୍ନ ଦାବିକୁ ବିଚାରକୁ ନେଇ ସରକାର ସେହି ଶିକ୍ଷକମାନଙ୍କର ମାସିକ ପାରିଶ୍ରମିକ ୧୩,୮୦୦ ପରିବର୍ତ୍ତେ ୨୦,୦୦୦ ଟଙ୍କା ବୃଦ୍ଧି କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ବୃଦ୍ଧି ୨୦୨୩ ଜାନୁୟାରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ । ଏହାଦ୍ୱାରା ରାଜ୍ୟର କାର୍ଯ୍ୟରତ ୧୨, ୭୮୪ ଜଣ କନିଷ୍ଠ ଶିକ୍ଷକ ଉପକୃତ ହେବେ । ଏଥିପାଇଁ ଅତିରିକ୍ତ ୯୫ କୋଟି ଟଙ୍କା ବାର୍ଷିକ ଖର୍ଚ୍ଚ ହେବ। ସୂଚନାଯୋଗ୍ୟ ଯେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲା ଗସ୍ତ ଅବସରରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ନିୟୋଜିତ ଥିବା କନିଷ୍ଠ ଶିକ୍ଷକମାନେ ସେମାନଙ୍କ ଅସୁବିଧା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ ।

**ମୁଖ୍ୟମନ୍ତ୍ରୀଙ୍କ ଘୋଷଣା**



## ‘ପଦ୍ମ’ ସମ୍ମାନିତଙ୍କୁ ମାସକୁ ମିଳିବ ୨୫ ହଜାର ଟଙ୍କା

ଭୁବନେଶ୍ୱର,୧୩।୩(ଅନିଲ ଦାସ): ପଦ୍ମ ପୁରସ୍କାର ଦେଶର ଗୌରବମୟ ବେସାମରିକ ସମ୍ମାନ । ବିଭିନ୍ନ କ୍ଷେତ୍ରରେ ଦେଶକୁ ଗୌରବାନ୍ୱିତ କରିଥିବା ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ମିଳିଥାଏ। ପଦ୍ମ ପୁରସ୍କାରପ୍ରାପ୍ତ କୃତୀ ସନ୍ତାନମାନେ ସେମାନଙ୍କ ପ୍ରତିଭା ଓ ସେବା କାର୍ଯ୍ୟ ଦ୍ୱାରା ଓଡ଼ିଶାର ଗୌରବ ବୃଦ୍ଧି କରିଛନ୍ତି। ସମାଜକୁ ସେମାନଙ୍କ ବଳିଷ୍ଠ ଅବଦାନର ସ୍ୱୀକୃତି ସ୍ୱରୂପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କ ସମ୍ମାନାର୍ଥେ ମାସକୁ ୨୫ ହଜାର ଟଙ୍କା ଲେଖାଏ ଅର୍ଥ ସମ୍ମାନ ରାଶି ପ୍ରଦାନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଚଳିତ ବର୍ଷ ଏପ୍ରିଲଠାରୁ ଏହି ସମ୍ମାନ ରାଶି ପ୍ରଦାନ କରାଯିବ।

# ମେୟର ପାଇବେ ମାସକୁ ୫୦ ହଜାର

- ପୌରାଧ୍ୟକ୍ଷ ୧୫ ହଜାର, ଏନ୍ଏସି ଅଧ୍ୟକ୍ଷ ୧୦ ହଜାର
- ମୃତ୍ୟୁ, ଅକ୍ଷମତା କ୍ଷେତ୍ରରେ ମିଳିବ ଅନୁକମ୍ପା ସହାୟତା

**ଭୁବନେଶ୍ୱର,୧୩।୩(ଅନିଲ ଦାସ)**

ରାଜ୍ୟ ସରକାର ରାଜ୍ୟର ୫ଟି ମହାନଗର ନିଗମ, ୪୮ଟି ପୌର ପରିଷଦ ଓ ୬୮ଟି ବିଜ୍ଞାପିତ ଅଞ୍ଚଳ ପରିଷଦ(ଏନ୍ଏସି)ର ମେୟର, ଡେପୁଟି ମେୟର, ଅଧ୍ୟକ୍ଷ, ଉପାଧ୍ୟକ୍ଷ, କର୍ପୋରେଟର ଓ କାଉନସିଲରଙ୍କ ପାରିତୋଷିକ ଓ ଭତ୍ତାରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିସ ତଥା ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ରୁଲ୍ସ-୨୦୦୪ ଓ ଓଡ଼ିଶା ମ୍ୟୁନିସିପାଲିଟି ରୁଲ୍ସ-୧୯୫୩ରେ ସଂଶୋଧନ ଆଣି ଏହି ବୃଦ୍ଧି କରାଯାଇଛି। ଘୋଷଣା ଅନୁଯାୟୀ ମହାନଗର ନିଗମର ମେୟର ପାରିତୋଷିକ ବାବଦରେ ମାସିକ ୫୦ ହଜାର ଟଙ୍କା ପାଇବେ। ଏବେ ସେମାନେ ୮ ହଜାର ଟଙ୍କା ପାଉଛନ୍ତି। ସେହିପରି ଡେପୁଟି ମେୟରମାନଙ୍କ ପାରିତୋଷିକ ମାସିକ ୫ ହଜାର ଟଙ୍କାରୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟରେ ଥିବା ପୌର ପରିଷଦ ଅଧ୍ୟକ୍ଷମାନଙ୍କର ପାରିତୋଷିକ ମାସିକ ୧,୫୦୦ରୁ ୧୫ ହଜାର ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଉପାଧ୍ୟକ୍ଷଙ୍କ ପାରିତୋଷିକ ମାସିକ ୧,୨୦୦ ରୁ ୧୦ ହଜାର ଟଙ୍କା, ଏନ୍ଏସି ଅଧ୍ୟକ୍ଷମାନଙ୍କର ମାସିକ ପାରିତୋଷିକ ୧,୦୦୦ ଟଙ୍କାରୁ ୧୦ ହଜାର ଟଙ୍କାକୁ ଏବଂ ଉପାଧ୍ୟକ୍ଷଙ୍କ ମାସିକ ପାରିତୋଷିକ ୮୦୦ ରୁ ୭,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ମହାନଗର ନିଗମ କର୍ପୋରେଟରମାନେ ପ୍ରତି ବୈଠକ ପାଇଁ ଭତ୍ତା ☞ପୃଷ୍ଠା-୧୩

**ବଢ଼ିଲା ସହରାଞ୍ଚଳ ଜନପ୍ରତିନିଧିଙ୍କ ପାରିତୋଷିକ**

**ସୂଚନା:** ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର ‘ବିଚିତ୍ରା’ ପୃଷ୍ଠା ପ୍ରକାଶ ପାଇପାରୁନାହିଁ।






# ଅଲିଭ୍ ରିଡ୍‌ଲେ ଅଣ୍ଡାଦାନ ସ୍ଥଳକୁ ପର୍ଯ୍ୟଟକଙ୍କୁ ବାରଣ

## ନିର୍ଦ୍ଦେଶନାମା ଜାରି କଲେ ବନ୍ୟପ୍ରାଣୀ ପିସିସିଏଫ୍

ଭୁବନେଶ୍ୱର, ୧୩।୩
(ଅସମାପିକା ସାହୁ)

ସାମୁଦ୍ରିକ କଇଁଛ ସଂରକ୍ଷଣ କ୍ଷେତ୍ରରେ ରାଜ୍ୟ ସରକାର ଏକ ବଳିଷ୍ଠ ପଦକ୍ଷେପ ନେଇଛନ୍ତି। ଅଲିଭ୍ ରିଡ୍‌ଲେ କଇଁଛଙ୍କ ଅଣ୍ଡାଦାନ ସ୍ଥାନକୁ ପର୍ଯ୍ୟଟକଙ୍କୁ ବାରଣ କରାଯାଇଛି। ଅଣ୍ଡା ଦେଇ ଛୁଆ ଫୁଟି ସମୁଦ୍ରକୁ ଯିବା ପର୍ଯ୍ୟନ୍ତ ଏହି କଟକଣା ଲାଗୁ କରାଯାଇଛି। ଏ ନେଇ ବୁଧବାର ରାଜ୍ୟ ବନ୍ୟପ୍ରାଣୀ ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି। ବନ୍ୟପ୍ରାଣୀ ପିସିସିଏଫ୍ ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ସୁଶାନ୍ତ ନନ୍ଦ ଜାରି କରିଥିବା ଏହି ନିର୍ଦ୍ଦେଶନାମାର ନକଲ ବ୍ରହ୍ମପୁର, ପୁରୀ ଓ ରାଜନଗର ଡିଏଫ୍‌ଓଙ୍କ ସହିତ ବ୍ରହ୍ମପୁର ଓ ଭୁବନେଶ୍ୱର ଆର୍‌ସିସିଏଫ୍‌ଙ୍କୁ ଦିଆଯାଇଛି। ପର୍ଯ୍ୟଟନ ନାମରେ ଅନେକ ପର୍ଯ୍ୟଟକ କଇଁଛମାନଙ୍କୁ ବିରକ୍ତ/ହଇରାଣ/ଅତ୍ୟାଚାର କରୁଥିବାର ଅନେକ ଅଭିଯୋଗ ହୋଇ ହୋଇଆସୁଥିଲା। ଏସବୁକୁ ଦୃଷ୍ଟିରେ ରଖି କଇଁଛଙ୍କ ଆଗମନ, ବନ ବିଭାଗ ତରଫରୁ ହେଉଥିବା ଅଣ୍ଡାର ଯତ୍ନ, କଇଁଛ ଅଣ୍ଡା ଫୁଟି ସମୁଦ୍ରକୁ ଯିବା ପର୍ଯ୍ୟନ୍ତ କଇଁଛମାନେ ଆସୁଥିବା ବେଳାଭୂମିକୁ ପର୍ଯ୍ୟଟକମାନେ ଯେପରି ନ ଯିବେ, ସେଥିପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଏପରିକି ଅଲିଭ ରିଡ୍‌ଲେ ଅଣ୍ଡା ଦେବା ସମୟରେ ଉଜ୍ଜ୍ୱଳ ଆଲୋକ ଲଗାଇ ଫଟୋଗ୍ରାଫି ଏବଂ ଭିଡିଓଗ୍ରାଫି କରିବାକୁ ସମ୍ପୂର୍ଣ୍ଣ ବାରଣ କରାଯାଇଛି। ଅଲିଭ୍ ରିଡ୍‌ଲେ କଇଁଛ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନୁଯାୟୀ ସିଡ୍ୟୁଲ-୧ ସରୀସୃପ ହୋଇଥିବାରୁ ଆଦେଶ ଅବମାନନା କଲେ ଆଇନ ଅନୁଯାୟୀ ଦଣ୍ଡ ଭୋଗିବା ପାଇଁ ଚେତାବନୀ



ଦିଆଯାଇଛି। ତେଣୁ ଅଲିଭ ରିଡ୍‌ଲେଙ୍କ ସୁରକ୍ଷା ପାଇଁ କଟକଣା କଡ଼ାକଡ଼ି ଭାବେ ପାଳନ କରିବା ଲାଗି ବିଭାଗ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ବନ୍ୟପ୍ରାଣୀଙ୍କ ସହ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିବା ଆଇନତଃ ଅପରାଧ ହୋଇଥିଲେ ମଧ୍ୟ ତାହା ଅନେକାଂଶରେ ପାଳନ ହେଉ ନ ଥିବା ନଜିର ରହିଛି। ଏପରିକି ଅଲିଭ୍ ରିଡ୍‌ଲେଙ୍କ ଅଣ୍ଡାଦାନ ସ୍ଥଳରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଥିବାବେଳେ କେହି କେହି ଅଣ୍ଡା ଦେବାକୁ ଆସିଥିବା କଇଁଛକୁ ହାତରେ ଧରି ଫଟୋ ବା ସେଲ୍‌ଫି ଉଠାନ୍ତି। ଆଉ କେତେଜଣ ମୃତ ଅଲିଭ ରିଡ୍‌ଲେଙ୍କ ସହିତ ମଧ୍ୟ ଫଟୋ ଉଠାଇଥାନ୍ତି। ଏସବୁ ବନ୍ୟପ୍ରାଣୀ ଆଇନର ବିରୁଦ୍ଧାଚରଣ ହୋଇଥିବାରୁ ବନ ବିଭାଗ ଏବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବ। ଏଣିକି ବନ୍ୟପ୍ରାଣୀକୁ ହାତରେ ଧରି କିମ୍ବା ତା'ର ମୃତ ଶରୀର ବା ଟ୍ରଫି ସହିତ ଫଟୋ ଉଠାଇ ସୋସିଆଲ ମିଡିଆରେ ଛାଡ଼ିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପିସିସିଏଫ୍ ନନ୍ଦ କହିଛନ୍ତି। ସେ କହିଛନ୍ତି, ବନ୍ୟପ୍ରାଣୀ(ଜୀବିତ/ମୃତ)ଙ୍କ ସହିତ ଫଟୋ ଉଠାଇ ତାକୁ ସୋସିଆଲ ମିଡିଆରେ ଛାଡ଼ିବା ଅପରାଧ ବୋଲି ବହୁ ଜଣାଶୁଣା ଲୋକ ମଧ୍ୟ ଜାଣିନାହାନ୍ତି। ଏହା ଗୁରୁତର ଅପରାଧ। ତେଣୁ ଖୁବ୍‌ଶୀଘ୍ର ଏ ନେଇ ଏକ ନିର୍ଦ୍ଦେଶନାମା ଜାରି କରାଯିବ ବୋଲି ପିସିସିଏଫ୍ ନନ୍ଦ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ରାଜ୍ୟର ଗହୀରମଥା, ଋଷିକୂଲ୍ୟା, ଦେବୀ ନଦୀ ମୁହାଣରେ ଲକ୍ଷାଧିକ ଅଲିଭ ରିଡ୍‌ଲେ ଅଣ୍ଡାଦାନ ପାଇଁ ଆସିଥାନ୍ତି, ଯାହା ଆମ ରାଜ୍ୟର ପର୍ଯ୍ୟଟନ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରେ।

# ମୋବାଇଲ ପାଇଁ କବାଡ଼ିଆବାଲାଙ୍କୁ ହତ୍ୟା

ସମ୍ବଲପୁର, ୧୩।୩
(ପ୍ରମୋଦ ବହିଦାର)

- ୭ ଦିନ ହେଲା ନିଖୋଜ ଥିଲେ
- ମାଟିତଳୁ ମୃତଦେହ ଜବତକଲା ପୋଲିସ
- ଜଣେ ନାବାଳକଙ୍କ ସହ ୨ ଗିରଫ

ସାମାନ୍ୟ ଏକ ମୋବାଇଲ ପାଇଁ ଜଣେ କବାଡ଼ିଆବାଲାଙ୍କୁ ହତ୍ୟା କରାଯିବା ଘଟଣା ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ଥାନା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ପୋଲିସ ବୁଧବାର ଏକ ଜଙ୍ଗଲ ମଧ୍ୟରୁ ହତ୍ୟାର ଶିକାର ହୋଇଥିବା ଯୁବକଙ୍କ ମୃତଦେହକୁ ମାଟିତଳୁ ଜବତ କରିଛି। ପୋଲିସ ସୂଚନା ଅନୁସାରେ ରେଙ୍ଗାଲି ଅଞ୍ଚଳରେ କବାଡ଼ିଆ ଦୋକାନ କରିଥିବା ଉତ୍ତରପ୍ରଦେଶର ମୂଳବାସିନ୍ଦା ମହମ୍ମଦ ୱାରିସ ନାମକ ବ୍ୟକ୍ତିଙ୍କ ଘରେ ତାଙ୍କ ବଡ଼ଶାଳକ ମହମ୍ମଦ ଫିରୋଜ ରହୁଥିଲେ। ଗତ ମାର୍ଚ୍ଚ ୭ରୁ ସେ ନିଖୋଜ ହୋଇଯାଇଥିଲେ। ଏ ନେଇ ଭିଣୋଇ ୱାରିସ ଶାସନ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲା ଆଧାରରେ ପୋଲିସ ଏକ ମାମଲା ରୁଜୁକରି ଖୋଳତାଡ଼ ଆରମ୍ଭ କରିଥିଲା। ଶେଷରେ ଫିରୋଜଙ୍କ ମୋବାଇଲ ଟ୍ରାକିଂ କରି ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ସକ୍ଷମ ହୋଇଥିଲା।

ଏ ସମ୍ପର୍କରେ ସଦର ଏସ୍‌ଡିପିଓ ତୋଫାନ ବାଗଙ୍କ ସୂଚନା ଅନୁସାରେ ଉକ୍ତ ଘଟଣାରେ ସମ୍ପୃକ୍ତ କତରବଗାର ବୀରେଶ ବଢ଼େଇ ଓ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରିଛି। ଅଭିଯୁକ୍ତଙ୍କ ସୂଚନା ଅନୁସାରେ କତରବଗା ଥାନା ଅନ୍ତର୍ଗତ ଝରଣପାଲି ଗ୍ରାମ ଗଡ଼ପାଟିଏନ୍ ଜଙ୍ଗଲ ମଧ୍ୟରେ ପୋତାଯାଇଥିବା ଫିରୋଜଙ୍କ ମୃତଦେହକୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ମାଟିତଳୁ ଜବତ କରାଯାଇଛି। ଏହାବାଦ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। କେବଳ ମୋବାଇଲ ଲୁଟିବା ଉଦ୍ଦେଶ୍ୟରେ ଫିରୋଜଙ୍କୁ ହତ୍ୟା କରାଯାଇଛି। ସେ ଆହୁରି କହିଛନ୍ତି, ଗତ ମାର୍ଚ୍ଚ ୭ରେ ଫିରୋଜଙ୍କୁ କିଛି ଲୁହା ସାମଗ୍ରୀ ବିକ୍ରି କରିବାକୁ ଅଭିଯୁକ୍ତମାନେ ଫୋନ୍ କରି ଡାକିଥିଲେ। ଫିରୋଜ ଏକ ମୋପେଡ୍ ଯୋଗେ ସେମାନଙ୍କ ନିକଟକୁ ବାହାରିଥିଲେ। ହେଲେ କେଉଁ ସ୍ଥାନକୁ ଯିବାକୁ ହେବ ଜାଣି ନ ଥିବା କହିବାରୁ ଅଭିଯୁକ୍ତ ନାବାଳକ ଜଣକ ମୋପେଡ୍‌ରେ ବସି ତାଙ୍କୁ ବାଟ କଢ଼ାଇ ନେଇଥିଲେ। ସେଠାରେ ପହଞ୍ଚିଲା ବେଳକୁ ପୂର୍ବରୁ ଜଗି ରହିଥିବା ବୀରେଶ ଏକ ବାଡ଼ିରେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଫିରୋଜ ଜୀବନ ବିକଳରେ ସେଠାରୁ ଦୌଡ଼ି ପଳାଇବାକୁ ଉଦ୍ୟମ କରି ନିକଟରେ ଥିବା ଏକ ଗାତରେ ଖସିପଡ଼ିଥିଲେ। ଗାତରେ ପଡ଼ିଯିବା ପରେ ଅଭିଯୁକ୍ତମାନେ ତାଙ୍କ ମୁଣ୍ଡକୁ ପଥରେ ଛେଚି ହତ୍ୟାକରି ଉକ୍ତ ଗାତରେ ହିଁ ପୋତିଦେଇଥିଲେ। ଫିରୋଜଙ୍କ ମୋବାଇଲକୁ ନେଇଯିବା ସହ ତାଙ୍କ ମୋପେଡ୍‌କୁ ଲୁଚାଇ ଦେଇ ଅଭିଯୁକ୍ତ ଦ୍ୱୟ ସେଠାରୁ ଫେରାର ହୋଇଯାଇଥିଲେ। ଘଟଣାକୁ ନେଇ କତରବଗା ଥାନାରେ ଏକ ମାମଲା ରୁଜୁକରାଯାଇ ଅଭିଯୁକ୍ତ ବୀରେଶଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକ ଅଭିଯୁକ୍ତଙ୍କୁ ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଏହାସହ ଫିରୋଜଙ୍କ ମୋବାଇଲ କ୍ରୟ କରିଥିବା ବ୍ୟକ୍ତିଙ୍କୁ ମଧ୍ୟ ଅଟକ ରଖାଯାଇଛି। ଏଥିରେ ତାଙ୍କର ସମ୍ପୃକ୍ତି ନେଇ ତଦନ୍ତ ଚାଲିଛି। ପ୍ରମାଣିତ ହେଲେ ତାଙ୍କୁ ମଧ୍ୟ କୋର୍ଟ ଚାଲାଣ କରାଯିବ ବୋଲି ଏସ୍‌ଡିପିଓ ବାଗ୍ କହିଛନ୍ତି।





କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ

କିଟ୍ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ
କନ୍ଧମାଳ ଜିଲ୍ଲା ପ୍ରଶାସନର ସହଯୋଗରେ

କନ୍ଧମାଳ ସଂସଦୀୟ କ୍ଷେତ୍ରରେ
ମେଗା ନିଯୁକ୍ତି ମେଳା ୨୦୨୪




୨୦୦୦୦ ପ୍ରାର୍ଥୀଙ୍କ ଯୋଗଦାନ

ପ୍ରଥମ ପର୍ଯ୍ୟାୟରେ ଗୋଟିଏ ଦିନରେ ୧୦, ୦୦୦ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ

ମାସିକ ବେତନ ୧୨,୦୦୦/- ରୁ ୩୫,୦୦୦/- ଟଙ୍କା

ବିଭିନ୍ନ ଭାରତୀୟ କମ୍ପାନୀ ଦ୍ୱାରା ୧୦ ହଜାର ପ୍ରାର୍ଥୀ ମନୋନୀତ

ଓଡ଼ିଶା କମ୍ପାନୀ ଦ୍ୱାରା ୩୫୦୦ ପ୍ରାର୍ଥୀ ମନୋନୀତ

- ୨୦୨୪ ଜାନୁଆରୀ ୨୧ରେ ବିରାଟ ନିଯୁକ୍ତି ମେଳା ଆୟୋଜିତ
- ୧୦୦ରୁ ଊର୍ଦ୍ଧ୍ୱ କମ୍ପାନୀଙ୍କ ଯୋଗଦାନ
- ୨୦ ହଜାର ଯୁବକଯୁବତୀଙ୍କ ପଞ୍ଜୀକରଣ
- ପ୍ରଥମ ପର୍ଯ୍ୟାୟରେ ୧୦ ହଜାର ଯୁବକଯୁବତୀଙ୍କୁ ନିଯୁକ୍ତିପତ୍ର ବଣ୍ଟନ
- ଦ୍ୱିତୀୟ ପର୍ଯ୍ୟାୟରେ ୩ ହଜାର ୫ଶହ ଜଣଙ୍କୁ ବଣ୍ଟନ ହେବ
- କୌଣସି ସାଂସଦଙ୍କ ବ୍ୟକ୍ତିଗତ ପ୍ରୟାସରେ ଏଭଳି ପଦକ୍ଷେପ ବିରଳ
- ଗୋଟିଏ ଦିନରେ ୧୦ ହଜାର ଯୁବକଯୁବତୀଙ୍କ ତତ୍କାଳ ସାକ୍ଷାତକାର (Walk-in-Interview) ଓ ନିଯୁକ୍ତି ହେବା ଭାରତରେ ପ୍ରଥମ
- ଏହି ପ୍ରୟାସ ପାଇଁ ସାଂସଦ ସାମନ୍ତଙ୍କୁ କନ୍ଧମାଳ ସଂସଦୀୟ କ୍ଷେତ୍ରର ସମସ୍ତ ପିତାମାତା ଓ ଅଭିଭାବକଙ୍କ ଧନ୍ୟବାଦ

ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ଓଡ଼ିଶା-ନବୀନ ଓଡ଼ିଶା ଲକ୍ଷ୍ୟର ଏହା ଅନ୍ୟଏକ ପ୍ରୟାସ। ଯୁବକଯୁବତୀମାନେ ଶିକ୍ଷିତ, ସଶକ୍ତ ହୋଇ ରୋଜଗାରକ୍ଷମ ହେବା ନେଇ ମୁଖ୍ୟମନ୍ତ୍ରୀଙ୍କ ଯେଉଁ ଉଦ୍ଦେଶ୍ୟ ରହିଛି ତାହା ଏଠାରେ କାର୍ଯ୍ୟକାରୀ କରାଯାଇଛି। ଏହା ଦ୍ୱାରା ଓଡ଼ିଶା ସମେତ ସମଗ୍ର ଭାରତରୁ ୧୨୦ କମ୍ପାନୀ ଫୁଲବାଣୀ ସହରକୁ ଆସିପାରିଛନ୍ତି। ଏଭଳି ସଫଳ ଆୟୋଜନ ପଛରେ ଜିଲ୍ଲା ପ୍ରଶାସନ ଓ କିଟ୍ କର୍ମଚାରୀଙ୍କ ଅକୁଣ୍ଠ ସହଯୋଗ ପାଇଁ ସେମାନଙ୍କୁ ଧନ୍ୟବାଦ। ନିର୍ବାଚନ ସମୟରେ କନ୍ଧମାଳବାସୀଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ପର୍ଯ୍ୟଟନର ବିକାଶ ନେଇ ଦେଇଥିବା ପ୍ରତିଶ୍ରୁତି ପାଳନ କରିବା ପାଇଁ ଏହା ଏକ ପ୍ରଚେଷ୍ଟା। ନିଯୁକ୍ତି ପତ୍ର ପାଇଥିବା ସମସ୍ତ ପ୍ରାର୍ଥୀ/ପ୍ରାର୍ଥିନୀଙ୍କୁ ଅନୁରୋଧ ସେମାନେ ନିଜନିଜ କମ୍ପାନୀରେ ଯୋଗଦେଇ ଚାକିରି କଲେ ସେମାନେ ଓ ସେମାନଙ୍କ ପରିବାର ପାଇଁ ଭଲ ହେବ।

- ଅଚ୍ୟୁତ ସାମନ୍ତ



ବି.ଦ୍ର.: କନ୍ଧମାଳ ସଂସଦୀୟ କ୍ଷେତ୍ରର ୪ଟି ଜିଲ୍ଲାର ୨୦ଟି ବ୍ଲକ୍‌ରେ ବିଡିଓମାନଙ୍କ ଜରିଆରେ ନିଯୁକ୍ତିପତ୍ର ବଣ୍ଟନ କରାଯାଉଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୪/୨୦୨୪ | Bhubaneswar, Thursday, March 14/2024

# ଆଉ ୨୨ ନୂଆ ଏନ୍‌ଏସି ଘୋଷଣା

**ଭୁବନେଶ୍ୱର, ୧୩।୩(ଅନିଲ ଦାସ)**

ରାଜ୍ୟର ୧୩ ଜିଲାରେ ୨୨ଟି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ଗଠନ କରାଯାଇଛି। ଏଥିସହିତ ଗଞ୍ଜାମ ଜିଲାର ଭଞ୍ଜନଗର ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏହି ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ବୌଦ୍ଧ ଜିଲାର ମନମୁଣ୍ଡା, ପୁରୁଣା କଟକ ଓ ବାଉଁଶୁଣୀ, ବଲାଙ୍ଗୀର ଜିଲାର ଲୋଇସିଂହା ଓ ସିନ୍ଧେକେଲା,

## ଭଞ୍ଜନଗର ଏନ୍‌ଏସି ମ୍ୟୁନିସିପାଲିଟିକୁ ଉନ୍ନୀତ

ବରଗଡ଼ର ଜିଲାର ସୋହେଲା, ବାଲେଶ୍ୱର ଜିଲାର ବାଲିଆପାଳ ଓ ଖଇରା, ଭଦ୍ରକ ଜିଲାର ଧାମରା, ଢେଙ୍କାନାଳ ଜିଲାର ରାସୋଲ, ଜଗତ୍‌ସିଂହପୁର ଜିଲାର କୁଜଙ୍ଗ, କଳାହାଣ୍ଡି ଜିଲାର ନର୍ଲା ଓ ମଦନପୁର ରାମପୁରକୁ ଏନ୍‌ଏସି ଘୋଷଣା କରାଯାଇଛି। ସେହିପରି ଖୋର୍ଦ୍ଧା ଜିଲାର ବୋଲଗଡ଼, ନୟାଗଡ଼ ଜିଲାର ଶରଣକୁଳ, ପୁରୀ ଜିଲାର ସାକ୍ଷୀଗୋପାଳ ଓ କାକଟପୁର, ସମ୍ବଲପୁର ଜିଲାର ରେଙ୍ଗାଲି ଓ ବାମଣ୍ଡା ଏବଂ ସୁବର୍ଣ୍ଣପୁର ଜିଲାର ସୁବଳୟା, ଉଲୁଣ୍ଡା ଓ ରାମପୁର ଆଦି ସ୍ଥାନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ମାନ୍ୟତା ପ୍ରଦାନ କରାଯାଇଛି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କ ବିଭିନ୍ନ ଜିଲା ଗସ୍ତ ଅବସରରେ ଜନସାଧାରଣଙ୍କ ପ୍ରସ୍ତାବ ଏବଂ ବିକାଶର ଆବଶ୍ୟକତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏହି ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ, ଜନସାଧାରଣଙ୍କ ଦାବି, କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ଏହି ନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ପାଇଁ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି। ଅଞ୍ଚଳର ସାମଗ୍ରିକ ବିକାଶ କ୍ଷେତ୍ରରେ ନବଗଠିତ ପରିଷଦଗୁଡ଼ିକ କାର୍ଯ୍ୟ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି। ଫେବୃୟାରୀରେ ମୁଖ୍ୟମନ୍ତ୍ରୀ ୩୫ଟି ନୂଆ ଏନ୍‌ଏସି ଓ ୫ଟି ନୂଆ ମ୍ୟୁନିସିପାଲିଟି ଗଠନ ବିଷୟ ଘୋଷଣା କରିଥିଲେ।

# ୬ ବର୍ଷ ପରେ ପୁଣି ଦେଖାଗଲା ବ୍ଲାକ୍ ପାନ୍ଥର

**ଭୁବନେଶ୍ୱର, ୧୩।୩ (ଅସମାପିକା ସାହୁ)**



ଓଡ଼ିଶାରେ ପୁଣି ଦେଖିବାକୁ ମିଳିଛି ବ୍ଲାକ ପାନ୍ଥର ବା କଳା କଲରାପତରିଆ ବାଘ। ସୁନ୍ଦରଗଡ଼ ହେମଗିରି ବନାଞ୍ଚଳରେ ଏହି ବିରଳ ବାଘ ରହିଥିବା ନେଇ ପିସିସିଏଫ୍(ୱାଇଲ୍ଡଲାଇଫ) ସୁଶାନ୍ତ ନନ୍ଦ ନିଜ ସୋସିଆଲ ମିଡିଆ 'ଏକ୍ସ' ଆକାଉଣ୍ଟରେ ପୋଷ୍ଟ କରି ସୂଚନା ଦେଇଛନ୍ତି। ୨୦୧୮ରେ ସୁନ୍ଦରଗଡ଼ ଜଙ୍ଗଲରେ ପ୍ରଥମଥର ଏହି ବାଘ ଦେଖାଯାଇଥିଲା। ପୂର୍ବଥର ପରି ଏଥର ବି କଳା ବାଘର ଫଟୋଚିତ୍ର କ୍ୟାମେରାରେ କଏଦ ହୋଇଥିବା ପିସିସିଏଫ୍ କହିଛନ୍ତି। ପୂର୍ବରୁ ଶିମିଳିପାଳ ଓ ଫୁଲବାଣୀରେ ମଧ୍ୟ ଏହି ପ୍ରଜାତିର ବାଘ ଦେଖାଯାଉଥିବା କୁହାଯାଉଥିଲେ ମଧ୍ୟ ବାସ୍ତବରେ ଏନେଇ କୌଣସି ପ୍ରମାଣ ନ ଥିଲା। କିନ୍ତୁ କ୍ୟାମେରାରେ ବାରମ୍ବାର ଏହି ପ୍ରଜାତିର ବାଘ ସାମ୍ନାକୁ ଆସିବା ପରେ ଓଡ଼ିଶାରେ ବ୍ଲାକ ପାନ୍ଥର ଥିବା ନେଇ ସ୍ପଷ୍ଟ ହୋଇଛି। ରାଜ୍ୟର ୩ଟି ବନଖଣ୍ଡ ଅଞ୍ଚଳରେ କଳା କଲରାପତରିଆ ବାଘ ଚିହ୍ନଟ ହୋଇଥିବା ସୂଚନା ଦିଆଯାଇଛି। ବିଭିନ୍ନ ସମୟରେ କଳାବାଘର ଉପସ୍ଥିତିକୁ ନେଇ ସମ୍ପୂର୍ଣ୍ଣ ଭାବରେ ତଥ୍ୟ ରହିଛି। ତେବେ କଲରାପତରିଆ ପ୍ରଜାତିର ଏହି ବିରଳ ବାଘ ସମ୍ପୂର୍ଣ୍ଣ କଳା ରଙ୍ଗର ହୋଇଥିବାରୁ ଏହାକୁ ବ୍ଲାକ ପାନ୍ଥର ବୋଲି କୁହାଯାଉଛି। ଦେଶର ଅନ୍ୟ ୮ଟି ରାଜ୍ୟରେ ମଧ୍ୟ ଏପରି ବ୍ଲାକ ପାନ୍ଥର ଥିବା ଜଣାପଡିଛି। ତେବେ କଳା ମହାବଳ ☞ପୃଷ୍ଠା-୧୩

# ନାଗପୁରରୁ ଗଡ଼କରୀ, କର୍ନାଲରୁ ଖଟ୍ଟର

**ନୂଆଦିଲ୍ଲୀ, ୧୩।୩**


ନୀତିନ ଗଡ଼କରୀ


ମନୋହରଲାଲ ଖଟ୍ଟର

**ଭାଜପାର ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ ୭୨ ପ୍ରାର୍ଥୀ**

ସାଧାରଣ ନିର୍ବାଚନକୁ ଆଉ କିଛି ସପ୍ତାହ ବାକିଥିବାବେଳେ କେନ୍ଦ୍ରରେ କ୍ଷମତାସୀନ ଭାରତୀୟ ଜନତା ପାର୍ଟି (ଭାଜପା) ବୁଧବାର ସନ୍ଧ୍ୟାରେ ୧୧ ରାଜ୍ୟର ୭୨ ଆସନ ପାଇଁ ପ୍ରାର୍ଥୀ ତାଲିକା ପ୍ରକାଶ କରିଛି। ପ୍ରଥମ ତାଲିକାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ସମେତ ୧୯୫ ଜଣଙ୍କ ନାମ ଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ତାଲିକାରେ କେତେଜଣ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀ ଓ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟରଙ୍କ ଭଳି ହେଭିୱେଟ୍‌ଙ୍କ ସଂସଦୀୟ ଆସନ ଘୋଷଣା କରାଯାଇଛି। ଏହାକୁ ମିଶାଇ ଭାଜପା ମୋଟ ୨୬୭ ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ ଦେଲାଣି। ତେବେ ୨ଟିଯାକ ପର୍ଯ୍ୟାୟରେ ଓଡ଼ିଶାର କୌଣସି ନେତାଙ୍କୁ ଟିକେଟ ମିଳିନାହିଁ। ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ସହ ମେଣ୍ଟ ଆଲୋଚନା ଚାଲିଥିବାରୁ ଭାଜପା ଏଠାରୁ ଅଦ୍ୟାବଧି କାହାକୁ ପ୍ରାର୍ଥୀ କରି ନ ଥିବା ଜଣାପଡ଼ିଛି।

ଭାଜପାର କେନ୍ଦ୍ରୀୟ ନିର୍ବାଚନ କମିଟି (ସିଇସି) ପକ୍ଷରୁ ମାରାଥନ ବୈଠକ ପରେ ପ୍ରକାଶିତ ଦ୍ୱିତୀୟ ପର୍ଯ୍ୟାୟ ତାଲିକାନୁସାରେ କେନ୍ଦ୍ରମନ୍ତ୍ରୀ ନୀତୀନ ଗଡ଼କରୀଙ୍କୁ ତାଙ୍କ ନାଗପୁର ଆସନରେ ଦଳ ପୁନର୍ବାର ପ୍ରାର୍ଥୀ କରିଛି। ମଙ୍ଗଳବାର ହରିୟାଣା ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ମନୋହରଲାଲ ଖଟ୍ଟରଙ୍କୁ କର୍ନାଲ ସଂସଦୀୟ ଆସନରୁ ନିର୍ବାଚନ ଲଢ଼ିବା ପାଇଁ ଭାଜପା ସୁଯୋଗ ଦେଇଛି। ସେହିପରି କେନ୍ଦ୍ରମନ୍ତ୍ରୀ ପୀୟୂଷ ଗୋୟଲଙ୍କୁ ମୁମ୍ବାଇ ନର୍ଥ ଏବଂ ଅନୁରାଗ ଠାକୁରଙ୍କୁ ହିମାଚଳ ପ୍ରଦେଶର ହମିରପୁର ଆସନରେ ପ୍ରାର୍ଥୀ କରାଯାଇଛି। ଭାରତୀୟ ଯୁବ ମୋର୍ଚ୍ଚା ସଭାପତି ତେଜସ୍ୱୀ ସୂର୍ଯ୍ୟା ବେଙ୍ଗାଲୁରୁ ସାଉଥ୍ ଆସନରୁ ଲଢ଼ିବାକୁ ଥିବାବେଳେ ଦଳର ରାଷ୍ଟ୍ରୀୟ ସମ୍ପାଦକ ପଙ୍କଜା ମୁଣ୍ଡେଙ୍କୁ ମହାରାଷ୍ଟ୍ରର ବିଡ୍ ଆସନରୁ ପ୍ରାର୍ଥୀ କରାଯାଇଛି। କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ହଭେରି ଆସନରୁ ଟିକେଟ ଦିଆଯାଇଛି। କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଷୀଙ୍କୁ ଦଳ କର୍ନାଟକର ଧରୱାଡ୍ ଆସନରୁ ଛିଡ଼ା କରାଇଥିବାବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦ୍ଦୁରପ୍ପାଙ୍କ ପୁଅ ବି.ୱାଇ. ରାଘବେନ୍ଦ୍ର ଶିମୋଗା ଆସନରୁ ଲଢ଼ିବେ ବୋଲି କୁହାଯାଇଛି। ସେହିପରି ପୂର୍ବ ଦିଲ୍ଲୀ ସଂସଦୀୟ ଆସନରୁ ହର୍ଷ ମାଲହୋତ୍ରା ଏବଂ ଉତ୍ତର-ପଶ୍ଚିମ ଆସନରୁ ଯୋଗେନ୍ଦ୍ର ଚନ୍ଦୋଲିଆଙ୍କୁ ଦଳ ପ୍ରାର୍ଥୀ କରିଛି। ଖଟ୍ଟର ଓ ବୋମାଇଙ୍କ ସହ ଆଉ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ଭାଜପା ଲୋକ ସଭା ନିର୍ବାଚନ ମଇଦାନରେ ଓହ୍ଲାଇଛି। ସେ ହେଲେ ଉତ୍ତରାଖଣ୍ଡର ତ୍ରିବେନ୍ଦ୍ର ସିଂ ରାୱତ। ତାଙ୍କୁ ହରିଦ୍ୱାର ସଂସଦୀୟ ଆସନରେ ଟିକେଟ ଦିଆଯାଇଛି।

**ମହୀଶୂର ଏମ୍‌ପି ପ୍ରତାପ ସିମ୍ହାଙ୍କ ଟିକେଟ୍ କଟିଲା**

**ତାଙ୍କ ସୁପାରିସରେ ନୂଆ ସଂସଦ ଭବନକୁ ପଶିଥିଲେ ବିକ୍ଷୋଭକାରୀ**

ମହୀଶୂର ରାଜପରିବାର ସଦସ୍ୟ ଯଦୁବୀର କ୍ରିଷ୍ଣାଦତ୍ତା ୱାଡିୟାରଙ୍କୁ ମହୀଶୂର ଏମ୍‌ପି ପ୍ରତାପ ସିମ୍ହାଙ୍କ ସ୍ଥାନରେ ପ୍ରାର୍ଥୀ କରାଯାଇଛି। ପ୍ରତାପ ହେଉଛନ୍ତି ସେହି ନେତା, ଯାହାଙ୍କ ସୁପାରିସକ୍ରମେ କେତେଜଣ ବ୍ୟକ୍ତି ପାର୍ଲାମେଣ୍ଟକୁ ଅନୁପ୍ରବେଶ କରି ବିଭ୍ରାଟ କରିଥିଲେ। ଭାଜପା ପ୍ରାର୍ଥୀ ତାଲିକାରେ ରାଜପରିବରରର ଆଉ ଜଣେ ସଦସ୍ୟଙ୍କୁ ସ୍ଥାନ ମିଳିଛି। ସେ ହେଲେ ତ୍ରିପୁରା ରାଜପରିବାରର କ୍ରିତି ସିଂ ଦେବବର୍ମା। ତ୍ରିପୁରା ପୂର୍ବ ଆସନରୁ କ୍ରିତିଙ୍କୁ ପ୍ରାର୍ଥୀ କରାଯାଇଛି। ଏକାକୀ ୩୭୦ ଏବଂ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ପାଇଁ ୪୦୦ ଆସନ ଦଖଲ ଲକ୍ଷ୍ୟରେ ଥିବା ଭାଜପାର ପ୍ରଥମ ତାଲିକାରେ ୩୪ କେନ୍ଦ୍ରମନ୍ତ୍ରୀ ଏବଂ ୨ ଜଣ ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କୁ ପ୍ରାର୍ଥୀ କରାଯାଇଥିଲା।



# Destination Uttarakhand

## Leading the way





"Under the visionary leadership of Hon'ble Prime Minister Narendra Modi, we are committed to the holistic development of our state, leveraging its natural beauty, rich cultural heritage, and immense potential. Through sustainable policies and strategic initiatives, we aim to foster economic growth, improve infrastructure, and enhance the quality of life for all our citizens. Our goal is to make Uttarakhand a model of progress, where tradition meets innovation, and every individual can thrive in a conducive environment for prosperity and well-being."

**-Pushkar Singh Dhami,**
Chief Minister, Uttarakhand

## Boosting spiritual tourism in Uttarakhand through Badrinath and Kedarnath



**PM Narendra Modi along with Pushkar Singh Dhami, CM, Uttarakhand, visiting Badrinath Dham** PICS: DIPR, UTTARAKHAND

The picturesque northern state of Uttarakhand is well-known for its spiritual importance and stunning natural magnificence. Among the various destinations that attract devotees and visitors alike, Badrinath and Kedarnath stand out as embodiments of devotion and serenity. At the vanguard of restoring these consecrated places and utilizing their prospect for spiritual tourism is Prime Minister Narendra Modi, whose relentless dedication and commitment have prompted transformative tasks in Uttarakhand.

Prime Minister Narendra Modi shares a deep-rooted affinity with Uttarakhand, especially Badrinath and Kedarnath, and this is apparent through his multiple visits and visionary endeavours desired to uplift these venerated pilgrimage sites. His spiritual reverence for Baba Kedar, exemplified through periodic visits to Kedarnath Dham, highlights his dedication to the spiritual and cultural legacy of the region. The aspirations of PM Modi are much more than only reverence; he foresees a new individuality for Uttarakhand by promoting Badrinath and Kedarnath Dham to international importance.

> The reconstruction measures, associated with PM Modi's focus on maintaining its spiritual significance, have reformed Kedarnath to its previous glory, drawing pilgrims from across the world

The most important aspect of this vision of PM Narendra Modi is the complete reconstruction of Kedarnath Dham, an undertaking close to his heart since the beginning of his tenure as the Prime Minister. The wrecking floods of 2013 initiated a revitalised emphasis on revamping Kedarnath, with PM Modi spearheading measures to assure that the reconstruction showcases brilliance and divinity befitting its essence. From building the statue of Adi Guru Shankaracharya to observing the progress first-hand, PM Modi's hands-on strategy highlights his dedication to maintaining the sanctity of Kedarnath.

Furthermore, strategic endeavours by PM Modi spread beyond Kedarnath to enclose the holistic growth of the spiritual infrastructure of Uttarakhand. Projects such as the Badrinath Dham Master Plan modelled after the Kashi Vishwanath Corridor, seek to remake Badrinath into a smart spiritual hilltown, portraying the vision of PM Modi for incorporating tradition with modernity. The Delhi-Dehradun Economic Corridor and the Rishikesh Karnprayag Rail Project additionally highlight his dedication to improving connectivity and accessibility to these holy places.

The result of these endeavours by Prime Minister Modi is discernible, with Uttarakhand seeing a revival in spiritual tourism and pilgrimage footfall. The All Weather Road Project, also known as the Chardham Road Project, seeks to link the four Dhams of Uttarakhand, enabling seamless journeys for devotees and visitors alike. Likewise, the Rishikesh Karnprayag Rail Project, with its enterprising timeline and ingenious technique, vows to improve accessibility to Kedarnath and adjacent areas.

The importance of Kedarnath and Badrinath surpasses spiritual borders, echoing with believers and nature lovers globally. Situated amid the snow-capped peaks of the Himalayas, Kedarnath carries a unique place as one of the 12 Jyotirlingas and an essential visit during the esteemed Chardham Yatra. The reconstruction measures, associated with PM Modi's focus on maintaining its spiritual significance, have reformed Kedarnath to its one-time glory, drawing pilgrims from across the world.

The recent inauguration of pivotal infrastructure projects by Prime Minister Modi emphasises the continuous renewal measures in Kedarnath. From unveiling the statue of Adi Guru Shankaracharya to inaugurating essential projects like the Saraswati retaining wall and Teerth Purohit houses, the visit of Prime Minister Narendra Modi signifies a revived dedication to promoting the spiritual legacy of Uttarakhand.

"I congratulate the Uttarakhand government on the remarkable progress achieved in the last few years. This has been made possible by sustained policy push and focus on key sectors such as tourism and renewable energy. Alongside, the state has made significant strides in infrastructure development, setting new benchmarks for sustainable growth. Uttarakhand's commitment to harnessing its natural resources and promoting tourism has not only bolstered its economy but also showcased its potential on the global stage. I applaud the state's dedication to inclusive development and look forward to its continued success in the years ahead."

**-Narendra Modi,**
Prime Minister

## PM Modi's visit strengthens tourism and socio-economic growth in Uttarakhand

The visit of PM Narendra Modi to Pithoragarh district in October 2023 has memorialised an important landmark in the history of Uttarakhand, along with highlighting the cultural and spiritual richness of the state. The PM's journey included visits to religious sites like Parvati Kund and Adi Kailash Parvat, depicting the deep-rooted spiritual inheritance of the land and emphasizing its possibility for expansion and tourism.

PM Modi initiated his spiritual journey at Parvati Kund, a venerated pilgrimage place ensconced amid the scenic landscapes of Uttarakhand. Attired in traditional local dress, the Prime Minister engaged himself in the spiritual aura, offering devotions with utmost reverence. His participation in the traditions, including playing the power drum and conch shell, demonstrated his respect for the local customs and rituals, resounding with the beliefs of the local people.



**PM Narendra Modi meditating at Parvati Kund, district Pithoragarh, during his visit to Uttarakhand**



**PM Narendra Modi on his Pithoragarh visit along with CM Pushkar Singh Dhami**

The visit of the Prime Minister to Parvati Kund was not just a symbolic gesture but also a testament to the dedication to maintaining and encouraging India's cultural legacy. By performing 'aarti' at the Shiva-Parvati temple and meditating before the Adi Kailash peak, PM Modi observed the sacredness of the land and sought blessings for the prosperity and well-being of the country.

Moreover, PM Modi's exchange with the residents, both at Parvati Kund and in the border village of Gunji, echoed his compassion and consideration for their welfare. Engaging with the locals, he listened to their grievances, shared their pleasures, and reaffirmed his government's commitment to their upliftment. This personal touch endeared him to the individuals as well as facilitated a feeling of belonging and solidarity among them.

In addition to the spiritual essence, the visit of PM Modi also had substantial importance for the socio-economic growth of Uttarakhand. The inauguration and laying of the foundation of development projects worth Rs 4,200 crore in Pithoragarh highlighted the government's dedication to infrastructure growth and employment generation in the region. These endeavours are aimed at boosting development, improving connectivity, and enhancing the quality of life for the citizens of Uttarakhand.

Moreover, the historic visit of Prime Minister Modi to Adi Kailash Parvat carries huge importance for the tourism sector of Uttarakhand. Being the first Indian Prime Minister to visit this sacred site, PM Modi has attracted awareness to the area's untapped prospect as a tourist destination. His exploration of the local art, craft, and products, as well as his arrangement with the Indo-Tibetan trade center in Gunji village, has demonstrated the cultural multiplicity and commercial possibilities of Uttarakhand.

## Uttarakhand shines as the ultimate wedding destination

### Under the visionary guidance of Prime Minister Narendra Modi, Uttarakhand is poised to become the next premier destination for weddings worldwide

Uttarakhand, which lies amidst the magnificent Himalayas, is a northern state known for its spiritual importance, spectacular terrains, and rich cultural legacy. Also known as the land of gods – 'Devbhoomi', Uttarakhand has forever known as one of the most revered pilgrimage destinations for lakhs of devotees. The state has, however, seen a change in recent years, developing much more than a spiritual destination. In a recent development, Uttarakhand is on the path of emerging as the next best destination when it comes to the world of destination weddings; all thanks to the visionary guidance of Prime Minister Narendra Modi.

The notion of Prime Minister Narendra Modi to make Uttarakhand the next best wedding destination reflects the views of numerous who acknowledge the state's endless prospects. The Prime Minister encouraged the youth to embark upon the campaign 'Wed in India' at the inauguration of the Uttarakhand Global Investors Summit in Dehradun back in December 2023. During his address, he urged wealthy families to pick Uttarakhand as the destination for their celebrations.

The distinctive natural magnificence and myriad cultural tapestry depict the charm of Uttarakhand as the perfect wedding destination. From the serene lake of Nainital to the snow-capped mounts of Auli, each part of the state exhibits a feel of charisma and allure. Partners looking for a truly memorable experience can host their marital ceremonies amid the serene lake in Tehri, the beautiful hills of Mussoorie, or the age-old temples of Haridwar.

## Scouring Uttarakhand's untapped tourism potential: Uttarakhand Tourism Policy 2030

**With the introduction of the Uttarakhand Tourism Policy 2030, the state sketches a transformative approach towards recognition at a global level as a diverse tourism hotspot while prioritising sustainable development and inclusive growth**

Uttarakhand is famous among tourists for its abundance of natural wonders. Even today, the state holds an untapped potential ready to be utilised. With the introduction of the Uttarakhand Tourism Policy 2030, the state sketches a transformative approach towards recognition at a global level as a myriad tourism hotspot while prioritising sustainable development and inclusive growth.

The main principle of the Uttarakhand Tourism Policy 2030 lies in empowering all stakeholders within the tourism sector, assuring that each contributes to and benefits from Uttarakhand's journey towards evolution. By means of a suitable framework, the policy seeks to facilitate goals and interests, promoting holistic expansion.

Apart from its traditional essence of a spiritual and wellness destination, Uttarakhand strives to present its multifaceted allure. From heritage and nature tourism to wilderness adventures and wellness retreats, the state pledges memorable experiences for every visitor. Further, the focus on all-weather tourism, including winter and Alpine ventures, seeks to draw tourists all year long.

Foremost to the Uttarakhand Tourism Policy 2030 is the making of authentic and genuine experiences, leveraging Uttarakhand's cultural and natural wealth. Tourism clusters and circuits will be designed to present new destinations, catering to various interests and likes.

The Uttarakhand Tourism Policy 2030 also prioritises sustainability with an emphasis on conserving the state's environmental and cultural legacy. Measures to preserve natural resources, wilderness, and cultural assets are vital, assuring Uttarakhand stays unsoiled and inviting for years.

In line with the digital era, Uttarakhand seeks to fulfill growing visitor anticipations through technology integration. Online platforms will be operated for advertising, bookings, and data dissemination, improving comfort and trust for visitors.

Private sector involvement is promoted, with the government encouraging ease of doing trade for hospitality and tourism undertakings. This combined strategy is anticipated to propel innovation and development.

The Uttarakhand Tourism Policy 2030 also emphasises high-value tourism to minimise adverse effects on the environment and civilisation while spreading benefits to local neighborhoods. The Hub & Spoke model strives for balanced regional growth, improving infrastructure and conveniences to enhance the overall visitor experience.




**CM Pushkar Singh Dhami interacting with officials at an MoU event to promote tourism in Uttarakhand**



**CM Pushkar Singh Dhami on his visit to Corbett National Park**

With enterprising targets to contribute USD 10 billion yearly to the economy and draw private investment, Uttarakhand seeks to build a sustainable tourism ecosystem. Job prospects and foreign traveller visits are anticipated to grow, firming the state's position as an exclusive destination.

The idea is transparent – establish tourist-friendly infrastructure, develop new destinations, and offer world-class experiences. With a dedication to innovation, sustainability, and inclusivity, Uttarakhand arises as a shining light of reliable tourism, tempting tourists worldwide.

## PM Modi's 'Vibrant Village Programme' bolsters Uttarakhand's rural economy

### PM Modi's enterprising 'Vibrant Village Programme' has arisen as a silver lining for the isolated border villages, marking a transformative period of comprehensive growth and economic upliftment

Spanning across 19 border regions, including Uttarakhand, the programme strives to revive 3,000 villages over a 10-year-long course. It bears an important goal of preventing migration by furnishing fundamental conveniences and promoting socio-economic sustainability. In the infancy stage of the program, 662 villages with a total population of 1,42,000 are being supported by means of an investment of Rs 4,800 crore.

Focus on infrastructure and connectivity growth is one of the key elements of the Vibrant Village Programme. The allotment of Rs 2500 crore for building roadways and improving connectivity will give a boost to economic activities in various villages across the country where the geographical landscape constantly poses difficulties. It will foster access to markets, and enhance the overall quality of life for locals.

Along with bolstering the nation's financial stability, the programme also supports the importance of inclusive growth as a cornerstone of India's advancement by prioritising the development of border villages.



**PM Modi and CM Dhami with local people during their visit to district Pithoragarh**

With the launch of the Vibrant Village Programme, the border villages in Uttarakhand and as well as other states will benefit greatly, eventually steering in a fresh phase of endless possibilities for the rural economy while reflecting the spirit of Sabka Saath, Sabka Vikas.

## Homestays in Uttarakhand: Bridging tradition with modern travel trends

### With the advent of the 'work from anywhere' culture, homestays in Uttarakhand provide an ideal setting for the millennials, as well as an idyllic break to those in their golden years

The Government of Uttarakhand is poised to provide the necessary support to proliferate homestays in all districts of the state with a focus on providing alternative sources of employment to the villagers and preventing migration from the original place of dwelling. At present, there are more than 5,000 homestays registered with Uttarakhand Tourism Development Board. The department provides necessary support in terms of marketing and training to the homestay owners. The Government also provides financial support to Homestay owners through the Deen Dayal Upadhyay Grih-Awas (Homestay) Yojana, through which local residents get financial support in rebuilding/renovating rooms to upgrade them for use by tourists.



**Meenakshi Sadan Homestay based at Mussoorie under Uttarakhand Government scheme**



**CM Pushkar Singh Dhami at one of the homestays**

Homestays in Uttarakhand have also been recognised by the Ministry of Tourism, Government of India. In the year 2022, Sarmauli Village in Pithoragarh district was awarded the Best Rural Homestay by the Ministry of Tourism, Government of India. Several initiatives such as the Goat Villages, Sendul Village (Tehri Garhwal), and homestays in the Kumaon region have also won accolades. The Government has realised that with increasing awareness about hygiene and, the diverse food habits of travellers, it is essential that the homestays of Uttarakhand constantly upgrade themselves to provide the required services to the tourists. Hence, in addition to developing homestay infrastructure, the Government is also providing training to the local youth in the management and upkeep of these Homestays through professional agencies.

Text input: Sumit Pant, director, Tourism

## Boosting tourism in lesser-known Uttarakhand destinations

### The combined initiative by UTDB and IRCTC seeks to highlight the lesser-known treasures of the state

The Uttarakhand Tourism Development Board (UTDB) and Indian Railways Catering and Tourism Corporation (IRCTC) have come to a remarkable understanding to further enhance tourism in the picturesque state of Uttarakhand. This endeavour seeks to highlight the lesser-known treasures of the state, like Manaskhand, by launching special tourist trains from different regions of the country.

This special tourist train is intended to begin operations in April 2024 and will accommodate up to 500 tourists per journey in Second AC coaches, providing an easy-going travel experience. The tourists will benefit from the numerous extensive excursion packages which will have everything from onboard conveniences to lodging, transportation, and sightseeing, and will be meticulously handled by IRCTC. The endeavour by UTDB and IRCTC seeks to exhibit the vast cuisine of the state during travels, along with generating occupation prospects for residents by giving them an opportunity to work as guides.

Text: Taresh Dutta

**CONSUMER CONNECT INITIATIVE**

ତୁମେ ଯେଉଁ ଉର୍ଦ୍ଧ୍ୱ ଆଧ୍ୟାତ୍ମିକ ସ୍ତରକୁ ଯିବାକୁ ଚାହୁଁଛ-ସେଠାରେ ପହଞ୍ଚି ପାରିବା ବିଷୟରେ ତୁମେ ସଂପୂର୍ଣ୍ଣ ନିଶ୍ଚିତ ହେବା ପୂର୍ବରୁ ତୁମ ଭିତରେ ବିଚାର ବୁଦ୍ଧିକୁ ଅବଶ୍ୟ ସଜାଗ ଓ ସକ୍ରିୟ ରଖିବ। ତା'ହେଲେ ଯାଇ ତୁମେ ପଥଚ୍ୟୁତ ବା ପଦସ୍ଖଳନ ହୋଇଯିବାର ଆଶଙ୍କାରୁ ନିଜକୁ ରକ୍ଷା କରିପାରିବ। -ଶ୍ରୀମା

-ମୀନ ସଂକ୍ରାନ୍ତି, ଗୁରୁ ପଞ୍ଚମୀ ବ୍ରତ ଓ ହଳ ନିଷେଧ

# ମୌଳବାଦୀ ଖ୍ରୀଷ୍ଟିଆନଙ୍କ ଦୃଷ୍ଟିରେ ଟ୍ରମ୍ପ୍



ରିଚାର୍ଡ କେ. ଶେରୱିନ

ବର୍ତ୍ତମାନ ଡୋନାଲ୍ଡ ଟ୍ରମ୍ପ୍ ରିପବ୍ଲିକାନ ପାର୍ଟିର ସମ୍ଭାବ୍ୟ ରାଷ୍ଟ୍ରପତି ପ୍ରାର୍ଥୀ ହୋଇଥିବାରୁ ସେ ରାଜନୈତିକ କ୍ଷେତ୍ରରେ ପାଦଦେବାଠାରୁ ଜାରି ରହିଥିବା ଏକ ଦ୍ୱନ୍ଦ୍ୱର ଉତ୍ସକୁ ସମାଧାନ କରିବା ଉଚିତ ମନେ ହେଉଛି। ଆମେରିକାର ମୌଳବାଦୀ ଖ୍ରୀଷ୍ଟିଆନମାନେ କିପରି ଜଣେ ଅଣ ଖ୍ରୀଷ୍ଟିଆନ ରାଜନେତାଙ୍କ ପାଇଁ ଏତେ ଉତ୍ସାହିତ ହୋଇପାରନ୍ତି, ତାହା ଉପରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏହି ଦ୍ୱନ୍ଦ୍ୱାତ୍ମକ ତଥା ବିରୋଧାତ୍ମକ ଚିନ୍ତାଧାରା ମୌଳବାଦୀ ଖ୍ରୀଷ୍ଟିଆନଙ୍କ ମାନସିକତାରେ ରହିଛି। ଏହାର ମୂଳରେ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱତନ୍ତ୍ର କୋଡ୍ ଅଛି, ଯାହା ଅନ୍ୟମାନେ ଦେଖିପାରନ୍ତି ନାହିଁ ତାହା ଧର୍ମ ବିଶ୍ୱାସୀଙ୍କୁ ଦେଖିବାକୁ ଓ ଶୁଣିବାକୁ ସକ୍ଷମ କରିଥାଏ। ବୁକ୍ ଅଫ୍ ମାଥ୍ୟୁ (୧୩: ୧୬-୧୭)ରେ ଯିଶୁଙ୍କ ବାଣୀକୁ ବିଚାର କରନ୍ତୁ: ତୁମର ଆଖି ଧନ୍ୟ, କାରଣ ସେମାନେ ଦେଖନ୍ତି ଏବଂ ତୁମର କାନ ଧନ୍ୟ କାରଣ ସେମାନେ ଶୁଣନ୍ତି। ମୁଁ ତୁମ୍ଭକୁ ସତ୍ୟ କହୁଛି, ଯାହାସବୁ ତୁମେ ଦେଖ ତାହା ଅନେକ ଧର୍ମଯାଜକ ଓ ଧର୍ମୀୟ ବ୍ୟକ୍ତିମାନେ ଦେଖିବାକୁ ଇଚ୍ଛା କରିଛନ୍ତି, କିନ୍ତୁ ତାହା ଦେଖି ନାହାନ୍ତି; ତୁମ୍ଭେମାନେ ଯାହା ଶୁଣୁଛ, ତାହା ସେମାନେ ଶୁଣିବାକୁ ଚାହିଁଛନ୍ତି , କିନ୍ତୁ ତାହା ଶୁଣିନାହାନ୍ତି। ଏହି ଶବ୍ଦର ଅର୍ଥ କେବଳ ବିଶ୍ୱାସଯୋଗ୍ୟ ବ୍ୟକ୍ତିଙ୍କ ଦ୍ୱାରା ଠିକ୍ ଭାବରେ ବ୍ୟାଖ୍ୟା କରାଯାଇପାରିବ। ଯେଉଁମାନେ ବିଶ୍ୱାସ ଦୃଷ୍ଟିରୁ ବିଚାର କରନ୍ତି ସେମାନଙ୍କ ପାଇଁ ଭବିଷ୍ୟବାଣୀ ସଙ୍କେତ ସ୍ପଷ୍ଟ ହୋଇଥାଏ। କିନ୍ତୁ ଯେଉଁମାନେ ଏହା କରିବାକୁ ଅକ୍ଷମ ସେମାନଙ୍କୁ କିଛି ସମ୍ପୂର୍ଣ୍ଣ ଭିନ୍ନ ଦେଖିବାର ସମ୍ଭାବନା ଅଛି କିମ୍ବା ସମ୍ଭବତଃ ଆଦୌ କିଛି ବି ଦେଖି ନ ପାରନ୍ତି।

ଏହା ଠିକ୍ ସେହି ଚରିତ୍ରଗୁଡ଼ିକ ଭଳି ଯାହା ବହୁ ଦିନ ତଳେ ଚିତ୍ରକର ପିଟର ବ୍ରୁଜେଲଙ୍କ ଏକ ପେଣ୍ଟିଂ 'ଲ୍ୟାଣ୍ଡସ୍କେପ ୱିଥ୍ ଦି ଫଲ୍ ଅଫ୍ ଇକାରୁଷ'ରେ ଆମେ ଦେଖୁ। କିଛି ଚମତ୍କାର ଘଟଣା ଭଳି ଘଟିଛି: ଇକାରୁଷ ମହମ ଡେଣା ତିଆରି କରିଛନ୍ତି, ଯାହା ତାଙ୍କୁ ଆକାଶକୁ ଯିବାକୁ ପ୍ରେରିତ କରିଛି, କିନ୍ତୁ ତାଙ୍କର ଉଡ଼ାଣ ଏବଂ ବିପର୍ଯ୍ୟସ୍ତ ପତନ (ସୂର୍ଯ୍ୟଙ୍କ ନିକଟତର ହେବା ପରେ) ମାନବୀୟ ଘଟଣାପ୍ରବାହରେ ଏକ ଆଲୋଡ଼ନ ସୃଷ୍ଟି କରେ। ଯଦି ତୁମେ ଖ୍ରୀଷ୍ଟିଆନ ମୌଳିକତାର ବ୍ୟାଖ୍ୟାତ୍ମକ ଶବ୍ଦ ବାହାରେ କିଛି ଦେଖୁଛ ଏବଂ ଭାବୁଛ ; ଶକ୍ତି, ଧନ ଏବଂ ଶାରୀରିକ ଆନନ୍ଦ ବଢ଼ାଇବାକୁ ଇଚ୍ଛା କରୁଥିବା ଟ୍ରମ୍ପଙ୍କୁ ଜଣେ ନିର୍ଦ୍ଦୟ, ସମ୍ପୂର୍ଣ୍ଣ ସ୍ୱାର୍ଥପର ବ୍ୟକ୍ତି ଭାବରେ ଦେଖୁଛ ତେବେ ତୁମକୁ କ୍ଷମା କରାଯାଇପାରେ । ଖ୍ରୀଷ୍ଟିଆନଙ୍କ ନୂଆ ଧର୍ମଗ୍ରନ୍ଥରେ ବର୍ଣ୍ଣିତ ସିକ୍ରେଟ ପାୱାର ଅଫ୍ ଲଲେସ୍‌ନେସ୍‌କୁ ଅନୈତିକତାର ଗୁପ୍ତ ଶକ୍ତିକୁ ଆଧାର କରି ସବୁଠୁ ପାପର ଆଗମନକୁ ରୋକିବା ଲାଗି କିମ୍ବା ଅକଳନୀୟ ପୁଣ୍ୟ ସୃଷ୍ଟି କରିବାକୁ ( ବିଶ୍ୱ ଧ୍ୱଂସ ହେଲାବେଳେ ପ୍ରଭୁ ଯିଶୁ ପୁନର୍ବାର ଆସନ୍ତି) ହୋଲି ସ୍ପିରିଟ ତାଙ୍କୁ କିପରି ବ୍ୟବହାର କରନ୍ତି ତାହା ତୁମର ଆଧ୍ୟାତ୍ମିକ ଅଜ୍ଞାନତା ଯୋଗୁ ବୁଝିପାର ନାହିଁ।



ଏହି ପରିପ୍ରେକ୍ଷୀରେ, ଟ୍ରମ୍ପଙ୍କ ମନ୍ଦ ଚରିତ୍ରର ବାସ୍ତବତା ଏଠାରେ ଗୁରୁତ୍ୱପୂର୍ଣ୍ଣ ବିଷୟ ନୁହେଁ ବରଂ ନିରାଟ ସତ ହେଉଛି ପୃଥିବୀରେ ଏକ ସ୍ୱର୍ଗ ପ୍ରତିଷ୍ଠା କରିବାକୁ ଆଧ୍ୟାତ୍ମିକ ଶକ୍ତିମାନେ ତାଙ୍କଠାରେ କିଭଳି କାର୍ଯ୍ୟ କରୁଛନ୍ତି । ବିଂଶ ଶତାବ୍ଦୀର ରାଜନୈତିକ ଦାର୍ଶନିକ ଏରିକ ଭୋଗେଲିନ କହିଛନ୍ତି ଯେ, ଅଣ ଖ୍ରୀଷ୍ଟିଆନ ଭାବେ ଟ୍ରମ୍ପଙ୍କୁ ରୋକିବା ପାଇଁ ତାଙ୍କୁ ଜଣେ ଦିବ୍ୟ ଶକ୍ତି ଭାବେ ଦର୍ଶାଇବା ବୋଧହୁଏ ପୃଥିବୀରେ ସ୍ୱର୍ଗକୁ ହୃଦୟଙ୍ଗମ କରିବା ଲାଗି କରାଯାଉଛି। ଏହି ଖ୍ରୀଷ୍ଟିଆନ ମୌଳବାଦୀଙ୍କ ବିଶ୍ୱାସ ଅନୁଯାୟୀ, ଯଦି ଚରମ ପାପକୁ ନଷ୍ଟ କରିବା କିମ୍ବା ଚରମ ମଙ୍ଗଳ ପାଇଁ ଟ୍ରମ୍ପଙ୍କ ଏକଛତ୍ରବାଦ ରାଜନୈତିକ ପଦ୍ଧତି ବ୍ୟବହାର ହୁଏ ତେବେ ତାହା ଯଥାର୍ଥ ହୋଇପାରେ। ଏହି ତାତ୍ତ୍ୱିକ ଢାଞ୍ଚାକୁ ବୁଝିବା ହିଁ ଆମକୁ ଭାବନା ଓ ବିଶ୍ୱାସକୁ ଗ୍ରହଣ କରିବାର ସମ୍ଭାବନା ଥିବା ଏକ ରାଜନୀତି ବିରୋଧରେ ବାଧାର ନିରର୍ଥକତାକୁ ଚିହ୍ନିବାରେ ସାହାଯ୍ୟ କରେ। ନିଶ୍ଚିତ ହେବାକୁ ହେବ ଯେ, ମିଥ୍ୟାରୁ ସତ୍ୟକୁ ଜାଣିବାର ଆମ ଦକ୍ଷତା ବିଷୟରେ ଦ୍ୱନ୍ଦ୍ୱ, ନିନ୍ଦନୀୟତା ଏବଂ ନିରାଶା ସୃଷ୍ଟି କରିବାକୁ ଭୁଲ୍ ତଥ୍ୟ ବ୍ୟବହାର ହେଉଛି ଓ ଏହା ଏକଛତ୍ରବାଦର ଏକ ଜଣାଶୁଣା ବୈଶିଷ୍ଟ୍ୟ।

ଉଦାରବାଦୀ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ ଆଇନଗତ ଭାବରେ ସଂରକ୍ଷିତ ଅନୁଷ୍ଠାନ ଭିତ୍ତିଭୂମି ବିନା ଦୀର୍ଘ ଦିନ ତିଷ୍ଠିପାରିବେ ନାହିଁ, ଯାହା ମୁକ୍ତ ବକ୍ତବ୍ୟର ଅର୍ଥପୂର୍ଣ୍ଣ ଧାରାକୁ ସୁରକ୍ଷିତ ରଖେ। ନିର୍ବାଚନପ୍ରକ୍ରିୟା ଉପରେ ଉଦାରବାଦୀଙ୍କ ଆକ୍ରମଣକୁ ପ୍ରତିହତ କରିବା ପାଇଁ ଯେତେବେଳେ ସେମାନେ 'ଫାଷ୍ଟ ଆମେଣ୍ଡମେଣ୍ଟ' ବା ପ୍ରଥମ ସଂଶୋଧନ ସିଦ୍ଧାନ୍ତକୁ ବ୍ୟବହାର କରନ୍ତି, ସେତେବେଳେ ବାକ୍ ସ୍ୱାଧୀନତାକୁ ଧର୍ମ ବିଶ୍ୱାସୀମାନେ ବୁଝିବାରେ ବିଫଳ ହୁଅନ୍ତି । ଏହାର ଲକ୍ଷ୍ୟ (ବାକ୍ ସ୍ୱାଧୀନତାବିରୋଧୀ କାର୍ଯ୍ୟ) ହେଉଛି ବିତର୍କରେ ବାଧା ଦେବା, ଦ୍ୱନ୍ଦ୍ୱ ଏବଂ ଅବିଶ୍ୱାସ ସୃଷ୍ଟି କରିବା। ଅନ୍ୟମାନେ ଯୁକ୍ତିଯୁକ୍ତ ମନେକରୁଥିବା ମିଥ୍ୟା ତଥ୍ୟକୁ ଖୋଲାଖୋଲି ଭାବେ ପ୍ରଚାର କରି ସେମାନେ ଏଭଳି କରିଥାନ୍ତି। ମିଥ୍ୟାରୁ ଲାଭ ଉଠାଇବା ହିଁ ଜନସାଧାରଣଙ୍କୁ ଧୋକାଦିଏ।

ଏହା ସତ୍ତ୍ୱେ ଯେଉଁମାନେ ଟ୍ରମ୍ପ୍ ଏବଂ ତାଙ୍କର ଚରମ ମୌଳବାଦୀ ଅନୁଗାମୀଙ୍କୁ ବିରୋଧ କରନ୍ତି, ସେମାନେ ସଫଳ ହେବେ ନାହିଁ । ସେମାନଙ୍କ ସମ୍ମୁଖରେ ଥିବା ରାଜନୈତିକ ଆହ୍ୱାନ କେବଳ ସୁଚିନ୍ତିତ ମିଥ୍ୟା ଉପରେ ସତ୍ୟର ବିଜୟ ନିଶ୍ଚିତ କରିବା ବୋଲି ଯଦି ସେମାନେ ଭାବନ୍ତି ତେବେ ଏହା ଘଟିବ । ସେମାନଙ୍କ ସମ୍ମୁଖରେ ଏକ ବଡ଼ ଆହ୍ୱାନ ମଧ୍ୟ ରହିଛି, ଯାହା ଉଦାରବାଦୀ ଗଣତନ୍ତ୍ରର ଏବକାର ଢାଞ୍ଚା ପ୍ରତି ଚିନ୍ତାଜନକ। ଆମେରିକାର ଗଣତନ୍ତ୍ରର ପ୍ରତିଷ୍ଠାତାମାନଙ୍କ ପାଇଁ ଚିନ୍ତାର କାରଣ ଯେ, ସେମାନେ 'ପ୍ରଥମ ସଂଶୋଧନ'ର ପ୍ରଥମରେ ଉଲ୍ଲେଖ କରିଥିଲେ: ଧର୍ମର ଏକ ବ୍ୟବସ୍ଥା ଉପରେ କଂଗ୍ରେସ କୌଣସି ଆଇନ କରିବ ନାହିଁ।

ଯେତେବେଳେ ଆଲାବାମାର ପ୍ରଧାନ ବିଚାରପତି ଟମ୍ ପାର୍କର କୋର୍ଟଙ୍କ ନିଷ୍ପତ୍ତିକୁ ସମର୍ଥନ କରି ଲେଖିଥିଲେ ଯେ, ପବିତ୍ର ଈଶ୍ୱରଙ୍କ କ୍ରୋଧର ପରିଣାମକୁ ଅନୁଭବ ନ କରି ମାନବ ଭ୍ରୂଣକୁ ନଷ୍ଟ କରାଯାଇ ପାରିବ ନାହିଁ, ଯିଏ ତାଙ୍କ ପ୍ରତିରୂପକୁ ନଷ୍ଟ କରିବାକୁ ନିଜେ ଅପମାନ ଭାବେ ବିଚାର କରିଥାନ୍ତି। ସେ ଏବଂ କୋର୍ଟ ସ୍ପଷ୍ଟ ଭାବରେ ପ୍ରଥମ ସଂଶୋଧନର ବ୍ୟବସ୍ଥା ବିରୋଧୀ ଧାରାକୁ ସଂକ୍ଷିପ୍ତ କରିଥିଲେ। ସାଂସ୍କୃତିକ, ରାଜନୈତିକ ଏବଂ ଆଇନଗତ ଭାବରେ ଟ୍ରମ୍ପଙ୍କ ଉତ୍‌ଥାନର ଏହା ଏକ ପ୍ରମାଣ।

ପ୍ରଥମ ସଂଶୋଧନ ଉଭୟ ମୁକ୍ତ ବକ୍ତବ୍ୟ ଏବଂ ଧର୍ମୀୟ ସ୍ୱାଧୀନତାକୁ ସୁରକ୍ଷା ଦେଇଥାଏ, କାରଣ ଏହାର ନିର୍ମାତାମାନେ ବୁଝିଥିଲେ ଯେ, ଏଗୁଡ଼ିକ ପରସ୍ପର ସମ୍ବନ୍ଧିତ। ଯଦି ବ୍ୟବସ୍ଥାର ଅଧିକାରୀମାନେ ସେମାନଙ୍କର ନିର୍ଦ୍ଦିଷ୍ଟ ବିଶ୍ୱାସ ଆଧାରରେ ସେମାନଙ୍କ କ୍ଷମତାର ପ୍ରୟୋଗକୁ ଯଥାର୍ଥ କରିବାକୁ ଚେଷ୍ଟା କରନ୍ତି, ତେବେ କୌଣସି ତଥ୍ୟ କିମ୍ବା ବିତର୍କ ଯେତେ ଯୁକ୍ତିଯୁକ୍ତ ହେଲେ ବି ଏହାକୁ ବିରୋଧ କରିବାକୁ ଯଥେଷ୍ଟ ହେବ ନାହିଁ। ବିଶ୍ୱାସର ଶାସନ ଧାରା କିମ୍ବା ଜଣେ ଅପରିଚିତ ବ୍ୟକ୍ତି, ପ୍ରତ୍ୟେକେ ଅନ୍ୟକୁ ଅନ୍ଧ ଏବଂ ବଧିର ମନେହେବେ। ଅର୍ଦ୍ଧ ଶତାବ୍ଦୀ ପୂର୍ବରୁ ଆମେରିକାର ସୁପ୍ରିମକୋର୍ଟ ପ୍ରଥମ ସଂଶୋଧନ ବିଶେଷକରି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ବିଷୟରେ ଏକ ମୁକ୍ତ ଓ ଅବାଧ ବିତର୍କ କ୍ଷେତ୍ରରେ ପ୍ରତ୍ୟକ ବ୍ୟକ୍ତି ଭାଗନେବା ଲାଗି ବ୍ୟକ୍ତିଗତ ବିଚାରକୁ ପ୍ରତ୍ୟକଙ୍କର ଅଧିକାର ଭାବେ ସୁରକ୍ଷିତ ରଖିଥିଲା। ଯେତେବେଳେ ସେହି ଅଧିକାର ଏକ ଧର୍ମୀୟ ବିଷୟ ହୋଇଗଲା ସେତେବେଳେ ବ୍ୟକ୍ତିଗତ ଅଧିକାର ଓ ଉଦାରବାଦୀ ଗଣତନ୍ତ୍ର ଇକାରୁଷ ଭଳି ସମୁଦ୍ରରେ ବୁଡି ଯାଇଛି ଅର୍ଥାତ ଏହା ମୂଲ୍ୟ କ୍ଷୁଣ୍ଣ ହୋଇଛି। ବିପର୍ଯ୍ୟୟ ଘଟିବା ପୂର୍ବରୁ ସଂଖ୍ୟାଧିକ ଆମେରିକୀୟ ଧ୍ୟାନ ଦେଇ ପଦକ୍ଷେପ ନେବେ କି? ଏହାର ଉତ୍ତର ନିର୍ଭର କରେ ସମସ୍ତଙ୍କ ପାଇଁ ସ୍ୱାଧୀନତା ଏବଂ ସମାନତାର ଅତ୍ୟାବଶ୍ୟକ ସହଯୋଗୀ ଭାବେ ସଂଖ୍ୟାଗରିଷ୍ଠତା ଏବଂ ସହନଶୀଳତା ଉପରେ ଏକ ଜାତୀୟ ସହମତି। କିନ୍ତୁ ତାହା ଏପର୍ଯ୍ୟନ୍ତ ରହିଛି କି ନାହିଁ ଦେଖିବାକୁ ହେବ।

**ପ୍ରଫେସର, ଏମିରିଟସ ଅଫ୍ ଲ (ନ୍ୟୁୟର୍କ ଲ ସ୍କୁଲ)**

## ସ୍ୱପ୍ନ ନୁହେଁ ବାସ୍ତବିକତା



ବସନ୍ତ ମଞ୍ଜରୀ ମିଶ୍ର

ଯେବେଠାରୁ ଅଯୋଧ୍ୟାରେ ରାମମନ୍ଦିର ତଥା ରାମଙ୍କର ପ୍ରାଣପ୍ରତିଷ୍ଠା ହେଲାଣି ସେବେଠାରୁ ସମସ୍ତେ ଆଶାବାଦୀ ବୋଧହୁଏ ପୁଣି ଥରେ ରାମରାଜ୍ୟ ଫେରିଆସିବ। ଏପରିକି ଶ୍ରୀରାମଙ୍କ ମୂର୍ତ୍ତି ଗଢ଼ିଥିବା ଶିଳ୍ପୀ ବି କହୁଛନ୍ତି ଯେ, ସେ ଗଢ଼ିଥିବା ମୂର୍ତ୍ତି ପ୍ରାଣପ୍ରତିଷ୍ଠା ପରେ ସମ୍ପୂର୍ଣ୍ଣ ଜୀବନ୍ତ ମନେ ହେଉଛନ୍ତି। ବିଭିନ୍ନ ମିଡ଼ିଆରେ ମଧ୍ୟ ପ୍ରଚାର ହେଉଛି ଯେ, ସ୍ୱୟଂ ରାମଚନ୍ଦ୍ର ପୁନଶ୍ଚ ଅଯୋଧ୍ୟା ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏହା ନିରାଟ ସତ୍ୟ ଯେ ଅଧର୍ମର ବିନାଶ ନିଶ୍ଚୟ ହେବ। ଉପନିଷଦ୍‌ରେ ମଧ୍ୟ ଉଲ୍ଲେଖ ଅଛି 'ସତ୍ୟମେବ ଜୟତେ' ସତ୍ୟର ସର୍ବଦା ବିଜୟ ହୁଏ। କିନ୍ତୁ ସ୍ୱତଃ ପ୍ରଶ୍ନ ଉଠେ,'କିନ୍ତୁ କେମିତି? 'ସତ କହିବାକୁ ଗଲେ ସ୍ରଷ୍ଟାଙ୍କ ଶ୍ରେଷ୍ଠ ସୃଷ୍ଟି ମନୁଷ୍ୟ। କାରଣ କେବଳ ମାତ୍ର ମନୁଷ୍ୟ ପାଖରେ ହିଁ ଭୁଲ୍ ଠିକ୍ ବିବେଚନା କରିବାର ଦକ୍ଷତା ଥାଏ। କିନ୍ତୁ ସାମୟିକ ଲୋଭର ବଶବର୍ତ୍ତୀ ହୋଇ ସେ ନିଜ ଦେବତ୍ୱକୁ ଭୁଲି ଆସୁରିକ ପ୍ରବୃତ୍ତିକୁ ଆପଣେଇ ନିଏ।

ଆଉ ସବୁ ମଣିଷ ହିଁ ଜଣେ ଜଣେ ରାମଚନ୍ଦ୍ର। କେବଳ ସେମାନେ ନିଜ ନିଜର ମହାନତାକୁ ଭୁଲି, ସଂଯମତାକୁ ଭୁଲି ଆସୁରିକ ପ୍ରବୃତ୍ତି ଆପଣେଇ ନେଉଥିବାରୁ ସବୁଠି ଅରାଜକତା, ଆଉ ଅଧର୍ମର ରାଜୁତି। ଅନ୍ୟଥା ଆମ ନିଜ ହୃଦୟ ଭିତରେ ହିଁ ରାମଚନ୍ଦ୍ର ଓ ରାବଣ ବିରାଜମାନ କରୁଛନ୍ତି। ମନ ଯଦି ରାବଣ ହୁଏ ବିବେକ ରାମଚନ୍ଦ୍ର। ମନ ଓ ବିବେକର ଲଢ଼େଇରେ ଯେତେଦିନ ଯାଏ ମନର ଆଦେଶରେ ଆମେ ପରିଚାଳିତ ହେଉ, ସବୁ ଆସୁରିକ ପ୍ରବୃତ୍ତି ଯଥା କ୍ରୋଧ, ଲୋଭ, ମୋହ, ଗର୍ବ, ଅହଂକାର ଓ କାମନା ଆମକୁ ବାନ୍ଧି ପକାଏ। ଆମେ ନାଚାର ହୋଇ ସେମାନଙ୍କ ଇସାରାରେ ନାଚି ଚାଲୁ ଠିକ୍ ମଦ୍ୟାଶକ୍ତ ବ୍ୟକ୍ତିଟିଏ ପରି। ଆଉ ଯଦି ବିବେକ ଜିତିଯାଏ, ଆମେ ନିରହଂକାର, ଶାନ୍ତ ସରଳ ହୋଇ ଯାଉ। ଯୁକ୍ତିଠାରୁ ନୀରବତାକୁ ଆଉ ଆଳସ୍ୟଠାରୁ କର୍ମପ୍ରବଣତାକୁ ଚୟନ କରୁ। କାହାର କଟୁକ୍ତି ବା ନିନ୍ଦା ଆମକୁ ସ୍ପର୍ଶ କରିପାରେ ନାହିଁ। ବରଂ ଆମେ ଘୂରି ବୁଲୁ ଅମୃତତ୍ୱର ସନ୍ଧାନରେ। ଦୟା, କ୍ଷମା, ପ୍ରେମ, ଆଉ ସେବାକୁ ଜୀବନର ମୂଳମନ୍ତ୍ର ଭାବି ଦିବ୍ୟତ୍ୱର ଅନୁଭବ ପାଇବାକୁ ଚେଷ୍ଟା କରୁ।

ଯୁଗେ ଯୁଗେ ମନ୍ଥରା ଭଳି ଚରିତ୍ର ସମାଜରେ ଜନ୍ମ ନେଇଥାନ୍ତି। କିନ୍ତୁ ସେଇ ଚରିତ୍ରକୁ ଅଣଦେଖା କରି ଶ୍ରୀରାମ, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନଙ୍କର ତ୍ୟାଗ, ସେବା ଓ ନିଷ୍ଠାପରତାକୁ ହୃଦୟଙ୍ଗମ କରିବାକୁ ପଡ଼ିବ। ଯେଉଁଠି କୈକେୟୀ ଭଳି ଚରିତ୍ର ନିଜ ସନ୍ତାନ ପ୍ରେମରେ ଅନ୍ଧ ହୋଇ ପ୍ରଭୁ ରାମଚନ୍ଦ୍ରଙ୍କୁ ବନ ଗମନ ନିମନ୍ତେ ପ୍ରେରିତ କରୁଛନ୍ତି, ସେଇଠି ସାନରାଣୀ ସୁମିତ୍ରା ନିଜ ପୁତ୍ର ଲକ୍ଷ୍ମଣଙ୍କୁ ଭାଇ ଭାଉଜଙ୍କ ସେବାରେ ନିୟୋଜିତ କରିବାକୁ ପ୍ରୋତ୍ସାହନ କରୁଛନ୍ତି। ରାଜପଥ ନୁହେଁ ବରଂ ବନବାସକୁ ଶ୍ରେଷ୍ଠ ମାର୍ଗ ହିସାବରେ ଚୟନ କରିଥିଲେ ପ୍ରଭୁ ରାମଚନ୍ଦ୍ର। ରାଜ ସିଂହାସନକୁ ତ୍ୟାଗକରି ବନବାସକୁ ନିର୍ଦ୍ୱନ୍ଦ୍ୱରେ ଜ୍ଞାନପଥ ରୂପେ ବିବେଚନା କରି, ବିନା ପ୍ରତିବାଦରେ ଆପଣେଇ ନେଇ ସେ ସୂଚିତ କରିଦେଇଥିଲେ ଯେ ସବୁ କିଛି ବିଧିର ନିର୍ଦ୍ଦେଶରେ ସମ୍ପନ୍ନ ହୁଏ। ଆମର ପ୍ରତିଟି କାର୍ଯ୍ୟର ନିର୍ଦ୍ଦେଶକ ସେଇ ଅଦୃଶ୍ୟ ଶକ୍ତି, ଯାହା ଆଗରେ ଆମେ ନାଚାର। ଅଥଚ ସ୍ୱାର୍ଥରେ ଟିକେ ବି ବାଧା ଆସିଲେ ଆମେ ପ୍ରତିକ୍ରିୟାଶୀଳ ହୋଇଉଠୁ। ଭୁଲିଯାଉ ଯେ ପରମାତ୍ମାଙ୍କ ନିର୍ଦ୍ଦେଶ ବିନା ଏ ସଂସାରରେ ପତ୍ରଟିଏ ବି ହଲେନାହିଁ। ନିଃଶ୍ୱାସ ସହ ପ୍ରଶ୍ୱାସ ମିଶି ରହିଲା ଭଳି, ଭଲ ସହ ମନ୍ଦ ଯୁଗେ ଯୁଗେ ମିଶି ରହିଥାଏ। କିନ୍ତୁ ଚୟନ କରିବା ହିଁ ଗୁରୁତ୍ୱପୂର୍ଣ୍ଣ। ନିଜ ଗୋଡ଼ରେ ନିଜେ କୁରାଢ଼ି ମାରିଲାପରି ଯଦି ସବୁ ଖରାପ ପ୍ରବୃତ୍ତି ଆମ ମନ ଭିତରକୁ ପ୍ରବେଶ କରେ ତେବେ ବିନାଶ ସୁନିଶ୍ଚିତ। ତେଣୁ ଆସୁରିକ ପ୍ରବୃତ୍ତିକୁ ଭୁଲି କେବଳ ଈଶ୍ୱରୀୟ ପ୍ରବୃତ୍ତିକୁ ଆପଣେଇନେଲେ ଆପେ ଆପେ ରାମରାଜ୍ୟ ପ୍ରତିଷ୍ଠା ହୋଇପାରିବ। ନିଜକୁ ଓ ନିଜର ପ୍ରତିଟି କାର୍ଯ୍ୟକୁ ପରମାତ୍ମାଙ୍କୁ ସମର୍ପିଦେଲେ ସବୁକିଛି ନିର୍ଦ୍ୱନ୍ଦ୍ୱରେ ହୋଇଯିବ। ନିନ୍ଦା, ପରଶ୍ରୀକାତରତା ନୁହେଁ ବରଂ ପ୍ରଶଂସା, ସମ୍ବେଦନଶୀଳତା ହିଁ ଆମକୁ ଅମୃତତ୍ୱର ସନ୍ଧାନ ଦେବ। ବିବେକକୁ ମୁଖ୍ୟ ପରାମର୍ଶଦାତା କଲେ ଆମେ ଆତ୍ମତୃପ୍ତି ପାଇପାରିବା।

ରାମାୟଣର ଦୁଇ ମୁଖ୍ୟ ଚରିତ୍ର ହିଁ ଆମ ଜୀବନର ଦୁଇଟି ମୁଖ୍ୟ ମାର୍ଗକୁ ଦର୍ଶାଇଥାଏ। ଗୋଟିଏ ପଟେ ପ୍ରଭୁ ଶ୍ରୀରାମ ସତ୍ୟ, ଧର୍ମ ଓ ତ୍ୟାଗର ମାର୍ଗ ଚୟନ କଲାବେଳେ ରାବଣ ଅସତ୍ୟ, ଅଧର୍ମ ଓ ଅହଂକାରର ପ୍ରତୀକ ସ୍ୱରୂପ ପ୍ରତୀୟମାନ ହୋଇଥାଏ। ଠିକ୍ ସେପରି ପ୍ରତ୍ୟେକ ମନୁଷ୍ୟଠାରେ ଦୈବୀ ଓ ଆସୁରିକ ଦୁଇଟି ପ୍ରବୃତ୍ତି ଅବଶ୍ୟ ରହିଥାଏ। କିନ୍ତୁ କେବଳ ବିବେକି ମନୁଷ୍ୟ ହିଁ ଚୟନ କରିଥାଏ ଉପଯୁକ୍ତ ମାର୍ଗ। ଯଦି ପ୍ରତ୍ୟେକ ମନୁଷ୍ୟ ନିଜ ଭିତରେ ଦିବ୍ୟତ୍ୱର ସନ୍ଧାନ କରି ନିଜକୁ ସତ୍‌ମାର୍ଗରେ ପରିଚାଳିତ କରିପାରିବ, ତା'ହାଲେ ଅଭିପ୍ସିତ ରାମରାଜ୍ୟ ଏକ କଳ୍ପନା ନ ହୋଇ ବାସ୍ତବିକତା ହୋଇପାରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ଅଧ୍ୟାପିକା**
ମୋ: ୯୮୬୧୧୯୨୪୪୫

## ଏଇ ଭାରତରେ

ଅଗଣାରେ କିଭଳି ବଗିଚାଟିଏ କରିବେ ଓ ବିନା ମାଟିରେ ଅନେକ କୁଇଣ୍ଟାଲ ପନିପରିବା ଉତ୍ପାଦନ କରିବେ ତାହା ଦିଲ୍ଲୀର ଶଶାଙ୍କ ଦୁବେଙ୍କଠାରୁ ଶିଖିବା ଉଚିତ। ଯମୁନା ନଦୀ କୂଳରେ ଉତ୍ପାଦନ ହେଉଥିବା ପରିବାଗୁଡ଼ିକର ଗୁଣାତ୍ମକ ମାନ ଖରାପ ବୋଲି ଜାଣିବା ପରେ ସେ ନିଜ ଅଗଣାରେ ଆକ୍ୱାପୋନିକ ପଦ୍ଧତିରେ ବିନା ମାଟିରେ ପରିବା ଚାଷ କରୁଛନ୍ତି। ପ୍ରତିମାସରେ ୫୦୦ କେ.ଜି. ପରିବା ଉତ୍ପାଦନ କରିବା ସହ ମାଛଚାଷ ମଧ୍ୟ କରୁଛନ୍ତି। ସେ ଚାକିରି ଛାଡ଼ି ଏହହି ଚାଷରେ ଲାଗିଛନ୍ତି। ବଡ଼ କଥା ହେଉଛି ଶଶାଙ୍କ ଅଦରକାରୀ ଡ୍ରମ୍ ଓ କ୍ୟାନ୍ ଆଣି ତାହାକୁ ମରାମତି କରି ସେଥିରେ ମାଛ ଚାଷ କରୁଛନ୍ତି। ମାଛ ଟାଙ୍କିରୁ ପାଣିକୁ ହାଇଡ୍ରୋପୋନିକ ଟ୍ୟୁବ୍ ମଧ୍ୟରେ ପ୍ରବାହିତ କରିବା ଦ୍ୱାରା ଗଛଗୁଡ଼ିକ ଆବଶ୍ୟକ ନ୍ୟୁଟ୍ରିଣ୍ଟ ପାଇପାରୁଛନ୍ତି। ସେ ପାଣିରେ ଲୁହାକଣ୍ଟା, ଲାଇମ୍ ଓ ଅଣ୍ଡାଖୋଳ ବ୍ୟବହାର କରୁଛନ୍ତି, ଯାହା ପାଣିରେ ଆଇରନ ଓ କ୍ୟାଲ୍‌ସିୟମ ଭାଗ ବଢାଉଛି। ସେ ଏହି ପଦ୍ଧତିରେ ୩ ବର୍ଷ ହେଲା ୬୦୦ ବର୍ଗଫୁଟ ଜାଗାରେ ପରିବା ଓ ମାଛଚାଷ କରୁଛନ୍ତି। ଏବେ ସେ ତାଙ୍କ ବଗିଚାରେ ୨୦୦୦ରୁ ଅଧିକ ଗଛ ଲଗାଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୪ ମାର୍ଚ୍ଚ ୧୯୭୫

- ଭାରତ ଓ ଇରାନ ମଧ୍ୟରେ ଜାହାଜ ଚଳାଚଳ କରିବା ନେଇ ଦୁଇ ଦେଶ ମଧ୍ୟରେ ଏକ ମିଳିତ ଡିରେକ୍ଟର ବୋର୍ଡ ଗଠନ।
- ଜାକର୍ତ୍ତା ଆନ୍ତର୍ଜାତିକ ବିମାନ ବନ୍ଦରଠାରେ ଏକ କୋଟି ଡଲାର ମୂଲ୍ୟର ଅଳଙ୍କାର ସହ ଜଣେ ଭାରତୀୟ ଗିରଫ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 7 | | | 3 |
| | 6 | | 9 | | | | | |
| 3 | | 4 | | | 2 | | | |
| | 8 | | | 1 | | | | |
| | | 9 | 4 | | | 5 | | |
| | | 7 | | | 6 | | | 8 |
| | 1 | | | | 8 | | | |
| | | 6 | | | | | | 2 |
| | 9 | 8 | 2 | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 3 | 4 | 2 | 6 | 8 | 7 | 1 | 9 |
| 2 | 8 | 7 | 9 | 4 | 1 | 5 | 3 | 6 |
| 6 | 9 | 1 | 5 | 3 | 7 | 2 | 4 | 8 |
| 7 | 2 | 3 | 6 | 5 | 9 | 4 | 8 | 1 |
| 1 | 6 | 8 | 4 | 7 | 2 | 9 | 5 | 3 |
| 4 | 5 | 9 | 8 | 1 | 3 | 6 | 7 | 2 |
| 8 | 7 | 6 | 3 | 9 | 4 | 1 | 2 | 5 |
| 9 | 1 | 2 | 7 | 8 | 5 | 3 | 6 | 4 |
| 3 | 4 | 5 | 1 | 2 | 6 | 8 | 9 | 7 |

ଗତସଂସ୍କରଣର ଉତ୍ତର

# ଶିଶୁଙ୍କ ପାଇଁ ନିର୍ବାଚନୀ ଇସ୍ତାହାର



ଘାସିରାମ ପଣ୍ଡା

ନିର୍ବାଚନ ଆସିଲେ ରାଜନୈତିକ ଦଳମାନେ ଇସ୍ତାହାର ପ୍ରକାଶ କରନ୍ତି। ବିଭିନ୍ନ ବର୍ଗର ଲୋକଙ୍କୁ ନିଜ ପ୍ରତି ଆକର୍ଷିତ କରିବା ପାଇଁ ଇସ୍ତାହାରରେ ଦଳମାନେ ନିର୍ବାଚନୀ ପ୍ରତିଶ୍ରୁତି ଦିଅନ୍ତି। ଇସ୍ତାହାର ପ୍ରସ୍ତୁତି ବେଳେ ଅନ୍ୟ ସବୁ ବର୍ଗ ସ୍ୱତନ୍ତ୍ର ଧ୍ୟାନ ଆକର୍ଷିତ କରୁଥିବା ବେଳେ ଶିଶୁମାନଙ୍କ କଥା ହଜିଯାଏ। ଶିଶୁଙ୍କ କଥା ଆସିଲେ ଏହା ଆପେ ଆପେ ମହିଳାଙ୍କ ସହ ଯୋଡିହୋଇଯାଏ। ସେଥିପାଇଁ ସରକାରମାନେ ମଧ୍ୟ ବିଭାଗର ନାଁ ମହିଳା ଓ ଶିଶୁ ବିକାଶ ବିଭାଗ ବୋଲି ରଖିଛନ୍ତି। ଶିଶୁମାନଙ୍କ ପ୍ରତିପୋଷଣ, ଲାଳନ ପାଳନର ଦାୟିତ୍ୱ ମହିଳାମାନଙ୍କ ବୋଲି ଧରି ନିଆଯାଇଛି। ଭବିଷ୍ୟତ ନାଗରିକ ବୋଲି ପିଲା ବିଚାର୍ଯ୍ୟ ହେଉଥିବାରୁ ଏମାନଙ୍କର ସ୍ୱାତନ୍ତ୍ର୍ୟ ରହୁନାହିଁ। ଶିଶୁଟିଏ ଭୋଟ ଦେବାକୁ ଯୋଗ୍ୟ ହୋଇ ନ ପାରେ କିନ୍ତୁ ସେ ବର୍ତ୍ତମାନର ନାଗରିକ। ଏଣୁ ମିଶନ ବାତ୍ସଲ୍ୟ ଭଳି ଯୋଜନାରେ ଶିଶୁ ସଭା, ବିଦ୍ୟାଳୟ ପରିଚାଳନା କମିଟିରେ ଶିଶୁଙ୍କ ସହଭାଗିତା ସେମାନଙ୍କର ଅଧିକାର ଭାବରେ ଆଗକୁ ଆସିଲାଣି। ଅପରପକ୍ଷରେ ବିପଦଶଙ୍କୁଳ ଅବସ୍ଥାରେ ଥିବା ପିଲାଙ୍କୁ ସୁରକ୍ଷା ବ୍ୟବସ୍ଥା ଭିତରକୁ ଆଣିବାର ପ୍ରତିଶ୍ରୁତି ଦିଆଯାଇ ପାରିଲେ ପିତାମାତା ଓ ପରିବାର ସଦସ୍ୟଙ୍କ ଭୋଟକୁ ରାଜନୈତିକ ଦଳମାନେ ଆକର୍ଷିତ କରିପାରିବେ। ଏଣୁ ରାଜନୈତିକ ଦଳମାନେ ଏଥର ଶିଶୁଙ୍କୁ ସ୍ୱତନ୍ତ୍ର ଶ୍ରେଣୀଭୁକ୍ତ କରି ପ୍ରତିଶ୍ରୁତି ପ୍ରସ୍ତୁତ କଲେ ଉଦାହରଣ ତିଆରି ହୋଇପାରିବ।

ପିଲାମାନେ ଜୀବନ ଚକ୍ରରେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଆମ ଜିଲାମାନଙ୍କରେ ଶିଶୁ ଜନ୍ମର ସ୍ଥିତିକୁ ଅନୁଧ୍ୟାନ କଲେ ପୁଅ ତୁଳନାରେ ଝିଅଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବରେ କମୁଛି। ସେହିପରି ପ୍ରଥମ ହଜାରେ ଦିନରେ ବଞ୍ଚୁଥିବା ପିଲାଙ୍କ ସଂଖ୍ୟାରେ ମଧ୍ୟ ସେଭଳି ପାର୍ଥକ୍ୟ ପରିଲକ୍ଷିତ ହେଉଛି। ଝିଅପିଲାମାନେ ତୁଳନାତ୍ମକ ଭାବରେ ଅଧିକ ରକ୍ତହୀନତାର ଶିକାର ହେଉଛନ୍ତି। ବର୍ଷରେ ପାଖାପାଖି ୨୫ ହଜାରରୁ ଅଧିକ ନାବାଳିକା ଗର୍ଭବତୀ ହେଉଛନ୍ତି। ନାବାଳିକା ହେବା କାରଣରୁ ଏମାନେ ମମତା ଭଳି ଯୋଜନାରୁ ବଞ୍ଚିତ ହେଉଛନ୍ତି। ଏହା ସେମାନଙ୍କୁ ମାତୃ ମୃତ୍ୟୁ, ଶିଶୁ ମୃତ୍ୟୁ ଭଳି ବିପଦଶଙ୍କୁଳତା ଆଡ଼କୁ ଅଧିକ ଟାଣି ନେଉଛି। ଆମ ରାଜ୍ୟରେ ୨୦.୫ ଭାଗ ଝିଅ ୧୮ରୁ କମ୍ ବୟସରେ ବାହା ହେଉଛନ୍ତି। ଏହା ସେମାନଙ୍କ ସମସ୍ତ ଶିଶୁ ଅଧିକାରକୁ କ୍ଷୁଣ୍ଣ କରିବା ସହ ଘରୋଇ ହିଂସାର ଶିକାର ହେବାକୁ ବାଧ୍ୟ କରୁଛି। ଏସବୁ ସମସ୍ୟା ଲିଙ୍ଗଗତ ବୈଷମ୍ୟ କାରଣରୁ ସାଧାରଣତଃ ହେଉଛି। ରାଜନୈତିକ ଦଳମାନେ ଏଥିପାଇଁ ସମ୍ବେଦନଶୀଳ ହେଲେ ଯୁବତୀ ଓ ମହିଳାଙ୍କୁ ଆକର୍ଷିତ କରିପାରିବେ। କିଶୋରମାନେ ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। ଗତ ଦଶବର୍ଷ ଭିତରେ ପୁଅ ପିଲାଙ୍କ ଭିତରେ ବାଲ୍ୟ ବିବାହର ପରିମାଣ ୨.୩ ଭାଗ ବଢ଼ିଛି। ସ୍ଥାନୀୟ ଅଞ୍ଚଳରେ ଶିକ୍ଷା, କୌଶଳ ବିକାଶ ଓ ନିଯୁକ୍ତିର ସୁଯୋଗ ସେମାନଙ୍କୁ ଏଭଳି ଚାପରୁ ମୁକ୍ତି ଦେବ। ମାତାପିତା ନ ଥିବା ପିଲା ବା ଏକାକୀ ମାତାପିତା ଥିବା ପିଲା ବେଶି ଅସହାୟ ପରିସ୍ଥିତିର ସମ୍ମୁଖୀନ ହୁଅନ୍ତି। କୋଭିଡ୍ ବେଳେ ମାତାପିତାଙ୍କୁ ହରାଇଥିବା ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ସହାୟତା ଦେଇ ବର୍ତ୍ତମାନର ଶାସକ ଦଳ ବେଶ୍ ଲୋକପ୍ରିୟତା ଅର୍ଜନ କରିଛନ୍ତି। କିନ୍ତୁ ପରିତାପର ବିଷୟ, ୨୦୧୯ରୁ ଚିହ୍ନିତ ହୋଇଥିବା ପ୍ରାୟ ଦୁଇ ଲକ୍ଷ ପିଲାଙ୍କ ଭିତରୁ ଅନେକେ ଏଯାଏ ସୁରକ୍ଷା ବଳୟ ଭିତରକୁ ଆସିପାରି ନାହାନ୍ତି। ପାଳକ ମାତାପିତା ଜରିଆରେ ମାସକୁ ଚାରିହଜାର ଟଙ୍କାର ସହାୟତା ଦିଆଯାଇ ଏଭଳି ପିଲାଙ୍କୁ ଥଇଥାନ କରାଯାଇ ପାରିବାର ବ୍ୟବସ୍ଥା ଥିଲେ ବି ଆମେ ଏପର୍ଯ୍ୟନ୍ତ ମାତ୍ର ଅଠେଇଶଟି ପିଲାଙ୍କୁ ଏଥିରେ ଯୋଡ଼ି ପାରିଛୁ। ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ କାହିଁ କେଉଁ ଦିନରୁ ଶିଶୁ ଶ୍ରମିକ ଗଣନା ହୋଇପାରି ନାହିଁ! ରାଜ୍ୟରେ କେତେ ଶିଶୁ ଓ ପରିବାର ରାସ୍ତା କଡ଼ରେ ରହିଲା ଭଳି ସ୍ଥିତିରେ ଅଛନ୍ତି ତା'ର ମଧ୍ୟ ଆକଳନ ଆମ ପାଖରେ ନାହିଁ! ଜଳବାୟୁ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ବନ୍ୟା, ବାତ୍ୟା, ମରୁଡ଼ି ଯୋଗୁ ଅନେକ ପରିବାର ବାସ୍ତୁହରା ହେଉଛନ୍ତି, ଦାଦନ ଯାଉଛନ୍ତି।



ଏହି ପରିବାରରେ ଥିବା ପିଲାମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ଶିକ୍ଷା ଅଧିକାର ଆଇନ ଅନୁସାରେ ନିଜ ଗାଁରୁ ଏକ କିଲୋମିଟର ଦୂରତାରେ ପ୍ରାଥମିକ ଶିକ୍ଷାର ଅଧିକାର ଥିବାବେଳେ ଦଶ ହଜାରରୁ ଅଧିକ ବିଦ୍ୟାଳୟକୁ ବନ୍ଦ କରିଦିଆଯାଇ ପିଲାଙ୍କୁ ଘରେ ରହିବା ପାଇଁ ବାଧ୍ୟ କରାଯାଇଛି। ସମସ୍ୟାର ଆଲୋଚନା କଲେ ଆହୁରି କେତେ ଯେ ହେବ ତା'ର ଆକଳନ ନାହିଁ।

ରାଜ୍ୟରେ ସାଧାରଣ ନିର୍ବାଚନ ଘୋଷଣା ହେବା ଯେତିକି ପାଖେଇ ଆସୁଛି ବିଭିନ୍ନ ରାଜନୈତିକ ଦଳ ଭିତରେ ତତ୍ପରତା ମଧ୍ୟ ସେତିକି ବଢ଼ୁଛି। ଭୋଟରଙ୍କୁ କିଏ କେମିତି ପ୍ରଲୋଭିତ ଓ ଆକର୍ଷିତ କରିପାରିବ ସେ ନେଇ ପ୍ରତିଯୋଗିତା ମଧ୍ୟ ଆରମ୍ଭ ହୋଇଛି। ତେବେ ଶିଶୁଙ୍କ ସମସ୍ୟାକୁ ବୁଝିବା ଓ ସେହି ଆଧାରରେ ନିର୍ବାଚନୀ ପ୍ରତିଶ୍ରୁତିର ଘୋଷଣା ପାଇଁ ରାଜନୈତିକ ଦଳମାନେ ବିଭିନ୍ନ ବର୍ଗର ଶିଶୁଙ୍କ ସହ ଆଲୋଚନା କରିବା ସେମାନଙ୍କର ବିଶ୍ୱସନୀୟତାକୁ ବୃଦ୍ଧି କରିବ। ଏହା ବ୍ୟତୀତ ବିଭିନ୍ନ ସାମାଜିକ ଅନୁଷ୍ଠାନମାନେ ମଧ୍ୟ ଏଦିଗରେ ପ୍ରୟାସ କରୁଛନ୍ତି। ସାଧାରଣତଃ ଏହି ସବୁ ଅନୁଷ୍ଠାନ ଓ ଅନୁଷ୍ଠାନ ସମୂହଙ୍କ ଦ୍ୱାରା ରାଜନୈତିକ ଦଳଙ୍କ ସହ ଯୋଗାଯୋଗ କରାଯାଇ ଇସ୍ତାହାରକୁ ପ୍ରଭାବିତ କରିବାର ପ୍ରୟାସ ହୋଇଥାଏ। କିନ୍ତୁ ରାଜନୈତିକ ଦଳମାନେ ଯଦି ନିଜ ତରଫରୁ ଏଭଳି ସଙ୍ଗଠନ ଓ ଶିଶୁ ପ୍ରତିନିଧିମାନଙ୍କୁ ଶୁଣିବା ପାଇଁ ପ୍ରୟାସ କରନ୍ତେ, ସେମାନଙ୍କର ଲୋକପ୍ରିୟତା ବୃଦ୍ଧିରେ ଏହା ବିଶେଷ ସହାୟକ ହୁଅନ୍ତା।

**ସୁବର୍ଣ୍ଣପୁର**
**ମୋ: ୯୪୩୮୩୪୧୭୯୪**

## ପାଠକ ଶ୍ରେଷ୍ଠ ବିଚାରକ

### ମନ୍ତ୍ରୀଙ୍କ ଯୋଗୁ ଯାତାୟାତ ନ ଅଟକୁ

ମହାଶୟ,

ଭାରତୀୟ ସମ୍ବିଧାନ ଏହାର ନାଗରିକମାନଙ୍କୁ ସମାନ ବୋଲି ଘୋଷଣା କରେ କିନ୍ତୁ ରାଜଧାନୀ ଭୁବନେଶ୍ୱରରେ କିଛି ଘଟଣା ଏହା ବିରୋଧରେ ଯାଉଛି । ମନ୍ତ୍ରୀମାନେ ଗସ୍ତରେ ଯେବେ ଯାଉଛନ୍ତି, ସାଧାରଣ ଜନତାଙ୍କୁ ରାସ୍ତାକଡ଼ରେ ବହୁତ ସମୟ ଧରି ଅପେକ୍ଷା କରିବାକୁ ପଡୁଛି । ରାସ୍ତାରେ ସମସ୍ତଙ୍କ ସମାନ ଅଧିକାର ଅଛି ଏବଂ ଏହିଭଳି ପକ୍ଷପାତ ନୀତି ପ୍ରଗତିଶୀଳ ଭାରତ ବର୍ଷରେ କଦାପି ଗ୍ରହଣୀୟ ନୁହଁ । ଓଡ଼ିଶା ସରକାର ଏହି ଦିଗରେ ସମୁଚିତ ପଦକ୍ଷେପ ନେଇପାରିଲେ ଅନ୍ୟ ରାଜ୍ୟ ପ୍ରତି ଏହା ଆଦର୍ଶ ସୃଷ୍ଟି କରିବ । ୭।୩।୨୦୨୪ ସନ୍ଧ୍ୟା ୫ଟା ସମୟରେ ନାଲ୍‌କୋ ଛକରେ ମୁଁ ଏହିଭଳି ଅସୁବିଧାର ସମ୍ମୁଖୀନ ହେଲି । ଗତ ମାସରେ ଆଚାର୍ଯ୍ୟ ବିହାର ଛକରେ ପ୍ରାୟ ୪୫ ମିନିଟ ଧରି ସମାନ କାରଣ ନିମନ୍ତେ ଗାଡିଗୁଡ଼ିକ୍ ଅଟକି ରହିଥିଲା । ନେତା, ମନ୍ତ୍ରୀ ଯେ ସାଧାରଣ ଜନତାର ପ୍ରତିନିଧି ଏକଥା ବ୍ୟବସ୍ଥାପିକା ଏବଂ କାର୍ଯ୍ୟପାଳିକା ହୃଦ୍‌ବୋଧ କରି ଜନମଙ୍ଗଳକାରୀ ରାଷ୍ଟ୍ରର ପରିଚୟ ଦିଅନ୍ତୁ ।

**– ଅରୁଣ କୁମାର ତ୍ରିପାଠୀ, ଜୟପୁର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଦୂର ପାହାଡ଼ରେ କେତେ କଳା ମେଘ ହୋଇଲା ଠୁଳ
ମହାନଦୀ ତୀରେ ଫୁଟି ଉଠେ ନିତି ନୂତନ ଛବି!
ସବୁ ପ୍ରିୟ ସ୍ମୃତି ଅନୁଭୂତିମୟ ଅତୀତ କାଳ
ତୋତେ ଚାହିଁ ଆଜି ପାସୋରି ଦେଲିରେ ଶିମୁଳିପାଳ!
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### କାକୁଆ ଘାଟରୁ ମହିଳାଙ୍କ ମୃତଦେହ ଜବତ

ନନ୍ଦପୁର, ୧୩।୩(ଶଙ୍କର ପୂଜାରୀ) କୋରାପୁଟ ଜିଲା ନନ୍ଦପୁର ବ୍ଲକ ବିଲାପୁଟ ପଞ୍ଚାୟତ ତଥା ପାଡୁଆ ଥାନା ଅଧୀନ ପାତାଳୀ ନଦୀର କାକୁଆ ଗ୍ରାମ ନଦୀ ଘାଟରେ ବୁଧବାର ଜଣେ ମହିଳାଙ୍କ ଭାସମାନ ମୃତଦେହ ମିଳିଛି। ମୃତକ ହେଲେ ଗାଁର ଶ୍ୟାମ ଶୁକ୍ରୀଙ୍କ ସ୍ତ୍ରୀ ବତୀ (୩୯)। ବତୀ ସବୁଦିନ ଭଳି ମଙ୍ଗଳବାର ମଧ ଛେଳି ଚରାଇବାକୁ ଯାଇଥିଲେ। ସେ କିନ୍ତୁ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ବୁଧବାର ସକାଳୁ ତାଙ୍କର ମୃତଦେହ ଭାସମାନ ଅବସ୍ଥାରେ ମିଳିଥିଲା। ଏହା ଦେଖି ଗ୍ରାମବାସୀ ପାଡୁଆ ଥାନା ଓ ନନ୍ଦପୁର ଅଗ୍ନିଶମ ବାହିନୀକୁ ଜଣାଇଥିଲେ। ପାଡୁଆ ଥାନାଧିକାରୀ ଅଶୋକ ବିଷୋୟୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ବିଶ୍ୱଜିତ ରାଉତଙ୍କ ନେତୃତ୍ୱରେ ମୃତଦେହ ଜବତ କରାଯାଇଥିଲା। ଶୌଚ ହେବାକୁ ଯାଇ ବତୀଙ୍କ ଗୋଡ଼ ଖସିଯାଇଥିବା ଅନୁମାନ କରାଯାଉଛି। ପୁଅ ଦେବରାଜଙ୍କ ଏତଲାକ୍ରମେ ପାଡୁଆ ପୋଲିସ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ କରୁଥିବା ଥାନାଧିକାରୀ ଅଶୋକ କୁମାର ବିଷୋୟୀ ସୂଚନା ଦେଇଛନ୍ତି। ନନ୍ଦପୁର ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ପ୍ରସ୍ତୁତ କରିଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ପରିବାରକୁ ହସ୍ତାନ୍ତର କରାଯାଇଛି। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଓ ଶବ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ। ପରିବାରକୁ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ତହସିଲଦାର ଅନାଦି ଚରଣ ସାହୁ ସୂଚନା ଦେଇଛନ୍ତି।

### ଲମତାଗୁଡ଼ାରେ ରାମମନ୍ଦିର ପ୍ରତିଷ୍ଠା

ତେନ୍ତୁଳିଖୁଣ୍ଟି, ୧୩।୩(ଚିଦାନନ୍ଦ ସାହୁ) ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଲମତାଗୁଡ଼ା ଗ୍ରାମ ସାପ୍ତାହିକ ହାଟ ନିକଟରେ ନୂତନ ରାମ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ୨ଦିନ ଧରି ଚାଲିଥିଲା। ପ୍ରଥମ ଦିନରେ ୨୧ ଜଣ ମହିଳା ଆଉଁଳିଗୁମ୍ଫା ଦେଇ ପ୍ରବାହିତ ଇନ୍ଦ୍ରାବତୀ ନଦୀରୁ ଜଳ ସଂଗ୍ରହ କରି କଳସ ଯାତ୍ରା କରିଥିଲେ। ପଣ୍ଡିତ ଅନନ୍ତ ଦାଶଙ୍କ ମନ୍ତ୍ର ଧ୍ୱନିରେ ବୈଦିକ ରୀତିନୀତିରେ ମନ୍ଦିରରେ ଠାକୁରଣଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଚାରି ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ୨ଦିନ ଧରି ଅନ୍ନ ଯଜ୍ଞ ବ୍ୟବସ୍ଥା କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଖପାଖ ଅଞ୍ଚଳରେ ଥିବା ରାମ ଭକ୍ତମାନେ ସାମିଲ ଥିଲେ। କାର୍ଯ୍ୟକ୍ରମକୁ ଫାଲ୍‌ଗୁନୀ ବିଷୋୟୀ, ଭଗବାନ ବିଷୋୟୀ, ଦ୍ରୁମନ ବିଷୋୟୀ, ଈଶ୍ୱର ଜାନୀ, ହାଡ଼ି ଜାନୀ, ତରୁଣ ବିଷୋୟୀ, ହରେକୃଷ୍ଣ ସାହୁ, ବରୁଣ ବିଷୋୟୀ, ଅମିତ କୁମାର, ବାବୁଲା ବିଷୋୟୀ, ଆପଣା ବିଷୋୟୀ ପ୍ରମୁଖ ସହଯୋଗ କରିଥିଲେ।

### ଏପ୍ରିଲ ୧୫ରୁ ଉମରକୋଟ ଠାକୁରାଣୀ ଯାତ୍ରା

ଉମରକୋଟ, ୧୩।୩(ସନ୍ତୋଷ ଶତପଥୀ) ନବରଙ୍ଗପୁର ଜିଲା ଉମରକୋଟ ସହରର ପ୍ରସିଦ୍ଧ ମା ଜଗତ୍‌ଜନନୀ ଠାକୁରାଣୀ ଯାତ୍ରା ଏପ୍ରିଲ ୧୫ରୁ ଆରମ୍ଭ ହେବ। ଏହି ଯାତ୍ରା ୨୩ ତାରିଖ ଯାଏ ଚାଲିବ। ଏ ନେଇ ଏକ ପ୍ରସ୍ତୁତି ବୈଠକ ବୁଧବାର ଉମରକୋଟ ମା ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ଏଥିରେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ବୈଠକରେ ଠାକୁରାଣୀ ଯାତ୍ରା କମିଟି ସଦସ୍ୟଙ୍କୁ ଚୟନ କରାଯାଇଛି। କାଉନସିଲର ମୁନା ପାଢ଼ୀ ସଭାପତି, ଆଶିଷ ରାଓ ଉପସଭାପତି, ସତ୍ୟନାରାୟଣ ମିଶ୍ର ସମ୍ପାଦକ ଓ ଗୋବିନ୍ଦ ମାଝି କୋଷାଧକ୍ଷଭାବେ ମନୋନୀତ ହୋଇଛନ୍ତି। ମା'ଙ୍କ ନବଦିନାତ୍ମକ ଯାତ୍ରା ଯେମିତି ମହାଆଡ଼ମ୍ବରରେ ପାଳିତ ହେବ ସେ ନେଇ ଆଲେଚନା କରାଯାଇଥିଲା। ମନୋଜ କୁମାର ନାୟକ ଗତବର୍ଷ ଯାତ୍ରାର ଆୟ ଓ ବ୍ୟୟ ବିବରଣୀ ପାଠ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରଜତ ସାନ୍ତ୍ରା, ଉପନଗରପାଳ ସୁଧାଂଶୁ ଦାସ, ପୂଜକ ଭୁବନ ପୂଜାରୀ, କାଉନସିଲର ମନୋଜ ନାୟକ, ବାରପାଲି ଗାଁ ରଇତ, ସିରା, ପୂଜାରୀ ପ୍ରମୁଖଙ୍କ ସହ ପୁରୁଣା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।

# ପାନୀୟ ଜଳ ସମସ୍ୟା ନେଇ ପ୍ରଶାସନକୁ ଦାବିପତ୍ର

କୁନ୍ଦୁରା, ୧୩।୩ (ସନ୍ତୋଷ ପ୍ରହରାଜ)


ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ୍ ଡଙ୍ଗରପାଉଁଶି ଗ୍ରାମ ପଞ୍ଚାୟତରେ ଉତ୍କଟ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଶତାଧିକ ମହିଳା ପୁରୁଷ ବୁଧବାର ତହସିଲଦାର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଥାନାଧିକାରୀ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।୨୪ ଘଣ୍ଟା ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ରାଜରାସ୍ତାରେ ବସି ଆନ୍ଦୋଳନ କରିବା ନେଇ ଚେତାବନୀ ଦେଇଛନ୍ତି।

ଡଙ୍ଗରପାଉଁଶି ଗ୍ରାମ ଭିତର ଦେଇ ସବୁବେଳେ ବାଲି ଗାଡ଼ି ଯାତାୟାତ କରିବା ଯୋଗୁ ରାସ୍ତା ଖରାପ ହୋଇଯାଉଛି। ସେହିଭଳି ମେଗା ଜଳ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ଚାଲିଥିବାବେଳେ ଠିକା ସଂସ୍ଥା ପକ୍ଷରୁ ମନଇଚ୍ଛା ନାଳ ଖୋଳି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପାଇପଗୁଡ଼ିକୁ ନଷ୍ଟ କରି ଦେଇଛି। ଫଳରେ ଗତ ୩ ଦିନ ହେବ ଗ୍ରାମକୁ ପାନୀୟ ଜଳ ଯୋଗାଣ ବନ୍ଦ ରହିଛି। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଦୀର୍ଘ ଦିନ ଧରି ଅଚଳ ରହିବା ଫଳରେ ଲୋକେ ପାଣି ଟୋପାଏ ପାଇଁ ହନ୍ତସନ୍ତ ହେଉଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସମସ୍ୟା ଦୀର୍ଘବର୍ଷ ଧରି ଚାଲୁଥିବା ବେଳେ ପାନୀୟ ଜଳ ଯୋଗାଣ ବିଭାଗକୁ ଗ୍ରାମବାସୀ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ସୁଦ୍ଧା ଏହାର କୌଣସି ସୁଫଳ ମିଳି ନ ଥିବାରୁ ଗ୍ରାମବାସୀ ଉତ୍ତେଜିତ ହେଉଥିବା ଜଣା ପଡିଅସନ୍ତୋଷ ପ୍ରକାଶ କରିଛନ୍ତି। ତହସିଲଦାର,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଥାନାଧିକାରୀ ମିଳିତ ଭାବେ ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହ ଆଲୋଚନା କରି ତୁରନ୍ତ ଏହାର ସମାଧାନ କରନ୍ତୁ ବୋଲି ଅମର ନାଥ ଭଟ୍ଟ, କୃଷ୍ଣ ଚନ୍ଦ୍ର ତ୍ରିପାଠୀ,ଲଛମନ ଭତ୍ରା,ଉମାକାନ୍ତ ମିଶ୍ର,ଅଭୟାନନ୍ଦ ଭଟ୍ଟ,ବିରେନ ଶତପଥୀ,ଜୀବନ ଭଟ୍ଟ ଦାବି କରିଛନ୍ତି।

# ନିୟମିତ ହେଲେ ଡାବୁଗାଁର ୩୩ ଗଣଶିକ୍ଷକ

ଡାବୁଗାଁ, ୧୩।୩ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନରେ କାର୍ଯ୍ୟରତ ଗଣଶିକ୍ଷକଙ୍କୁ ନିୟମିତ କରାଯାଇଛି। ଏହି ଆଦେଶ ପତ୍ର ବିଇଓ ଶିବଶଙ୍କର ମଣ୍ଡଳ ମଙ୍ଗଳବାର ପ୍ରଦାନ କରିଛନ୍ତି। ଗଣଶିକ୍ଷକରୁ ଏକ୍ସ-କ୍ୟାଡର ଲେବୁଲ-୫ ନିୟମିତ ଶିକ୍ଷକ ନିମନ୍ତେ ୨୦୦୮ରୁ ଯେଉଁ ସଂଘର୍ଷ ଲାଗିଥିଲା ସେଥିରେ ଡାବୁଗାଁ ବ୍ଲକ ଗଣଶିକ୍ଷକ ସଂଘର ବିଶ୍ୱେଷ କୁମାର ତ୍ରିପାଠୀ, ରଞ୍ଜିତ ଗୁପ୍ତା, ମନୋଜ ବିଶୋଇ, ବିଦ୍ଯୁଦତ୍ତ ବିଷୋୟୀ, ନିରାକାର ପ୍ରଧାନଙ୍କ ସହ ୩୩ ଜଣ ପଦୋନ୍ନତି ପାଇଛନ୍ତି। ଡାବୁଗାଁ ଏବିଇଓ ଭଗବାନ ମାଝି, ସନ୍ତୋଷ ସାହୁ ଓ ଦେବରାଜ ଗୋପାଳ ସମସ୍ତ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ, ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ(ଏନ୍‌ପିଏସ୍) ସଭାପତି ବିକାଶ ରଞ୍ଜନ ନିଶଙ୍କ ସହଯୋଗରେ ନିୟମିତ ଆଦେଶନାମା ପ୍ରଦାନ କରଯାଇଛି। ନିୟମିତ ହେବାପରେ ଶିକ୍ଷକମାନେ ବାଣ ଫୁଟାଇ ଖୁସି ମନାଇଛନ୍ତି।

# ମା' ଭବାନୀ ଦଳକୁ ହରାଇ ରାଜୁ ୬ ଚାମ୍ପିୟନ


ଅତିଥି, ଆୟୋଜକଙ୍କ ସହ ବିଜୟୀ ଦଳର ଖେଳାଳିମାନେ।

### ପ୍ଲାଷ୍ଟିକ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

ନବରଙ୍ଗପୁର, ୧୩।୩(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଗାନ୍ଧୀନଗରସ୍ଥିତ ଆର୍‌ଏମ୍‌ସି ପଡ଼ିଆରେ ଚାଲିଥିବା ମା' ଧରଣୀ ପ୍ଲାଷ୍ଟିକ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଜିଲା କ୍ରୀଡ଼ା ସଂଘ ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ ବିଶିଷ୍ଟ ଅତିଥି, ଜିଲା ବାରିକ ସଂଘ ସଭାପତି ଏନ୍. ଗଣେଶ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସାମାଜିକ କର୍ମୀ ଟୁକୁନା ନାୟକ ଏବଂ ଅର୍ଜୁନ ଭତରା ମଞ୍ଚାସୀନ ଥିଲେ। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚରେ ମା' ଭବାନୀ ଦଳକୁ ରାଜୁ ୬ ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ୧୮-୧୩ ପଏଣ୍ଟରେ ପରାସ୍ତକରି ବିଜୟୀ ହୋଇଛି। ବିଜୟୀ ଦଳକୁ ଅତିଥିମାନେ ପୁରସ୍କୃତ କରିଛନ୍ତି। ମା ଧରଣୀ ଯୁବକ ସଂଘ ସଭାପତି ଜଗା ଆଚାରୀ, ସମ୍ପାଦକ ବାବୁଲା ଜାନୀଙ୍କ ସମେତ ସଂଘର ସମସ୍ତ ସଭ୍ୟ ଟୁର୍ନାମେଣ୍ଟରେ ସହଯୋଗ କରିଛନ୍ତି। ସୂଚନାନୁଯାୟୀ ପ୍ଲାଷ୍ଟିକ ଭଲିବଲ ଟୁର୍ନାମେଣ୍ଟ ଜିଲାରେ ପ୍ରଥମ ଥର ପାଇଁ ଅନୁଷ୍ଠିତ ହୋଇଛି।

# ପରୀକ୍ଷାର୍ଥୀଙ୍କୁ ନେଇ ଯାଉଥିବା ଗାଡ଼ି ଦୁର୍ଘଟଣାଗ୍ରସ୍ତ, ୭ ଆହତ

ରାଇଘର, ୧୩।୩(କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘରରେ ଥିବା ଏକ ଘରୋଇ ବିଦ୍ୟାଳୟର ୧୦ମ ଶ୍ରେଣୀ ପରିକ୍ଷାର୍ଥୀଙ୍କୁ ନେଇ ଯାଉଥିବା ଏକ ଗାଡ଼ି ବୁଧବାର ରାଇଘର-ଉମରକୋଟ ଜାମଦୋରା ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଗାଡ଼ିରେ ଥିବା ୭ଜଣ ପରିକ୍ଷାର୍ଥୀ ଆହତ ହୋଇଛନ୍ତି। ଆଇସିଏସ୍‌ଇ ୧୦ମ ଶ୍ରେଣୀ ବୋର୍ଡ ପରୀକ୍ଷା ଚାଲିଛି। ରାଇଘରର ଏକ ଘରୋଇ ସ୍କୁଲର ଛାତ୍ରୀମାନେ ଉମରକୋଟ ପରୀକ୍ଷା କେନ୍ଦ୍ରକୁ ପରିକ୍ଷା ଦେବାକୁ ଯାଉଛନ୍ତି। ବୁଧବାର ୭ଜଣ ଛାତ୍ରୀଙ୍କୁ ନେଇ ଯାଉଥିବା ଏକ ଗାଡ଼ି (ସିଜି-୦୫ଏକ୍ସ-୬୩୪୨) ଭାରସାମ୍ୟ ହରାଇ ମୁଖ୍ୟ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏଥିରେ ବସିଥିବା ୭ ଜଣ ଛାତ୍ରୀ ଆହତ ହୋଇଥିଲେ। ରାସ୍ତାରେ ଯାଉଥିବା ଲୋକେ ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଇଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନେ ଉମରକୋଟସ୍ଥିତ ପରୀକ୍ଷା କେନ୍ଦ୍ରକୁ ଯାଇ ପରୀକ୍ଷା ଦେଇଛନ୍ତି। ରାଇଘର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଗାଡ଼ିକୁ ଜବତ କରିଛି।

### ଜିଲା ଚିକିତ୍ସାଳୟ ନିର୍ମାଣାଧୀନ କୋଠାର ସମୀକ୍ଷାକଲେ ଜିଲାପାଳ

ଜୟପୁର,୧୩।୩ (ପବନ ପାଣିଗ୍ରାହୀ)- ଜୟପୁରସ୍ଥିତ ଜିଲା ଚିକିତ୍ସାଳୟରେ ନିର୍ମାଣାଧୀନ କୋଠା କାର୍ଯ୍ୟର ସମୀକ୍ଷା କରିଛନ୍ତି କୋରାପୁଟ ଜିଲାପାଳ ଭି. କୀର୍ତ୍ତି ଭାସନ । ଚିକିତ୍ସାଳୟର କୋଠା କାମ କିପରି ଶୀଘ୍ର ସରିବ ସେ ନେଇ ରାସ୍ତା ଓ ଗୃହ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ କ୍ଷୀରଧର କନ୍ଦପାଣି, ଜିଲା ଚିକିତ୍ସାଳୟର ଅଧିକାରୀଙ୍କ ସହ ଆଲୋଚନା କରିଥିଲେ।

### ଦେଶୀ ମଦ ପ୍ରସ୍ତୁତ ସମୟରେ ଚଢ଼ାଉ

ଜୟପୁର,୧୩।୩ (ପବନ ପାଣିଗ୍ରାହୀ) ଜୟପୁର ଅବକାରୀ ବିଭାଗ ପକ୍ଷରୁ ସଦର ଥାନା ଅନ୍ତର୍ଗତ ମୁଳାସର, ମୁଜୁରମୁଣ୍ଡା ଜଙ୍ଗଲରେ ଚଢ଼ାଉ କରି ୧୮ ଶହ ଲିଟର ପୋଚ ଓ ୨ ଶହ ଲିଟର ଦେଶୀ ମଦ ଜବତ କରି ନଷ୍ଟ କରିଛି। ମଦ ରନ୍ଧା ସାମଗ୍ରୀ, ଡ୍ରମ୍ ଆଦିକୁ ଜବତ କରିଛି। ଏଠାରେ ବିଷାକ୍ତ ମଦ ପ୍ରସ୍ତୁତ କରି ଜୟପୁର ସହରକୁ ଚାଲାଣ କରିବା ସହ ଆଖପାଖ ଅଞ୍ଚଳରେ ପ୍ୟାକେଟ୍‌ରେ ବିକ୍ରୟ କରାଯାଉଥିଲା। ଅବକାରୀ ଅଧୀକ୍ଷକ ଅରୁଣ କୁମାର ପାଡୀଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ, ଅବକାରୀ ଥାନା ଓଆଇସି ନୀଳାଦ୍ରି ବିହାରୀ ମିଶ୍ରଙ୍କ ଉପସ୍ଥିତିରେ ଚଢାଉ କରାଯାଇଥିଲା। ଅବକାରୀ ଅଧିକାରୀଙ୍କୁ ଦେଖି ମଦ ମାଫିଆ ଚମ୍ପଟ ମାରିଥିଲେ। ତେବେ ସେମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଅବକାରୀ ନିରୀକ୍ଷକ ଦତ୍ତ ସୂଚନା ଦେଇଛନ୍ତି । ଜୟପୁର ଉପଖଣ୍ଡରେ କୁନ୍ଦୁରାର ଲିମା, ଜୟପୁର ସଦର ଥାନା ଅନ୍ତର୍ଗତ ନିଳାଗୁଡା, କଳାଗୁଡା, ଗଡପଦର, ମୁଳାସର, ମଜୁରୁମୁଣ୍ଡା, ଜାମୁଣ୍ଡା, ବଡପଡା ଅଞ୍ଚଳରେ ହଜାର ହଜାର ଲିଟର ବିଷାକ୍ତ ମଦ ପ୍ରସ୍ତୁତ କରାଯାଇ ତାକୁ ପ୍ୟାକେଟରେ ଭର୍ତ୍ତିକରି ଉପାନ୍ତ ଅଞ୍ଚଳ ଓ ସହରକୁ ଚାଲାଣ କରି ବିକ୍ରୟ କରୁଛନ୍ତି ।

# ରେଡ୍‌କ୍ରସ୍ ପାଣ୍ଠିକୁ ଡିଇଓଙ୍କ ଦାନ


ଜିଲାପାଳ ଚେକ୍ ଗ୍ରହଣ କରୁଛନ୍ତି।

ନବରଙ୍ଗପୁର,୧୩।୩(ସଦାଶିବ ପ୍ରହରାଜ)

ଜିଲା ଶିକ୍ଷାଧିକାରୀ(ଡିଇଓ) ପ୍ରଦୀପ କୁମାର ନାଗ ମଙ୍ଗଳବାର ଜିଲା ରେଡ୍‌କ୍ରସ୍ ପାଣ୍ଠିକୁ ୨ ଲକ୍ଷ ୨୦ହଜାର ଟଙ୍କାର ଚେକ୍ ଜିଲାପାଳ କମଳ ଲୋଚନ ମିଶ୍ରଙ୍କୁ ପ୍ରଦାନ କରିଛନ୍ତି। ଏହି ସମୟରେ ଜିଲା ଜରୁରିକାଳୀନ ଅଧିକାରୀ ଗୀତାଞ୍ଜଳି ବେହେରା, ଏଡିଇଓ ଡ. ରେଶମ ଲାଲ ନାୟକ, କନିଷ୍ଠ ରେଡ୍‌କ୍ରସ୍ ସମ୍ପାଦକ ପ୍ରଭାତ ପଟ୍ଟନାୟକ, ବି. କମଳାକାନ୍ତ ରାଉତ, ପ୍ରକାଶିନୀ ଚୌଧୁରୀ, ଅନିନ୍ଦିତା ନନ୍ଦ, ତପସ୍ୱିନୀ ବେହେରା, ଅତିରିକ୍ତ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ନାରାୟଣ ପାଇକରାୟ, ଜିଲା ଜରୁରିକାଳୀନ କାର୍ଯ୍ୟାଳୟ ଜିଲା ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜରୁରିକାଳୀନ ବିଭାଗର ବରିଷ୍ଠ ସହାୟକ ତ୍ରିପତି ବାଲାଜୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସମାଜର ଅତ୍ୟାବଶ୍ୟକ ସେବାରେ ଲାଗିବା ପାଇଁ ଜିଲା ରେଡ୍‌କ୍ରସ୍ ପାଣ୍ଠିକୁ ଦାନ କରିଥିବାରୁ ଜିଲା ଶିକ୍ଷା ବିଭାଗକୁ ଜିଲାପାଳ ମିଶ୍ର ଧନ୍ୟବାଦ ଜଣାଇଛନ୍ତି। ଜରୁରିକାଳୀନ ପରିସ୍ଥିତିରେ ସମାଜର ଲୋକଙ୍କ ହିତରେ ରେଡ୍‌କ୍ରସ୍ ପାଣ୍ଠି ଖର୍ଚ୍ଚ ହେଉଥିବାରୁ ଜିଲା ରେଡ୍‌କ୍ରସ୍‌କୁ ମୁକ୍ତହସ୍ତରେ ଦାନକରିବାକୁ ଜିଲାପାଳ ଆହ୍ୱାନ କରିଥିଲେ।

# ଖବରଦାତାଙ୍କ ପାଇଁ ଗୋଷ୍ଠୀକେନ୍ଦ୍ର ଉଦ୍‌ଘାଟିତ

କୋଟପାଡ଼, ୧୩।୩(କେ.ରାଜଶେଖର ରାଓ)

କୋରାପୁଟ ଜିଲା କୋଟପାଡ଼ ପରିଷଦ ଅଞ୍ଚଳରେ ବୁଧବାର କାର୍ଯ୍ୟରତ ଖବରଦାତାଙ୍କ ନିମନ୍ତେ ୬୩ ନମ୍ବର ଜାତୀୟ ରାଜପଥ ଆଦର୍ଶ ବିଦ୍ୟାଳୟ ପାର୍ଶ୍ୱରେ ଏକ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। କୋଟପାଡ଼ ବିଧାୟକା ପଦ୍ମିନୀ ଦିଆନ ମୁଖ୍ୟ ଅତିଥି, ବରଷ୍ଠ ଆଇନଜୀବୀ ମଣିପ୍ରସାଦ ପଟ୍ଟନାୟକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଦୀର୍ଘଦିନ ହେବ କୋଟପାଡ଼ ଅଞ୍ଚଳରେ ଖବରଦାତାଙ୍କ ନିମନ୍ତେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବାକୁ ବିଧାୟକ ନିକଟରେ ଖବରଦାତାମାନେ ଦାବି କରିଥିଲେ। ଏଥିପାଇଁ ବିଧାୟିକା ନିଜ ଉନ୍ନୟନ ପାଣ୍ଠିରୁ ୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବାରୁ ଖବରଦାତାମାନେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଉଦ୍‌ଘାଟନ ସମୟରେ କୋଟପାଡ଼ ପ୍ରେସ୍ କ୍ଲବ ସଭାପତି ପଙ୍କଜ ପାତ୍ର, ଉପସଭାପତି ରାଜଶେଖର ରାଓ, ସମ୍ପାଦକ ଶଙ୍କର ପଣ୍ଡା, ମୁକ୍ତେଶ୍ୱର ନାୟକ, ରାଜୁ ବକ୍ସଇ, କୃଷକ ସମାଜ ସଭାପତି ସୀତାନାଥ ବିଶ୍ୱାଳ, ଖଗପତି ପାତ୍ର, ବୁଲୁ ମଲ୍ଲିକ, ଅଜୟ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ବାବୁଲି ପାଣିଗ୍ରାହୀ, ଗଣେଶ ପଣ୍ଡା, ଶିବ ପଟ୍ଟନାୟକ, ମନୋହର ବିଷୋୟୀ ପ୍ରମୁଖଙ୍କ ସହ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଉପସ୍ଥିତ ଥିଲେ।

# ଗ୍ରୀଷ୍ମ ପ୍ରବାହକୁ ନେଇ ସଚେତନତା କର୍ମଶାଳା

ମାଲକାନଗିରି,୧୩।୩(ଦୁର୍ଯ୍ୟୋଧନ ପାତ୍ର)-ମାଲାକନଗିରି ଜିଲା ପରିଷଦ ସଭାଗୃହରେ ଜିଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ମଙ୍ଗଳବାର ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନେଇ ପ୍ରସ୍ତୁତି ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ଜରୁରିକାଳୀନ ଅଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଯୋଗଦେଇ ଆଗାମୀ ଦିନରେ ପ୍ରବଳ ଗରମ ହେବାକୁ ଥିବା ବେଳେ ଏଥିନେଇ କିଭଳି ପ୍ରସ୍ତୁତ ରହିବେ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଶ୍ରମିକମାନଙ୍କ କାର୍ଯ୍ୟ କ୍ଷେତ୍ରରେ ଓଆର୍‌ଏସ୍ ଓ ପାଣି ମହଜୁଦ ରଖିବା, ଜଳଛତ୍ର ଖୋଲିବା, ନଳକୂପ ମରାମତି ସହ ଆବଶ୍ୟକ ସ୍ଥଳେ ଟ୍ୟାଙ୍କର ଯୋଗେ ପାଣି ଯୋଗାଇବା, ଜଙ୍ଗଲର ନିଆଁକୁ ଆୟତ୍ତ କରିବା ଓ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଂଶୁଘାତ ପାଇଁ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରଣ କୋଠରି ଖୋଲିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

# ଆରମ୍ଭ ହେଲା ପବିତ୍ର ରମ୍‌ଜାନ ମାସ

ଚନ୍ଦାହାଣ୍ଡି, ୧୩।୩(ଦିଲୀପ ଦାସ) ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ସୋମବାରରୁ ଆରମ୍ଭ ହୋଇଛି ମୁସଲମାନ ଧର୍ମାବଲମ୍ବୀଙ୍କ ରମ୍‌ଜାନ ମାସ। ସୋମବାର ସନ୍ଧ୍ୟାରେ ଜହ୍ନ ଦେଖିବା ପରେ ପରସ୍ପରକୁ ଅଭିନନ୍ଦନ ଜଣାଇ ଏହି ପବିତ୍ର ମାସ ପାଳନ ଆରମ୍ଭ କରିଛନ୍ତି। ସମସ୍ତେ ସମୂହ ନମାଜ ପାଠ କରିବାକୁ ମୋହରା ମସ୍‌ଜିଦରେ ପହଞ୍ଚି ଥିଲେ। ମୋହରା ମୁସ୍‌ଲିମ କମିଟି ସଭାପତି ସୁଲତାନ ଅଲ୍ଲୀ ଏବଂ ବେହେରାମୁଣ୍ଡା ମୁସ୍‌ଲିମ କମିଟି ସଭାପତି ମହମ୍ମଦ ଜିନା ସମସ୍ତଙ୍କୁ ରମ୍‌ଜାନର ଅଭିନନ୍ଦନ ଜଣାଇଥିଲେ। ଏହି ରମ୍‌ଜାନ ମାସରେ ମୁସଲମାନଙ୍କ ଧର୍ମଗ୍ରନ୍ଥ କୋରାନର ରଚନା ହୋଇଥିବାରୁ ଏହାକୁ ମୁସଲମାନ ସମ୍ପ୍ରଦାୟରେ ଧର୍ମମାସ ଭାବେ ପାଳନ କରାଯାଇଥାଏ। ମାସେବ୍ୟାପୀ ପ୍ରତ୍ୟହ ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ମୁସଲମାନ ଧର୍ମାବଲମ୍ବୀମାନେ ନିର୍ଜଳ ଉପବାସ କରିଥାନ୍ତି। ସନ୍ଧ୍ୟା ସମୟରେ ନମାଜ ପାଠ କରିବା ସହ ତରାବି ନମାଜ ପାଠ କରିଥାନ୍ତି। ଏହି ମାସରେ ମୁସଲମାନ ସମ୍ପ୍ରଦାୟର ବ୍ୟକ୍ତି ନିଜ ଉପାର୍ଜନ ସମ୍ପତ୍ତିର ଅଢ଼େଇ ଭାଗ ଦାନ କରିବାର ମଧ ବିଧି ରହିଛି। ତରାବି ନମାଜ ପାଠ ନିମନ୍ତେ ଧର୍ମଗୁରୁ ହାଫିଜ୍ ସୋହେବ ରଜା ଆସିଥିବା ଜଣାପଡିଛି।

# ବୁଢ଼ିବାଲି ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବ

ଚନ୍ଦ୍ରପୁର, ୧୩।୩ (ବିଜୟ ପ୍ରସାଦ ଉଲାକା)

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ବୁଢ଼ିବାଲି ପଞ୍ଚାୟତ ସଦର ମହକୁମାରେ ଥିବା ସରକାରୀ ଏସ୍‌ଏସ୍‌ଡି ଆଶ୍ରମ ବିଦ୍ୟାଳୟରେ ମହା ସମାରୋହରେ ପ୍ରଥମ ବାର୍ଷିକ ଉତ୍ସବ ସମର୍ପଣ-୧ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟଟି ବହୁତ ପୁରୁଣା ହୋଇଥିଲେ ମଧ୍ୟ ଚଳିତ ବର୍ଷ ପ୍ରଥମ କରି ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରଦୀପ୍ତ କୁମାର ଦଳାଇ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା ନିରୀକ୍ଷକ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥି ଭାବେ ଗୁଣପୁର ସହକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସରୋଜ କୁମାର ନାୟକ, ସରପଞ୍ଚ ଭୀମ ଗୋଗେରେଙ୍ଗା, ବିଇଓ ଗଣେଶ ଚନ୍ଦ୍ର ବେହେରା, ଏବିଇଓ ଉମାକାନ୍ତ ମିଶାଲ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ପ୍ରଧାନ ଶିକ୍ଷକ ସୁଦର୍ଶନ ଅଡଙ୍ଗାକାଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ଶିକ୍ଷକ ରାମଚନ୍ଦ୍ର ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପ୍ରମାଣପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏଥିସହ ସମସ୍ତ ଅତିଥି, ଗଣମାଧ୍ୟମ ପ୍ରତିନିଧିଙ୍କୁ ପୁଷ୍ପଗୁଚ୍ଛ ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବାଳକୃଷ୍ଣ ବିହାରୀ, ସିଙ୍ଗନା ଡାଡିଙ୍ଗି, ସିଆର୍‌ସିସି ହେମନ୍ତ କୁମାର ମଲିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚକ୍ରପାଣି ରତ୍ନାଲୁ, ଗୌରୀ ଶଙ୍କର ମିଶ୍ର, ସୀତାରାମ ପାଣିଗ୍ରାହୀ, ସ୍କୁଲ ସଭାପତି ଶମ୍ଭୁ ଗୋଗେରେଙ୍ଗା ଓ ଅଭିଭାବକମାନେ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ସୁନୀତା ପାଢ଼ୀ ନିଆରା ଢଙ୍ଗରେ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ପକ୍ଷରୁ ଜନଶୁଣାଣି

ନବରଙ୍ଗପୁର,୧୩।୩(ସଦାଶିବ ପ୍ରହରାଜ)



ସଙ୍ଗଠନ ପକ୍ଷରୁ ଅଭିଯୋଗ ପତ୍ର ଗ୍ରହଣ କରି ଜନଶୁଣାଣି କରାଯାଉଛି।

ନବରଙ୍ଗପୁର ଜିଲା ଶିକ୍ଷା ବିଭାଗରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ରାଜ୍ୟ ଭ୍ରଷ୍ଟାଚାର ବିରୋଧୀ ସଙ୍ଗଠନ ରାଜ୍ୟ ଆବାହକ ତଥା ବରିଷ୍ଠ ଆଇନଜୀବୀ ସୁବ୍ରତ କୁମାର ନନ୍ଦଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହି ଘଟଣାର ସତ୍ୟତା ଅନୁସନ୍ଧାନ କରିବା ପାଇଁ ଭ୍ରଷ୍ଟାଚାର ବିରୋଧୀ ସଂଗଠନର ଏକ ୪ ଜଣିଆ ଟିମ୍ ସୋମବାର ନବରଙ୍ଗପୁର ଗସ୍ତ କରିବାସହ ସ୍ଥାନୀୟ ସଂଗ୍ରାମୀ ଲକ୍ଷ୍ମୀଚନ୍ଦ୍ର ଦାସ ପ୍ରେସ୍ କ୍ଲବରେ ଶିକ୍ଷା ବିଭାଗର ଦୁର୍ନୀତିକୁ ନେଇ ଜନଶୁଣାଣି କରିଥିଲେ।

ଡିଇଓ ପ୍ରଦୀପ କୁମାର ନାଗ ଶିକ୍ଷକଙ୍କ ଡେପୁଟେଶନ, ଟ୍ରାନ୍ସଫର ନିୟମିତ କରିବାକୁ ଅର୍ଥ କାରବାର, ଶିକ୍ଷୟିତ୍ରୀଙ୍କୁ ମିଥ୍ୟା ଅଭିଯୋଗରେ ସସ୍‌ପେଣ୍ଡ କରିବା, ଜଣେ ଅସ୍ଥାୟୀ ମହିଳା କର୍ମଚାରୀଙ୍କ ମାଧ୍ୟମରେ ଟଙ୍କା ଆଦାୟ କରିବା, ଏରିୟର ବିଲ୍ ପାଇଁ ସିଧାସଳଖ ତାଙ୍କ ଆକାଉଣ୍ଟକୁ ଟଙ୍କା ନେଉଥିବା କେତେଜଣ ଶିକ୍ଷକ ଓ ଅନୁଷ୍ଠାନ ଅଭିଯୋଗ କରିଥିଲେ। ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା, କୋରାପୁଟ ଜିଲା ସଭାପତି ବରିଷ୍ଠ ଆଇନଜୀବୀ ଅଶୋକ ମିଶ୍ର, ରାୟଗଡ଼ା ଜିଲା ସଂଯୋଜକ ତଥା ବରିଷ୍ଠ ଖବରଦାତା ରାଧାକୃଷ୍ଣ ପଟ୍ଟନାୟକ, ନବରଙ୍ଗପୁର ଜିଲା ଆବାହକ ତଥା ଖବରଦାତା ଈଶ୍ୱର ରାଓ ଓ ଜିଲା ସମ୍ପାଦକ ତଥା ଆଦିବାସୀ ନେତା ଅର୍ଜୁନ ଭତ୍ରା, ଗୁଡାରି ବ୍ଲକ୍ ସଂଯୋଜକ ଗୌରୀଶଙ୍କର ମିଶ୍ର, ବୋରିଗୁମା ବ୍ଲକ ସଭାପତି ଖବରଦାତା ରବୀନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଜନଶୁଣାଣିରେ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ଖୁବ ଶୀଘ୍ର ଉକ୍ତ ତଥ୍ୟକୁ ଆଧାର କରି ରାଜ୍ୟ ସରକାର ଓ ଭିଜିଲାନ୍ସକୁ ପ୍ରଦାନ କରାଯିବ। ରାଜ୍ୟ ସରକାର ଏବେ ଡିଇଓଙ୍କୁ ବଦଳି କରିଛନ୍ତି। କିନ୍ତୁ ଘଟଣାର ତଦନ୍ତ କରିବାକୁ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏ ସବୁର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭ୍ରଷ୍ଟାଚାର ବିରୋଧୀ ସଂଗଠନ ଉଦ୍ୟମ କରିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ସଂକ୍ଷେପରେ

### ଶିକ୍ଷୟିତ୍ରୀଙ୍କ ବେକରୁ ଝାମ୍ପିନେଲେ ଚେନ୍

ରାୟଗଡ଼ା,୧୩।୩(ଆଶିଷ ରଞ୍ଜନ ପଣ୍ଡା)– ରାୟଗଡ଼ା ଜିଲାରେ ଦୁର୍ବୃତ୍ତଙ୍କ ଆତଙ୍କ ବଢ଼ିବାରେ ଲାଗିଛି। ବୁଧବାର ଦ୍ୱିପ୍ରହରରେ ୨ ଦୁର୍ବୃତ୍ତ ବାଇକ୍‌ରେ ଆସି ଜଣେ ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ୍ ଝାମ୍ପି ନେଇଛନ୍ତି। ଶେଷଖାଲ ଉଚ୍ଚବିଦ୍ୟାଳୟ କଳା ଶିକ୍ଷୟିତ୍ରୀ ରଶ୍ମିତା କୁମାରୀ ହୋତା ତାଙ୍କ ସ୍ୱାମୀ ଦେବେଶ ତ୍ରିପାଠୀଙ୍କ ସହ ନିଜ ସ୍କୁଟିରେ ଆସୁଥିବାବେଳେ ପିତମହଲ ଗାଁ ନିକଟ ବୁଲାଣିଠାରେ ବାଇକ୍‌ରେ ୨ ଜଣ ଯୁବକ ଆସି ତାଙ୍କ ବେକରୁ ସୁନାଚେନ୍ ଓ ମଙ୍ଗଳସୂତ୍ର ଟାଣି ନେଇଯାଇଛନ୍ତି। ଏହି ସମୟରେ ଉକ୍ତ ଶିକ୍ଷୟିତ୍ରୀ ଜଣକ ଗାଡ଼ିରୁ ପଡ଼ିଯିବା ଫଳରେ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଛି। ରକ୍ତାକ୍ତ ଅବସ୍ଥାରେ ରାୟଗଡ଼ା ଜିଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। ଲୁଟ୍ ସୁନା ଗହଣା ଓଜନ ପ୍ରାୟ ୪୦ ଗ୍ରାମ ହେବ। ଏହାର ଆନୁମାନିକ ମୂଲ୍ୟ ଅଢେଇ ଲକ୍ଷ ଟଙ୍କା ବୋଲି ଆକଳନ କରାଯାଇଛି। ଖବରପାଇ ପୋଲିସ ମେଡିକାଲରେ ପହଞ୍ଚି ଅନୁସନ୍ଧାନ କରିଥିଲେ। ଉକ୍ତ ରାସ୍ତାଟି ବର୍ତ୍ତମାନ ଦୁର୍ବୃତ୍ତଙ୍କ ପାଇଁ ଏକ ମୁଖ୍ୟ ରୁଟ୍ ପାଲଟିଥିବା ବେଳେ ଲଗାତର ଭାବେ ଚୋରି ଓ ଲୁଟ୍ ହେଉଛି। ତେଣୁ ପୋଲିସ ଏଥିପ୍ରତି ଗୁରୁତ୍ୱ ଦେଇ ପାଟ୍ରୋଲିଂ ବ୍ୟବସ୍ଥା କରାଯିବାକୁ ସାଧାରଣରେ ଦାବି ହୋଇଛି।

### ପଦ୍ମପୁରରେ ନୂଆ ବିଡିଓଙ୍କ ଯୋଗଦାନ

ପଦ୍ମପୁର, ୧୩।୩ (ପ୍ରଶାନ୍ତ କୁମାର କର)– ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ୍‌ରେ ନୂତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଭାବେ ଶିବପ୍ରସାଦ ପଟ୍ଟନାୟକ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏହାପୂର୍ବରୁ ସେ ମାଲକାନଗିରି ଜିଲା କୋରକୁଣ୍ଡା ବ୍ଲକରେ ବିଡିଓ ଭାବେ କାର୍ଯ୍ୟରତ ଥିଲେ। ପଦ୍ମପୁର ବିଡିଓ ସୁଜିତ୍ କୁମାର ମିଶ୍ରଙ୍କୁ ଅନୁରୂପ ଭାବେ ମାଲକାନଗିରି ଜିଲା କୋରକୁଣ୍ଡା ବ୍ଲକ୍‌କୁ ବିଡିଓ ଭାବେ ବଦଳି କରାଯାଇଛି। ଆଗକୁ ନିର୍ବାଚନ ଥିବାରୁ ପଦ୍ମପୁରର ଉନ୍ନତି ପାଇଁ ଦଳଗତ ନିର୍ବିଶେଷରେ ସମସ୍ତଙ୍କ ସହଯୋଗ ହେଲେ ବ୍ଲକର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିବ ବୋଲି ବିଡିଓ ପଟ୍ଟନାୟକ କହିଥିଲେ।

### ପଦ୍ମପୁରରେ ୩ ବାଇକ୍, ଦୋକାନରୁ ଚୋରି

ପଦ୍ମପୁର, ୧୩।୩ (ପ୍ରଶାନ୍ତ କୁମାର କର)–ରାୟଗଡ଼ା ଜିଲାର ପଦ୍ମପୁର ଅଞ୍ଚଳରେ ଦିନକୁ ଦିନ ଚୋରଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ମଙ୍ଗଳବାର ରାତିରେ ଦୁର୍ବଖିଲାପଦର ରାସ୍ତା ନିକଟରେ ଥିବା କେଶବନଗର ଅଞ୍ଚଳରେ ଗୋପୀନାଥ ପଣ୍ଡା ନାମକ ଜଣେ ବ୍ୟାବସାୟୀଙ୍କ ଦୋକାନର ଚାବି ଭାଙ୍ଗି ଟଙ୍କା ସହ କମ୍ପ୍ୟୁଟର ଚୋରି ହୋଇଛି। ସେହିପରି କେଶବନଗର ଅଞ୍ଚଳର ଇଜତ ମଲ୍ଲିଫୁଲ ନାମକ ବ୍ୟକ୍ତିଙ୍କ ବାଇକ, କ୍ଲାସିକ ଟାଇଲରଙ୍କ ବାଇକ, ଗୋପୀନାଥ ପଣ୍ଡାଙ୍କ ବାଇକ ଚୋରି ହୋଇଛି। ଖବରପାଇ ପଦ୍ମପୁର ଥାନା ଆଇଆଇସି ରଞ୍ଜନ କୁମାର ମାଝିଙ୍କ ସହ ରାୟଗଡ଼ାର ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଦୁର୍ବୃତ୍ତଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଛନ୍ତି। ତେବେ ରାତ୍ରିକାଳୀନ ପାଟ୍ରୋଲିଂ ହେଉଥିଲେ ମଧ୍ୟ ପୋଲିସ ଆଖିରେ ଧୂଳି ଦେଇ ଏଭଳି ଚୋରି କରିବା ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି।

# ରାସ୍ତା ନାହିଁ ତ ଭୋଟ ନାହିଁ

## ଏକାଠି ହେଲେ ୬ଖଣ୍ଡ ଗ୍ରାମର ବାସିନ୍ଦା

ରାୟଗଡ଼ା,୧୩।୩(ଆଶିଷ ରଞ୍ଜନ ପଣ୍ଡା)


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ପାଇଁ ଆସିଥିବା ଗ୍ରାମବାସୀ।

ଗ୍ରାମକୁ ପକ୍କା ରାସ୍ତା ନାହିଁ। ଫଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ କ୍ଷେତ୍ରରେ ଆଜି ବି ସେମାନେ ଅପହଞ୍ଚ ଅବସ୍ଥାରେ ରହିଛନ୍ତି । ରାସ୍ତା ଭଲ ନ ଥିବାରୁ ଦୁଇ ଚକିଆ ମୋଟରସାଇକେଲ ମଧ୍ୟ ଗାଁକୁ ଯାଇପାରୁନାହିଁ । ଏହି ୬ ଗ୍ରାମରେ ସ୍ୱାସ୍ଥ୍ୟ ସମସ୍ୟା ଉପୁଜିଲେ ଜରୁରୀକାଳିନ ସେବା ଆମ୍ବୁଲାନ୍ସ ମଧ୍ୟ ଗ୍ରାମରେ ପହଞ୍ଚି ପାରୁନାହିଁ। ଫଳରେ ଗର୍ଭବତୀ ଓ ରୋଗୀଙ୍କୁ ଖଟିଆରେ ବୁହା ହୋଇ ୬ରୁ ୭କିମି ନେବାକୁ ପଡୁଛି । ଗ୍ରାମକୁ ରାସ୍ତା ନିର୍ମାଣ ପାଇଁ ବାରମ୍ବାର ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ଜନପ୍ରତିନିଧି ସମସ୍ତଙ୍କୁ ଜଣାଇଥିଲେ ମଧ୍ୟ କେହି ଶୁଣିଲେନି। ଶେଷରେ ବୁଧବାର ଜିଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଶୁଣାଇଛନ୍ତି ଗୁଡ଼ାରୀ ବ୍ଲକର ୬ଟି ଗ୍ରାମର ଗ୍ରାମବାସୀ। ଗ୍ରାମକୁ ରାସ୍ତା ନିର୍ମାଣ ନ ହେଲେ ଭୋଟ ବର୍ଜନ କରିବେ ବୋଲି ବୁରୁଡ଼ି, ଦକେଡ଼ପାଙ୍ଗା, ବୁଡ଼ାକୁଷୁମ, ରାଡାମାହାଁ, କାଥିପାଙ୍ଗା ଓ ନାରେଙ୍ଗି ଗ୍ରାମବାସୀ କହିଛନ୍ତି । ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଅଭିଯୋଗ ଗ୍ରହଣ କରି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି ।

ଗୁଡ଼ାରୀ ବ୍ଲକର ଏହି ୬ଟି ଗ୍ରାମରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ଉକ୍ତ ୬ ଗ୍ରାମର ଲୋକେ ସଦର ମହକୁମା ଗୁଡ଼ାରି ସହରକୁ ସଂଯୋଗ ପାଇଁ ମାଟି ଓ ପାହାଡିଆ ରାସ୍ତା ଦେଇ ଯିବାଆସିବା କରିଥାନ୍ତି। ଫଳରେ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ଭୋଗୁଛନ୍ତି । ରାସ୍ତାରେ ମାଟି ଭରି ରହିଥିବାରୁ ବର୍ଷା ଦିନରେ ଚାଲି ଚାଲି ଯିବା ମଧ୍ୟ କଷ୍ଟକର ହୋଇପଡୁଛି ବୋଲି ଗ୍ରାମବାସୀ କହିଛନ୍ତି । ତେଣୁ ଖଇରାଗୁଡ଼ା ଛକଠାରୁ ବୁରୁଡ଼ି ପର୍ଯ୍ୟନ୍ତ ୬କିମି ରାସ୍ତା ନିର୍ମାଣ, ବୁରୁଡ଼ିଠାରୁ ରାଡାମାହା ପର୍ଯ୍ୟନ୍ତ ୨କିମି, ବୁରୁଡ଼ିଠାରୁ ମଶାଇଦେଇ ରାଡାମାହା ଏବଂ ନାରେଙ୍ଗି ପର୍ଯ୍ୟନ୍ତ ୪କିମି ରାସ୍ତା ନିର୍ମାଣ ଏବଂ ବୁରୁଡ଼ିଠାରୁ ଲଦିଗୁଡ଼ା ଦେଇ ସାକାରାବାଜୁ ଗ୍ରାମ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କରିବାକୁ ଗ୍ରାମବାସୀ ଲିଖିତ ଭାବେ ଜିଲାପାଳଙ୍କୁ ଜଣାଇଛନ୍ତି । ଯଦି ନିର୍ବାଚନ ପୂର୍ବରୁ ଏହି ଗ୍ରାମଗୁଡ଼ିକୁ ରାସ୍ତା ନିର୍ମାଣ କରା ନ ଯାଏ ତେବେ ଗ୍ରାମବାସୀ ସମୂହ ଭାବେ ଆଗାମୀ ନିର୍ବାଚନରେ ଭୋଟ ବର୍ଜନ କରିବେ ବୋଲି ଚେତାବନୀ ଦେଇଛନ୍ତି ।

# ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଜେକେପୁର,୧୩।୩(ନିଧି ଗାଣ୍ଡେଚା)

ଜେକେ ପେପର ମିଲ୍ ପରିସରରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ୫୩ତମ ଜାତୀୟ ସୁରକ୍ଷା ସପ୍ତାହ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ କାରଖାନା ଓ ବାଷ୍ପିତ୍ର ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଚିତ୍ତରଞ୍ଜନ ବେଉରା ଓ ଜେକେ ପେପର ମିଲ୍‌ର ବରିଷ୍ଠ ମହାପ୍ରବନ୍ଧକ ଆର୍.କେ.ଏମ୍. ରଏ ସୁରକ୍ଷା ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିରେ କମ୍ପାନୀ କର୍ମଚାରୀ ଓ ଆଖପାଖର ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିସହ କମ୍ପାନୀ କର୍ମଚାରୀ ଓ କଲୋନିର ମହିଳାଙ୍କୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଓ ତାଲିମ ପ୍ରଦାନ କରାଯାଇଥିଲା ।

ସୁରକ୍ଷା ସପ୍ତାହ ସମାପନ ସମାରୋହରେ ଜେକେ ପେପର ମିଲ୍‌ର ବରିଷ୍ଠ ମହାପ୍ରବନ୍ଧକ ଆର୍.କେ.ଏମ୍. ରଏ, ଜି.ଏସ୍. ପଟ୍ଟନାୟକ ଓ ସନ୍ଦୀପ ପାଣ୍ଡେ ନିଜ ବକ୍ତବ୍ୟରେ କାରଖାନାରେ ୨୦୨୨ ଓ ୨୦୨୩ରେ କୌଣସି ଦୁର୍ଘଟଣା ଘଟି ନ ଥିବାରୁ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଥିଲା । ଏହି ଅବସରରେ କର୍ମଚାରୀଙ୍କ ଦ୍ୱାରା ଏକ ସୁନ୍ଦର ସୁରକ୍ଷା ନାଟକ ପରିବେଷଣ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତକରି ସୁରକ୍ଷାକୁ ପ୍ରାଥମିକତା ଦେବାପାଇଁ ସମସ୍ତଙ୍କୁ ଉତ୍ସାହିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସତ୍ୟଜିତ ମହାନ୍ତି, ମହାପ୍ରବନ୍ଧକ (ଇଏଚ୍‌ଏସ୍) ପରିଚାଳନା କରିଥିଲେ । ସୁରକ୍ଷା ବିଭାଗ ତରଫରୁ ବରିଷ୍ଠ ପ୍ରବନ୍ଧକ ରମାରଞ୍ଜନ ବିଶ୍ୱାଳ କାର୍ଯ୍ୟକ୍ରମର ସମସ୍ତ ସହଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ନିର୍ବାଚନ ପାଇଁ ପୋଲିଂ ଅଧିକାରୀଙ୍କୁ ତାଲିମ


ଜିଲାପାଳ ମନୋଜ ମହାଜନ ନିର୍ବାଚନ ସୁଚାରୁ ରୂପେ ପରିଚାଳନା ପାଇଁ ତାଲିମ ଦେଉଛନ୍ତି ।

ରାୟଗଡ଼ା,୧୩।୩(ଆଶିଷ ରଞ୍ଜନ ପଣ୍ଡା)

ଆଗାମୀ ସାଧାରଣ ନିର୍ବାଚନ ନିମନ୍ତେ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ରାୟଗଡ଼ା ମହାବିଦ୍ୟାଳୟର ୮ଟି କକ୍ଷରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ମନୋଜ ସତ୍ୟବାନ୍ ମହାଜନଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ କହଁର, ଉପଜିଲାପାଳ କଲ୍ୟାଣୀ ସଂଘମିତ୍ରା ଦେବୀ, ଗୁଣପୁର ଉପଜିଲାପାଳ କିରଣଦୀପ କୌର ପ୍ରମୁଖ ଉପସ୍ଥିତ ରହି ତାଲିମ କାର୍ଯ୍ୟକ୍ରମ ତଦାରଖ କରିଥିଲେ। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶଲ କେନ୍ଦ୍ରରୁ ବୁଥ ପର୍ଯ୍ୟନ୍ତ ଯିବେ, ବୁଥ୍‌ରେ କେଉଁ ଅଧିକାରୀଙ୍କ କ'ଣ କାର୍ଯ୍ୟ ସେ ନେଇ ତାଲିମଦାତା ବୁଝାଇଥିଲେ। ଶାନ୍ତିଶୃଙ୍ଖଳା ସହ ଭୋଟଦାନ ପ୍ରକ୍ରିୟା କିପରି କରିପାରିବେ, ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ କରି ପ୍ରତି ୨ଘଣ୍ଟାକୁ ଥରେ ସୂଚନା ଦେବାକୁ ତାଲିମ ଦେଇଥିଲେ। ଇଭିଏମ୍, ଭିଭିପିଏଟି କିପରି ସଂଯୋଗ କରିବେ, କଂଟ୍ରୋଲ ୟୁନିଟ୍‌ର କାର୍ଯ୍ୟ ଆଦି ସମ୍ପର୍କରେ ସୂଚନା ଦେଇଥିଲେ । ପ୍ରତ୍ୟେକ ପୋଲିଂ ଅଧିକାରୀ ନିଜ ନିଜ କର୍ତ୍ତବ୍ୟ ସମ୍ପାଦନ କରିବାରେ ସଫଳ ହେଲେ ହିଁ ଗଣତନ୍ତ୍ରର ପବିତ୍ର କାର୍ଯ୍ୟ ନିର୍ବାଚନ ସଫଳ ହୋଇପାରିବ ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ ।

# ୯୨ ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ

ରାୟଗଡ଼ା,୧୩।୩(ଆଶିଷ ରଞ୍ଜନ ପଣ୍ଡା)

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଭାରତୀୟ ରେଲୱେ ଅର୍ଥ ନିଗମ ସଂସ୍ଥା ଆଲିମ୍‌କୋ ଦ୍ୱାରା ରାୟଗଡ଼ା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୯୨ଜଣ ଦିବ୍ୟାଙ୍ଗଙ୍କୁ ସେମାନଙ୍କ ସୁବିଧା ପାଇଁ ୨୨ଟି ବ୍ୟାଟେରିଚାଳିତ ଟ୍ରାଇ ସାଇକେଲ, ୩ଟି ସିପି ହୁଇଲ ଚେୟାର, ୪୬ଟି ଆଶାବାଡ଼ି, ଗୋଟିଏ ବ୍ରେଲିକିଟ୍, ୬ଟି ଆଧୁନିକ ଶ୍ରବଣ ଯନ୍ତ୍ର, ୪୨ଟି ଟ୍ରାଇସାଇକେଲ, ୧୫ଟି ହୁଇଲ ଚେୟାର, ୪ଟି ସ୍ମାର୍ଟ ଫୋନ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମନ୍ତ୍ରୀ ଜଗନ୍ନାଥ ସାରକା, ସମ୍ମାନିତ ଅତିଥି ରୂପେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବ୍ଲକ ଅଧକ୍ଷା ଚୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, ରାୟଗଡ଼ା ପୌର ପରିଷଦ ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ରାୟଗଡ଼ା ଭିନ୍ନକ୍ଷମ ମହାସଂଘ ସମ୍ପାଦକ ଅମରେନ୍ଦ୍ର ନାଥ, ଓଡ଼ିଶା ବିକଳାଙ୍ଗ ମଞ୍ଚ ସମ୍ପାଦକ ଜଳନ୍ଧର ବାଚେଲୀ ସଭାରେ ଉପସ୍ଥିତ ଥିଲେ। ସଭାକୁ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ ଓ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ପରିଚାଳନା କରିଥିଲେ।

# ଜଙ୍ଗଲ ନିଆଁ ରୋକିବାକୁ ସଚେତନତା

ଚନ୍ଦ୍ରପୁର, ୧୩।୩ (ବିଜୟ ପ୍ରସାଦ ଉଲାକା)




ଚନ୍ଦ୍ରପୁର ବ୍ଲକର ହନୁମନ୍ତପୁର ପଞ୍ଚାୟତ ଅଧୀନ ମକାନଗୁଡ଼ି ଗ୍ରାମରେ ଜଙ୍ଗଲ ନିଆଁର ପ୍ରତିରୋଧ ଓ ପ୍ରତିକାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁନିଗୁଡା ବନାଞ୍ଚଳ ଓ ରାୟଗଡା ବନଖଣ୍ଡର ସହଯୋଗକ୍ରମେ ଡ଼ାଙ୍ଗସୋରଡ଼ା ଫରେଷ୍ଟ ସେକ୍ସନ ତରଫରୁ ବୁଧବାର ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଜଙ୍ଗଲ ସୁରକ୍ଷା, ଜଙ୍ଗଲ ନିଆଁରୁ ରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା, ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ମୁନିଗୁଡା ଉପଖଣ୍ଡର ବନାଞ୍ଚଳ ଅଧିକାରୀ ଅନିଲ କୁମାର ବାଲା ଯୋଗଦେଇ ଜଙ୍ଗଲ ଓ ପରିବେଷ ସୁରକ୍ଷା ସମ୍ପର୍କରେ ବକ୍ତ୍ୟବ୍ୟ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ମୁନିଗୁଡା ପରିବେଶବିତ୍ ଗୌରାଙ୍ଗ ଚରଣ ରାଉତ ଯୋଗଦେଇ ବନ ସୁରକ୍ଷା ସମିତିର ସଭ୍ୟମାନେ ସଚେତନ ହୋଇ ଜଙ୍ଗଲ ଓ ବନ୍ୟପ୍ରାଣୀର ସୁରକ୍ଷା ନେଇ ଅଞ୍ଚଳବାସୀଙ୍କୁ ପରାମର୍ଶ ଦେଇଥିଲେ । ହନୁମନ୍ତପୁର ସରପଞ୍ଚ ନୀଳମାଇ ଦିବାକା, ଚନ୍ଦ୍ରପୁର ବନପାଳ ଅଶ୍ୱିନି କରକରିଆ, ଡାଙ୍ଗସୋରଡ଼ା ବନପାଳ ଘାଷି ମାଝୀ, ବନରକ୍ଷୀ ଗୀତାଞ୍ଜଳି ବଡ଼ଜେନା, ଜ୍ୟୋତିର୍ମୟୀ ଭୋଇ, ରମାକାନ୍ତ ଦାସ, ବିଘ୍ନରାଜ ମିଶ୍ର, ବିଜୟ ଉଲାକାଙ୍କ ସହ ଆଖପାଖ ଗ୍ରାମରୁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଉପସ୍ଥିତ ଥିଲେ। ଆମ ଜଙ୍ଗଲ ଯୋଜନାର ଟିମ ଲିଡର ବିଘ୍ନରାଜ ମିଶ୍ର ମଞ୍ଚ ପରିଚାଳନା କରିଥିଲେ।

# ଡଙ୍ଗରିଆ କନ୍ଧଙ୍କୁ ସେନାରେ ଭର୍ତ୍ତି ପାଇଁ ପରାମର୍ଶ ଶିବିର

ବିଷମ କଟକ,୧୩।୩ (ବିଭୁତି ଭୂଷଣ ନାୟକ)



ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିରରେ ଉପସ୍ଥିତ ଅଧିକାରୀ ଓ ଯୁବତୀ ଯୁବକ।

ଡଙ୍ଗରିଆ କନ୍ଧ ଯୁବତୀଯୁବକଙ୍କ ନିମନ୍ତେ ସ୍ୱତନ୍ତ୍ର ଭାବେ ପ୍ରଥମ ଥର ପାଇଁ ଭାରତୀୟ ସ୍ଥଳ ସେନା–ଅଗ୍ନିବୀର ପଦବୀ ନିମନ୍ତେ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଚାଟିକୋଣାଠାରେ ଆୟୋଜିତ ହୋଇଯାଇଛି। ଜିଲା କର୍ମ ନିୟୋଜନ ଓ କୁଶଳ ଉନ୍ନୟନ ବିଭାଗ ସହଯୋଗରେ ଓପିଲିପି, ଡଙ୍ଗରିଆ କନ୍ଧ ଉନ୍ନୟନ ସଂସ୍ଥା ତରଫରୁ ଉକ୍ତ ଶିବିରରେ ମୋଟ ୬୧ ଜଣ ଯୁବତୀ ଯୁବକ ଅଂଶ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଗୋପାଳପୁରସ୍ଥିତ ଆର୍ମି ନିଯୁକ୍ତି କାର୍ଯ୍ୟାଳୟର ନିର୍ଦ୍ଦେଶକ କର୍ଣ୍ଣେଲ ଆନନ୍ଦ ତନ୍ତୀ, ଜିଲା କର୍ମ ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଡିକେଡିଏର ସ୍ୱତନ୍ତ୍ର ଅଧିକାରୀ ଜଗତ ଜୀବନ ବଗର୍ତ୍ତି, ସରପଞ୍ଚ ସୁବାରଦିନି ୱାଡ଼କା, ସୁବେଦାର ମନୋଜ ଦୀକ୍ଷିତ ଓ ହାବିଲଦାର ମ. ତ୍ରିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି କର୍ଣ୍ଣେଲ ଆନନ୍ଦ ତନ୍ତୀ ନିଜ ଅଭିଭାଷଣରେ ଅଗ୍ନିବୀର ସମ୍ପର୍କରେ ବୁଝାଇବା ସହ ଦେଶ ମାତୃକାର ସେବା କରିବା ଲାଗି ଆଗକୁ ବଢ଼ିବାକୁ ଯୁବକ ଯୁବତୀଙ୍କୁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସୁଦର୍ଶନ ପାଢ଼ୀ ପରିଚାଳନା କରିଥିଲେ।

# ସରିଲା ନାମାଙ୍କନପତ୍ର ଦାଖଲ, ସଭାପତି ପାଇଁ ୩ ପ୍ରାର୍ଥୀ

## ଗୁଣପୁର ଓକିଲ ସଂଘ ନିର୍ବାଚନ

ଗୁଣପୁର,୧୩।୩
(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର ଓକିଲ ସଂଘର ନିର୍ବାଚନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ୨ ଦିନ ଧରି ଚାଲୁ ରହିଥିବା ନାମାଙ୍କନପତ୍ର ଦାଖଲ ମଙ୍ଗଳବାର ସରିଛି। ସଭାପତି ପଦ ପାଇଁ ୩ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସୋମବାର ସଭାପତି ପଦ ପାଇଁ ଗୌରୀ ଶଙ୍କର ଦାସ, ଦେବୀ ପ୍ରସାଦ ଆଚାର୍ଯ୍ୟ ନାମାଙ୍କନପତ୍ର ଦାଖଲ କରିଥିବାବେଳେ ମଙ୍ଗଳବାର ରାଜେନ୍ଦ୍ର ପ୍ରସାଦ ପାଢୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିଭଳି ଉପ ସଭାପତି ପାଇଁ ସୋମବାର ଗଣେଶ ସାହୁ ଓ ଆର୍.ଡି.ମିଶ୍ର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ମଙ୍ଗଳବାର ପ୍ରଶାନ୍ତ ପଟ୍ଟନାୟକ, ସରୋଜ ପାଣିଗ୍ରାହୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସମ୍ପାଦକ ପାଇଁ ଇନ୍ଦ୍ରାକ୍ଷୀ ପ୍ରସାଦ ଦାସ ଓ ଗୋବିନ୍ଦ ଚନ୍ଦ୍ର ସାହୁ ନାମାଙ୍କନ ପତ୍ର ଦାଖଲ କରିଥିବା ନିର୍ବାଚନ ଅଧିକାରୀ ମନୋଜ ରତ୍ନାଲୁ ସୂଚନା ଦେଇଛନ୍ତି। ସେହିପରି ୨ଟି ପଦ ଯଥା ଯୁଗ୍ମ ସମ୍ପାଦକ ପାଇଁ ସୁରଜ ପାତ୍ର ଏବଂ କୋଷାଧ୍ୟକ୍ଷ ପାଇଁ କୈଳାସ ଶବର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବୁଧବାର ନାମାଙ୍କନ ପତ୍ର ଦାଖଲ କରିଥିବା ପ୍ରାର୍ଥୀଙ୍କ ନାମ ଘୋଷଣା, ୧୪ରେ ନାମାଙ୍କନ ପତ୍ର ଯାଞ୍ଚ, ୧୫ରେ କାଏମ ନାମାଙ୍କନ ପତ୍ର ପ୍ରକାଶ, ୧୬ରେ ନାମାଙ୍କନ ପତ୍ର ପ୍ରତ୍ୟାହାର ଏବଂ ୧୮ରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ। ୩୦ ତାରିଖ ସକାଳ ୮ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ମତଦାନ ହେବ, ଅପରାହ୍ନ ୪ରୁ ଭୋଟ ଗଣତି ଏବଂ ଶେଷରେ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବା ପାଇଁ ନିର୍ବାଚନ କାର୍ଯ୍ୟସୂଚୀ ରହିଛି।

# ଥେରୁବାଲିକୁ ହରାଇ ଚନ୍ଦନ–୧୧ ଚାମ୍ପିୟନ

## ଗୁଣ୍ଡିଚାନଗର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

ମୁନିଗୁଡା,୧୩।୩ (ନନ୍ଦ କିଶୋର ପଟ୍ଟନାୟକ)



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ମୁନିଗୁଡ଼ା ଭୈରବୀ ମନ୍ଦିର ସମ୍ମୁଖ ପଡିଆରେ ଦ୍ୱିତୀୟ ଗୁଣ୍ଡିଚା ନଗର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଗୁଣ୍ଡିଚା ନଗର କ୍ରିକେଟ କ୍ଲବର ସଭାପତି ଆର୍.ରଞ୍ଜନ ମଲ୍ଲିକ, ସମ୍ପାଦକ ପଞ୍ଚାନନ ସାହୁ ଓ ମନ୍ମଥ ରାଉତଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଚନ୍ଦନ–୧୧ ଓ ଥେରୁବାଲି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଚନ୍ଦନ–୧୧ ଦଳ ଚାମ୍ପିୟନ ହୋଇଛି ।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିଥି ଭାବେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା, ବିଏସ୍‌କେୱାଇ ରାଜ୍ୟ ଉପଦେଷ୍ଟା ସୁଧୀର କୁମାର ଦାସ, ମୁନିଗୁଡା ବିଜେଡି ବ୍ଲକ ସଭାପତି ରତନ ଲାଲ ଜୈନ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗୌଡ଼, ମୁନିଗୁଡା କ୍ରିକେଟ ଆସୋସିଏନର ସଭାପତି ତଥା ପ୍ରେସ୍ କ୍ଲବର ସମ୍ପାଦକ ନନ୍ଦକିଶୋର ପଟ୍ଟନାୟକ, ବିଜେଡି ଯୁବ ବ୍ଲକ ସଭାପତି ସୀମାଞ୍ଚଳ ଦାସ, ଅଶ୍ୱିନୀ ବେହେରା, ବୃନ୍ଦାବନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହି ଚାମ୍ପିୟନ ଚନ୍ଦନ–୧୧ ଦଳକୁ ଟ୍ରଫି ସହ ୫୦ ହଜାର ଟଙ୍କା ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ୩୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ । ସେହିପରି ଫାଇନାଲରେ ମ୍ୟାନ୍ ଅଫ ମ୍ୟାଚ ଭାବେ ସରୋଜ, କ୍ୟାଚ ଅଫ୍ ମ୍ୟାଚ ମହେନ୍ଦ୍ର ଓ ଶ୍ରେଷ୍ଠ ବ୍ୟାଟ୍ସମାନେ ଭାବେ ପ୍ରବୀଣ ମଲ୍ଲିକ, ମ୍ୟାନ୍ ଅଫ୍ ସିରିଜ ମହେନ୍ଦ୍ର, ଶ୍ରେଷ୍ଠ ଉଇକେଟ ରକ୍ଷକ ଶଙ୍କର, ଶ୍ରେଷ୍ଠ ବୋଲର ବୁଲୁ ବାରିକ, ଶ୍ରେଷ୍ଠ ଫିଲ୍‌ଡର ରାକେଶଙ୍କୁ ଚୟନ କରାଯାଇ ଟ୍ରଫି ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଅମ୍ପାୟର ଭାବେ ତୁଫାନ ମାଝି ଓ ଆଶିଷ ଟୁକୁଲୁ ପରିଚାଳନା କରିଥିଲେ। ଯୁବ କମେଣ୍ଟେଟର ସ୍ୱାଗତ ସୌମ୍ୟ ଲେଙ୍କା ଓ ଆଶିଷ ପାତ୍ର କମେଣ୍ଟ୍ରି କରିଥିଲେ।

# ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା ଦାବି

ରାୟଗଡ଼ା,୧୩।୩
(ଆଶିଷ ରଞ୍ଜନ ପଣ୍ଡା)


ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଦାବିପତ୍ର ଗ୍ରହଣ କରୁଛନ୍ତି ।

ଆଗାମୀ ସାଧାରଣ ନିର୍ବାଚନରେ ଶତ ପ୍ରତିଶତ ମତଦାନ ପାଇଁ ନିର୍ବାଚନ କମିଶନ ବିଭିନ୍ନ ଉପାୟରେ ଲୋକଙ୍କୁ ସଚେତନ କରାଇବା ପାଇଁ ପ୍ରୟାସ ଜାରି ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ସକ୍ଷମ ତରଫରୁ ଦିବ୍ୟାଙ୍ଗଙ୍କ ପାଇଁ ମତଦାନ କେନ୍ଦ୍ରରେ ସ୍ୱତନ୍ତ୍ର ସୁଯୋଗ ଏବଂ ସୁବିଧା ପାଇଁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ମାଧ୍ୟମରେ ଉପସ୍ଥାପନ କରାଯାଇଛି । ସକ୍ଷମର ରାଜ୍ୟ ସଂରକ୍ଷକ ଡ. ବାଦଲ କୁମାର ତା ଏବଂ ରାଜ୍ୟ ସଚିବ ଶ୍ୟାମ କୁମାର ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଜରିଆରେ ଦାବିପତ୍ର ଦେଇଛନ୍ତି। ଉକ୍ତ ଦାବିପତ୍ରରେ ସାଧାରଣ ନିର୍ବାଚନରେ ମତଦାନ ପାଇଁ ଯୋଗ୍ୟ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନେ ନିର୍ବାଚନ ସମୟରେ ବୁଥ୍‌ରେ ପହଞ୍ଚି ମତଦାନ କରିପାରିବେ ତାର ସରକାରୀ ବ୍ୟବସ୍ଥା କରାଇବା, ବୁଥ୍‌ମାନଙ୍କରେ ହୁଇଲଚେୟାର, ଆଶାବାଡି ଏବଂ ଅନ୍ୟ ଆବଶ୍ୟକ ଉପକରଣ ବ୍ୟବସ୍ଥା କରିବାକୁ ଦାବି ହୋଇଛି। ସେହିପରି ଦିବ୍ୟାଙ୍ଗମାନେ ସୁବିଧାରେ ମତଦାନ କରିପାରିବେ ତାହାର ବ୍ୟବସ୍ଥା କରାଇବା ସହିତ ସେମାନଙ୍କୁ ଗାଇଡ କରିବା ପାଇଁ ତାଲିମପ୍ରାପ୍ତ କର୍ମଚାରୀ ରଖିବା ଓ ମତଦାନ କେନ୍ଦ୍ରରେ ଦିବ୍ୟାଙ୍ଗମାନେ ଠିକ ଭାବେ ମତଦାନ କରିବେ ତାର ତଦାରଖ ପାଇଁ ଦିବ୍ୟାଙ୍ଗ ସେବାରେ କାମ କରୁଥିବା ଦିବ୍ୟାଙ୍ଗଙ୍କୁ ପ୍ରାଧିକରଣ ପତ୍ର ଦେବା ଦାବି କରାଯାଇଛି । ଜିଲାରେ ଗଠିତ ହେଉଥିବା ନିର୍ବାଚନ କମିଟିରେ ଦିବ୍ୟାଙ୍ଗମାନଙ୍କୁ ସଭ୍ୟ ରୂପେ ଗ୍ରହଣ କରିବା, ପୋଲିଂ ବୁଥରେ ଦିବ୍ୟାଙ୍ଗଙ୍କ ନେତୃବୃନ୍ଦଙ୍କୁ ଠିକ୍ ଭାବେ ଭୋଟ ପ୍ରକ୍ରିୟା ଚାଲିଛି ନାଁ ନାହିଁ ତାହା ତଦାରଖ କରିବାକୁ ପ୍ରଶାସନ ତରଫରୁ ପରିଚୟ ପତ୍ର ପ୍ରଦାନ କରିବା ଦାବି ଉପସ୍ଥାପନ କରାଯାଇଛି । ଉକ୍ତ ଦାବିପତ୍ର ଦେବା ସମୟରେ ସକ୍ଷମର ରାଜ୍ୟ ଉପସଭାପତି ରାମଚନ୍ଦ୍ର ସାହୁ, ସେବା ଭାରତୀର ଜିଲା ସମ୍ପାଦକ ବିଦ୍ୟା ଭୂଷଣ ପଣ୍ଡା, ଓଡିଶା ବିକଳାଙ୍ଗ ମଞ୍ଚର ରାୟଗଡା ଜିଲା ସମ୍ପାଦକ ଜଳେନ୍ଦ୍ର ବାଚେଲି, ଦିବ୍ୟାଙ୍ଗ ମିତ୍ରମାନଙ୍କ ମଧ୍ୟରେ ଅଜୟ ରଥ ଓ ବିଜୟ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ୭୧୩୬ ପୋଲିଂ, ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ



ନବରଙ୍ଗପୁର,୧୩।୩(ସଦାଶିବ ପ୍ରହରାଜ)

୨୦୨୪ ସାଧାରଣ ନିର୍ବାଚନକୁ ସୁଚାରୁରୂପେ ତୁଲାଇବା ନିମନ୍ତେ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ମାର୍ଚ୍ଚ ୧୨ରୁ ଆରମ୍ଭ ହୋଇଛି। ଏହା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାକୁ ସୁଚାରୁରୂପେ ପରିଚାଳନା କରିବା ପାଇଁ ପ୍ରଥମ ପର୍ଯ୍ୟାୟରେ ନବରଙ୍ଗପୁର ରାଜା ଚୈତନ୍ୟ ଦେବ ନୋଡାଲ ସରକାରୀ ଉଚ୍ଚବିଦ୍ୟାଳୟ, ଭୈରବ ଡିଗ୍ରୀ କଲେଜ,ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟ ଡାବୁଗାଁ, ନୋଡାଲ ଏସ୍‌ଏସ୍ ସରକାରୀ ଉଚ୍ଚବିଦ୍ୟାଳୟ ଉମରକୋଟ, ପାନାବେଡ଼ା ଡିଗ୍ରୀ କଲେଜ ଚନ୍ଦାହାଣ୍ଡି, ପାନାବେଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଚନ୍ଦାହାଣ୍ଡିରେ ତାଲିମ ଦିଆଯାଉଛି। ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ କମଳ ଲୋଚନ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ତାଲିମ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ(ସାଧାରଣ) ମହେଶ୍ୱର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ନବୀନ ଚନ୍ଦ୍ର ନାୟକ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲାପରିଷଦ ବିରଞ୍ଚି ନାରାୟଣ ଦରୱାନ, ଉପଜିଲାପାଳ ପ୍ରକାଶ କୁମାର ମିଶ୍ର, ଡେପୁଟି କଲେକ୍ଟର ନିର୍ବାଚନ ବିଭାଗ ପି.ମନସ୍ୱିତା, ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ତାଲିମ ଦେଉଛନ୍ତି। ଶିବିରରେ ଜିଲାର ୭୧୩୬ ଜଣ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ ଦିଆଯାଉଛି। ପୋଲିଂ ଅଧିକାରୀମାନେ କିପରି ବ୍ୟବସ୍ଥିତ ଭାବେ ଡିସ୍ପର୍ଶଲ କେନ୍ଦ୍ରରୁ ବୁଥ୍ ପର୍ଯ୍ୟନ୍ତ ଯିବେ, ବୁଥ୍‌ରେ କେଉଁ ଅଧିକାରୀଙ୍କ କଣ କାର୍ଯ୍ୟ ତାହା ବୁଝାଇ ଥିଲେ। ଶୃଙ୍ଖଳାର ସହ ଭୋଟଦାନ ପ୍ରକ୍ରିୟା, ସେକ୍ଟର ଅଧିକାରୀଙ୍କ ସହ ଯୋଗାଯୋଗ ରଖି ସୂଚନା ଦେବାକୁ ତାଲିମ ଦିଆଯାଇଛି। ଇଭିଏମ, ଭିଭିପିଏଟି ସଂଯୋଗ, କଣ୍ଟ୍ରୋଲ ୟୁନିଟ୍ କାର୍ଯ୍ୟ ଆଦିର ସୂଚନା ଦେଇଥିଲେ। ପୋଲିଂ ଅଧିକାରୀ ନିଜ ଦାୟିତ୍ୱ ତୁଲାଇବାକୁ ଜିଲାପାଳ ପରାମର୍ଶ ଦେଇଥିଲେ।

# ଅଞ୍ଚଳରେ କ୍ରୀଡ଼ାର ବିକାଶ ହେବ: ବିଧାୟକ

ଜୟପୁର,୧୩।୩(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ଫୁଲବାଡ଼ ନିକଟରେ ଇଣ୍ଟିଗ୍ରେଟେଡ୍ କ୍ରୀଡ଼ା କମ୍ପ୍ଲେକ୍ସକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ଲୋକାର୍ପଣ କରିଛନ୍ତି। ଏହି ଉପଲକ୍ଷେ ଜୟପୁର ଫୁଲବାଡ଼ରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, କୋରାପୁଟ ଜିଲାପାଳ ଭି.କୀର୍ତ୍ତି ଭାସନ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି, କୋରାପୁଟ ବିଧାୟକ ରଘୁରାମ ପଡ଼ାଲ, ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନି, କୋଟପାଡ଼ ବିଧାୟକ ପଦ୍ମିନୀ ଦିଆନ, ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ରଶେଖର ମାଝି, କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ବିଜେଡି ଜିଲା ସଭାପତି ଝିନ ହିକ୍କା, ଜିଲା କ୍ରୀଡ଼ାଧିକାରୀ ଜ୍ଞାନଜିତ ତ୍ରିପାଠୀ, ଜୟପୁର ଉପଜିଲାପାଳ ପ୍ରଭାତ ପରିଡ଼ା, ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ, ବିଡିଓ ଶକ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୧୨ ଏକର ଜମି ଓ ୪୦ କୋଟି ଟଙ୍କା ବିନିମୟରେ ଏହି କ୍ରୀଡ଼ା କମ୍ପ୍ଲେକ୍ସ ନିର୍ମାଣ କରାଯାଇଛି। ୨୦୧୯ରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ଏଠାରେ ଫୁଟ୍‌ବଲ ପଡ଼ିଆ, ସୁଇମିଂ ପୁଲ୍, ଟେନିସ କୋର୍ଟ, ବାସ୍କେଟ ବଲ ପଡ଼ିଆ, ଖେଳାଳି ରହିବା ପାଇ ହଷ୍ଟେଲ, ଇନ୍‌ଡୋର ଜିମ୍‌ନାଷ୍ଟିକ ଆଦି ରହିଛି। ଏହି କ୍ରୀଡ଼ା କମ୍ପ୍ଲେକ୍ସ ଲୋକାର୍ପଣ ହେବାପରେ ଅଞ୍ଚଳର କ୍ରୀଡ଼ାର ବିକାଶ ହେବ ବୋଲି ବିଧାୟକ ବାହିନୀପତି ସୂଚନା ଦେଇଛନ୍ତି।

## ଜୟପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଲୋକାର୍ପିତ



ଜୟପୁରରେ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଉଦ୍‌ଘାଟନ ଅବସରରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟ ଅତିଥିମାନେ।

# ଜୟପୁର ବସ୍‌ଷ୍ଟାଣ୍ଡ ଲୋକାର୍ପିତ

ଜୟପୁର ୧୩।୩(ପବନ ପାଣିଗ୍ରାହୀ)

ରାଜ୍ୟ ପରିବହନ ନିଗମ ଅଧୀନରେ ଥିବା ଜୟପୁର ଜୋନ୍‌ରେ ଏକ ନୂତନ ବସ୍‌ଷ୍ଟାଣ୍ଡକୁ ବୁଧବାର କ୍ରୀଡା ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ଅନ୍ୟମାନେ ଭର୍ଚ୍ଚୁଆଲରେ ଲୋକାର୍ପଣ କରିଛନ୍ତି। ଜୟପୁରରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ କୋରାପୁଟ ଜିଲାପାଳ ଭି.କିର୍ତ୍ତି ଭାସନ, ଜିଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକା, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, କୋରାପୁଟ ବିଧାୟକ ରଘୁ ରାମ ପଡାଲ, କୋଟପାଡ ବିଧାୟିକା ପଦ୍ମିନି ଦିଆନ, ଏସ୍‌ଡିସି ଅଧ୍ୟକ୍ଷ ଚନ୍ଦ୍ର ଶେଖର ମାଝି,କେସିସି ବ୍ୟାଙ୍କ ସଭାପତି ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ପୌର ନିବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ଓ ବିଡିଓ ଶକ୍ତି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଏସ୍‌ଆରଟିସିର ଏହି ବସ୍‌ଷ୍ଟାଣ୍ଡ ପାଇଁ ୨୦୧୬ ଡିସେମ୍ବର ୨୨ରେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାରଙ୍କ ଜୟପୁର ଖ୍ରୀଷ୍ଟିଆନପେଟାରେ ଥିବା ନିଗମର ୮ ଏକର ଜମିରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇଛି। ଏହା ଭିତରେ ଏକ୍ସପ୍ରେସ୍ ଓ ଲୋକାଲ ବସ୍ ପାଇଁ ସ୍ୱତନ୍ତ୍ର ଗ୍ୟାଟ, ସୂଚନା କେନ୍ଦ୍ର, ଟିକେଟ କାଉଣ୍ଟର, ଘରୋଇ ବସ୍ ମିଲକ ସଂଘ କାର୍ଯ୍ୟାଳୟ, ପୋଲିସ ଆଉଟ ପୋଷ୍ଟ, ଭିଆଇପି ଗେଷ୍ଟ ରୁମ, ରେଷ୍ଟୁରାଣ୍ଟ, ୩ ବସ୍ ପାର୍କିଂ ସ୍ଥଳ ଓ ଏଟିଏମ୍ ରହିବ ବୋଲି ଜଣାଯାଇଛି। ବିଧାୟକ ବାହିନିପତି ଓଏସ୍‌ଆରଟିସିରୁ ଅବସର ନେଇଥିବା କର୍ମଚାରୀଙ୍କ ଟଙ୍କା ତୁରନ୍ତ ଦେବା ପାଇଁ ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

# ୩ ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

କୋରାପୁଟ,୧୩।୩
(ଅମିତାଭ ବେହେରା)

## ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଇଣ୍ଡିଆଜ୍ ଟେକ୍‌ଡ୍: ଚିପ୍ସ ଫର୍ ଭିକ୍ସିତ୍ ଭାରତ' ଶୀର୍ଷକ ଆଲୋଚନାଚକ୍ର




ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିବା ପ୍ରଫେସର।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭର୍ଚୁଆଲରେ ସାମୂହିକ ଭାବେ ପ୍ରାୟ ୧.୨୫ ଲକ୍ଷ କୋଟି ଟଙ୍କାର ୩ ଟି ସେମିକଣ୍ଡକ୍ଟର ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଯାହା 'ଇଣ୍ଡିଆଜ୍ ଟେକ୍‌ଡ୍: ଚିପ୍ସ ଫର୍ ଭିକ୍ସିତ୍ ଭାରତ' ଅଭିଯାନ ଅଧୀନରେ ଭାରତର ବୈଷୟିକ ଉନ୍ନତି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ଟି ସ୍ଥାନରେ ସିଧା ପ୍ରସାରଣର ବ୍ୟବସ୍ଥା କରାଯାଇଥିଲା। ଏଥିରେ କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ, ରେଜିଷ୍ଟ୍ରାର ଏନ୍‌ସି ପଣ୍ଡା ଓ ପ୍ରୋକ୍ଟର ଭରତ କୁମାର ପଣ୍ଡାଙ୍କ ସମେତ ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

ଶିଳାନ୍ୟାସ କାର୍ଯ୍ୟକ୍ରମର ସିଧା ପ୍ରସାରଣ ପୂର୍ବରୁ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଇଣ୍ଡିଆଜ୍ ଟେକ୍‌ଡ୍: ଚିପ୍ସ ଫର୍ ଭିକ୍ସିତ୍ ଭାରତ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏନ୍‌ଆଇଟି ରାଉରକେଲାର ପ୍ରଫେସର ଜ୍ୟୋତିପ୍ରକାଶ କର ସେମିକଣ୍ଡକ୍ଟରର ବିଶ୍ୱସ୍ତରୀୟ ମହତ୍ତ୍ୱ ଓ ଚାହିଦା ଉପରେ ଆଲୋକପାତ କରିଥିଲେ। ପ୍ରଫେସର ତ୍ରିପାଠୀ ବିଭିନ୍ନ କ୍ଷେତ୍ରରେ ଭାରତର ବିକାଶମୂଳକ ଦୃଷ୍ଟିକୋଣ ସମ୍ପର୍କରେ ବିବରଣୀ ଦେଇ ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ଦିଗରେ ସେମାନଙ୍କର ଦକ୍ଷତାର ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଜୈବ ବିବିଧତା ଓ ପ୍ରାକୃତିକ ସମ୍ପଦ ସଂରକ୍ଷଣ ବିଭାଗର ସହକାରୀ ପ୍ରଫେସର ଡ. କାକୋଲି ବାନାର୍ଜୀ ଓ ଛାତ୍ର କଲ୍ୟାଣ ଡିନ୍ ଡ. ରାମେନ୍ଦ୍ର କୁମାର ପାଢ଼ୀ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଲାଇଭ୍ ଷ୍ଟ୍ରିମ୍ ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସେମିକଣ୍ଡକ୍ଟରର ଉପଯୋଗିତା ଓ ଗୁରୁତ୍ୱ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

# ନାଗପୁର ପୋଲିସ ଦ୍ୱାରା ଦଶମନ୍ତପୁରର ୩ ଗିରଫ

ଦଶମନ୍ତପୁର,୧୩।୩(ଅରବିନ୍ଦ ନାୟକ)

ନାଗପୁର ରେଲୱେ ଷ୍ଟେଶନରେ ମୋବାଇଲ ଫୋନ ଚୋରି ଅଭିଯୋଗରେ ନାଗପୁର ପୋଲିସ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକର ୩ ଯୁବକଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ପୋଲିସ ଚୋରି ମୋବାଇଲ ଫୋନ ଜବତ କରିଛି। ଏ ନେଇ ପୋଲିସ ଏକ ଚୋରି ମାମଲା ରୁଜୁ କରି ୧୫ ଦିନ ପରେ ନାଗପୁର କୋର୍ଟରେ ହାଜର ହେବାକୁ ଦଶମନ୍ତପୁର ପୋଲିସ ଜିମାରେ ଦେଇଥିବା ଥାନା ଅଧିକାରୀ ସୁକୁମା ହାଁସଦା ସୂଚନା ଦେଇଛନ୍ତି।

ଗତ କିଛି ଦିନ ତଳେ ଦେଓଖଡକ ଗାଁର ଜଣେ ଯୁବକ ନାଗପୁର ରେଲୱେ ଷ୍ଟେଶନର ଏକ ଏସି ବଗିରୁ ୩ଟି ମୋବାଇଲ ଫୋନ ଚୋରି କରିଥିଲେ। ପରେ ସେ ଲୁଲା ଗାଁରେ ରହୁଥିବା ୨ ଜଣ ଯୁବକଙ୍କୁ ବିକ୍ରି କରିଥିଲେ। ସେହି ସମୟରେ ମୋବାଇଲ ଚୋରି ହୋଇଥିବା ନେଇ ନାଗପୁର ଥାନାରେ ଜଣେ ବ୍ୟକ୍ତିଙ୍କ ଥାନାରେ ଏତଲା ଦେଇଥିଲେ। ନାଗପୁର ପୋଲିସ ମୋବାଇଲ ନଂ ଟ୍ରାକ୍ କରି ଚୋରି ମୋବାଇଲ ଲୁଲା ଗ୍ରାମର ଜଣେ ଯୁବକ ବ୍ୟବହାର କରୁଥିବା ଜାଣି ଦଶମନ୍ତପୁରରେ ପହଞ୍ଚିଥିଲେ। ଲୁଲା ଗ୍ରାମକୁ ଯାଇ ୨ଯୁବକଙ୍କୁ ମୋବାଇଲ ଫୋନ ସହ ଗରିଫ କରିଥିଲେ। ସେମାନଙ୍କୁ ପଚରାଉଚରା ପରେ ଦେଓଖଡକର ଜଣେ ଯୁବକଙ୍କଠାରୁ ମୋବାଇଲ କିଣିଥିବା ପୋଲିସ ଆଗରେ ସ୍ୱୀକାର କରିଥିଲେ । ନାଗପୁର ପୋଲିସ ଦେଓଖଡକ ଗାଁକୁ ଯାଇ ମୋବାଇଲ ବିକ୍ରି କରିଥିବା ଯୁବକଙ୍କୁ ଗିରଫ କରିଥିଲା।

# ନିର୍ବାଚନକୁ ଦୃଷ୍ଟିରେ ରଖି ଆନ୍ଧ୍ରର ଅନୁପ୍ରବେଶ

## ଫାଟୁସିନେରୀ ଗ୍ରାମବାସୀଙ୍କୁ ଭୋଟ ସମ୍ପର୍କରେ ସଚେତନତା




ଫାଟୁସିନେରୀ ଗ୍ରାମରେ ଆନ୍ଧ୍ର ଅଙ୍ଗନୱାଡି ସୁପର ଭାଇଜର ମହିଳାମାନଙ୍କୁ ନେଇ ରାଲି କରୁଛନ୍ତି।

ପଟ୍ଟାଙ୍ଗି,୧୩।୩(ଶରତ ଧଳ)

ଲୋକ ସଭା ଏବଂ ବିଧାନସଭା ନିର୍ବାଚନ ଯେତିକି ପାଖେଇ ଆସୁଛି ରାଜନୈତିକ ଦଳଗୁଡ଼ିକ ନିଜ ନିଜର ଦଳ ସଜାଡ଼ିବାରେ ସେତିକି ତତ୍ପରତା ଦେଖାଉଛନ୍ତି। ସେପଟେ ପଡ଼ୋଶୀ ଆନ୍ଧ୍ର ରାଜ୍ୟ କିନ୍ତୁ ପଛରେ ପଡ଼ିନାହିଁ । ଯାହାକି ଓଡ଼ିଶାର ସୀମାନ୍ତ ଗ୍ରାମ ଓ ପଞ୍ଚାୟତଗୁଡିକରେ ଅନୁପ୍ରବେଶ ଜାରି ରଖିବା ସହ କେତେବେଳେ ସରକାରୀ ଯୋଜନାକୁ ନେଇ ସୀମାନ୍ତ ଲୋକଙ୍କୁ ସଚେତନ କରାଉଛି ତ ଆଉ କେତେବେଳେ ନିର୍ବାଚନ ସମୟରେ ସୀମାନ୍ତ ଲୋକେ କିପରି ନିଜ ନିଜର ମତଦାନ ସାବ୍ୟସ୍ତ କରିବେ ସେନେଇ ସଚେତନ କରୁଛି । ଏପରି ବୁଧବାର ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତ ଅଧୀନ ସୀମାନ୍ତ ଫାଟୁସିନେରୀ ଗ୍ରାମରେ। ସୂଚନାଯୋଗ୍ୟ, ପଡ଼ୋଶୀ ଆନ୍ଧ୍ର ରାଜ୍ୟର ପାର୍ବତୀପୁରମ୍ ମାନ୍ୟାମ୍ ଜିଲା ଅଧୀନରେ କାର୍ଯ୍ୟ କରୁଥିବା ସାଲୁର ଶିଶୁ ବିକାଶ ବିଭାଗ ସୁପରଭାଇଜର ବିଜୟାଲକ୍ଷ୍ମୀଙ୍କ ସଭାପତିତ୍ୱରେ ଅଙ୍ଗନୱାଡି କର୍ମୀଙ୍କ ସହଯୋଗରେ ଉକ୍ତ ଗ୍ରାମରେ ବାସ କରୁଥିବା ପରିବାରବର୍ଗଙ୍କୁ ମାଆ ଓ ଶିଶୁ ଯତ୍ନ ସମ୍ପର୍କରେ କିପରି ସଚେତନ ରହିବା ଉଚିତ ସେନେଇ ଗ୍ରାମ ମହିଳାମାନଙ୍କୁ ବୁଝାଇବା ସହ ପୁଷ୍ଟିକର ଖାଦ୍ୟ ଖାଇବା ଦ୍ୱାରା ମାଆ ଓ ଶିଶୁ କିପରି ସୁସ୍ଥ ରହିବେ ସେ ନେଇ ବୁଝାଇଥିଲେ। ଶେଷରେ ଗ୍ରାମର ମହିଳାମାନଙ୍କୁ ନେଇ ନିର୍ବାଚନ ସମୟରେ କିପରି ମତଦାନ ସାବ୍ୟସ୍ତ କରିବେ ସେନେଇ ଏକ ରାଲି କରି ଗ୍ରାମ ପରିକ୍ରମା କରିଥିଲେ। ଏହିପରି କି ଗ୍ରାମକୁ ପ୍ରବେଶ କରୁଥିବା ରାସ୍ତା ପାର୍ଶ୍ୱରେ ଥିବା ସଦର ମଣ୍ଡପରେ ମହିଳାମାନଙ୍କୁ ଏକତ୍ରକପକରି ବୈଠକ ମାଧ୍ୟମରେ ଆଗକୁ ହେବାକୁ ଥିବା ନିର୍ବାଚନରେ ନିଜ ନିଜର ମତଦାନ ସାବ୍ୟସ୍ତ କରିବାରେ କି ପ୍ରକାର ଅଧିକାର ରହିବ ସେନେଇ ସଚେତନ କରାଇଥିଲେ।

# ଗାଁକୁ ଗାଁ ଗଡ଼ିବ ମମତା ଯୋଜନା ସଚେତନତା ରଥ




ସବୁଜ ପତାକା ଦେଖାଇ ମମତା ରଥର ଶୁଭାରମ୍ଭ କରାଯାଉଛି।

ନନ୍ଦାହାଣ୍ଡି,୧୩।୩ (ପ୍ରତୀପ କୁମାର ଦାଶ)

ସୁରକ୍ଷିତ ମାତୃତ୍ୱକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ଦ୍ୱାରା ମମତା ଯୋଜନାରେ ସହାୟତା ରାଶିକୁ ୨ଗୁଣ ବଢ଼ାଯାଇଛି। ହିତାଧିକାରୀଙ୍କୁ ଏହି ବିଷୟରେ ସଚେତନ କରିବା ପାଇଁ ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ ଦ୍ୱାରା ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ନନ୍ଦାହାଣ୍ଡି ବ୍ଲକ ଶିଶୁ ବିକାଶ ଏବଂ ସୁରକ୍ଷା ଅଧିକାରୀ ସସ୍ମିତାବାଳା ମହାନ୍ତି ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଥିଲେ। ଏହି ରଥ ନନ୍ଦାହାଣ୍ଡି ବ୍ଲକର ସମସ୍ତ ୧୧ ପଞ୍ଚାୟତ ବୁଲି ଡାକବାଜି ଯନ୍ତ୍ର ଦ୍ୱାରା ମମତା ଯୋଜନାରେ ପୂର୍ବରୁ ମିଳୁଥିବା ୫୦୦୦ ଟଙ୍କାର ବର୍ଦ୍ଧିତ ୨ ଗୁଣ ରାଶି ମିଳିବା କଥା ଲୋକଙ୍କୁ ସଚେତନ କରାଇବ। ଯେଉଁ ହିତାଧିକାରୀମାନେ ଏହି ଯୋଜନାରେ ଆର୍ଥିକ ସହାୟତା ପାଇବା ପାଇଁ ଯୋଗ୍ୟ ସେମାନେ ନିଜ ବ୍ୟାଙ୍କ ଆକାଉଣ୍ଟ କିଭଳି ସକ୍ରିୟ ରଖିବେ ଯାହା ଦ୍ୱାରା ସହାୟତା ରାଶି ପାଇବାରେ କୌଣସି ଅସୁବିଧା ନ ହେବ ସେ ସମ୍ପର୍କରେ ମଧ୍ୟ ଲୋକଙ୍କୁ ସଚେତନ କରିବ। ଏହି ମମତା ରଥ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଶିଶୁ ବିକାଶ ଏବଂ ସୁରକ୍ଷା ଅଧିକାରୀଙ୍କ ସହ ସୁପରଭାଇଜର ଶାନ୍ତିଲତା ଭୂମିଆ, ମମତା କାର୍ଯ୍ୟକ୍ରମ ସହାୟକ ସୁପ୍ରଭା ତ୍ରିପାଠୀ, ପୋଷଣ ବ୍ଲକ ସଂଯୋଜକ ଚରଣ ସିଂ ବିଶି, ସମସ୍ତ ଅଙ୍ଗନୱାଡି କର୍ମୀ, ମମତା ମାଆ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାମାନେ ଉପସ୍ଥିତ ଥିଲେ।

# ଲାଞ୍ଚ ନେବା ମାମଲାରେ କନ୍‌ଷ୍ଟେବଲଙ୍କୁ ୩ ବର୍ଷ ଜେଲ

ଜୟପୁର,୧୩।୩ (ପବନ ପାଣିଗ୍ରାହୀ)- ଜୟପୁର ଭିଜିଲାନ୍ସ କୋର୍ଟ ଭିଜିଲାନ୍ସ ଇନ୍ସପେକ୍ଟର ପରିଚୟ ଦେଇ ଲାଞ୍ଚ ନେବା ମାମଲାର ଶୁଣାଣିକରି କନଷ୍ଟେବଲ କୁଞ୍ଜ କିଶୋର ପାଢ଼ୀକୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୫ ହଜାର ଟଙ୍କ ଜରିମାନାରେ ଦଣ୍ଡିତ କରିଛନ୍ତି। ଅର୍ଥ ଅନାଦାୟେ ଅଧିକା ଜେଲଦଣ୍ଡ ଭୋଗିବାକୁ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରାଜେଶ ଏକ୍କା ତାଙ୍କ ରାୟ ଦେଇଛନ୍ତି । ସୂଚନାଯୋଗ୍ୟ, ମନୋରଞ୍ଜନ ପରିଚ୍ଛାଙ୍କ ସ୍ତ୍ରୀ ନମିତା ପଣ୍ଡା ରାୟଗଡା ଜିଲା ବିଷମକଟକରେ ସିଡିପିଓ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ କନଷ୍ଟେବଲ ଜଣକ ଫୋନ୍ କରି ୩୦ ହଜାର ଟଙ୍କା ଦାବି କରିଥିଲେ। ଏ ନେଇ ମନୋରଞ୍ଜନ ଜୟପୁର ଭିଜିଲାନ୍ସକୁ ଜଣାଇଥିଲେ । ୧୭।୮।୧୪ରେ ରାୟଗଡ଼ା ବସ୍‌ଷ୍ଟାଣ୍ଡରେ କନଷ୍ଟେବଲ କୁଞ୍ଜକିଶୋର ୨୫ ହଜାର ଲାଞ୍ଚ ନେଉଥିବା ସମୟରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ଏହି ମାମଲାର ଶୁଣାଣି କରିଛନ୍ତି । ସରକାରୀ ଓକିଲ ଶଶିଧର ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ ।

# ଗୁଳିକାଣ୍ଡର ୩ ବର୍ଷ ପରେ ବି ପୋଲିସ ହାତ ଖାଲି

ନବରଙ୍ଗପୁର, ୧୩।୩(ସଦାଶିବ ପ୍ରହରାଜ)

## ବ୍ୟବସାୟୀଙ୍କୁ ଗୁଳିମାଡ଼ ଘଟଣା

ନବରଙ୍ଗପୁର ଜିଲା ଉମରକୋଟ ଅଞ୍ଚଳର ବ୍ୟବସାୟୀ ସଞ୍ଜୀବ ସୁବୁଦ୍ଧିଙ୍କ ଉପରେ ୨୦୨୧ ମାର୍ଚ୍ଚ ୧୨ ବିଳମ୍ବିତ ରାତିରେ ଗୁଳିମାଡ଼ ହୋଇଥିଲା। ବ୍ୟବସାୟୀ ଜଣଙ୍କ ଏଥିରେ ଗୁରୁତର ହେବା ସହ ବିଶାଖାପାଟଣାରେ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ଏହି ଘଟଣାକୁ ଏହା ମଧ୍ୟରେ ୩ ବର୍ଷ ବିତିଗଲାଣି। ତଥାପି ଗୁଳିକାଣ୍ଡର କାରଣ, ଏଥିରେ ସମ୍ପୃକ୍ତ ହତ୍ୟାକାରୀଙ୍କ ବିରୋଧରେ ପୋଲିସ କୌଣସି ସୁରାକ ପାଇପାରିଲା ନାହିଁ। ଫଳରେ ବ୍ୟବସାୟୀଙ୍କ ପରିବାର ଲୋକେ ଏବେ ମଧ୍ୟ ଭୟରେ ଅଛନ୍ତି। ସେମାନେ କ୍ରାଇମବ୍ରାଞ୍ଚ ତଦନ୍ତ ଦାବି କରିଛନ୍ତି।

ଘଟଣା ଦିନ ବ୍ୟବସାୟୀ ସଞ୍ଜୀବ ଉମରକୋଟ ଗୁଳିପାଟଣା ସାହିରେ ଥିବା ନିଜ ଦୋକାନ ବନ୍ଦ କରି ଝରିଗାଁ ରାସ୍ତାରେ ଥିବା ଘରକୁ ବାଇକ୍‌ରେ ବାହାରିଥିଲେ। ରାତି ପ୍ରାୟ ୧୦ ଟାରେ ୨ଜଣ ଦୁର୍ବୃତ୍ତ ଏକ ବାଇକ୍‌ରେ ପଛ ଆଡ଼ରୁ ଆସି ଅତି ନିକଟରୁ ସଞ୍ଜୀବ ଉପରେ ଗୁଳି ଚାଳନାକରି ଫେରାର ହୋଇଥିଲେ। ସଞ୍ଜୀବଙ୍କୁ ପ୍ରଥମେ ଉମରକୋଟ ହସ୍ପିଟାଲ ଓ ପରେ ବିଶାଖାପାଟଣା ସ୍ଥାନାନ୍ତର କରାଯାଇଥିଲା। ଏକ ଘରୋଇ ହସ୍ପିଟାଲରେ ଦୀର୍ଘଦିନର ଚିକିତ୍ସା ପରେ ସୁସ୍ଥ ହୋଇ ବ୍ୟବସାୟୀ ଜଣଙ୍କ ଫେରିଥିଲେ। ୨ ଅଭିଯୁକ୍ତଙ୍କ ସିସି ଟିଭି ଫୁଟେଜ ମିଳିବା ପରେ ପୋଲିସ ସେତେବେଳ କିଛିଦିନ ଅଭିଯୁକ୍ତଙ୍କୁ ଧରିବାକୁ ତତ୍ପରତା ଦେଖାଇଥିଲା। କିନ୍ତୁ ପରବର୍ତ୍ତୀ କାଳରେ ପୋଲିସ ହାତ ବାନ୍ଧି ଚୁପ୍ ହୋଇ ବସି ପଡିଥିଲା। ଏହି ଘଟଣାକୁ ନେଇ ଏବେ ବି ସଞ୍ଜୀବଙ୍କ ପରିବାର ଲୋକେ ଭୟରେ ଅଛନ୍ତି। ଉମରକୋଟ ସହରରେ ଏତେ ବଡ ଗୁଳିକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ପୋଲିସ ଧରି ନ ପାରିବାକୁ ଲୋକେ ନାପସନ୍ଦ କରିଛନ୍ତି। ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦେବାକୁ ସଞ୍ଜୀବ ଓ ତାଙ୍କ ପରିବାର ଦାବି କରିଛନ୍ତି। ଏ ନେଇ ଉମରକୋଟ ଏସ୍‌ଡିପିଓ ମଧୁସ୍ମିତା ମିଶ୍ରଙ୍କୁ ପଚାରିବାରୁ ତଦନ୍ତ ଏବେ କେଉଁ ସ୍ଥିତିରେ ଅଛି ତାହାର ଯାଞ୍ଚ କରି ବଦକ୍ଷେପ ନେବି ବୋଲି ସେ କହିଛନ୍ତି।

# ଶିକ୍ଷକ ଡେପୁଟେଶନ, ବଦଳି ନିର୍ଦ୍ଦେଶ ବାତିଲ କଲେ ଉପଜିଲାପାଳ

ନବରଙ୍ଗପୁର, ୧୩।୩(ସଦାଶିବ ପ୍ରହରାଜ)

ଜିଲା ଶିକ୍ଷା ବିଭାଗ ସମୟ ଥିବାବେଳେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଡେପୁଟେଶନ, ବଦଳି କରି ନ ଥିଲା। ଡିଇଓଙ୍କ ବଦଳି ନିର୍ଦ୍ଦେଶ ଆସିବା ପରେ ରିଲିଭ ହେବା ଆଗରୁ ସେ ତରବରିଆଭାବେ ଅନେକ ଶିକ୍ଷକଙ୍କ ଡେପୁଟେଶନ କରିଥିଲେ। ଏହି ଅଭିଯୋଗ ଉପଜିଲାପାଳଙ୍କ ପାଖରେ ପହଞ୍ଚିବା ପରେ ସେ ଏହି ଡେପୁଟେଶନ ଓ ବଦଳିକୁ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ଶିକ୍ଷା ଅଧିକାରୀ କରିଥିବା ଡେପୁଟେଶନ ଓ ବଦଳି ଆଦେଶକୁ ଚିଠି ନମ୍ବର ୭୯୫ ଅନୁଯାୟୀ ବାତିଲ କରିବାକୁ ଡିଇଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଶିକ୍ଷକମାନେ ବହୁ ଦିନ ଧରି ବଦଳି ଓ ଡେପୁଟେଶନ ପାଇଁ ଲୋକ ପ୍ରତିନିଧି, ଜିଲାପାଳଙ୍କ ଅଭିଯୋଗ ଶୁଣାଣି ପ୍ରକୋଷ୍ଠରେ ଆବେଦନ କରିଥିଲେ। କିନ୍ତୁ ଏ ଦିଗରେ ଜିଲା ଶିକ୍ଷା ବିଭାଗ କିଛି ପଦକ୍ଷେପ ନେଇ ନ ଥିଲା। ନବରଙ୍ଗପୁର ଜିଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗଙ୍କ ୪ ତାରିଖରେ ବଦଳି ନିର୍ଦ୍ଦେଶ ଆସିଥିଲା। ଏହାପରେ ତରବରିଆ ଭାବେ ଅନେକ ଶିକ୍ଷକଙ୍କ ଡେପୁଟେଶନ ଓ ବଦଳି କରାଯାଇଛି। ଭିତିରିଆ କାରବାର କରାଯାଇ ଡେପୁଟେଶନ ଓ ବଦଳି କରାଯାଇଥିବା କେତେଜଣ ଶିକ୍ଷକ ଓ ସଂଗଠନ ଅଭିଯୋଗ କରିଥିଲେ। ଏବେ ଉପଜିଲାପାଳ ଜିଲା ଶିକ୍ଷାଧିକାରୀ କରିଥିବା ଡେପୁଟେଶନ ଓ ବଦଳି ଆଦେଶକୁ ଚିଠି ନମ୍ବର ୭୯୫ ଅନୁଯାୟୀ ବାତିଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ସ୍ତରର ଶିକ୍ଷକ ଉପଜିଲାପାଳଙ୍କ ନିକଟରେ କରିଥିବା ଅଭିଯୋଗ ପରେ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ୨୦୨୪ ସାଧାରଣ ନିର୍ବାଚନ ପାଇଁ ବଦଳି, ଡେପୁଟେଶନ ବେଆଇନ। ଡିଇଓଙ୍କ ବଦଳି ସତ୍ତ୍ୱେ କାହାର ଇଙ୍ଗିତରେ ଓ କେଉଁ ଉଦ୍ଦେଶ୍ୟରେ ଜିଲାର ଅନେକ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଡେପୁଟେଶନ ଏବଂ ବଦଳି କରାଯାଇଛି ତାହାକୁ ନେଇ ଅନେକେ ପ୍ରଶ୍ନ କରିଛନ୍ତି। ନିର୍ବାଚନ ପ୍ରକ୍ରିୟା ଓ ନିର୍ବାଚନ ସଂକ୍ରାନ୍ତୀୟ ବିଭିନ୍ନ କାମରେ ବିଏଲ୍‌ଓ ସେକ୍ଟର ଅଫିସର ନିୟୋଜିତ ହୋଇଛନ୍ତି। ଏହି ସମୟରେ ସେମାନଙ୍କ ଡେପୁଟେଶନ ଓ ବଦଳି ହେବା ନିୟମ ନାହିଁ। ଏହା ମଧ୍ୟରେ ବି. ବାରଙ୍ଗପଦର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ସହକାରୀ ଶିକ୍ଷକ ଚକ୍ର ଗୌଡ଼ଙ୍କୁ ପାପଡ଼ାହାଣ୍ଡି ବ୍ଲକ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଖୁଟୁବାଇ ଗାଁକୁ ଡେପୁଟେଶନ କରାଯାଇଛି। ଉକ୍ତ ଶିକ୍ଷକ ଜଣଙ୍କ ବିଏଲ୍‌ଓ ଦାୟିତ୍ୱରେ ଅଛନ୍ତି। ସେ ନିଜେ ଡେପୁଟେଶନ ପାଇଁ ଆବେଦନ ନ କରିବା ସତ୍ତ୍ୱେ କେଉଁ ଉଦ୍ଦେଶ୍ୟରେ ତାଙ୍କର ଡେପୁଟେଶନ କରାଗଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଜଣେ କିରାଣି ପଦୋନ୍ନତି ପାଇଁ ନନ୍ଦାହାଣ୍ଡି ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଜଏନ କରିବା ପରେ ଡେପୁଟେଶନ ପାଇଁ କିଭଳି ଫାଇଲ ଜିଲା ଶିକ୍ଷା ଅଧିକାରୀଙ୍କ ନିକଟକୁ ପଠାଇଲେ ତାହାର ଯାଞ୍ଚ କରିବାକୁ ଦାବି ହୋଇଛି।

# ୫ କୋଟି ୫ ଲକ୍ଷ ବ୍ୟୟରେ ବିଭିନ୍ନ ପ୍ରକଳ୍ପ ଶିଳାନ୍ୟାସ

ଝରିଗାଁ, ୧୩।୩ (କିଶୋର ଚନ୍ଦ୍ର ମଣ୍ଡଳ)



ଏମ୍‌ପି ଓ ବିଧାୟକଙ୍କ ଝରିଗାଁ ପଞ୍ଚାୟତରେ ଏକ ପ୍ରକଳ୍ପର ଶିଳାନ୍ୟାସ କରୁଛନ୍ତି।

ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ବୁଧବାର ଝରିଗାଁ ସଦରରେ ୫ କୋଟି ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହ ଜନସାଧାରଣଙ୍କ ଅଭିଯୋଗ ଓ ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ।

ଝରିଗାଁ ଆଦିବାସୀ ଭବନ ପାଇଁ ୩୦ ଲକ୍ଷ, ଶିରଗୁଡ଼ା ତ୍ରିନାଥ ମନ୍ଦିର ଓ ପ୍ରହରୀ ମନ୍ଦିର ପାଇଁ ୫ ଲକ୍ଷ, ଗଣେଶ ମଣ୍ଡପ ପାଇଁ ୩ ଲକ୍ଷ, ଝରିଗାଁ ମିନି ଷ୍ଟାଡିୟମ ଉନ୍ନତିକରଣ ନେଇ ୧୦ ଲକ୍ଷ ଟଙ୍କା ଅଟକଳ ରଖାଯାଇଛି। ସେହିମଳି ଉଚ୍ଚମାଧ୍ୟମିକ ବିଦ୍ୟାଳୟର ଉନ୍ନତିକରଣ ନେଇ ୩୦ ଲକ୍ଷ, ଅଲେଖ ମନ୍ଦିର ଉନ୍ନତିକରଣ ନେଇ ୪ଲକ୍ଷ, ବଡ଼ଗୁଡି ଉନ୍ନତିକରଣ ନେଇ ୩ ଲକ୍ଷ, ଜଗନ୍ନାଥ ମନ୍ଦିର ଉନ୍ନତିକରଣ ପାଇଁ ୧୦ ଲକ୍ଷ ଟଙ୍କା ଅଟକଳ କରାଯାଇଛି। ସ୍ୱାସ୍ଥ୍ୟକେନ୍ଦ୍ର ବିଶ୍ରାମ ଗୃହ ନେଇ ୧୦ ଲକ୍ଷ, ଆମ୍ବୁଲାନ୍ସ ସେବା ପାଇଁ ୧୩ ଲକ୍ଷ ଅଟକଳ ରଖାଯାଇଛି। ଏଥିସହ ଅନ୍ୟ କେତେକ ପ୍ରକଳ୍ପ ଶିଳାନ୍ୟାସ କରାଯାଇଛି। ଗ୍ରାମାଞ୍ଚଳର ଉନ୍ନତି ଓ ଲୋକଙ୍କ ସର୍ବନିମ୍ନ ଆବଶ୍ୟକତାକୁ ରାଜ୍ୟ ସରକାର ସର୍ବଦା ପ୍ରାଥମିକତା ଦେଉଛନ୍ତି ବୋଲି ଏମ୍‌ପି ମାଝି କହିଥିଲେ। କିଛିଦିନ ତଳେ ବିଧାୟକ ନିଜସ୍ୱ ପାଣ୍ଠିରୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ପ୍ରଦାନ କରିଥିଲେ। ଏଥିପାଇଁ ଲୋକେ ତାଙ୍କୁ ଧନ୍ୟବାଦ ଦେଇଛନ୍ତି। ଏମ୍‌ପିଙ୍କ ପ୍ରତିନିଧି ପ୍ରିୟରଞ୍ଜନ ଦାଶଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମାଝି, ବିଜେଡି ସଭାପତି ଟିକଚନ୍ଦ ମାଝି, ବିଧାୟକ ପ୍ରତିନିଧି ରାମଧର ମାଝି, ସରପଞ୍ଚ ମୋହନ ନାୟକ, ମନଦେଇ ମାଝି, ଜିଲାପରିଷଦ ସଭ୍ୟ ଯମୁନା ଗଣ୍ଡ, ଶ୍ୟାମସୁନ୍ଦର ନାୟକ, ତ୍ରମିଳା ପୂଜାରୀ, ଥବିର ପୂଜାରୀ, ରାଜୁ ସାନ୍ତା, ଜଗଦିଶ ମାଝି, ଚୈତନ୍ୟ ଗଣ୍ଡ, ନରସିଂହ ଦଳେଇ, ଚିତ୍ତ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହିଥିଲେ।

# ମୃତ ଶିଶୁକନ୍ୟାଙ୍କୁ ବଞ୍ଚାଇବାକୁ ଚେଙ୍କ

**କେନ୍ଦୁଝର(ନରେଶ ଚନ୍ଦ୍ର ପଟ୍ଟନାୟକ)/ପାଟଣା (ବୀର କିଶୋର ଦାଶ),୧୩।୩**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବୁଢ଼ୀକାପୁଡ଼ି ପଞ୍ଚାୟତ ପୁରନ୍ଦରପୁର ଗାଁର ୨ ଭଉଣୀଙ୍କ ଅସ୍ୱାଭାବିକ ଭାବେ ମଙ୍ଗଳବାର ମୃତ୍ୟୁ ଘଟିଛି। ମୃତ ୨ ଭଉଣୀ ହେଉଛନ୍ତି ଟଙ୍କଧର ମହାରଣାଙ୍କ ୪ ବର୍ଷର ଝିଅ ଇତିଶ୍ରୀ ଓ ୨ ବର୍ଷର ଝିଅ ଲିପି। ଘଟଣା ପରେ ଅଞ୍ଚଳରେ ଦୁଃଖର ବାତାବରଣ ଖେଳିଯାଇଛି। ଅନ୍ୟପକ୍ଷେ ପରିବାର ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ମୃତ ଶିଶୁ କନ୍ୟାଙ୍କୁ ବଞ୍ଚାଇବାକୁ ଚେଙ୍କ୍ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ୨ ଭଉଣୀଙ୍କ ମଙ୍ଗଳବାର ଝାଡ଼ା, ବାନ୍ତି ହୋଇଥିଲା। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ବଡ଼ ଝିଅ ଇତିଶ୍ରୀଙ୍କ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ମୃତ୍ୟୁ ଘଟିଥିଲା। ଲିପିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଘଟଣାସ୍ଥଳରେ ପାଟଣା ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଓ ତୁରୁମୁଙ୍ଗା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଏଏସ୍ଆଇ ସୁଜାତା ମହାନ୍ତ ପ୍ରମୁଖ ପହଞ୍ଚି ତଦନ୍ତ କରିଛନ୍ତି। ଏ ନେଇ ତୁରୁମୁଙ୍ଗା ଥାନାରେ ପୃଥକ ମାମଲା( ନଂ.୬/୨୪ ଓ ୭/୨୪) ରୁଜୁ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଷାକ୍ତ ଖାଦ୍ୟ ଖାଇ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଥିବା ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ପରିବାର ଲୋକେ ସାନ ଝିଅ ଲିପିଙ୍କୁ ବଞ୍ଚାଇବା ଆଶାରେ ଘରକୁ ଆଣି ଭାଲିଆ ଚେଙ୍କ ଦେଇଥିଲେ। ଯାହାର ଫଟୋ ଭିଡିଓ ଭାଇରାଲ ହେଉଛି। ତେବେ ମୃତ ଶିଶୁଙ୍କୁ ଚେଙ୍କ ଦିଆଯାଇଥିବା ସମ୍ପର୍କରେ ଜାଣି ନ ଥିବା ତୁରୁମୁଙ୍ଗା ଥାନା ଅଧିକାରୀ କହିଛନ୍ତି। ସିଡିଏମ୍ଓ ଡା.କିଶୋର ଚନ୍ଦ୍ର ପୃଷ୍ଟି କହିଛନ୍ତି, ମେଡିକାଲରେ ମୃତ୍ୟୁବରଣ କରିଥିବା ଶିଶୁଙ୍କ ମୃତ୍ୟୁର କାରଣ ନିମୋନିଆ ବୋଲି ଜଣାପଡ଼ିଛି। ଅନ୍ୟ ଜଣେ ମେଡିକାଲରେ ପହଞ୍ଚିବା ପୂର୍ବରୁ ମୃତ୍ୟୁବରଣ କରିଥିବାରୁ ଠିକ କାରଣ ଜଣାପଡ଼ିନାହିଁ।

**୨ ଭଉଣୀଙ୍କ ଅସ୍ୱାଭାବିକ ମୃତ୍ୟୁ**



ଅତିରିକ୍ତ ତହସିଲଦାର ଶରଣ କୁମାର ଜେନା ଓ ପୋଲିସ ଅଧିକାରୀମାନେ।

## ୧୪ ବର୍ଷ ପରେ ହତ୍ୟା ଅଭିଯୁକ୍ତ ଗିରଫ

**କେନ୍ଦୁଝର,୧୩।୩ (ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ପୋଲିସକୁ ଏକ ବଡ ସଫଳତା ମିଳିଛି। ୧୪ ବର୍ଷ ହେଲା ଫେରାର ଥିବା ହତ୍ୟା ଅଭିଯୁକ୍ତଙ୍କୁ ଅଧିକାରୀ ଅଭୟ କୁଲୁଙ୍କ ନେତୃତ୍ୱରେ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣଙ୍କ ହେଲେ ପୁରୁଣା ସହର ଅଞ୍ଚଳର ଗଣେଶ ପାତ୍ର (୪୫)। ସେ ୨୦୧୦ରେ ଘରୋଇ ବିବାଦକୁ ନେଇ ତାଙ୍କ ଭାଇଙ୍କୁ ହତ୍ୟା କରି ଫେରାର ଥିଲେ। ଏ ନେଇ ଏକ ମାମଲା(ନଂ.୨୨୨/୨୦୧୦) ରୁଜୁ ହୋଇଥିଲା। ତାଙ୍କ ବିରୋଧରେ କୋର୍ଟ ପକ୍ଷରୁ ଗିରଫ ପରୱାନା ଜାରି ହୋଇଥିଲା। ସେ ଫେରାର ୱାରେଣ୍ଟି ଥିଲେ ବୋଲି ଟାଉନ ଥାନା ଅଧିକାରୀ ରମାକାନ୍ତ ସଏ କହିଛନ୍ତି।

## ଓଭରଟେକ୍ କରିବାକୁ ଯାଇ ଟ୍ରେଲରକୁ ଧକ୍କା ଦେଲା ପିକଅପ୍, ୩ ମୃତ

**ରୂପସା,୧୩।୩(ବାଞ୍ଛାନିଧି ଦେ)**

ବୁଧବାର ଭୋର୍ ସମୟରେ ବାଲେଶ୍ୱର ୬୦ ନମ୍ବର ଜାତୀୟ ରାଜପଥର ସଦର ବ୍ଲକ ଅଧୀନ ହଳଦୀପଦା ବାଇପାସ୍ ନିକଟ ଏକ ଢାବାଠାରେ ଟ୍ରେଲରରୁ ପଛକୁ ଏକ ଗୋରୁ ବୋଝେଇ ପିକଅପ୍ ଧକ୍କା ଦେଇଥିଲା। ଫଳରେ ପିକ୍ଅପରେ ଥିବା ୩ଜଣଙ୍କ ମୃତ୍ୟୁ ହୋଇଛି।

ଗୋରୁ ବୋଝେଇ ପିକ୍ଅପ୍(ନଂ. ଓଡ଼ି୦୧ଏଲ୍-୧୮୫୨) ଭଦ୍ରକରୁ ପଶ୍ଚିମବଙ୍ଗ ଅଭିମୁଖେ ଯିବା ବେଳେ ହଳଦୀପଦାର ଢାବାଠାରେ ସମାନ ଦିଗରେ ଯାଉଥିବା ଏକ ଟ୍ରେଲର(ନଂ.ଏନ୍ଏଲ୍୦୧ଏଏଫ୍-୭୭୨୨)କୁ ଦ୍ରୁତଗତିରେ ଅତିକ୍ରମ କରୁଥିଲ। ଓଭରଟେକ୍ କରିବାକୁ ଯାଇ ପିକ୍ଅପ୍ ଭାରସାମ୍ୟ ହରାଇ ଟ୍ରେଲର ପଛକୁ ଧକ୍କା ଦେଇଥିଲା। ଫଳରେ ପିକ୍ଅପରେ ଥିବା ୩ ଜଣଙ୍କ ମଧ୍ୟରୁ ୨ଜଣଙ୍କୁ ୧୦୮ ଆମ୍ବୁଲାନ୍ସରେ ଓ ଅନ୍ୟଜଣଙ୍କୁ ଜାତୀୟ ରାଜପଥ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ୩ ଗୁରୁତରଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ବସ୍ତା ପୋଲିସ ଘଟଣାସ୍ଥଳରେ ପହଞ୍ଚି ପିକ୍ଅପରୁ ୨ଟି ଗୋରୁକୁ ଉଦ୍ଧାର କରିବା ସହ ଗାଡ଼ି ଦୁଇଟିକୁ ମଧ୍ୟ ଜବତ କରି ଘଟଣାର ଅଧିକ ତଦନ୍ତ ଚଳାଇଛି। ମୃତକମାନେ ସୋର ଅଞ୍ଚଳର ବୋଲି ଜଣା ପଡ଼ିଥିଛି। ଜଣେ ମୃତକଙ୍କ ନାମ ଜଣାପଡିଛି। ସେ ହେଲେ ସରଜୁ ସାହା।



ଦୁର୍ଘଟଣାଗ୍ରସ୍ତ ପିକଅପ୍ ଭ୍ୟାନ୍।

# ଅତିଥିଙ୍କୁ ସକାରାତ୍ମକ ଅନୁଭୂତି ଦେବା ଆମର ଲକ୍ଷ୍ୟ

**୨୦୦୩ରେ 'ନିର୍ମାଲ୍ୟ ହୋଟେଲ' ନାମକ ଏକ ଫ୍ୟାମିଲି ହୋଟେଲରୁ ବ୍ୟବସାୟିକ ଯାତ୍ରା ଆରମ୍ଭ କରି ନିର୍ମାଲ୍ୟ ଗ୍ରୁପ୍ ଅଫ୍ ହୋଟେଲ ପ୍ରତିଷ୍ଠା କରିଛନ୍ତି ସନ୍ତୋଷ କୁମାର ପାଢ଼ୀ। ପରେ ସେ ବ୍ରହ୍ମପୁରରେ ୫ଟି ହୋଟେଲ କରିବାରେ ସଫଳ ହୋଇଥିଲେ। ତାଙ୍କର ଏଭଳି ଦକ୍ଷତା ପାଇଁ ସେ ଗଞ୍ଜାମ ଜିଲା ହୋଟେଲ ଆସୋସିଏଶନର ସମ୍ପାଦକ ଏବଂ ଗଞ୍ଜାମ ଜିଲା ରେଷ୍ଟୁରାଣ୍ଟ ଆସୋସିଏଶନର ସଭାପତି ଭାବେ ଦାୟିତ୍ୱ ତୁଲାଉଛନ୍ତି। ହାର୍ଭାର୍ଡ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍ମେଣ୍ଟ ଆଣ୍ଡ ଟେକ୍ନୋଲୋଜିରୁ ସ୍ନାତକୋତ୍ତର କରିଥିବା ସନ୍ତୋଷ ହୋଟେଲ ଶିଳ୍ପରେ ବର୍ତ୍ତମାନ ଜଣେ ଜଣାଶୁଣା ଚେହେରା ପାଲଟିଛନ୍ତି। ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ...**



ସନ୍ତୋଷ କୁମାର ପାଢ଼ୀ

**ପ୍ର-ହୋଟେଲ ଶିଳ୍ପରେ ସ୍ୱତନ୍ତ୍ର ପରିଚୟ ବଜାୟ ରଖିବା ପାଇଁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦିଅନ୍ତି?**

ଉ-ଉତ୍ସର୍ଗୀକୃତ ମନୋଭାବ, ଗ୍ରାହକଙ୍କ ମତାମତକୁ ଗୁରୁତ୍ୱ ପ୍ରଦାନ, ଅନ୍ଲାଇନ୍ରେ ସ୍ଥିତି ବଜାୟ ରଖିବା ଏବଂ ପ୍ରତିଶ୍ରୁତି ଅନୁସାରେ ଗ୍ରାହକଙ୍କୁ ସେବା ପ୍ରଦାନ କରିବା ଦ୍ୱାରା ହୋଟେଲ ଶିଳ୍ପରେ ନିର୍ମାଲ୍ୟ ଗ୍ରୁପ୍ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି।

**ପ୍ର-ଦୀର୍ଘବର୍ଷର ଯାତ୍ରାରେ କେଉଁ ସବୁ ଆହ୍ୱାନର ସମ୍ମୁଖୀନ ହେବାକୁ ପଡ଼ିଛି?**

ଉ-ଏତେ ଦିନର ଯାତ୍ରାରେ ଅନେକ ଆହ୍ୱାନର ସମ୍ମୁଖୀନ ହୋଇଛୁ। କର୍ମଚାରୀ ନିଯୁକ୍ତି ହେଉ ବା ହାଉସ୍କିପିଂ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ସହ ଗ୍ରାହକ ବା ଅତିଥିଙ୍କ ବଦଳୁଥିବା ଚାହିଦାକୁ ଖାପ ଖାଇବା ଭଳି ବ୍ୟବସ୍ଥା କରିବାରେ ବିଭିନ୍ନ ସମସ୍ୟା ଆସିଥାଏ। ସେସବୁର ସମାଧାନ କରିବା ସହଜ କଥା ନୁହେଁ।

**ପ୍ର- ଅତିଥିଙ୍କୁ କିଭଳି ଆତିଥ୍ୟ ପ୍ରଦାନ କରିଥାନ୍ତି?**

ଉ-ଗ୍ରାହକଙ୍କୁ ଉତ୍ତମ ସେବା ପ୍ରଦାନ ପାଇଁ ସେମାନଙ୍କ ସହ ଉତ୍ତମ ବ୍ୟବହାର କରିବା ଆବଶ୍ୟକ। ଅତିଥିଙ୍କ ଆବଶ୍ୟକତାକୁ ହୃଦୟଙ୍ଗମ କରି ସେମାନଙ୍କୁ ଉପଯୁକ୍ତ ସେବା ଦେବା ଆମର ପ୍ରଥମ କର୍ତ୍ତବ୍ୟ। ସେମାନେ ଯେପରି ଏକ ସକାରାତ୍ମକ ଅନୁଭୂତି ସାଉଣ୍ଟିପାରିବେ, ତାହା ଆମର ଲକ୍ଷ୍ୟ।

**ପ୍ର- ଆଗକୁ କ'ଣ ଯୋଜନା ରହିଛି?**

ଉ-ଗୋପାଳପୁରରେ 'ଷ୍ଟର୍ଲିଙ୍ଗ ହଲିଡେ' ରିସୋର୍ଟର ସହଭାଗିତାରେ ଏକ ଥ୍ରୀ-ଷ୍ଟାର ପ୍ରୋଜେକ୍ଟ ଚାଲିଛି। ଛତ୍ରପୁରର ଟାମ୍ପରାରେ ରିସୋର୍ଟ ପ୍ରସ୍ତୁତି ପାଇଁ ବିଭିନ୍ନ ଅଗ୍ରଣୀ କମ୍ପାନୀ ସହ ଆଲୋଚନା କରାଯାଉଛି।

ଧରିତ୍ରୀ | OrissaPOST
BUSINESS EMINENCE AWARDS

**ପ୍ରଃ ସଫଳତାର ରହସ୍ୟ କ'ଣ?**

ଉ-ସଫଳତାର ସବୁଠୁ ବଡ଼ ରହସ୍ୟ ହେଉଛି ଅତିଥି ବା ଗ୍ରାହକଙ୍କୁ ସ୍ୱତନ୍ତ୍ର ସେବା ଦେବା। ଏଥିପାଇଁ କର୍ମଚାରୀଙ୍କୁ ନିୟମିତ ତାଲିମ ପ୍ରଦାନ ସହ ଯୋଗାଯୋଗ ଦକ୍ଷତାକୁ ସୁଦୃଢ଼ କରାଯାଇଥାଏ। ବିଭିନ୍ନ ସମୟରେ ଉପୁଜୁଥିବା ସମସ୍ୟାର କୌଶଳକ୍ରମେ ସମାଧାନ କରିବାକୁ ପ୍ରାଧାନ୍ୟ ଦେଇଥାଉ।

## ଅନୁଭବଙ୍କ ଭଡ଼ାଘରେ ଚଢ଼ାଉ

**ବ୍ୟାଙ୍କରୁ ଋଣ ଆଣିଥିଲେ ତାଙ୍କ ଭାଇ**

**କଟକ,୧୩।୩ (କାର୍ତ୍ତିକ ସାହୁ)**

କଟକ ଅର୍ବାନ୍ କୋଅପରେଟିଭ୍ ବ୍ୟାଙ୍କ ପକ୍ଷରୁ ଏମ୍ପି ଅନୁଭବ ମହାନ୍ତିଙ୍କ ଖାନ୍ନଗରସ୍ଥିତ ଭଡ଼ାଘରେ ବୁଧବାର ଚଢ଼ାଉ କରାଯାଇଛି। ଅନୁଭବଙ୍କ ଭାଇ ଅନୁପ୍ରାସ ମହାନ୍ତି ଉକ୍ତ ବ୍ୟାଙ୍କରୁ ୨୦୧୨ ମସିହାରେ ୩୦ ଲକ୍ଷ ଟଙ୍କା ଋଣ ଆଣିଥିଲେ। ସେ ନିୟମିତ ନିର୍ଦ୍ଧାରିତ ସମୟରେ ଋଣ ପରିଶୋଧ କରିପାରି ନ ଥିଲେ। ଫଳରେ ଉକ୍ତ ଋଣ ପରିମାଣ ସୁଧ ସହ ବୃଦ୍ଧି ପାଇ ୭୫ ଲକ୍ଷ ଟଙ୍କାରେ ପହଞ୍ଚିଛି। କଟକ ଅର୍ବାନ କୋଅପରେଟିଭ୍ ବ୍ୟାଙ୍କର ମୁଖ୍ୟ ନିର୍ବାହୀ ଅଧିକାରୀ ପ୍ରିୟବ୍ରତ ପଣ୍ଡାଙ୍କ କହିବାନୁସାରେ, ମାର୍ଚ୍ଚ ମାସ ହେତୁ ଋଣ ଆଦାୟ ନିମନ୍ତେ ଆମେ ତାଙ୍କ ଘରକୁ ଯାଇଥିଲୁ। ଋଣ ପରିଶୋଧ କରିବା ନିମନ୍ତେ ତାଙ୍କ ତରଫରୁ ସହଯୋଗ କରାଯାଇଛି। ଉକ୍ତ ଋଣ ପରିଶୋଧ କରିବେ ବୋଲି ମଧ୍ୟ ସେମାନେ ପ୍ରତିଶ୍ରୁତି ଦେଇଛନ୍ତି।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଗାମା ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ରିଜିଓନାଲ ସାଇନ୍ସ ସେଣ୍ଟର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଆ ଜନତା ପାର୍ଟି ପକ୍ଷରୁ ବୈଠକ, ସ୍ଥାନ: ବୁଲନ ଭାଇ ସେବା ସଦନ, ମାଷ୍ଟରକ୍ୟାଣ୍ଟିନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଫିଲ୍ମ ସ୍କ୍ରିନିଂ ବସ୍ତର, ସ୍ଥାନ: ଏସ୍‌ପ୍ଲାନେଡ, ରସୁଲଗଡ଼, ସମୟ: ଅପରାହ୍ନ ୩ଟା।
- ଆଜିର ମ୍ୟାଚ୍: ଏଏଫ୍‌ସି୍ କପ୍ ସେମି ଫାଇନାଲ ଲେଗ୍-୨,ଓଡ଼ିଶା ଏଫ୍‌ସି ବନାମ ସେଣ୍ଟ୍ରାଲ କୋଷ୍ଟ ମେରିନର୍ସ, ସ୍ଥାନ: କଳିଙ୍ଗ ଷ୍ଟାଡିୟମ, ସମୟ: ଅପରାହ୍ନ ୩.୩୦।
- ସୋସିଆଲ ୟୁନିଟ୍ ସେଣ୍ଟର ଅଫ ଇଣ୍ଡିଆ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ଅପରାହ୍ନ ୪ଟା।
- ବିଶାଳ ମେଗା ହ୍ୟାଣ୍ଡଲୁମ ଓ ହ୍ୟାଣ୍ଡିକ୍ରାଫ୍ଟ ଫେବ ମେଳା, ସ୍ଥାନ: ୟୁନିଟ୍- ୩ ପ୍ରଦର୍ଶନୀ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- କେନ୍ଦ୍ରୀୟ ରାମଲୀଳା ପ୍ରଚାର ସମିତିର ମୀନ ସଂକ୍ରାନ୍ତି ଉତ୍ସବ, ସ୍ଥାନ: କଟକ ଚୌଧୁରୀବଜାରସ୍ଥିତ ମାରୁତି ମଣ୍ଡପ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।
- ୨୦ ତମ ଆନ୍ତର୍ଜାତିକ କଟକ ବୈଶାଖୀ ବାଣିଜ୍ୟ ମେଳା ଉଦ୍‌ଘାଟନ, ସ୍ଥାନ: କଟକ ବାଲିଯାତ୍ରା ପଡ଼ିଆ, ସମୟ ସନ୍ଧ୍ୟା: ୭ ଟା ୩୦।

## ପୁରୀ

- ରକ୍ତଦାନ ଶିବିର, ସ୍ଥାନ: ଷ୍ଟେଟ ବ୍ୟାଙ୍କ ହଲିଡେ ହୋମ, ପୁରୀ, ସମୟ: ପୂର୍ବାହ୍ନ ୧୦ଟା।
- . ସୁଶ୍ରୀ ଓ ଭବ୍ୟ ନାରୀଶକ୍ତି ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଜାତିକ ମହିଳା ସପ୍ତାହ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ଶୁଭାଧିବାସ, ସ୍ଥାନ: ମା' ଜାଗେଶ୍ୱରୀଙ୍କ ପୀଠ, ବଡଶିରିବିଲା, ନିମାପଡ଼ା, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ତୃତୀୟ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଗୀତ ଭବନ, ବିଡିଏ କଲୋନୀ, ଜଟଣୀ, ସମୟ: ସକାଳ ୯ଟା।
- ଅହମଦୀୟା ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: କେରଙ୍ଗ, ସମୟ: ଅପରାହ୍ନ ୩ଟା।

## ବାଲେଶ୍ୱର

- ଦିନିକିଆ ଆଉଟରିଚ୍ କାର୍ଯ୍ୟକ୍ରମ, ସ୍ଥାନ: ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ବାଲେଶ୍ୱର ଜିଲା କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ମୟୂରଭଞ୍ଜ

- ମା' ମଙ୍ଗଳାଙ୍କ ବାର୍ଷିକୋତ୍ସବ ଉପଲକ୍ଷେ ଘଟ ଉତ୍ତୋଳନ ଓ ସଂକୀର୍ତ୍ତନ, ସ୍ଥାନ: ପାରିଆଉଡ଼ା, ହଳଦୀପାଳ, ମୋରଡ଼ା ବ୍ଲକ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ବାହାଦୂରପୁର ଭାବବୃନ୍ଦାବନ, ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ

- ଲକ୍ଷ୍ମୀନାରାୟଣ ମନ୍ଦିରର ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ଯଜ୍ଞ, ସ୍ଥାନ: କୁଆଁସସ୍ଥିତ କଦମ୍ବବେଢା ହରିହାଟ ପ୍ରାଙ୍ଗଣ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ବରପଦା ବିକାଶ ମଞ୍ଚ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବରପଦା ବଜାରରୁ ଭଦ୍ରକ, ସମୟ: ଅପରାହ୍ନ ୨ଟା ୩୦।
- ଦକ୍ଷିଣେଶ୍ୱରୀ କାଳୀ ମନ୍ଦିର ବାର୍ଷିକୋତ୍ସବର ଉଦ୍‌ଯାପନୀ ସମାରୋହରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ବସ୍‌ଷ୍ଟାଣ୍ଡ ପରିସର, ଭଦ୍ରକ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଶାସ୍ତ୍ରୀ ନଗର ୟୁଥ୍ କ୍ଲବ୍ ପକ୍ଷରୁ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପୌରପାଳିକା ସ୍ପୋର୍ଟସ କମ୍ପ୍ଲେକ୍ସ, ଯୋଡ଼ା, ସମୟ: ଅପରାହ୍ନ ୫ ଟା।
- ବାର ଆସୋସିସନ ନିର୍ବାଚନ ଲାଗି ନାମାଙ୍କନ ପତ୍ର ଯାଞ୍ଚ, ସ୍ଥାନ: ବଡ଼ବିଲ ବାର ଆସୋସିସନ, ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ମହାମୟୀ ମହିଳା ମହାବିଦ୍ୟାଳୟ ନୂତନ କୋଠା ଉଦଘାଟନ, ସ୍ଥାନ: ମୀନାକ୍ଷୀ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ କୃଷକ ସମାବେଶ, ସ୍ଥାନ: ଆରଡିସି କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ, ସ୍ଥାନ: ଜିଲୁଣ୍ଡି ଖେଳ ପଡିଆ, ସମୟ: ସକାଳ ୯ ଟା।
- ଜଙ୍ଗଲ ସୁରକ୍ଷା ଉପରେ ସଚେତନତା ରଥ ପରିକ୍ରମା, ସ୍ଥାନ: ଜଗନ୍ନାଥ ପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମ, ସମୟ: ସକାଳ ୯ ଟା ରୁ ସନ୍ଧ୍ୟା ୬ ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇ ସ୍କୁଲ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ବିଜୁ ପଟ୍ଟନାୟକ ବହୁମୁଖୀ ଖେଳଗୃହ ଉଦଘାଟନ,ସ୍ଥାନ: ଭଞ୍ଜନଗର ପୁରୁଣା ଜେଲ୍ ପରିସର, ସମୟ: ସନ୍ଧ୍ୟା ୫ଟା ୩୦।
- ଶ୍ରୀମଦ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗୀମାରୀ, ସମୟ: ସନ୍ଧ୍ୟା ୭ ଟା।
- ଶ୍ରୀମଦ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ ଟା।

## କନ୍ଧମାଳ

- ଗୀତା ଜ୍ଞାନଯଜ୍ଞ ପାରାୟଣ, ପ୍ରବଚନ, ସ୍ଥାନ: କ. ନୂଆଗାଁ ବ୍ଲକ ପୁରୁଣା ନୂଆଗାଁ, ସମୟ: ସନ୍ଧ୍ୟା ୭ଟା।

## କୋରାପୁଟ

- ଏସ୍‌ଡିସି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: କୋରାପୁଟ ପୋଲିସ ପଡିଆ, ସମୟ: ଅପରାହ୍ନ ୪ ଟା।

## ମାଲକାନଗିରି

- ଏଜୁକକେଶନ କମ୍ପ୍ଲେକ୍ସ ଉଦ୍‌ଘାଟନ, ସ୍ଥାନ: ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳ ବଡ଼ପଡ଼ା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ବିଶ୍ୱ କିଡ୍‌ନୀ ଦିବସ ଉପଲକ୍ଷେ ବିକାଶ ହସ୍ପିଟାଲ ପକ୍ଷରୁ ୱାକାଥନ, ସ୍ଥାନ: ଅଇଁଠାପାଲି, ସମୟ: ସକାଳ ୭ଟା।
- ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତି ଓ ସମ୍ବଲପୁର ଜିଲା କୃଷକ ସୁରକ୍ଷା ସଙ୍ଗଠନର ବିକ୍ଷୋଭ ସମାବେଶ, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ ସାମ୍ନା, ସମୟ: ପୂର୍ବାହ୍ନ ୧୧ଟା।
- ଭୀମ୍ ଆର୍ମି ପକ୍ଷରୁ ଜମିପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ, ସ୍ଥାନ: ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ସମ୍ବଲପୁରର ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକ ସଂଘ ବୈଠକ,ସମୟ: ପୂର୍ବାହ୍ନ ୧୧ଟା ୩୦।

## ବଲାଙ୍ଗୀର

- ଲୋକନୃତ୍ୟ କରମସାନି ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଖପ୍ରାଖୋଲ ବ୍ଲକ ଢୁଢୁମଦର୍ହା, ସମୟ: ପୂର୍ବାହ୍ନ ୧୦ଟା।
- ମୋ ଜଙ୍ଗଲ ଜମି ଯୋଜନା ସମ୍ପର୍କିତ ସଚେତନତା ଶିବିର, ସ୍ଥାନ: ଖପ୍ରାଖୋଲ ତହସିଲ ଅଫିସ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଉଜ୍ଜ୍ୱଳ ବରିହା ହତ୍ୟାକାରୀଙ୍କୁ ଗିରଫ, ମୃତକଙ୍କ ପରିବାରକୁ ନ୍ୟାୟ ଦାବିରେ ଆଦିବାସୀ କଲ୍ୟାଣ ସଂଘର ଥାନା ଘେରାଉ, ସ୍ଥାନ: ଲରମ୍ଭା ଥାନା ସମ୍ମୁଖ, ସମୟ: ପୂର୍ବାହ୍ନ:୧୧ଟା।
- ଖାଦ୍ୟ ସୁରକ୍ଷା ଲାଇସେନ୍ସ ଓ ପଞ୍ଜୀକରଣ ଶିବିର, ସ୍ଥାନ: ଲାଠୋର ଅଗ୍ରସେନ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସପ୍ନୋକି ଉଡାନ: ହାମାରି ପରମ୍ପରା, ହାମାରି ସଂସ୍କୃତିକୋ ସାଥ୍ କାର୍ଯ୍ୟକ୍ରମ, ସ୍ଥାନ: ବନମାଳୀ ପ୍ୟାଲେସ, ସମୟ: ସନ୍ଧ୍ୟା ୬ଟା।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ୫୬ ପ୍ରହର ନାମଯଜ୍ଞର ଦ୍ୱିତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକର କେନ୍ଦୁପାଲି ଗାଁ, ସମୟ: ସକାଳ ୬ଟା।
- ସୋନପୁର-ବଲାଙ୍ଗୀର-ଭୁବନେଶ୍ୱର ଏକ୍ସପ୍ରେସ ଟ୍ରେନ୍‌ର ଶୁଭାରମ୍ଭ, ସ୍ଥାନ: ସୋନପୁର ରେଳ ଷ୍ଟେଶନ, ସମୟ: ଅପରାହ୍ନ ୧ଟା।

## ବରଗଡ଼

- ମାଉସୀ ମା' ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭଟଲି, ସମୟ: ସକାଳ ୯ଟା।
- ଶ୍ରୀ ମାର୍କଣ୍ଡେଶ୍ୱର ଶିବ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: କୁଶନପୁରୀ ଫୁଲବନ୍ଧ, ସମୟ: ସକାଳ ୯ଟା।
- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ: ସକାଳ ୯ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ସେକ୍ଟର--୨ ସୁଶୀଳାବତୀ ସରକାରୀ ବାଳିକା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍.କେ. ରାୟ ସ୍କୁଲର ବାର୍ଷିକୋତ୍ସବ, ସ୍ଥାନ: ସିଭିଲଟାଉନଶିପ୍, ସମୟ: ପୂର୍ବାହ୍ନ ୧୦ଟା।
- ନକ୍‌ଆଉଟ ଫୁଟବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନ୍ତର୍ଗତ ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଶିବିର, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର, ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଜିଲାସ୍ତରୀୟ କଂଗ୍ରେସ ସମାବେଶ, ସ୍ଥାନ: କେସି କ୍ଲବ ପଡ଼ିଆ ଜୟପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- କୃଷିଋଣ ଛାଡ଼ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଉପଜିଲାପାଳଙ୍କ ଅଫିସ ଘେରାଉ, ସ୍ଥାନ: ଧର୍ମଗଡ଼ ଉପଜିଲାପାଳଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଜପାର ନିର୍ବାଚନ ବୁଥସ୍ତରୀୟ ସମ୍ମିଳନୀ, ସ୍ଥାନ: ଖଡ଼ିଆଳ କଲ୍ୟାଣ ମଣ୍ଡପ ୨, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ ନିମନ୍ତେ କଳସ ଶୋଭାଯାତ୍ରା, ସ୍ଥାନ: ବଘିଆ ଗ୍ରାମ କୁଞ୍ଜମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ

- ମାଳତୀ ଚୌଧୁରୀଙ୍କ ପୁଣ୍ୟତିଥି, ସ୍ଥାନ: ବାଜି ରାଉତ ଛାତ୍ରାବାସ, ସମୟ: ସକାଳ ୭ଟା।
- ଅଲେଖ ମହିମା ଶରଣ ନାମଯଜ୍ଞ ଉତ୍ସବ, ସ୍ଥାନ: କଣିହାଁ ଗ୍ରାମ, ସମୟ: ସକାଳ ୭ଟା।
- ନାରାୟଣ ଦେଶାଇଙ୍କ ପୁଣ୍ୟତିଥି, ସ୍ଥାନ: ଉତ୍କଳ ନବ ଜୀବନ ମଣ୍ଡଳ, ସମୟ: ପୂର୍ବାହ୍ନ ୧୦ଟା।
- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ ଅନୁଗୋଳ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସାଧାରଣ ନିର୍ବାଚନ ପାଇଁ ବୈଠକ, ସ୍ଥାନ: ଜିଲା କାର୍ଯ୍ୟାଳୟ ଅନୁଗୋଳ, ସମୟ: ଅପରାହ୍ନ ୪ଟା।

## ଜଗତ୍‌ସିଂହପୁର

- ଅଲ ଇଣ୍ଡିଆ କୃଷକ ସଭା ଜିଲା ଶାଖା ପକ୍ଷରୁ କୃଷକଙ୍କ ବିଭିନ୍ନ ଦାବିକୁ ନେଇ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ବିରିଡ଼ି, ଏରସମା ଓ କୁଜଙ୍ଗ ବ୍ଲକ ମୁଖ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ପୋଲିସ-ମାଜିଷ୍ଟ୍ରେଟ୍ ସମନ୍ୱୟ ବୈଠକ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ଭିଡିଓ କନଫରେନ୍ସ ଜରିଆରେ ବିଭାଗୀୟ ସମୀକ୍ଷା, ସ୍ଥାନ: ଜିଲା ପୋଲିସ କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।
- କାଶୀ ବିଶ୍ୱନାଥ ମନ୍ଦିର ପକ୍ଷରୁ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଏରସମା ମୁଖ୍ୟାଳୟ, ସମୟ: ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ଶିକ୍ଷକନେତା ସ୍ୱର୍ଗତ ଗୋଲକବିହାରୀ ସାହୁଙ୍କ ସ୍ମରଣିକା ଉନ୍ମୋଚନ, ସ୍ଥାନ: ମଦନପୁର ଯଜ୍ଞପଡ଼ିଆ ସମ୍ମୁଖ, ରାଜନଗର, ସମୟ: ପୂର୍ବାହ୍ନ ୧୧ଟା।
- ୮୩ତମ ନାମ ଯଜ୍ଞ, ସ୍ଥାନ: ଦୀନବନ୍ଧୁ ପାଠାଗାର ନିକଟ, କରିଲୋପାଟଣା, ମାର୍ଶାଘାଇ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଚବିଶ ପ୍ରହର ନାମଯଜ୍ଞ ମହୋତ୍ସବ, ସ୍ଥାନ: ବଡ଼ଚଣା ବ୍ଲକର ଇଚ୍ଛାନଗର ପାଟଣା, ସମୟ: ସକାଳ ୬ଟା।
- ୫ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ୍‌ର ମା' ପଳାସ ବୁଢ଼ୀ ଠାକୁରାଣୀ ପୀଠ, ସମୟ: ସକାଳ ୬ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ : ନୀଳାଚଳ କାରଖାନା ସମ୍ମୁଖ, ସମୟ : ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ତୃତୀୟ ଦିନ, ସ୍ଥାନ: କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ,ସମୟ : ସକାଳ ୭ଟା।
- 'ଆଲଟ୍' ଅନୁଷ୍ଠାନ ଭୁବନେଶ୍ୱର ସହଯୋଗରେ ଅଷ୍ଟଶମ୍ଭୁ ମନ୍ଦିର ପରିଚାଳନା ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ଯାଜପୁର ବ୍ଲକ୍ ଇନ୍ଦାରୋଇ(ଗୋବର୍ଦ୍ଧନପୁର) ଗ୍ରାମର ଅଷ୍ଟଶମ୍ଭୁ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ଇକୋ ମଡେଲ ସଷ୍ଟେନେବୁଲ ଲାଇଭ ଷ୍ଟାଇଲ ପ୍ରଦର୍ଶନୀ, ସ୍ଥାନ : ବିରଜା ସରକାରୀ ହାଇସ୍କୁଲ, ସମୟ : ପୂର୍ବାହ୍ନ ୧୦ଟା୩୦।
- ପ୍ରୀତି ମଲ୍ଟି ସ୍ପେଶାଲ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ରସୁଲପୁର ବ୍ଲକ୍ ମୁଗୁପାଳ ପଞ୍ଚାୟତ ବରାଂଶ ଛକ(୨୦ନଂ. ଜାତୀୟ ରାଜପଥ ପାର୍ଶ୍ୱ), ସମୟ: ଅପରାହ୍ନ ୨ଟା।
- ବ୍ୟାସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ବ୍ୟାସନଗର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ, ସମୟ : ସନ୍ଧ୍ୟା ୬ଟା୩୦।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ଶୁଭସମ୍ବାଦ ପାଇ ଉଲ୍ଲସିତ ହେବେ, ମାତ୍ର ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବା ସହ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବ। ଏକାଦଶସ୍ଥ ଏକାଧିକ ଗ୍ରହ ଯୋଗୁ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ।

**ବୃଷ** ସପ୍ତମାଧିପତି ଭାଗ୍ୟସ୍ଥ ହେତୁ ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ମନଟା ବିଗିଡି ଯାଇପାରେ। କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ ମାତ୍ର ଘର ସାଜସଜ୍ଜାରେ ସମୟ ଅତିବାହିତ କରି ପାରନ୍ତି। ବନ୍ଧୁଙ୍କଠାରୁ କାର୍ଯ୍ୟ ହାସଲ କରିବେ। ଆତ୍ମୀୟଙ୍କୁ ସାହାଯ୍ୟ କରିବାକୁ ଯାଇ ହରଡ଼ଘଣାରେ ପଡ଼ିପାରନ୍ତି।

**ମିଥୁନ** ନୀଚସ୍ଥ ରାଶ୍ୟାଧିପ ଯୋଗୁ କାର୍ଯ୍ୟବ୍ୟସ୍ତତା କାରଣରୁ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହି କାମ କରିବା ଭଲ। ଆର୍ଥିକ ପରିସ୍ଥିତିରେ ଉନ୍ନତି ସାଙ୍ଗକୁ କର୍ମକ୍ଷେତ୍ରରେ ଉତ୍ସାହର ସହ କାମ କରିବେ। ଗୃହ, ଭୂମି, ଗାଡିମୋଟର ସମ୍ପର୍କିତ ଦୁଶ୍ଚିନ୍ତା ମାନସିକ ଅସ୍ଥିରତା ସୃଷ୍ଟି କରିପାରେ। ପାରିବାରିକ ସମସ୍ୟାକୁ ନେଇ ବନ୍ଧୁଙ୍କ ସହ ଆଲୋଚନା କରିବେ।

**କର୍କଟ** ଆଜି ଚନ୍ଦ୍ର ସହ କର୍ମଭାବରେ ଗୁରୁ ଆରୋଗ୍ୟଲାଭ, ପାରିବାରିକ ଶାନ୍ତି, କର୍ମାରମ୍ଭ ପାଇଁ ଖୋରାକ ଯୋଗାଇ ପାରନ୍ତି। ପରିସ୍ଥିତିକୁ ସାମନା କରିବାକୁ ଯାଇ ଉପସ୍ଥିତି ବୁଦ୍ଧି ଯୋଗୁ ବିପଦ ମୁକ୍ତ ହେବେ। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବେ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ, ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ।

**ସିଂହ** ରବି ସହ ଶନିଙ୍କ ସଂଯୋଗରୁ କେତେକ କାମ ହାସଲ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ। ସ୍ୱକୀୟ ଚେଷ୍ଟାବଳରେ ପରିବାର ଓ କର୍ମକ୍ଷେତ୍ରରେ ଦ୍ରୁତୋନ୍ନତି ପରିଲକ୍ଷିତ ହେବ। ବନ୍ଧୁଙ୍କ ସହାୟତାରେ ଶିଳ୍ପ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**କନ୍ୟା** ଅଷ୍ଟମ ଚନ୍ଦ୍ର ପ୍ରଭାବରେ ବିଭିନ୍ନ ପ୍ରକାରର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଚତୁର୍ଥାଧିପଙ୍କ ଦୁଃସ୍ଥାନସ୍ଥ ହେତୁ ଯାନ୍ତ୍ରିକ ତ୍ରୁଟିଜନିତ ଯାତ୍ରାରେ ବିଳମ୍ବ ଘଟିବାର ସୂଚନା ରହିଛି। ତଥାପି କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ନୂତନ ବସ୍ତ୍ର ଓ ଅଳଙ୍କାର କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ତୁଳା** ଅନୁକୂଳ ଗ୍ରହସ୍ଥିତି ହେତୁ ଯେଉଁ କାମରେ ମନଦେବେ ସଫଳତା ନିଶ୍ଚିତ। ଗୁରୁଜନଙ୍କ ମତକୁ ସମ୍ମାନ ଦେଇ ପ୍ରଶଂସିତ ହେବେ। ଅଧିକାଂଶ ସମୟ ଘର ସାଜସଜ୍ଜା କିମ୍ବା ମରାମତିରେ ସମୟ ଅତିବାହିତ କରିବେ। ପାରିବାରିକ ସମସ୍ୟା ସମାଧାନରେ ଟାଳଟୁଳ ନୀତି ଗ୍ରହଣ କରି ପଶ୍ଚାତ୍ତେ ଅନୁତାପ କରିବାକୁ ପଡିପାରେ।

**ବିଛା** ରାହୁ ଯୁକ୍ତ ବୁଧ କାରଣରୁ ବିଭିନ୍ନ ପ୍ରକାରର ଦୁର୍ଭାବନାରେ ମନ ବିଚଳିତ ରହିବ। ମାତ୍ର ପ୍ରଶାସନ, ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରା ସମୟରେ ଅଜଣା ବ୍ୟକ୍ତି ପ୍ରତି ସତର୍କ ରହିବା ଭଲ ହେବ। ପାରିବାରିକ କ୍ଷେତ୍ରରେ ଛୋଟ ମୋଟ ସମସ୍ୟାକୁ ନେଇ ବିଶେଷ ବ୍ୟସ୍ତ ହୋଇପାରନ୍ତି।

**ଧନୁ** ଧନସ୍ଥାନରେ ବ୍ୟୟାଧିପ ରହିଥିବାରୁ ଖର୍ଚ୍ଚ ବଢ଼ିଯିବା ହେତୁ ମାନସିକ ସ୍ଥିତି ବିଗିଡି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଅତି ନିଜର ଲୋକଟି ଅନ୍ୟଦ୍ୱାରା ପ୍ରଭାବିତ ହୋଇ ସେହି ବ୍ୟକ୍ତି କାମ କରିବେ ନାହିଁ। ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ।

**ମକର** ପରିବାରସ୍ଥାନରେ ଶୁଭଗ୍ରହ ଥିବାରୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ଧନାଧିପ ରାହୁଙ୍କ ନକ୍ଷତ୍ରରେ ଥିବାରୁ ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। ବନ୍ଧୁଙ୍କ ସାହାଯ୍ୟ ଲାଭକରି କର୍ମକ୍ଷେତ୍ରରେ କ୍ରମଶଃ ସ୍ଥିରତା ଫେରିପାଇବେ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରୁ ଉପକୃତ ହୋଇପାରନ୍ତି।

**କୁମ୍ଭ** ସ୍ୱଗୃହୀ ବଳବାନ୍ ରାଶ୍ୟାଧିପଙ୍କ ଯୋଗୁ କର୍ମକ୍ଷେତ୍ର, ପରିବାର, ଯାନବାହନ, ବନ୍ଧୁ ସମ୍ପର୍କ ଦୃଢୀଭୂତ ହେବ। ଅନ୍ୟମାନଙ୍କ ସକାଶେ ଭଲ କରିବାକୁ ଯାଇ ଅପଦସ୍ଥ ହେବେ। ବିବାଦୀୟ ପରିସ୍ଥିତିରେ ମଧ୍ୟସ୍ଥତା କଲେ ବିନା କାରଣରେ କଳହକୁ ନିମନ୍ତ୍ରଣ କରିପାରନ୍ତି। ସହକର୍ମୀଙ୍କ ସାହାଯ୍ୟରୁ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବାର ସୂଚନା ରହିଛି।

**ମୀନ** ବୁଧଙ୍କ ସହ ରାହୁ ପାରିବାରିକ ଜୀବନକୁ ଅଶାନ୍ତ କରିପାରନ୍ତି। ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କରି ଅପମାନିତ ହେବେ। କର୍ମକ୍ଷେତ୍ରରେ ବିବାଦୀୟ ଘଟଣା ଭିନ୍ନ ଆକାର ଧାରଣ କରିପାରେ। ସ୍ୱାସ୍ଥ୍ୟ ବାରମ୍ବାର ଖରାପ ହେଉ ଥିବାରୁ ଚିନ୍ତିତ ରହିପାରନ୍ତି।

ଆଜି ମାର୍ଚ୍ଚ ୧୪ ତାରିଖ, ମୀନ ସଂକ୍ରାନ୍ତି, ବିଶ୍ୱ ବୃକ୍କ ଦିବସ, ଫାଲଗୁନ ଶୁକ୍ଳ ୫ମୀ ଗୁରୁବାର, ରାଶି ନକ୍ଷତ୍ର-ଦ୍ୱିଜା/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ. ୦୫।୫୯ ଗତେ ଘ.୦୭।୩୪ ମଧ୍ୟେ, ଘ.୧୦।୪୪ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୧।୨୫ ଗତେ ଘ.୦୨।୫୪ ମଧ୍ୟେ ରାହୁକାଳ।

# ରିଟର୍ନିଂ ଅଫିସରଙ୍କ ପ୍ରଶିକ୍ଷଣ

**ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)**

ପ୍ରତିଟି ଭୋଟ ମୂଲ୍ୟବାନ୍। ଦେଶ ଗଠନରେ ପ୍ରତିଟି ଭୋଟର ମହତ୍ତ୍ୱ ରହିଛି। ଯେପରି କୌଣସି ଜଣେ ଭୋଟର ମତଦାନରୁ ବଞ୍ଚିତ ନ ହେବେ ସେହି ଲକ୍ଷ୍ୟ ନେଇ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଅନେକ କାର୍ଯ୍ୟକ୍ରମ କରାଯାଉଛି। ସର୍ଭିସ୍ ଭୋଟରମାନେ ଦେଶସେବାରେ ଅନେକ ଦୂରଦୂରାନ୍ତ ଅଞ୍ଚଳରେ ନିୟୋଜିତ ହୋଇ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେହି ସର୍ଭିସ୍ ଭୋଟରମାନେ କିପରି ସୁଚାରୁରୂପେ ମତଦାନ କରିପାରିବେ ସେଥିପାଇଁ ଭାରତୀୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଭାସି ମାଧ୍ୟମରେ ରିଟର୍ନିଂ ଅଫିସରମାନଙ୍କ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଦେଶର ସମସ୍ତ ରାଜ୍ୟର ରିଟର୍ନିଂ ଅଫିସରମାନେ ଆଭାସି ମାଧ୍ୟମରେ ଯୋଡ଼ିହୋଇ ଇଲେକ୍‌ଟ୍ରୋନିକାଲି ଟ୍ରାନ୍ସମିଟେଡ୍ ପୋଷ୍ଟାଲ ବାଲଟ ମ୍ୟାନେଜ୍‌ମେଣ୍ଟ ସିଷ୍ଟମ (ଇଟିପିବିଏମ୍‌ଏସ୍) ବିଷୟରେ କମିଶନଙ୍କଠାରୁ ପ୍ରଶିକ୍ଷଣ ପ୍ରାପ୍ତ ହୋଇଛନ୍ତି। ଅନ୍‌ଲାଇନ ମାଧ୍ୟମରେ ପୋଷ୍ଟାଲ ବାଲଟ୍ କିପରି ପଠାଯିବ, ପଠାଇବାର ସୁରକ୍ଷା, ପଠାଯିବାର ସମୟ ଓ ଅଫ୍‌ଲାଇନ ମାଧ୍ୟମରେ ପୋଷ୍ଟାଲ ବାଲଟ୍ କିପରି ଫେରସ୍ତ ଆସିବ ଏହି ସମସ୍ତ ବିଷୟରେ ନିର୍ବାଚନ କମିଶନଙ୍କ ତରଫରୁ ବୈଷୟିକ ବିଶେଷଜ୍ଞମାନେ ପ୍ରଶିକ୍ଷଣ ଦେଇଥିଲେ। ରିଟର୍ନିଂ ଅଫିସରମାନେ ସମସ୍ତ ବୈଷୟିକ ଦିଗ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିଲେ ଓ ନିଜର ସନ୍ଦେହଗୁଡ଼ିକ ବିଷୟରେ ପଚାରି ବୁଝିଥିଲେ। ଇଟିପିବିଏମ୍‌ଏସ୍ ମାଧ୍ୟମରେ ମତଦାନକରି ସର୍ଭିସ୍ ଭୋଟରମାନେ ନିଜ ନିଜର ଜାତୀୟ କର୍ତ୍ତବ୍ୟ ସମ୍ପାଦନ ସମୟରେ ମଧ୍ୟ ମତଦାନର ସୁଯୋଗ ପାଇ ଭାରତୀୟ ଗଣତନ୍ତ୍ରର ମହାପର୍ବ ନିର୍ବାଚନରେ ସାମିଲ ହୋଇପାରୁଛନ୍ତି। ଭାରତୀୟ ନିର୍ବାଚନ କମିଶନ ଏ ଦିଗରେ ସର୍ବଦା ଚେଷ୍ଟିତ ରହି ସମସ୍ତ ଆନୁଷଙ୍ଗିକ ବ୍ୟବସ୍ଥା କରୁଛନ୍ତି।



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସମସ୍ତଙ୍କ ପାଇଁ ସୁସ୍ଥ କିଡ୍‌ନୀ

## ଆଜି ବିଶ୍ୱ କିଡ୍‌ନୀ ଦିବସ



ପ୍ରତିବର୍ଷ ମାର୍ଚ୍ଚ ୧୪ ତାରିଖରେ ପାଳିତ ହୋଇଥାଏ ବିଶ୍ୱ କିଡ୍‌ନୀ ଦିବସ। କିଡ୍‌ନୀ ବା ବୃକ୍କ କିପରି ସୁସ୍ଥ ରହିବ ସେ ସମ୍ବନ୍ଧରେ ସମସ୍ତଙ୍କୁ ସଚେତନ କରାଇବା ହିଁ ଏହି ଦିବସ ପାଳନର ମୁଖ୍ୟ ଉଦ୍ଦେଶ୍ୟ। ବର୍ତ୍ତମାନ ବିଶେଷଭାବରେ ଦୀର୍ଘକାଳୀନ କିଡ୍‌ନୀ ରୋଗ ବିଶ୍ୱରେ ଦ୍ରୁତ ପ୍ରସାର ଲାଭ କରୁଥିବାରୁ କିଡ୍‌ନୀର ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏକ ସର୍ଭେରୁ ଜଣାପଡିଛି ଯେ, ସାରା ବିଶ୍ୱରେ ପାଖାପାଖି ୮୫ କୋଟି ବ୍ୟକ୍ତି କୌଣସି ନା କୌଣସି କିଡ୍‌ନୀ ରୋଗରେ ଆକ୍ରାନ୍ତ। ଏହି ରୋଗ ଭୋଗି ପ୍ରତିବର୍ଷ ପ୍ରାୟ ୨୪ ଲକ୍ଷରୁ ବେଶି ଲୋକ ମୃତ୍ୟୁବରଣ କରୁଛନ୍ତି। ଏହା ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ଏବଂ ମୃତ୍ୟୁର ଅନ୍ୟତମ ପ୍ରଧାନ କାରଣ। ବୃକ୍କ ଅକ୍ଷମତା ବା କିଡ୍‌ନୀ ଫେଲିଓର ମୁଖ୍ୟତ ଦାୟୀ ହେଉଛି ଡାଇବେଟିସ୍ ଏବଂ ଉଚ୍ଚ ରକ୍ତଚାପ। ଏହାକୁ ମଧ୍ୟ ସୁଗମ କରିଦେଇଛି ପୃଥୁଳତା ଏବଂ ବୟସ ବୃଦ୍ଧି, ପାରିବାରିକ ପ୍ରଭାବ ଏବଂ ଧୂମପାନ।

ଚଳିତବର୍ଷ ବିଶ୍ୱ କିଡ୍‌ନୀ ଦିବସ ଅବସରରେ ଘୋଷିତ ସ୍ଲୋଗାନଟି ହେଉଛି-'କିଡ୍‌ନୀ ହେଲପ ଫର ଅଲ୍-ଆଡ୍‌ଭାନସିଂ ଇକୁଇଟେବୁଲ ଆକ୍‌ସେସ ଟୁ କେୟାର ଆଣ୍ଡ ଅପ୍‌ଟମାଲ ମେଡିକେସନ ପ୍ରାକ୍ଟିସ'। ଏହାର ଅନ୍ତର୍ନିହିତ ଅର୍ଥ ହେଲା-ଯିଏ ଯେଉଁଠି ରହିଥାଆନ୍ତୁ କାହିଁକି ଏବଂ ତାହାର ସାମାଜିକ ସ୍ଥିତି ବା ପୃଷ୍ଠଭୂମି ଯାହା ହୋଇଥାଉନା କାହିଁକି, ପ୍ରତ୍ୟେକଙ୍କ କିଡ୍‌ନୀକୁ ସୁସ୍ଥ ରଖିବା ନିମନ୍ତେ ସେମାନଙ୍କୁ ସବୁ ପ୍ରକାର ସହାୟତା ଏବଂ ଚିକିତ୍ସା ସେବାର ଉପଲବ୍ଧ ହେବା ଉଚିତ। କିଡ୍‌ନୀ ଦ୍ୱୟ ଆମ ଶରୀରର ଖୁବ୍ ଗୁରୁତ୍ୱପୂର୍ଣ୍ଣ ତଥା ଅପରିହାର୍ଯ୍ୟ ଅଙ୍ଗ। ଏହା ପ୍ରତିନିୟତ ଶରୀରରୁ ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କରି ରକ୍ତ ପରିଶୋଧନରେ ବ୍ରତୀ। ଶରୀରରେ ଜଳ ଏବଂ ଲବଣ ଅଂଶର ସନ୍ତୁଳନ, ରକ୍ତଚାପ ନିୟନ୍ତ୍ରଣ, ଲୋହିତ ରକ୍ତ କଣିକା ସଂଶ୍ଳେଷଣ ଆଦି ବିଭିନ୍ନ କାର୍ଯ୍ୟ ସମ୍ପାଦନ କରି ଏହା ଆମକୁ ସୁସ୍ଥ ରଖେ।

ଦୀର୍ଘକାଳୀନ କିଡ୍‌ନୀ ରୋଗ ପାଇଁ ମୁଖ୍ୟତଃ ଦାୟୀ ହେଉଛି ଡାଇବେଟିସ ଏବଂ ଉଚ୍ଚ ରକ୍ତଚାପ। ଏହା ଧୀରେ ଧୀରେ କିଡ୍‌ନୀକୁ ଅକାମୀ କରିଦିଏ। ଶରୀର ଅତିରିକ୍ତ ଜଳ ଏବଂ ବର୍ଜ୍ୟ ନିଷ୍କାସନ କିଡ୍‌ନୀ ପକ୍ଷେ ସମ୍ଭବ ହୋଇପାରେ ନାହିଁ। ୟୁରିନାରି ଟ୍ରାକ୍ ଇନ୍‌ଫେକଶନ ବା ମୂତ୍ରମାର୍ଗରେ ଜୀବାଣୁ ସଂକ୍ରମଣକୁ ଚିକିତ୍ସା ନ କଲେ ତାହା କିଡ୍‌ନୀ କାର୍ଯ୍ୟକୁ ଅକ୍ଷମ କରିପକାଏ। ନେଫ୍ରୋଟିକ୍ ସିଣ୍ଡ୍ରୋମରେ ପରିସ୍ରାରେ ନିଷ୍କାସିତ ହୁଏ ବହୁ ପରିମାଣରେ ପ୍ରୋଟିନ। ଫଳରେ ରକ୍ତରେ ଆଲବୁମିନ୍ ନାମକ ପ୍ରୋଟିନ୍‌ର ମାତ୍ରା କମିଯାଏ। ଶରୀରରେ ଜଳ ଜମିଯାଇ ପେଟ, ମୁହଁ, ଗୋଡ ଏବଂ ପାଦ ଫୁଲିଯାଏ। ଡାଇବେଟିକ୍ ନେଫ୍ରୋପାଥିରେ ଡାଇବେଟିସ୍ ଯୋଗୁ କିଡ୍‌ନୀ ନଷ୍ଟ ହୋଇ ଜାତ ହୁଏ କିଡ୍‌ନୀ ଅକ୍ଷମତା ବା କିଡ୍‌ନୀ ଫେଲ୍ୟୁଅର।

**କିଡ୍‌ନୀ ରୋଗ ନିବାରଣ :** ଏଥିପାଇଁ ଯଥେଷ୍ଟ ପାଣି ପିଅନ୍ତୁ। ଦିନକୁ ଅତିକମ୍‌ରେ ଆଠ ଗ୍ଲାସ ପାଣି ପିଅନ୍ତୁ। ପାଣି ପିଇଲେ ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାଷିତ ହୋଇଯିବ। ସୁଷମ ଖାଦ୍ୟ ଖାଆନ୍ତୁ। ଯଥେଷ୍ଟ ଫଳ ଏବଂ ତଟକା ପନିପରିବା ଖାଆନ୍ତୁ। ନିଶଦ୍ରବ୍ୟ ସେବନ ବର୍ଜନ କରନ୍ତୁ। ଡାଇବେଟିସ୍ କିମ୍ବା ରକ୍ତଚାପ ଥିଲେ ଡାକ୍ତର ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ସପ୍ତାହରେ ଅନ୍ତତଃ ୧୫୦ମିନିଟ୍ ଚାଲନ୍ତୁ। ବେଶି ଲୁଣ ଖାଆନ୍ତୁ ନାହିଁ। ଡାକ୍ତରଙ୍କ ପରାମର୍ଶ ବିନା ଔଷଧ ଖାଆନ୍ତୁ ନାହିଁ। କିଡ୍‌ନୀ ରୋଗର ନିର୍ଣ୍ଣୟ ପାଇଁ ନିୟମିତ ସମୟ ଅନ୍ତରାଳରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନିଅନ୍ତୁ। ମନେରଖନ୍ତୁ ଯେ, କିଡ୍‌ନୀ ରୋଗ ହେଲେ ଅନେକ କ୍ଷେତ୍ରରେ କୌଣସି ଲକ୍ଷଣ ପ୍ରକାଶ ପାଇ ନ ଥାଏ। ମାନସିକ ଚାପଠାରୁ ଦୂରେଇ ରୁହନ୍ତୁ। ରାତିରେ ୭-୯ ଘଣ୍ଟା ଶୁଅନ୍ତୁ।

କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ନିଜେ ସଚେତନ ରହିବା ସହ ଜନସଚେତନତା ସୃଷ୍ଟି କରନ୍ତୁ। ଏହାର ପ୍ରଚାର ପ୍ରସାର ପାଇଁ ଗଣମାଧ୍ୟମର ସହାୟତା ନିଅନ୍ତୁ। ବିଶ୍ୱ କିଡ୍‌ନୀ ଦିବସ ଅବସରରେ କିଡ୍‌ନୀର ସୁସ୍ଥତାକୁ ଅଗ୍ରାଧିକାର ଦିଅନ୍ତୁ। ନିଜର ଜୀବନଶୈଳୀକୁ ସ୍ୱାସ୍ଥ୍ୟ ଅନୁକୂଳ କରନ୍ତୁ। ମନେ ରଖନ୍ତୁ, ଆଜିର ସାମାନ୍ୟ ସାବଧାନତା ଆସନ୍ତାକାଲି କିଡ୍‌ନୀକୁ ସୁସ୍ଥ ରଖିବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ।

**-ଡା. ନିତ୍ୟାନନ୍ଦ ସ୍ୱାଇଁ,** ଅଭୀପ୍‌ସା, ସେକ୍ଟର-୬, ସିଡିଏ, କଟକ-୧୪

**ଜନ୍ମଦିନର ଶୁଭେଚ୍ଛା**

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରନୀଳ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଶସ୍ତା ହେବ ବୈଦ୍ୟୁତିକ ଯାନ

## କେନ୍ଦ୍ର ସରକାରଙ୍କ ୫୦୦ କୋଟିର ନୂଆ ସ୍କିମ୍

ଭୁବନେଶ୍ୱର,୧୩।୩(ଅନୁରାଧା ମହାରଣା)

ଇଲେକ୍ଟ୍ରିକ୍ ୨ଚକିଆ ଏବଂ ୩ଚକିଆ ଯାନ ବିକ୍ରି ବୃଦ୍ଧି ପାଇଁ କେନ୍ଦ୍ର ସରକାର ଏକ ନୂତନ ଯୋଜନା ଘୋଷଣା କରିଛନ୍ତି। ୫୦୦ କୋଟି ଟଙ୍କାର ମୋବିଲିଟି ପ୍ରମୋସନ ସ୍କିମ୍ ( ଇଏମ୍ପିଏସ୍) ଯୋଜନା ଏପ୍ରିଲ ୧ରୁ କାର୍ଯ୍ୟକାରୀ ହେବ। ଏହା ୪ ମାସ ପାଇଁ ବୈଧ ହେବ। ଏହି ଯୋଜନା ଅଧୀନରେ ଇଲେକ୍ଟ୍ରିକ୍ ୨ଚକିଆ ଏବଂ ୩ଚକିଆ ଯାନ ଶସ୍ତା ହେବ । ଇଲେକ୍ଟ୍ରିକ୍ ଭାରି ଉଦ୍ୟୋଗ ମନ୍ତ୍ରୀ ମହେନ୍ଦ୍ର ନାଥ ପାଣ୍ଡେ ବୁଧବାର କହିଛନ୍ତି, ଇଏମ୍ପିଏସ୍ ଯୋଜନା ପାଇଁ ୫୦୦ କୋଟି ଟଙ୍କା ମଞ୍ଜୁର କରାଯାଇଛି। ଏହା ଦେଶରେ ବୈଦ୍ୟୁତିକ ୨ଚକିଆ ଏବଂ ୩ଚକିଆ ଯାନ ବିକ୍ରି ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରାଯାଉଛି। ୨୦୨୪ ଫେବୃଆରୀରେ ସରକାର ଫେମ୍-୨ ଯୋଜନା ଅଧୀନରେ ଆବଣ୍ଟନକୁ ୧୧,୫୦୦ କୋଟି ଟଙ୍କାକୁ ବୃଦ୍ଧି କରିଥିଲେ। ପୂର୍ବରୁ ଏହି ଯୋଜନାର ବଜେଟ ୧୦ ହଜାର କୋଟି ଟଙ୍କା ଥିଲା। ଭାରି ଉଦ୍ୟୋଗ ମନ୍ତ୍ରଣାଳୟ ସୂଚନାନୁସାରେ, ୨୦୨୪ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବିକ୍ରି ହୋଇଥିବା ୨ଚକିଆ, ୩ଚକିଆ ଯାନ ଏବଂ କାର୍ ଉପରେ ଏହି ସବ୍‌ସିଡି ଲାଗୁହେବ। ଫେମ୍ ଇଣ୍ଡିଆ ସ୍କିମ୍ ଅଧୀନରେ ଇଲେକ୍ଟ୍ରିକ୍ ୨, ୩ ଏବଂ ୪ ଚକିଆ ଯାନ ପାଇଁ ସବ୍‌ସିଡି ୭୦୪୮ କୋଟି ଟଙ୍କାକୁ ସଂଶୋଧିତ କରାଯାଇଥିଲା। ଏଥିମଧ୍ୟରୁ ୫୩୧୧ କୋଟି ଟଙ୍କା ଇଲେକ୍ଟ୍ରିକ୍ ୨ଚକିଆ ଯାନ ପାଇଁ ଥିଲା। ଇଲେକ୍ଟ୍ରିକ୍ ବସ୍ ଏବଂ ଇଭି ଚାର୍ଜିଂ ଷ୍ଟେଶନ ନିର୍ମାଣ ପାଇଁ ୪୦୪୮ କୋଟି ଟଙ୍କା ପ୍ରଦାନ କରାଯାଇଛି। ଫେମ୍ ଇଣ୍ଡିଆ ଯୋଜନାର ଉଦ୍ଦେଶ୍ୟ ହେଉଛି ଦେଶରେ ଇଭି ଏବଂ ଚାର୍ଜରଙ୍କୁ ସବ୍‌ସିଡି ଯୋଗାଇ ସେମାନଙ୍କର ବିକ୍ରୟ ବୃଦ୍ଧି କରିବା। ଏହା ବ୍ୟତୀତ ଏହି ଯୋଜନାରେ ଦେଶରେ ଇଭି ପାର୍ଟସ ଉତ୍ପାଦନକୁ ମଧ୍ୟ ଉତ୍ସାହିତ କରାଯାଏ। ୨୦୧୯ରେ ଆରମ୍ଭ ହୋଇଥିବା ଫେମ୍-୨ ଅଧୀନରେ ବର୍ତ୍ତମାନ ସୁଦ୍ଧା ପ୍ରାୟ ୧୨ ଲକ୍ଷ ଇଲେକ୍ଟ୍ରିକ୍ ୨ ଚକିଆ, ୧.୪୧ ଲକ୍ଷ ୩ ଚକିଆ ଏବଂ ୧୬,୯୯୧ ୪ ଚକିଆ ଯାନକୁ ସବ୍‌ସିଡି ପ୍ରଦାନ କରାଯାଇଛି। ଫେମ୍ ୨ ଯୋଜନା ଅଧୀନରେ ୫,୮୨୯ କୋଟିରୁ ଅଧିକ ମୂଲ୍ୟର ସବ୍‌ସିଡି ପ୍ରଦାନ କରାଯାଇଛି।


ମହେନ୍ଦ୍ର ନାଥ ପାଣ୍ଡେ

# ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧୩।୩

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୯୦୬ (୯୦୬.୦୭) ପଏଣ୍ଟ କମି ୭୨,୭୬୨(୭୨,୭୬୧.୮୯) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୩୩୮ (୩୩୮.୦୦) ପଏଣ୍ଟ ହ୍ରାସ ଘଟି ୨୧,୯୯୮(୨୧,୯୯୭.୭୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

CLASSIFIED DISPLAY
MORE SPACE • SAME PRICE
TARIFF | GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

SR SHUBHRA RANJAN
Always Ahead
Delhi's Best IAS Institute now in Bhubaneswar
GS FOUNDATION COURSE
(ONLINE / OFFLINE MODE)
UPSC (IAS, IPS, IRS..) OPSC (OAS, OPS, ORS..)
GENERAL STUDIES INTEGRATED COURSE
COURSE FEATURES
- Comprehensive Coverage
- Conceptual Clarity
- Weekly Answer Writing
- Doubt Session
- 800+ Hours Classes
- Mentorship

MODULAR COURSES
- Test Series
- Current Affairs
- CSAT
- ESSAY

Head Office
25 PUSA ROAD, KAROL BAGH, NEW DELHI-110005
Mobile/Whatsapp
7008476028
7788807774
9668384085

# ସିଆଇଆଇର ଦିନିକିଆ କର୍ମଶାଳା




ଭୁବନେଶ୍ୱର,୧୩।୩

ଭାରତୀୟ ଶିଳ୍ପ ମହାସଂଘ ( କନ୍‌ଫେଡେରେଶନ ଅଫ୍ ଇଣ୍ଡିଆନ ଇଣ୍ଡଷ୍ଟ୍ରି ବା ସିଆଇଆଇ)ର ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଆୟୋଜିତ ଏକ ଦିନିକିଆ କର୍ମଶାଳା ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦ ଏବଂ ଇଣ୍ଡିଆନ ୱିମେନ୍ ନେଟ୍‌ୱର୍କ (ଆଇଡବ୍ଲ୍ୟୁଏନ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ଉଇ ୱିମେନ: ଦି ଚେଞ୍ଜ କ୍ରିଏଟର' ଶୀର୍ଷକ ବିଷୟବସ୍ତୁ ଉପରେ ଏକ ଆଲୋଚନାଚକ୍ର ଆୟୋଜିତ ହୋଇଥିଲା। ଏହି ଅବସରରେ ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶାର ଅଧ୍ୟକ୍ଷା ମୋନାଲିସା ପଣ୍ଡା ସ୍ୱାଗତ ଅଭିଭାଷଣ ପ୍ରଦାନ ସହ କର୍ମଶାଳାର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବାବେଳେ ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ଅଧ୍ୟକ୍ଷ ପ୍ରଦୀପ୍ତ ମହାନ୍ତି, ପୂର୍ବତନ ଅଧ୍ୟକ୍ଷ ଶଶୀ ଶେଖର ମହାନ୍ତି, ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓଡ଼ିଶା ଅନୁ ଗର୍ଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିଭଳି କର୍ମଶାଳାର ପ୍ରଥମ ଅଧିବେଶନରେ ନିମନ୍ତ୍ରିତ ଅତିଥିମାନେ 'ଉଇ ୱିମେନ: ଦି ଚେଞ୍ଜ କ୍ରିଏଟର'ର ଆଭିମୁଖ୍ୟ ଓ ବର୍ତ୍ତମାନ ସମୟରେ ମହିଳାଙ୍କ ଅଂଶ ଗ୍ରହଣ ଆଦି ସମ୍ପର୍କରେ ବିସ୍ତୃତ ଚର୍ଚ୍ଚା ଓ ଆଲୋଚନା କରିଥିଲାବେଳେ କର୍ମଶାଳାର ୨ୟ ଅଧିବେଶନରେ କଳିଙ୍ଗ ହସ୍ପିଟାଲର ଏମ୍‌ଡି ନିଲଞ୍ଜନା ମୁଖାର୍ଜୀ, ସିଆଇଆଇ ଆଇଡବ୍ଲ୍ୟୁଏନ୍‌ର ପୂର୍ବତନ ଅଧ୍ୟକ୍ଷା ଜୟଶ୍ରୀ ମହାନ୍ତି,ଅଭିନେତ୍ରୀ ଅନୁ ଚୌଧୁରୀ, କଣ୍ଠଶିଳ୍ପୀ ସୁସ୍ମିତା ଦାସ, ଏଏମ୍‌ଏନ୍‌ଏସ୍‌ର ମୁଖ୍ୟ (ସିଏ) ସୁପର୍ଣ୍ଣା ନନ୍ଦ ଏବଂ ଭୁବନେଶ୍ୱର ମେୟର ସୁଲୋଚନା ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ୱିମେନ ଇନ୍ ଲଡରଶିପ: ବ୍ରେକିଂ ବାରିଅର ଆଣ୍ଡ ସେପିଂ ଦି ଫ୍ୟୁଚର' ଶୀର୍ଷକ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପରିଶେଷରେ ସିଆଇଆଇ ଆଇଡବ୍ଲ୍ୟୁଏନ୍ ଓଡ଼ିଶାର କୋ-ଚେୟାରମ୍ୟାନ ଜୁବିନା ଅଲ୍ଲୀ ଧନ୍ୟବାଦ ଅଭିଭାଷଣ ପ୍ରଦାନ କରିଥିଲେ।

**ପ୍ରଥମ ଜନ୍ମଦିନର ଶୁଭେଚ୍ଛା**

ସ୍ୱୟମ୍‌ଜିତ୍ ପଟ୍ଟନାୟକ (ଆୟୁଷ)
(୧୪.୦୩.୨୦୨୩)
ତୁମ ଜନ୍ମଦିନରେ ତୁମକୁ ଅନେକ ଅନେକ ଆଶୀର୍ବାଦ। ତୁମର ଉତ୍ତୋରତ୍ତର ଉନ୍ନତି ହେଉ। ଭଗବାନଙ୍କ ପାଖରେ ପ୍ରାର୍ଥନା। ତୁମକୁ ଶୁଭେଚ୍ଛା ଓ ଶୁଭକାମନା।
: ଶୁଭେଚ୍ଛୁ :
ଜେଜେ, ଜେଜେମା, ବଡ଼ବାପା, ବଡ଼ମାମା, ମାମା, ହୋଲି ବଡ଼ଭଉଣୀ
ଧ-୭୫୫୨୪

**ଜନ୍ମଦିନ ଶୁଭେଚ୍ଛା**
ଜନ୍ମଦିନର ଶୁଭ ଅବସରରେ ଆମେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ, ସେ ତୋର ଭବିଷ୍ୟତ ଜୀବନର ଚଲାପଥକୁ କୁସୁମିତ କରି ତୋତେ ଦୀର୍ଘାୟୁ କରନ୍ତୁ।

ଶୁଭେଚ୍ଛା ସହ: ଜେଜେ, ଜେଜେମା, ଆଈ, ବାପା, ମାମା, ଭାଇନା, ପ୍ରାଂଶୁ, ବନ୍ଧୁ ଓ ପରିବାରବର୍ଗ।
ପ୍ରନୀଳ ଦାଶ
ମିଶ୍ରପଡ଼ା, ଅନୁଗୁଳ
ଧ-୨୭୫୩

# ତନିଶାସ୍ ଇ-ୱାର୍ଲ୍‌ଡର ଏକ୍ସକ୍ଲୁସିଭ ଆଉଟ୍‌ଲେଟ୍



ଭୁବନେଶ୍ୱର,୧୩।୩ (ଅଭୟ ଦାଶ)

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ତନିଶାସ୍ ଇ-ୱାର୍ଲ୍‌ଡର ଏକ୍ସକ୍ଲୁସିଭ ଆଉଟ୍‌ଲେଟ(ମଲ୍ଟି ବ୍ରାଣ୍ଡ ଆଇଟି ଷ୍ଟୋର) ନିକଟରେ କଟକସ୍ଥିତ ଲିଙ୍କରୋଡ଼୍‌ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ପି ଇଣ୍ଡିଆ ସେଲ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଜେଡ୍‌ଏସ୍‌ଏମ୍ ଗୌରବ ଜେଟ୍‌ଲି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଚ୍‌ପି ଇଣ୍ଡିଆ ସେଲ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ଆର୍‌ଏସ୍‌ଏମ୍ ସନ୍ତୋଷ ମଣ୍ଡଳ ଏବଂ ଜୟ ପ୍ରକାଶ ପାଣିଙ୍କ ସମେତ ମେସର୍ସ ତନିଶାସ୍ ଇ-ୱାର୍ଲ୍‌ଡର ପ୍ରୋପ୍ରାଇଟର (ମାଲିକ) ଅମିତ ଅଗ୍ରୱାଲ ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମେସର୍ସ ତନିଶାସ୍ ଇ-ୱାର୍ଲ୍‌ଡର ପ୍ରୋପାଇଟର ଅମିତ ଅଗ୍ରୱାଲ କହିଥିଲେ, ଏଠାରେ ସମସ୍ତ ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ କମ୍ପାନୀ (ବ୍ରାଣ୍ଡ)ର ଡେସ୍କଟପ୍,ଲାପ୍‌ଟପ୍, ପ୍ରିଣ୍ଟର ସମେତ ଅନ୍ୟାନ୍ୟ ଇ ଆସୋସରିଜ ଉପଲବ୍ଧ। ଟେକ୍ନୋଲୋଜି ଓ ସୁବିଧା ପାଇଁ ଏହି ଷ୍ଟୋର ଗ୍ରାହକ କୈନ୍ଦ୍ରିକ ସେବା ଯୋଗାଇବା ସହିତ ସୁଲଭ ମୂଲ୍ୟରେ ଗୁଣାତ୍ମକ ଉତ୍ପାଦ ଯୋଗାଇଦେବ। ସେହିଭଳି ଉଦ୍‌ଘାଟନୀ ଅଫରର ଲାଭ ଉଠାଇବା ସହ ଟେକ୍ନୋଲୋଜିର ଅନୁଭୂତି ଲାଭ ପାଇଁ ତନିଶାସ୍ ଇ-ୱାର୍ଲ୍‌ଡ ପରିଦର୍ଶନ କରନ୍ତୁ ବୋଲି ଷ୍ଟୋର ପକ୍ଷରୁ ନିମନ୍ତ୍ରଣ କରାଯାଉଛି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱର ଓ ରାଉରକେଲାରେ ମଧ୍ୟ ତନିଶାସ୍ ଇ-ୱାର୍ଲ୍‌ଡର ବ୍ରାଣ୍ଡ ଷ୍ଟୋର ରହିଛି।

**Classified Everyday**
0674-2580101, 2549949


REAL ESTATE

**SALE**

**Flat for sale 2BHK, 3 BHK near Grand Bazar, Phulnakhara, close to NH-16. 7846819129.** D-75914

**Gated community residential gharabari boundarywall plot sale at Rangabazar & Balianta, 30ft. road, electricity, plantetion. 8763887357, 8144730854.** D-75916

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। **6371902075, 9776602067.** D-75921


CONSTRUCTION

**Quality construction for your home with premium material, BDA approval, Vastu Complaints, (Architectural plan free) OD Group-Er. Bijaya Kumar. 9438330195.** D-75913


FOR RENT

Ready to move commercial space for rent, Ground Floor, 1st Floor and Roof Top underground parking space area 3500sqft. each on service road of NH53, Near Bus Stand Ainthapali, Sambalpur. Contact Number- 7008225234, 8670309550. D-2742


Healthcare

Relax, refresh your body, mind by expert therapist. Contact- 9938843929. D-76106

Newly open health benefits SPA special Offer @999 Bapuji Nagar. 8018429809. D-76107

Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

**AFFIDAVIT**

I, Manoj Nayak, S/o Durjyadhana Nayak, Resident of Plot No. 46/2124, Road No.6, Jagannath Nagar, GGP Colony, Bhubaneswar-751025, Dist.- Khordha, Odisha, declare by this affidavit No.39, dtd. 06.06.2019 that now onwards I shall be known as **Manoj Kumar Nayak** for all future purposes. D- 2754

ମୁଁ, ସୁପ୍ରିୟା କପୁର, ପିତା- ସଞ୍ଜୟ କପୁର, ବାସିନ୍ଦା- B 503, ଫାଲକନ୍ କ୍ରେଷ୍ଟ, 221 ପାମ୍ ହାଇଟ୍‌ସ ରୋଡ୍, ଭରତପୁର, ଭୁବନେଶ୍ୱର -751029, ସତ୍ୟପାଠ 65AA393197 ତାରିଖ: 11.03.24 ଅନୁଯାୟୀ ଏତଦ୍‌ପଶ୍ଚାତ୍ ସୁପ୍ରିୟା ଆହୁଜା ଭାବେ ପରିଚିତ ହେବି। ସୁପ୍ରିୟା କପୁର ଏବଂ ସୁପ୍ରିୟା ଆହୁଜା ଉଭୟ ସମାନ ଏବଂ ଅଭିନ୍ନ ବ୍ୟକ୍ତି ଅଟନ୍ତି। ଧ-୨୭୫୭

I, Preeti Jena, D/o Haresh Kumar Jena, R/o OMP Colony, Koraput-764021, Odisha declare that I am daughter of Haresh Kumar Jena which is wrongly mentioned as Son of Haresh Kumar Jena in my ICSE 10th Certificate and Mark Sheet to be amended. D-2760

**LOST**

ମୁଁ ବବି ସାହୁ, ବୟସ-୪୭, ନିବାସୀ ଭୋଇଗୁଡ଼ା, ଭବାନୀପାଟଣା, କଳାହାଣ୍ଡି ଘୋଷଣା କରୁଛି ଯେ, ମୋର ମୌଜା ଭୋଇଗୁଡ଼ା ରେଜିଷ୍ଟ୍ରି ଦଲିଲ ନଂ.- 833, ତା୦୯।୦୪।୨୦୨୩ରେ ଆମ୍ଭ ପାଖରୁ ହଜିଯାଇଥିଲା। ଆମ୍ଭେ ତା୨୩।୦୫।୨୦୨୩ରେ ଭବାନୀପାଟଣା ଥାନାରେ ଏକ ଲିଖିତ ରିପୋର୍ଟ ଦାଖଲ କରିଥିଲୁ। ଏଣୁକରି ଯଦି କେହି ବି ସହୃଦୟ ବ୍ୟକ୍ତି ତାକୁ ପାଆନ୍ତି, ତେବେ ନିମ୍ନ ଲିଖିତ ମୋବାଇଲ ନମ୍ବରରେ ସମ୍ପର୍କ କରିବେ। ଗଣେଶ୍ୱର ପଟ୍ଟନାୟକ (ଆଡ୍‌ଭୋକେଟ) ମୋବାଇଲ ନମ୍ବର- ୯୪୩୭୧୫୪୪୫୪। ଧ-୨୭୫୯

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ବଜାରରେ କେଟିଏମ୍‌ର ଆର୍‌ସି ଆଣ୍ଡ ଆଡ୍‌ଭେଞ୍ଚର ରେଞ୍ଜ

ଭୁବନେଶ୍ୱର,୧୩।୩



ଦେଶର ପ୍ରମୁଖ ପ୍ରିମିୟମ ମୋଟରସାଇକେଲ ବ୍ରାଣ୍ଡ 'କେଟିଏମ୍'ର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ ୨୦୨୪କେଟିଏମ୍ ଆର୍‌ସି ଆଣ୍ଡ ଆଡ୍‌ଭେଞ୍ଚର ରେଞ୍ଜର ସର୍ବଭାରତୀୟ ଉନ୍ମୋଚନ ଓ ବଜାର ପ୍ରବେଶ ନିକଟରେ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ଅଲ୍ ନ୍ୟୁ କେଟିଏମ୍ ଆର୍‌ସି ଏବଂ ଆଡଭେଞ୍ଚର ମଡେଲରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ଆକର୍ଷଣୀୟ କଲର ଓ ଫିଜର ଡିଜାଇନ ହୋଇଛି। ଏପରିକି ଦି ୨୦୨୪ କେଟିଏମ୍ ୩୯୦ ଆଡଭେଞ୍ଚର ମଡେଲ ୨ଟି ଆକର୍ଷଣୀୟ କଲର ଯଥା ଧଳା ଓ କଳା ରଙ୍ଗରେ ହୋଇଥିବାବେଳେ ଦି ୨୦୨୪ କେଟିଏମ୍ ୨୫୦ ଆଡଭେଞ୍ଚର ମଡେଲ ମଧ୍ୟ ୨ଟି ଆକର୍ଷଣୀୟ କଲର ଗ୍ରେ ଏବଂ ବ୍ଲୁ ରଙ୍ଗରେ ଉପଲବ୍ଧ। ସେହିଭଳି ଦି୨୦୨୪ କେଟିଏମ୍ ଆର୍‌ସି ୧୨୫ ଏବଂ ଆର୍‌ସି ୨୦୦ ମଡେଲ ୨ଟି ଆକର୍ଷଣୀୟ କଲର ଯଥା ବ୍ଲୁ ଆଣ୍ଡ ବ୍ଲାକ୍ ରଙ୍ଗରେ ହୋଇଥିବାବେଳେ ଆର୍‌ସି ୩୯୦ ମଡେଲ ମଧ୍ୟ ୨ଟି ଆକର୍ଷଣୀୟ କଲର ଯଥା ବ୍ଲୁ ଆଣ୍ଡ ଓରେଞ୍ଜ ଭାରିଆଣ୍ଟରେ ଉପଲବ୍ଧ।

ଏ ସମ୍ପର୍କରେ ବଜାଜ୍ ଅଟୋ ଲିମିଟେଡ୍‌ର ସଭାପତି (ପ୍ରୋବାଇକିଂ) ସୁମିତ ନାରଙ୍ଗ କହିଛନ୍ତି, ଆମେ କେଟିଏମ୍ ଆର୍‌ସି ଏବଂ ଆଡଭେଞ୍ଚର ମଡେଲକୁ ଉନ୍ମୋଚନ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହାର ଅତୁଳନୀୟ କ୍ଷମତା ସହ ଆକର୍ଷଣୀୟ କଲର ରେଞ୍ଜ ଏବଂ ଗାଡ଼ି ଚାଳନାର ଭିନ୍ନ ଏକ ଅନୁଭୂତି ପ୍ରଦାନ କରିବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

**ମନେ ପଡ଼ନ୍ତି**

ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ବିଷ୍ଣୁପ୍ରିୟା ଚୌଧୁରୀ
ସ୍ୱାମୀ- ୰ବଟକୃଷ୍ଣ ଚୌଧୁରୀ
ଗ୍ରାମ- ଅଲଣା, ଜିଲ୍ଲା- କଟକ
ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ବନ୍ଧୁବାନ୍ଧବ ଓ ପରିବାରବର୍ଗ
ଧ-୭୨୫୮୧

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକ

୰ ପ୍ରତିଭା ପଟ୍ଟନାୟକ
ଆବିର୍ଭାବ: ୧୯୩୭
ତିରୋଧାନ: ୧୦.୦୩.୨୦୧୧
କଲ୍ୟାଣୀନଗର, କଟକ
ସ୍ୱାଧୀନତା ସଂଗ୍ରାମୀ, ଶିକ୍ଷାବିତ୍ ଓ ସାମ୍ବାଦିକ ଦିବଂଗତ କାହ୍ନୁଚରଣ ପଟ୍ଟନାୟକ (କାହ୍ନୁ ସାର୍)ଙ୍କ ଧର୍ମପତ୍ନୀ ସମାଜସେବିକା ପ୍ରତିଭା ପଟ୍ଟନାୟକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରୁଛନ୍ତି ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୭୬୧

# ବିଶ୍ୱ ଗ୍ଲୁକୋମା ସପ୍ତାହ

ଭୁବନେଶ୍ୱର,୧୩।୩

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଏଲ୍ .ଭି .ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍ (ଏଲ୍‌ଭିପିଇଆଇ) ପକ୍ଷରୁ ବିଶ୍ୱ ଗ୍ଲୁକୋମା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ବିଶେଷକରି ଗ୍ଲୁକୋମା ରୋଗର ଆଗୁଆ ଚିହ୍ନଟ ଓ ନିରାକରଣ ପାଇଁ ଜନ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଅଭିଯାନ, ଆଲୋଚନାଚକ୍ର ଏବଂ ରୋଗୀଙ୍କ ସହ ପାରସ୍ପରିକ କଥାବାର୍ତ୍ତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ଗ୍ଲୁକୋମା ଏକ ଚକ୍ଷୁ ସମସ୍ୟା ଯାହା ଆଖିର ଚାପ ବୃଦ୍ଧି ସହିତ ଜଡିତ ଏବଂ ଏହା ଦୃଷ୍ଟିସ୍ନାୟୁକୁ କ୍ଷତି ପହଞ୍ଚାଇଥାଏ, ଯାହା ଫଳରେ ଦୃଷ୍ଟିଶକ୍ତି ଭଲ ହୋଇ ନ ଥାଏ। ଏ ସମ୍ପର୍କରେ ଏଲ୍‌ଭିପିଇଆଇର ମିଠୁ ତୁଳସୀ ଚନରାଇ ଭୁବନେଶ୍ୱର କ୍ୟାମ୍ପସର ପରାମର୍ଶଦାତା ଚକ୍ଷୁରୋଗ ବିଶେଷଜ୍ଞ ଡା. ଅଭିକ କୁମାର ରାୟ କହିଥିଲେ ଏଲ୍‌ଭିପିଇଆଇ ଦ୍ୱାରା ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ଚକ୍ଷୁ ଆଲର୍ଜି ଥିବା ୪୦୬୨ ଶିଶୁଙ୍କ ମଧ୍ୟରୁ ୨.୨%ଙ୍କର ଷ୍ଟିରଏଡ୍‌ଜନିତ ଗ୍ଲୁକୋମା ଥିଲା ଏବଂ ଏହି ଶିଶୁମାନଙ୍କ ମଧ୍ୟରୁ ୩୦%ରୁ ଅଧିକ ଆମ ପାଖରେ ପହଞ୍ଚିବା ବେଳକୁ ଦୃଷ୍ଟିଶକ୍ତି ହରାଇ ସାରିଥାନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ବିନା ପ୍ରେସ୍କ୍ରିପସନରେ କିମ୍ବା ମୂଳ ପ୍ରେସ୍କ୍ରିପସନ୍ ଜାରି ହେବା ସମୟଠାରୁ ଢେର ଦିନ ଧରି ଷ୍ଟିରଏଡ୍ ବ୍ୟବହାର କରୁଥିଲେ ବୋଲି ସେ କହିଛନ୍ତି।

# ପ୍ରତିଶୋଧ ଅପେକ୍ଷାରେ ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର, ୧୩।୩
(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଏଏଫ୍‌ସି କପ୍ ଫୁଟବଲ ଇଣ୍ଟର-ଜୋନାଲ ସେମିଫାଇନାଲର ଦ୍ୱିତୀୟ ଚରଣ ମ୍ୟାଚ ଅନୁଷ୍ଠିତ ହେବ। ମାର୍ଚ୍ଚ ୭ରେ ନ୍ୟୁ ସାଉଥ୍ ୱେଲ୍ସର ସେଣ୍ଟ୍ରାଲ କୋଷ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ମିକାଏଲ ଡୋକା ୩୬ ଓ ୭୭ (ପେନାଲ୍ଟି)ତମ ମିନିଟରେ ୨ଟି ଏବଂ ଷ୍ଟର୍ମ ରୌକ୍ସ ୫୨ ଓ ରୋନାଲ୍ଡ ବାର୍ସେଲୋସ ୮୯ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତେଣୁ ଆଗାମୀ ମ୍ୟାଚ ପୂର୍ବରୁ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪-୦ ଏଗ୍ରିଗେଟରେ ଆଗୁଆ ରହିଛି। ଏବେ ଘରୋଇ ପରିବେଶରେ ଖେଳିବାକୁ ଯାଉଥିବାରୁ ଓଡ଼ିଶା ଏଫ୍‌ସି ପାଇଁ ପୂର୍ବ ପରାଜୟର ମଧୁର ପ୍ରତିଶୋଧ ନେବାର ସୁଯୋଗ ଆସିଛି। ଆଗକୁ ବଢ଼ିବାକୁ ହେଲେ ଓଡ଼ିଶା ଏଫ୍‌ସିକୁ ଆଗାମୀ ମ୍ୟାଚରେ ୫ ଗୋଲ ବ୍ୟବଧାନରେ ବିଜୟଲାଭ କରିବାକୁ ପଡ଼ିବ।

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍) ଚମତ୍କାର ପ୍ରଦର୍ଶନ କରି ଆସିଥିବା ଓଡ଼ିଶା ଏଫ୍‌ସି ଆଗାମୀ ଏଏଫ୍‌ସି କପ୍ ମ୍ୟାଚରେ ଭଲ ପ୍ରଦର୍ଶନ କରିବ ବୋଲି ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଆଶା ପ୍ରକାଶ କରିଛନ୍ତି ମୁଖ୍ୟ କୋଚ୍ ସର୍ଗିଓ ଲୋବେରା ଓ ତାରକା ଖେଳାଳି ଡିଏଗୋ ମରିସିଓ। ନିଜ ଦଳର ଖେଳ ଉପରେ ବିଶ୍ୱାସ ଏବଂ ନମନୀୟତା ଉପରେ ଗୁରୁତ୍ୱାରୋପ କରିଛନ୍ତି ଲୋବେରା। ଆଗାମୀ ମ୍ୟାଚ ଯଦିଓ କଷ୍ଟସାଧ୍ୟ ହେବ ତେବେ ସ୍ଥାନୀୟ ପରିବେଶ ଓ ଦର୍ଶକଙ୍କ ସମର୍ଥନରୁ ଦଳ ଫାଇଦା ଉଠାଇବ ବୋଲି ସେ ଆଶାବାଦୀ ଅଛନ୍ତି। ‘‘ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଏକ ଶକ୍ତିଶାଳୀ ଦଳ। ଏଏଫ୍‌ସି କପ୍‌ରେ ଏପର୍ଯ୍ୟନ୍ତ ଏହି ଦଳର ପ୍ରଦର୍ଶନ ଚମତ୍କାର ରହି ଆସିଛି। ଏହା ହେଉଛି ଅଷ୍ଟ୍ରେଲିଆର ଅନ୍ୟତମ ଶ୍ରେଷ୍ଠ ଦଳ। ତେବେ ଫୁଟବଲରେ ସବୁକିଛି ସମ୍ଭବ। ଆମେ ନିଜ ଉପରେ ବିଶ୍ୱାସ ରଖି ଶେଷ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିବା ସହ ଭଲ ଫିନିଶ୍ କରିବା ଆବଶ୍ୟକ। ପୂର୍ବ ମ୍ୟାଚରେ ବିଜୟୀ ହୋଇଥିଲେ ହେଁ କଳିଙ୍ଗରେ ନିଶ୍ଚିତ ପ୍ରତିପକ୍ଷ ଦଳକୁ ଭିନ୍ନ ଅନୁଭୂତି ମିଳିବ’’ ବୋଲି ଲୋବେରା କହିଛନ୍ତି। ପ୍ରତିପକ୍ଷ ଦଳର କୌଣସି ଜଣେ କିମ୍ବା ୨ ଜଣ ଖେଳାଳିଙ୍କୁ ଫୋକସ କରାଗଲେ ବଡ଼ ଭୁଲ ହେବ। ଦଳଗତ ପ୍ରଦର୍ଶନ ଦ୍ୱାରା କୋଷ୍ଟ ମାରିନର୍ସ ସଫଳତା ପାଉଛି। ତେଣୁ ପୂରା ଦଳକୁ ଫୋକସ କରି ଖେଳିବୁ ବୋଲି ଲୋବେରା କହିଛନ୍ତି।

ଏଏଫ୍‌ସି କପ୍‌ରେ ଓଡ଼ିଶା ଏଫ୍‌ସି ପକ୍ଷରୁ ସେଣ୍ଟର ବ୍ୟାକ୍ ମୋର୍ଟାଡା ଫଲ୍ ଏପର୍ଯ୍ୟନ୍ତ ସବୁଠାରୁ ଭଲ ପ୍ରଦର୍ଶନ କରିଛନ୍ତି। ସେ ୪ଟି ଗୋଲ ସ୍କୋର କରି ସାରିଛନ୍ତି। ଏହା ବ୍ୟତୀତ ଦଳ ମୌରିସିଓଙ୍କ ଆଟାକିଂ ପାୱାର ଉପରେ ମଧ୍ୟ ଅନେକ ପରିମାଣରେ ନିର୍ଭର କରିବ। ଏ-ଲିଗ୍ ଚାମ୍ପିୟନ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ପୂର୍ବ ମ୍ୟାଚରେ ଓଡ଼ିଶା ଏଫ୍‌ସି ପକ୍ଷରୁ କରାଯାଇଥିବା ଆକ୍ରମଣକୁ ସଫଳତାର ସହ ପ୍ରତିହତ କରିଥିଲା। ଏବେ ଦଳ ସେହି ପ୍ରଦର୍ଶନ ବଜାୟ ରଖିବା ସହ ଆହତ ସମସ୍ୟାରୁ ଦୂରେଇ ରହିବା ଉପରେ ବିଶେଷ ଫୋକସ କରିବ। ପୂର୍ବ ମ୍ୟାଚରେ ୨ଟି ଗୋଲ ଦେବା ସହ ଗୋଟିଏ ମ୍ୟାଚରେ ଆସିଷ୍ଟ କରିଥିବା ଡୋକାଙ୍କ ଉପରେ ବିଶେଷ ନଜର ରହିବ। ପୂର୍ବ ମ୍ୟାଚ ଜିତି ଦଳ ଭଲ ସ୍ଥିତିରେ ଥିଲେ ମଧ୍ୟ ଆଗାମୀ ମ୍ୟାଚରେ ଓଡ଼ିଶା ଏଫ୍‌ସି ନିକଟରୁ କଡ଼ା ଚ୍ୟାଲେଞ୍ଜ ମିଳିବ ବୋଲି ଆଶା ରଖିଛନ୍ତି ମୁଖ୍ୟ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମୁଖ୍ୟ କୋଚ୍ ମାର୍କ ଜ୍ୟାକସନ ଓ ଅଧିନାୟକ ଡାନିଏଲ ଭୁକୋଭିକ୍।

**ଏଏଫ୍‌ସି କପ୍**

■ କଳିଙ୍ଗରେ ଆଜି ସେଣ୍ଟ୍ରାଲ କୋଷ୍ଟ ମାରିନର୍ସକୁ ଭେଟିବ







ଖବରଦାତା ସମ୍ମିଳନୀରେ ବୁଧବାର ସର୍ଗିଓ ଲୋବେରା ଓ ଡିଏଗୋ ମରିସିଓ ଏବଂ ମାର୍କ ଜ୍ୟାକସନ ଓ ଡାନିଏଲ ଭୁକୋଭିକ୍। (ଫଟୋ: ବିକାଶ ନାୟକ)

## ଏୟାରଷ୍ଟ୍ରାଇକ୍‌ରେ ପାଲେଷ୍ଟାଇନ ଫୁଟ୍‌ବଲର ମୃତ

**ରାଫାହ, ୧୩।୩ (ପି.ଟି.):** ପାଲେଷ୍ଟାଇନର ଗାଜାରେ ଇସ୍ରାଏଲ ଏୟାର ଷ୍ଟ୍ରାଇକରେ ପ୍ରାଣ ହରାଇଛନ୍ତି ପୂର୍ବତନ ଫୁଟବଲର ମହମ୍ମଦ ବାରାକତ। ସୋମବାର ଗାଜା ଷ୍ଟ୍ରିପ୍‌ରେ ହୋଇଥିବା ଏକ ଏୟାର ଷ୍ଟ୍ରାଇକରେ ମହମ୍ମଦ ପ୍ରାଣ ହରାଇଥିବା ପାଲେଷ୍ଟାଇନ ଫୁଟବଲ ଫେଡେରେଶନ୍ ପକ୍ଷରୁ କୁହାଯାଇଛି। ଖାନ୍ ୟୁନିସରେ ମହମ୍ମଦ ନିଜ ପରିବାର ସହ ଏକ ବିଲ୍ଡିଂରେ



ମହମ୍ମଦ ବାରାକତ

ରହିଥିଲେ। ଏୟାର ଷ୍ଟ୍ରାଇକରେ ନିଜ ପରିବାର ସହ ସେ ପ୍ରାଣ ହରାଇଥିଲେ। ସାଥୀ ଖେଳାଳିଙ୍କ ଦ୍ୱାରା ‘ଦ ଲାୟନ’ ନାମରେ ପରିଚିତ ମହମ୍ମଦ ୨୦୧୫ରେ ଶାଦାବ ଖାନ ୟୁନିସରୁ କ୍ୟାରିୟର ଆରମ୍ଭ କରିଥିଲେ। ପ୍ରଥମ ପାଲେଷ୍ଟାଇନ୍ ଖେଳାଳି ଭାବରେ ଗାଜା, ଜୋର୍ଡାନ ଓ ସାଉଦି ଆରବର ବିଭିନ୍ନ ଲିଗ୍‌ରେ ଖେଳିଥିଲେ। ପ୍ରଥମ ଗାଜା ଖେଳାଳି ଭାବରେ ସେ ୧୦୦ ଗୋଲ ସ୍କୋର କରିବାର ରେକର୍ଡ କରିଥିଲେ। ଗାଜା ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ସୁଦ୍ଧା ଇସ୍ରାଏଲୀ ଆକ୍ରମଣରେ ୩୧ ହଜାର ପାଲେଷ୍ଟାଇନ ନାଗରିକ ପ୍ରାଣ ହରାଇଛନ୍ତି। ସେହିପରି ସମୁଦାୟ ୧୫୮ ଆଥଲେଟ ପ୍ରାଣ ହରାଇଥିବା ବେଳେ ଏହା ମଧ୍ୟରେ ୯୧ ଜଣ ଫୁଟବଲର ରହିଛନ୍ତି।

## ଫାଇନାଲରେ ଦିଲ୍ଲୀ କ୍ୟାପିଟାଲ୍ସ

ନୂଆଦିଲ୍ଲୀ, ୧୩।୩

**ଓମେନ୍ସ ପ୍ରିମିୟର ଲିଗ୍**

ଓମେନ୍ସ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ସଂସ୍କରଣର ଫାଇନାଲରେ ପ୍ରବେଶ କରିଛି ଦିଲ୍ଲୀ କ୍ୟାପିଟାଲ୍ସ। ଗୁଜରାଟ ଜାଏଣ୍ଟ୍ସ ବିପକ୍ଷ ମ୍ୟାଚ୍‌କୁ ୭ ଉଇକେଟରେ ଜିତିବା ସହିତ ଦିଲ୍ଲୀ କ୍ୟାପିଟାଲ୍ସ କ୍ରମାଗତ ସିଜନରେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ଗୁଜରାଟ ୨୦ ଓଭରରେ ୯ ଉଇକେଟରେ ୧୨୬ ରନ୍ କରିଥିଲା। ଜବାବରେ କ୍ୟାପିଟାଲ୍ସ ୧୩.୧ ଓଭରରେ ୩ ଉଇକେଟ ହରାଇ ବିଜୟୀ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଜାଏଣ୍ଟ୍ସ ମାରିଜେନ୍ କାପ୍‌ଙ୍କ ଘାତକ ବୋଲିଂ ବଳରେ ୧୬ ରନ୍‌ରେ ୩ ଉଇକେଟ ହରାଇଥିଲା। ଗୁଜରାଟ ପକ୍ଷରୁ ଆସ୍‌ଲେ ଗାର୍ଡନର(୧୨) ଓ ଫିବ ଲିଚଫିଲ୍ଡ(୨୧)ଙ୍କ ମଧ୍ୟରେ ୨୩ ରନ୍‌ର ଭାଗୀଦାରି ହୋଇଥିବା ବେଳେ ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ମିନ୍ନୁ ମଣି। ୪୮ ରନ୍‌ରେ ୫ ଉଇକେଟ ହରାଇବା ପରେ ଭାରତୀ ଫୁଲମାଲି(୪୨) ଓ କ୍ୟାଥରିନ୍ ବ୍ରାଇସ୍(୨୮*)ଙ୍କ ମଧ୍ୟରେ ହୋଇଥିଲା ୬୮ ରନ୍‌ର ପାର୍ଟନରଶିପ୍। ଫୁଲମାଲି ୩୬ ବଲ୍ ଖେଳି ୭ ଚୌକା ମାରିଥିଲେ। ଦିଲ୍ଲୀ ପକ୍ଷରୁ ଶିଖା ପାଣ୍ଡେ, ମାରିଜେନ୍ କାପ୍ ଓ ମିନ୍ନୁ ମଣି ୨ଟି ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଦିଲ୍ଲୀ ପକ୍ଷରୁ ମେଗ୍ ଲାନିଙ୍ଗ(୧୮) ଓ ଶେଫାଳି ବର୍ମା(୭୧) ପ୍ରଥମ ଉଇକେଟରେ ୩୧ ରନ୍ ଯୋଡିଥିଲେ। ଲାନିଙ୍ଗ ରନ୍‌ଆଉଟ ହୋଇଥିବା ବେଳେ ସମାନ ଓଭରରେ ଖାତା ଖୋଲିବା ଆଗରୁ ଆଲିସ୍ କାପ୍‌ସି ମଧ୍ୟ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଶେଫାଳି ବର୍ମା ଚମତ୍କାର ଅର୍ଦ୍ଧଶତକ ହାସଲ କରି ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ଶେଫାଳି ୩୭ ବଲ୍ ଖେଳି ୭ ଚୌକା ଓ ୫ ଛକା ମାରି ୭୧ ରନ କରିଥିଲେ। ଜେମିମା ରୋଡ୍ରିଗୁଏଜ୍(୩୮*)ଙ୍କ ସହ ସେ ତୃତୀୟ ଉଇକେଟରେ ୯୪ ରନ୍ ଯୋଡିଥିଲେ। ଜେମି ୨୮ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରିଥିଲେ। ଗୁଜରାଟ ପକ୍ଷରୁ ତନୁଜା କନୱର ଦୁଇଟି ଉଇକେଟ ନେଇଥିଲେ। ଦିଲ୍ଲୀ ଫାଇନାଲରେ ପ୍ରବେଶ କରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମ୍ୟାଚ୍‌ର ବିଜେତାକୁ ଭେଟିବ।

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଜାଏଣ୍ଟ୍ସ ୨୦ ଓଭରରେ ୧୨୬/୯(ଭାରତୀ ଫୁଲମାଲି-୪୨, କ୍ୟାଥରିନ୍ ବ୍ରାଇସ୍-୨୮*, ଫିବ ଲିଚଫିଲ୍ଡ-୨୧, ଶିଖା ପାଣ୍ଡେ-୨/୨୩, ମାରିଜେନ୍ କାପ୍-୨/୧୭, ମିନ୍ନୁ ମଣି-୨/୯)। ଦିଲ୍ଲୀ କ୍ୟାପିଟାଲ୍ସ ୧୩.୧ ଓଭରରେ ୧୨୯/୩ (ଶେଫାଳି ବର୍ମା-୭୧, ଜେମିମା ରୋଡ୍ରିଗୁଏଜ-୩୮*, ମେଗ ଲାନିଙ୍ଗ-୧୮, ତନୁଜା କନ୍ୱର-୨/୨୦)।

# ତୃତୀୟ ଟି୨୦ ସହ ଭାରତ ସିରିଜ ବିଜୟୀ

ନୂଆଦିଲ୍ଲୀ, ୧୩।୩

**ଦୃଷ୍ଟିବାଧିତ କ୍ରିକେଟ**

କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଓ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚ୍‌ଏମ୍‌ଆଇଏଫ୍)ର ସମର୍ଥନମ୍ ଟ୍ରଷ୍ଟ ଫର ଦି ଡିଜାବଲ୍ଡ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ସିରିଜର ତୃତୀୟ ମ୍ୟାଚରେ ବୁଧବାର ଭାରତ ବିଜୟୀ ହୋଇଛି। ଏଥିସହ ୩-୦ରେ ଅଗ୍ରଣୀ ହୋଇ ଭାରତ ୫ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତିନେଇଛି। କର୍ନେଲ ସିଂ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଶ୍ରୀଲଙ୍କା ଚନ୍ଦନା ଦେଶପ୍ରୀୟଙ୍କ ୭୬ ରନ ସହାୟତାରେ ୨୦ ଓଭରରେ ୩ ଉଇକେଟ ହରାଇ ୧୬୨ ରନ କରିଥିଲା। ଜବାବରେ ଭାରତ ୧୫.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ଭାରତ ପକ୍ଷରୁ ଦୀନେଶ ରଥଭା, ନରେଶ ତୁମ୍ଡା, ଲୋକେଶ ଓ ପଙ୍କଜ ଭୁଏ ପ୍ରଭାବୀ ପ୍ରଦର୍ଶନ କରି ୨୭ଟି ବଲ୍ ବାକିଥାଇ ଭାରତକୁ ବିଜୟୀ କରିଥିଲେ। ଓଡ଼ିଶାର ପଙ୍କଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ଗୋଟିଏ ଉଇକେଟ ନେବାସହ ମାତ୍ର ୩୭ ବଲ୍‌ରୁ ୪୯ ରନରେ ରନ୍‌ଆଉଟ ହୋଇ ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଦୀନେଶ ୩୨, ନରେଶ ୨୪ ଓ ଲୋକେଶ ୩୩* ରନ କରିଥିଲେ।




ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ଗ୍ରହଣ ଅବସରରେ ପଙ୍କଜ ଭୁଏ।

## ଭାରତୀୟ ହକି ଦଳ ସହ କାର୍ଯ୍ୟ କରିବେ ଅପଟନ୍

**ନୂଆଦିଲ୍ଲୀ, ୧୩।୩ (ପି.ଟି.):** ଭାରତୀୟ କ୍ରିକେଟ ଦଳର ପୂର୍ବତନ ମେଣ୍ଟାଲ କଣ୍ଡିସନିଂ କୋଚ୍ ପ୍ୟାଡି ଅପଟନ ଆଗାମୀ ଅଲିମ୍ପିକ୍ସ ପାଇଁ ଭାରତୀୟ ହକି ଦଳ ସହିତ କାର୍ଯ୍ୟ କରିବେ। ପ୍ୟାରିସ୍ ୨୦୨୪ ଓ ଆଗାମୀ ଅଷ୍ଟ୍ରେଲିଆ ହକି ଟେଷ୍ଟ ସିରିଜ୍ ପାଇଁ ଅପଟନଙ୍କୁ ନିଯୁକ୍ତି ଦେଇଛି ହକି ଇଣ୍ଡିଆ। ୨୦୧୧ରେ ବିଶ୍ୱକପ ବିଜୟୀ ଭାରତୀୟ କ୍ରିକେଟ ଦଳର ମେଣ୍ଟାଲ କଣ୍ଡିସନିଂ କୋଚ୍ ରହିଥିଲେ। ଅପଟନ୍‌ଙ୍କୁ ନିଯୁକ୍ତି ଦିଆ ଯାଇଥିବା ନେଇ ବୁଧବାର ଭାରତୀୟ ହକି ଦଳର ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ କହିଛନ୍ତି। ଅପଟନ୍‌ଙ୍କୁ ମୁଖ୍ୟତଃ ଅଲିମ୍ପିକ୍ସ ପାଇଁ ସାମିଲ କରାଯାଇଥିବା ବେଳେ ପ୍ରଥମ ଥର ଅଷ୍ଟ୍ରେଲିଆ ସିରିଜ୍‌ରେ ସେ ଦଳ ସହ କାମ କରିବେ ବୋଲି ଫୁଲଟନ ସ୍ପଷ୍ଟ କରିଛନ୍ତି।

# ‘ସିଦ୍ଧି ପାଇଁ କଠିନ ପରିଶ୍ରମ ଓ ଶୃଙ୍ଖଳା ଆବଶ୍ୟକ’

ଭୁବନେଶ୍ୱର, ୧୩।୩
(ତପନ ସ୍ୱାଇଁ)

ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ତଥା ବିଶିଷ୍ଟ କ୍ରୀଡ଼ାବିତ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ସମ୍ବଲପୁରସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଶିକ୍ଷାନବିସ ମାନଙ୍କୁ ଜୀବନରେ ବଡ଼ ହେବାର ମନ୍ତ୍ର ଦେଇଛନ୍ତି। କଠିନ ପରିଶ୍ରମ ସହ ଶୃଙ୍ଖଳିତ ରହିଲେ ଲକ୍ଷ୍ୟସ୍ଥଳରେ ପହଞ୍ଚିହେବ ବା ସିଦ୍ଧିପ୍ରାପ୍ତ ସମ୍ଭବ ବୋଲି ନିଜ ବକ୍ତବ୍ୟରେ ଶ୍ରଦ୍ଧାଞ୍ଜଳି ପ୍ରକାଶ କରିଛନ୍ତି। ୧୯୯୨ରେ କିଛି ପ୍ରୋତ୍ସାହନ ନ ଥାଇ ମଧ୍ୟ ସେମାନେ କିପରି ଶୂନ୍ (ଜିରୋ)ରୁ ଓଡ଼ିଶାରେ ମହିଳା ଫୁଟବଲ ଆରମ୍ଭ କରିଥିଲେ ଏବଂ କଠିନ ପରିଶ୍ରମ ଦ୍ୱାରା ସେ କିପରି ଜାତୀୟ ସ୍ତରରେ ଶୀର୍ଷସ୍ଥାନରେ ପହଞ୍ଚି ପାରିଥିଲେ ତାହା ପ୍ରକାଶ କରିଥିଲେ। ଏହି ଅବସରରେ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତାଙ୍କ ଉତ୍‌ଥାନର ସମସ୍ତ ଶ୍ରେୟ ସେ ରାଜ୍ୟ କ୍ରୀଡ଼ା ବିଭାଗ, ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଓ ନିଯୁକ୍ତିଦାତା ନାଲ୍‌କୋକୁ ଦେଇଛନ୍ତି।




ଶ୍ରଦ୍ଧାଞ୍ଜଳି ସାମନ୍ତରାୟ

## ସାର୍ ରିଚାର୍ଡ ହାଡ୍‌ଲୀ ମେଡାଲ୍ ଜିତିବାରେ ରାଚିନ୍ ସର୍ବକନିଷ୍ଠ

**କ୍ରିଷ୍ଟଚର୍ଚ୍ଚ, ୧୩।୩ (ପି.ଟି.):** ନ୍ୟୁଜିଲାଣ୍ଡର ଯୁବ କ୍ରିକେଟର ରାଚିନ୍ ରବୀନ୍ଦ୍ରଙ୍କୁ ମିଳିଛି ସାର୍ ରିଚାର୍ଡ ହାଡ୍‌ଲୀ ମେଡାଲ। ନ୍ୟୁଜିଲାଣ୍ଡର ଶ୍ରେଷ୍ଠ କ୍ରିକେଟର ଭାବେ ସେ ଏହି ପୁରସ୍କାର ହାସଲ କରିଥିବା ବେଳେ ସର୍ବକନିଷ୍ଠ ଖେଳାଳି ଭାବେ ଏଭଳି କରିବାର ସୌଭାଗ୍ୟ ହାସଲ କରିଛନ୍ତି। ୨୪ ବର୍ଷ ବୟସରେ ରବୀନ୍ଦ୍ର ଏହି ସଫଳତା ହାସଲ କରିଛନ୍ତି। ମହିଳା କ୍ରିକେଟରଙ୍କ ମଧ୍ୟରେ ଏମିଲିଆ କେରଙ୍କୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ମିଳିଥିବା ବେଳେ କେନ୍ ୱିଲିୟମସନଙ୍କୁ ଟେଷ୍ଟ କ୍ରିକେଟର ଅଫ୍ ଦ ଇୟର ଘୋଷଣା କରାଯାଇଛି। ଦିନିକିଆ କ୍ରିକେଟ ବିଶ୍ୱକପରେ ନ୍ୟୁଜିଲାଣ୍ଡ ପାଇଁ ଚମତ୍କାର ପ୍ରଦର୍ଶନ କରିଥିଲେ ରବୀନ୍ଦ୍ର। ଏହା ସହିତ ୨୦୨୩ରେ ଆଇସିସି ପକ୍ଷରୁ ରବୀନ୍ଦ୍ରଙ୍କୁ ଇମର୍ଜିଂ ପ୍ଲେୟର ଅଫ୍ ଦ ଇୟର ଘୋଷଣା କରାଯାଇଥିଲା।

## ବୁମ୍‌ରାଙ୍କୁ ହଟାଇ ଅଶ୍ୱିନ ନମ୍ବର ୱାନ୍

**ଦୁବାଇ, ୧୩।୩ (ପି.ଟି.):** ଶତକୀୟ ଟେଷ୍ଟରେ ୯ ଉଇକେଟ ସଫଳତା ହାସଲ କରିବା ସହ ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଅନ୍ୟତମ ଭାରତୀୟ ଜସପ୍ରୀତ୍ ବୁମରାଙ୍କୁ ହଟାଇ ସେ ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ଅନ୍ୟ ପକ୍ଷରେ ଭାରତୀୟ ଅଧିନାୟକ ରୋହିତ ଶର୍ମା ଚମତ୍କାର ପ୍ରଦର୍ଶନ କରି ବ୍ୟାଟରଙ୍କ ର୍‍ୟାଙ୍କିଙ୍ଗରେ ୬ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଯଶସ୍ୱୀ ଜୟସ୍ୱାଲ୨ ସ୍ଥାନ ଉପରକୁ ଉଠି ଅଷ୍ଟମ ସ୍ଥାନରେ ରହିଥିବା ବେଳେ ଶୁବମନ ଗିଲ ୧୧ ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୨୦ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟ ଭାରତୀୟ ଖେଳାଳିଙ୍କ ମଧ୍ୟରେ କୁଲଦୀପ ଯାଦବ ବୋଲରଙ୍କ ତାଲିକାରେ ୧୬ତମ ସ୍ଥାନରେ ପହଞ୍ଚିଛନ୍ତି।

# ରାଜଗାଙ୍ଗପୁରର ବୃହତ୍ ବିଜୟ

ଭୁବନେଶ୍ୱର, ୧୩।୩
(ତପନ ସ୍ୱାଇଁ)

**ବିର୍ସା ମୁଣ୍ଡାରେ ୧୬ ବର୍ଷରୁ କମ୍ ମହିଳା ଗ୍ରାସ୍‌ରୁଟ୍ ହକି ଆମନ୍ତ୍ରଣୀୟ ପ୍ରତିଯୋଗିତା**

ଓଡ଼ିଶା ନାଭାଲ ଟାଟା ହକି ହାଇପରଫର୍ମାନ୍ସ ସେଣ୍ଟର ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ରାଉରକେଲାର ବିର୍ସାମୁଣ୍ଡା ଷ୍ଟାଡିୟମରେ ଚାଲିଥିବା ୧୬ ବର୍ଷରୁ କମ୍ ମହିଳା ଗ୍ରାସରୁଟ୍ ହକି ଆମନ୍ତ୍ରଣୀୟ ପ୍ରତିଯୋଗିତାରେ ବୁଧବାର ମୋଟ ୮ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିମଧ୍ୟରୁ ରାଜଗାଙ୍ଗପୁର ଏଚ୍‌ଟିସି ୨୪-୦ ଗୋଲରେ ଢେଙ୍କାନାଳକୁ ପରାସ୍ତ କରିଛି। ବିଜୟୀ ଦଳର ଦୀପାଞ୍ଜଳି ତିର୍କୀ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ଛତିଶଗଡ଼ ୮-୨ରେ ସବ୍‌ଡେଗା ଏଚ୍‌ଟିସି, କୁତ୍ରା ୬-୦ରେ କୋଲକାତା ଜିଆର, ଗୁରୁଣ୍ଡିଆ ଏଚ୍‌ଟିସି ୫-୧ରେ କୁଆଁରମୁଣ୍ଡା, ଉତ୍ତର ପ୍ରଦେଶର ଅନୱର ଏଚ୍‌ଏସ୍ ୫-୨ରେ ଲାଠିକଟା ଏଚ୍‌ଟିସି, ଝାଡ଼ଖଣ୍ଡର ସିନି ୨-୦ରେ ବାଲିଶଙ୍କରା ଏଚ୍‌ଟିସି (ସଉନାମରା) ଏବଂ ବାମରା ଏଚ୍‌ଟିସି ୫-୦ରେ ନୂଆ ଗାଁକୁ ପରାସ୍ତ କରିଛି। ଝାଡ଼ଖଣ୍ଡର ଟିଏସ୍‌ଏଫ୍ ଓ ବାଲିଶଙ୍କରା ଏଚ୍‌ଟିସି (ତିଲେଇକାନି) ମଧ୍ୟରେ ମ୍ୟାଚ ୧-୧ରେ ଡ୍ର ରହିଛି। ଗତ ୧୧ରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତା ୧୬ ପର୍ଯ୍ୟନ୍ତ ଚାଲିବ।

ପ୍ରତିଯୋଗିତାରେ ରାଜ୍ୟ ବାହାରର ୫ ଓ ୧୧ଟି ଶୀର୍ଷ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି) ଓ ଗ୍ରାସ୍‌ପିଚ୍ ସେଣ୍ଟର ଦଳ ଅଂଶଗ୍ରହଣ କରିଛନ୍ତି। ଉତ୍ତର ପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଦଳଗୁଡ଼ିକ ସାମିଲ ହେବାଦ୍ୱାରା ପ୍ରତିଦ୍ୱନ୍ଦ୍ୱିତାର ସ୍ତର ବଢ଼ିଛି। ପ୍ରଥମଥର ପାଇଁ ଆୟୋଜନ ହେଉଥିବା ଏହି ଆମନ୍ତ୍ରଣୀୟ ପ୍ରତିଯୋଗିତାର ଚାମ୍ପିୟନ ଦଳକୁ ୫୦ ହଜାର, ରନରଅପ୍‌କୁ ୩୦,୦୦୦ ଓ ତୃତୀୟ ସ୍ଥାନ ପାଇଁ ୨୦,୦୦୦ଟଙ୍କା ପୁରସ୍କାର ଆକାରରେ ପ୍ରଦାନ କରାଯିବ। ଭାଗ ନେଇଥିବା ୧୬ ଦଳକୁ ୪ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଲେଖାଏ ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବେ। ୧୪ରେ କ୍ୱାର୍ଟର ଫାଇନାଲ, ୧୫ରେ ସେମିଫାଇନାଲ ଓ ୧୬ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।



ମ୍ୟାଚ ପୂର୍ବରୁ ଅଫିସିଆଲଙ୍କ ସହ ଦୁଇ ଦଳର ଖେଳାଳି।

# ଅନ୍ତିମ ଦିନରେ ମୁମ୍ବାଇକୁ ଆବଶ୍ୟକ ୫ ଉଇକେଟ

ମୁମ୍ବାଇ, ୧୩।୩(ପି.ଟି.)

**ରଣଜୀ ଟ୍ରଫି ଫାଇନାଲ**

ୱାଙ୍ଖେଡେ ଷ୍ଟାଡିୟମରେ ଖେଳା ଯାଉଥିବା ରଣଜୀ ଟ୍ରଫି ଫାଇନାଲର ଅନ୍ତିମ ଦିନରେ ବିଦର୍ଭଙ୍କୁ ୨୯୦ ରନ୍ ଆବଶ୍ୟକ ଥିବା ବେଳେ ମୁମ୍ବାଇକୁ ଆବଶ୍ୟକ ୫ ଉଇକେଟ। ୪୨ ତମ ରଣଜୀ ଟ୍ରଫି ଲକ୍ଷ୍ୟରେ ରହିଥିବା ମୁମ୍ବାଇକୁ ଟାଇଟଲ ଫେଭରିଟ୍ ବିବେଚନା କରାଯାଉଛି। ଚତୁର୍ଥ ଦିନର ଷ୍ଟମ୍ପସ ସୁଦ୍ଧା ବିଦର୍ଭ ୫ ଉଇକେଟରେ ୨୪୮ ରନ୍ ସଂଗ୍ରହ କରିଛି।

ତୃତୀୟ ଦିନର ଅସମାପ୍ତ ସ୍କୋର ୧୦/୦ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। ଦୁଇ ଓପନର ଅଥର୍ବ ତାଇଡେ(୩୨) ଓ ଧ୍ରୁବ ସୋରେ(୨୮) ପ୍ରଥମ ଉଇକେଟରେ ୬୪ ରନ୍ ଯୋଡିଥିଲେ। ତେବେ ମାତ୍ର ୨ ବଲ୍ ବ୍ୟବଧାନରେ ଉଭୟ ଓପନର ଆଉଟ ହୋଇଯାଇଥିଲେ। ପରବର୍ତ୍ତୀ ବ୍ୟାଟର ଅମନ ମୋଖାଡେ(୩୨) ଓ କରୁଣ ନାୟାର(୭୪) ତୃତୀୟ ଉଇକେଟରେ ୫୪ ରନ୍ ଯୋଡିଥିଲେ। ଅମନଙ୍କୁ ଆଉଟ କରି ମୁଶିର ଖାନ୍ ଏହି ଯୋଡି ଭାଙ୍ଗିଥିଲେ। ସେମି ଫାଇନାଲର ପ୍ଲେୟର ଅଫ୍ ଦ ମ୍ୟାଚ୍ ଯଶ ରାଠୋଡ ମାତ୍ର ୭ ରନ୍ କରି ତନୁଷ କୋଟିଆନଙ୍କ ବଲରେ ଆଉଟ ହୋଇଥିଲେ। ୧୩୩ ରନ୍‌ରେ ଚତୁର୍ଥ ଉଇକେଟର ପତନ ଘଟିବା ପରେ ନାୟାର ଓ ଅଧିନାୟକ ଅକ୍ଷୟ ୱାଡକର(୫୬*)ଙ୍କ ମଧ୍ୟରେ ୯୦ ରନ୍‌ର ଭାଗୀଦାରି ହୋଇଥିଲା। ଦିନର ଖେଳ ଶେଷ ହେବାକୁ ଆଉ ୫ ଓଭର ବାକି ଥିବା ବେଳେ ନାୟାରଙ୍କୁ ଆଉଟ କରି ମୁମ୍ବାଇକୁ ବ୍ରେକ୍ ଥ୍ରୁ ଦେଇଥିଲେ ମୁଶିର୍। ୨୨୦ ବଲ୍‌ର ଧୈର୍ଯ୍ୟପୂର୍ଣ୍ଣ ଇନିଂସରେ ନାୟାର ୩ ଚୌକା ମାରିଥିଲେ। ଷ୍ଟମ୍ପ ଅପସାରଣ ବେଳକୁ ଅକ୍ଷୟ ୱାଡକର ୫୬ ଓ ହର୍ଷ ଦୁବେ ୧୧ ରନ୍‌ରେ ବ୍ୟାଟିଂ କରୁଛନ୍ତି। ଅକ୍ଷୟ ୯୧ ବଲ ଖେଳି ୬ ଚୌକା ଓ ୧ ଛକା ମାରିଛନ୍ତି। ମୁମ୍ବାଇ ପକ୍ଷରୁ ମୁଶିର ଖାନ୍ ଓ ତନୁଷ କୋଟିଆନ୍ ୨ଟି ଲେଖାଏ ଉଇକେଟ ନେଇଥିବା ବେଳେ ସାମ୍ସ ମୁଲାନୀଙ୍କୁ ଗୋଟିଏ ଉଇକେଟ ମିଳିଛି। ଉଲ୍ଲେଖଯୋଗ୍ୟ ଯେ ମୁମ୍ବାଇ ପ୍ରଥମ ଇନିଂସରେ ୨୨୪ ରନ୍ ସ୍କୋର କରିଥିଲା। ବିଦର୍ଭ ମାତ୍ର ୧୦୫ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ମୁମ୍ବାଇ ଦ୍ୱିତୀୟ ଇନିଂସରେ ୪୧୮ ରନ୍ କରିଥିଲା। ୫୩୮ ରନ୍‌ର ଅସମ୍ଭବ ଲକ୍ଷ୍ୟ ରହିଥିବା ବେଳେ ଚତୁର୍ଥ ଦିନର ଷ୍ଟମ୍ପସ ସୁଦ୍ଧା ବିଦର୍ଭ ୫ ଉଇକେଟରେ ୨୪୮ ରନ୍ କରିଛି।



ବୋଲିଂ ଆକ୍ସନରେ ମୁଶିର ଖାନ୍।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ପ୍ରଥମ ଇନିଂସ: ୨୨୪/୧୦। ବିଦର୍ଭ ପ୍ରଥମ ଇନିଂସ: ୧୦୫/୧୦। ମୁମ୍ବାଇ ଦ୍ୱିତୀୟ ଇନିଂସ ୧୩୦.୨ ଓଭରରେ ୪୧୮/୧୦( ମୁଶିର୍ ଖାନ୍-୧୩୬, ଶ୍ରେୟସ୍ ଆୟର-୯୫, ଅଜିଙ୍କ୍ୟ ରାହାନେ-୭୩, ସାମ୍ସ ମୁଲାନୀ-୫୦*, ହର୍ଷ ଦୁବେ-୫/୧୩୭, ଯଶ ଠାକୁର-୩/୭୯, ଆଦିତ୍ୟ ଠାକରେ-୧/୩୯, ଅମନ ମୋଖାଡେ-୧/୧୭)। ବିଦର୍ଭ ଦ୍ୱିତୀୟ ଇନିଂସ ୯୨ ଓଭରରେ ୨୪୮/୫ (କରୁଣ ନାୟାର-୭୪, ଅକ୍ଷୟ ୱାଡକର-୫୬*, ଅମନ ମୋଖାଡେ-୩୨, ମୁଶିର ଖାନ-୨/୩୮, ତନୁଶ କୋଟିଆନ-୨/୫୬, ସାମ୍ସ ମୁଲାନୀ-୧/୫୬)।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ବିଶ୍ୱକର୍ମା ଭାଇଭଉଣୀଙ୍କ ସ୍ୱୀକୃତି ଏବଂ ସମୃଦ୍ଧି

# ମୋଦୀ ସରକାରଙ୍କ ଗ୍ୟାରେଣ୍ଟି



ଏହି ଯୋଜନା ସାରା ଦେଶର କାରିଗର ଏବଂ ଶିଳ୍ପକାରଙ୍କ ଦକ୍ଷତାର ବିକାଶ କରିବା ସହିତ ସେମାନଙ୍କ ଦ୍ୱାରା ନିର୍ମିତ ଉତ୍ପାଦଗୁଡ଼ିକୁ ସାରା ବିଶ୍ୱରେ ନୂଆ ସ୍ୱୀକୃତି ପ୍ରଦାନ କରିବ ।

- **ନରେନ୍ଦ୍ର ମୋଦୀ,** ପ୍ରଧାନମନ୍ତ୍ରୀ

# ପିଏମ୍ ବିଶ୍ୱକର୍ମା

## ଯୋଜନାର ଲାଭ

- ପିଏମ୍ ବିଶ୍ୱକର୍ମା ପ୍ରମାଣପତ୍ର ଏବଂ ପରିଚୟପତ୍ର
- ଦକ୍ଷତା ଉନ୍ନୟନ ପାଇଁ ପ୍ରଶିକ୍ଷଣ ଏବଂ ଦିନ ପିଛା ୫୦୦ ଟଙ୍କାର ଷ୍ଟାଇପେଣ୍ଡ
- ୧୫ ହଜାର ଟଙ୍କା ପର୍ଯ୍ୟନ୍ତ ଟୁଲ୍‌କିଟ୍
- ବିଶ୍ୱକର୍ମା ଭାଇଭଉଣୀଙ୍କ ପାଇଁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବନ୍ଧକବିହୀନ ଋଣ
- ଡିଜିଟାଲ କାରବାର ପାଇଁ ପ୍ରୋତ୍ସାହନ
- ଉତ୍ପାଦର ଗୁଣବତ୍ତା ପ୍ରମାଣନ, ବ୍ରାଣ୍ଡିଂ ଏବଂ ବିଜ୍ଞାପନ ପାଇଁ ବିପଣନ ସହାୟତା

## 18 ପାରମ୍ପରିକ ଟ୍ରେଡ୍‌ରେ ସଂଶ୍ଳିଷ୍ଟ କାରିଗର ଏବଂ ଶିଳ୍ପକାର



ବଢ଼େଇ । ଡଙ୍ଗା ନିର୍ମାତା । ଅସ୍ତ୍ର ନିର୍ମାତା । କମାର । ଝୁଡ଼ି/ମସିଣା/ଝାଡ଼ୁ ନିର୍ମାତା/କତା ବୁଣାକାର ।
କଣ୍ଢେଇ ଓ ଖେଳନା ନିର୍ମାତା (ପାରମ୍ପରିକ) । ସ୍ୱର୍ଣ୍ଣକାର । କୁମ୍ଭାର । ମୋଚି/ଜୋତା/ଚପଲ କାରିଗର ।
ହାତୁଡ଼ି ଓ ସରଞ୍ଜାମ ନିର୍ମାତା । ଭାସ୍କର୍ଯ୍ୟ ଶିଳ୍ପୀ (ପଥର ଖୋଦନକାରୀ), ପଥର ଭାଙ୍ଗୁଥିବା ବ୍ୟକ୍ତି । ରାଜମିସ୍ତ୍ରି । ଭଣ୍ଡାରୀ ।
ଫୁଲମାଳ ନିର୍ମାତା । ଧୋବା । ଦରଜି । ମାଛଧରା ଜାଲ ନିର୍ମାତା ।

cbc 25101/13/0010/2324

ଯୋଜନାରେ ପଞ୍ଜୀକରଣ କରିବା ପାଇଁ, ବିଶ୍ୱକର୍ମା ଭାଇଭଉଣୀମାନେ ନିକଟତମ **ଜନ ସେବା କେନ୍ଦ୍ର** ପରିଦର୍ଶନ କରିପାରିବେ


MOST AWARDED MOTORCYCLE 2021-22
TVS
THE WICKED RIDE
TVS SMART XONNECT
FIRST IN SEGMENT TFT CONSOLE
99 CONNECTED FEATURES
BEST IN SEGMENT
0-60 km/h in 5.9 sec
FIRST IN SEGMENT
ECO POWER
MULTIPLE RIDE MODES
FOR 15% MORE MILEAGE#
SILENT START WITH ISG
IDLE STOP-START TECHNOLOGY
SCAN TO GET WICKED
PRICE STARTS FROM ₹98 006*
BOOKINGS OPEN
EMI STARTING FROM ₹2 999**
100%** FUNDING
TVS RAIDER
FOLLOW US ON: @tvsraiderofficial | TVS RAIDER | VISIT US AT: www.tvsmotor.com/tvs-raider
* Ex-showroom price of single-seat Disc variant in Odisha. # Under TVSM internal test conditions. ** Finance plans are mutually exclusive and cannot be clubbed with each other. Credit will be at the sole discretion of the financier.
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: RAYAGADA: MMG TVS: 7894471604, JEYPORE: HINDUSTAN TVS: 8763999922, 9583111111. Authorised Dealers: Nabarangpur: 7008803779, Balimela: 9938414027, Govindapalli: 6370277289, Kalimela: 7684072556, Umerkote: 9937060382, Kotpad: 7008549433, Malkangiri: 9437215287, Semiliguda: 9438222684, Borigumma: 9937651399, Papadahandi: 9777522522, Jharigoan: 9777655520, Dharamgarh: 9938883405, Jaipatna: 9178236679, Raighar: 7682004105, Kundra: 8480287974, Koraput: 9938882860, Lamtaput: 7008272319, Muniguda: 9583860028, Bishamketak: 7978406095.
dentsu/dha ray/02/24


MARUTI SUZUKI
NEXA
VELOCITY EDITION
TURBO BOOSTERJET
INDIA'S FASTEST 1 LAKH SALES
*Claim verified by independent research agency - JATO Dynamics Limited for Fastest to 1Lakh sales in SUV and PV categories since launch on 19-January-2024.
FRONX
1.0L Turbo Boosterjet Engine with Progressive Smart Hybrid
Front Grille Garnish Opulent Red
Head Lamp Garnish
Rear Upper Spoiler Extender Black + Red
NEXA Safety Shield
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH - FULL FRONTAL IMPACT, FRONTAL OFFSET IMPACT, SIDE IMPACT
BENEFITS UP TO ₹25 000^
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
CONTACT YOUR NEAREST NEXA DEALER: JEYPORE: NEXA KORAPUT ROAD (LEGEND CARS PVT. LTD. PH: 9692883057, 7894442905).
Scan to know more.
SMART FINANCE
AN ONLINE END-TO-END CAR FINANCE SOLUTION
Multiple financiers
Digital Document Upload
Live Loan status
Complete transparency (associated fees & charges)
^Given offers include Exchange bonus and Corporate or Rural offers as applicable on selected variants. Offers may vary subject to the model and variant purchased. Maruti Suzuki India Limited reserves the right to discontinue offers without notice. Consumer offers applicable for 2023 model while stocks last. For more details regarding offers please contact your nearest NEXA dealership. T&C apply. All offers are applicable till 31st Mar'24. Maruti Suzuki Smart Finance is now available pan-India. Accessories and features shown may not be part of standard equipment. Black glass on the vehicle is due to lighting effect. Images used are for illustration purposes only.

## ସଂକ୍ଷେପରେ

### ୩ ବାଇକ୍ ଚୋର ଗିରଫ, ବାଇକ୍ ଜବତ

ମାଲକାନଗିରି, ୧୩।୩(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ପୋଲିସ ଦ୍ୱାରା ୩ ବାଇକ୍ ଚୋର ବୁଧବାର ଗିରଫ ହୋଇଛନ୍ତି। ତାଙ୍କଠାରୁ ଚୋରି ବାଇକ୍ ଜବତ ହୋଇଛି। ଏଭି ୨୬ ଗ୍ରାମର ଜିତେନ ମଣ୍ଡଳ ଗତ ୩ ତାରିଖରେ ବାଇକ୍‌ରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିବା ବେଳେ ତାଙ୍କ ବାଇକ୍ କେହି ଚୋରିକରି ନେଇଥିବା ନେଇ ସେ ମାଲକାନଗିରି ଆଦର୍ଶ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ନଂ.୨୦୬/୨୪ରେ ଏକ ମାମଲା ରୁଜୁକରି ତଦନ୍ତ କରିଥିଲା। ଏହି ଘଟଣାରେ ଆଶ୍ରୀବାଦ କଲୋନୀରୁ ଉକ୍ତ ଚୋରି ବାଇକ୍‌କୁ ଜବତ କରିବା ସହ ଏହି ଘଟଣାରେ ସମ୍ପୃକ୍ତ ଥିବା ଏଭି ୪୭ ଗ୍ରାମର ରାକେଶ ରାୟ, ଏପିଭି ୧୦୫ ଗ୍ରାମର ପ୍ରସଞ୍ଜିତ ରାୟ, ଜିଲା ସଦରରେ ଥିବା ଆଶ୍ରୀବାଦ କଲୋନୀର ମଦନ ବଲଭଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ଥାନା ଅଧିକାରୀ ରିଗାନ କିଣ୍ଡୋ ସୂଚନା ଦେଇଛନ୍ତି ।

### ଜଳିଗଲା ତେଜରାତି ଦୋକାନ

ମାଲକାନଗିରି, ୧୩।୩(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି ଜିଲା ସୁକୁମା ବାଇପାସ୍ ଛକ ନିକଟରେ ଥିବା ସୁରାନା ହୋଲସଲ ତେଜରାତି ଦୋକାନ ମଙ୍ଗଳବାର ରାତିରେ ବନ୍ଦ ଥିବା ବେଳେ ହଟାତ ନିଆଁ ଲାଗି ଯାଇଥିଲା । ଜୟପୁର- ମାଲକାନଗିରିକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କଡରେ ଏହି ଦୋକାନ ଥିବା ବେଳେ ସେଥିରୁ ଧୂଆଁ ବାହାରୁଥିବା ଦେଖି ସ୍ଥାନୀୟ ଲୋକେ ତୁରନ୍ତ ଏନେଇ ଦମକଳ ବାହିନୀ ଓ ଦୋକାନ ମାଲିକଙ୍କୁ ଖବର ଦେଇଥିଲେ। ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲା । ଦୋକାନ ଅଫିସ ଗୃହଟି ସମ୍ପୂର୍ଣ ଜଳି ପୋଡି ନଷ୍ଟ ହୋଇଯାଇଥିବା ବେଳେ ଦୋକାନରେ ଥିବା ଅନେକ ଖାଦ୍ୟ ସାମଗ୍ରୀ ସହ ଅଫିସ ଗୃହରେ ଥିବା କିଛି ଟଙ୍କା, କମ୍ପ୍ୟୁଟର, ଏସି ଭଳି ଅନେକ କିଛି ସାମଗ୍ରୀ ଜଳି ଯାଇଛି। ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣା ପଡିଛି।

### ଗଞ୍ଜେଇ ଧରିବାରୁ ପୋଲିସକୁ ଆକ୍ରମଣ

ମାଲକାନଗିରି, ୧୩।୩(ଦୁର୍ଯ୍ୟୋଧନ ପାତ୍ର)-ମାଲକାନଗିରି-କୋରାପୁଟ ଜିଲା ସୀମାନ୍ତ ଖଇରପୁଟ ବ୍ଲକ ଅନ୍ତର୍ଗତ ବଡଦୁରାଲ ପଞ୍ଚାୟତ ବାଲିକୁଣ୍ଡକୁ ଗଞ୍ଜେଇ ଧରିବାକୁ ଯାଇ ପୋଲିସକୁ ଆକ୍ରମଣ ହୋଇଛି। କୋରାପୁଟ ଜିଲା ନନ୍ଦପୁର ବ୍ଲକର ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ମଙ୍ଗଳବାର ରାତିରେ ଏଠାରେ ଗଞ୍ଜେଇ ଚାଲାଣ ହେଉଥିବା ସହ ଗଚ୍ଛିତ ଥିବା ସୂଚନା ପାଇ ଚଢାଉ କରିଥିଲା। ତେବେ ରାତି ଅଧିଆ ପୋଲିସ ଟିମ୍‌କୁ ଦେଖି ଲୋକେ ଉତ୍ତ୍ୟକ୍ତ ହୋଇ ବିରୋଧ କରିବା ସହ ପଥରରେ ଆକ୍ରମଣ କରିଥିଲେ। ଯେଉଁଥିରେ କିଛି ପୋଲିସ କର୍ମଚାରୀ ସାମାନ୍ୟ ଆହତ ହୋଇଥିବା ବେଳେ ସେଠାରୁ ଗଞ୍ଜେଇ ଜବତ କରି ଚାଲି ଯାଇଥିବା ଜଣା ପଡିଛି। ଏ ସମ୍ପର୍କରେ ନନ୍ଦପୁର ଏସ୍‌ଡିପିଓ ସମ୍ପିତ କୁମାର ମାଝିଙ୍କୁ ଯୋଗାଯୋଗ କରିବାରୁ ସେ ଏହି କଥାକୁ ସ୍ୱୀକାର କରିଥିଲେ। ଏନେଇ ଚିତ୍ରକୋଣ୍ଡା ଏସ୍‌ଡିପିଓ ଆଲେକ୍ସ କିସ୍‌ପୋଟାଙ୍କୁ ଯୋଗାଯୋଗ କରିବାରୁ ଆମ ନିକଟରେ ଏ ନେଇ କୌଣସି ଖବର ନାହିଁ ବୋଲି କହିଥିଲେ।

### ଫେରାର ମହିଳା ଅଭିଯୁକ୍ତ ଗିରଫ

ବାଲିମେଲା, ୧୩।୩(ଶିବଦତ୍ତ ସାହୁ)-ମାଲକାନଗିରି ଜିଲା ଓର୍କେଲ ପୋଲିସ ଜଣେ ମହିଳା ଫେରାର ଅଭିଯୁକ୍ତଦଇମତି ଖିଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ମାଥିଲି ଅବକାରୀ ବିଭାଗ ୨୦୨୨ରେ ଗଞ୍ଜେଇ ଚୋରା ଚାଲାଣ ଅଭିଯୋଗରେ କରୁକୋଣ୍ଡା ବ୍ଲକ ତାରଲାକୋଟା ଗ୍ରାମର ଦଇମତି ଖିଲଙ୍କୁ ମାମଲା ନଂ.୩/୨୨ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ୩ ମାସ ପରେ ଅଭିଯୁକ୍ତ ଜଣକ ଯାମିନିରେ ଆସିବା ପରେ ପରବର୍ତ୍ତୀ ସମୟରେ ଅଦାଲତ ଅବମାନନା କରିଥିଲେ। ଫଳରେ ଅଦାଲତ ପକ୍ଷରୁ ଯାମିନି ବିହୀନି ଗିରଫ ପରୱାନା ଜାରି ହୋଇଥିଲା। ମଙ୍ଗଳବାର ଓର୍କେଲ ପୋଲିସ ଖବର ପାଇ ଉକ୍ତ ଗ୍ରାମକୁ ଯାଇ ଦଇମତଙ୍କୁ ନିଜ ଘରୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ଧୀରେନ ପଟନାୟକ କହିଛନ୍ତି।

# ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡ଼ା ଭବନ ଲୋକାର୍ପିତ

## ଭର୍ଚୁଆଲରେ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ମାଲକାନଗିରି, ୧୩।୩(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସଦର ମହକୁମା ମୁଖ୍ୟରାସ୍ତା କଡ଼ରେ ନବନିର୍ମିତ ବିଜୁ ପଟ୍ଟନାୟକ ବହୁମୁଖୀ କ୍ରୀଡାଭବନକୁ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫେରେନ୍ସରେ ଲୋକାର୍ପିତ କରିଛନ୍ତି। ଅପରାହ୍ନରେ କ୍ରୀଡା ଭବନ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଆଡମା ରାବା, ମାଲକାନଗିରି ପୌର ପରିଷଦ ଅଧ୍ୟକ୍ଷ ମନୋଜ ବାରିକ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ବିଡିଓ ପ୍ରଭାତି ଝଡିଆ, ଜିଲା କ୍ରୀଡା ଅଧିକାରୀ ମାଧବ ପାଙ୍ଗି, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନୀହାର ରଞ୍ଜନ ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ମହାଲିକ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି, ପୌର ପରିଷଦ



ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଅନ୍ୟମାନେ।

ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ଖରାଙ୍କ ସହ ୨୦୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍, ବୁଦ୍ଧିଜୀବି ଓ ନାଗରିକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ମାଲକାନଗିରି ଜିଲାରେ ଯୁବପିଢ଼ିଙ୍କ କ୍ରୀଡାର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ପଦକ୍ଷେପ ସମ୍ବନ୍ଧରେ ବକ୍ତବ୍ୟ ଦେବା ସହ ମାଲକାନଗିରି ଏବଂ ବାଲିମେଳାରେ ଏହି ବହୁମୁଖୀ କ୍ରିଡା ଭବନ ଆଗାମୀ ଦିନରେ ଯୁବପିଢିଙ୍କୁ କ୍ରୀଡା କ୍ଷେତ୍ରରେ ଆଗକୁ ନେବାପାଇଁ ସହାୟକ ହେବ । କ୍ରୀଡ଼ା ମଣିଷକୁ ସୁସ୍ଥ ରଖିବା ସହ ଶାରୀରିକ ଏବଂ ମାନସିକ ଅଭିବୃଦ୍ଧିର ମାଧ୍ୟମ ଅଟେ ବୋଲି କହିଥିଲେ। କ୍ରୀଡ଼ାର ବିକାଶ ପାଇଁ ଏହି ଭବନ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ କ୍ରୀଡା ସଂସ୍କୃତିକୁ ଆଗେଇ ନେବ । କ୍ରୀଡାରେ ପୁଞ୍ଜିନିବେଶ ଅର୍ଥାତ୍ ଯୁବଶକ୍ତିର ବିକାଶ, ଦକ୍ଷ ଯୁବ ସମାଜ ଗଠନ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ଓଡିଶା କ୍ରୀଡାର ପେଣ୍ଠସ୍ଥଳୀ ହୋଇପାରିଛି। ଓଡିଶାର କ୍ରିଡା ମଡେଲକୁ ଅନ୍ୟ ରାଜ୍ୟ ଅନୁକରଣ କରୁଛନ୍ତି। କ୍ରୀଡା ଭିତ୍ତିଭୂମିର ବିକାଶ ଦ୍ୱାରା ଗାଁ ଓ ଛୋଟ ସହରର ପିଲାମାନେ ବହୁ ସଂଖ୍ୟାରେ କ୍ରୀଡାରେ ଭାଗ ନେଇ ପାରିବେ। ଆଗାମୀ କିଛି ବର୍ଷ ମଧ୍ୟରେ କ୍ରୀଡା କ୍ଷେତ୍ରରେ ଓଡିଶାର ପିଲାମାନେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍, କ୍ରୀଡା ମନ୍ତ୍ରୀ ତୁଷାରକାନ୍ତିବେହେରା, ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ କ୍ରୀଡା ସଚିବ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ଯୋଜନା ଯୋଡ଼ିବାରେ ହୋଇଛି ସହାୟକ

## ଆସ ଖୋଜିବା କାର୍ଯ୍ୟକ୍ରମ

ପଟ୍ଟାଙ୍ଗି, ୧୩।୩(ଶରତ ଧଳ)

ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ଅନେକ ସମୟରେ ବାଟମାରଣା ହୋଇଥାଏ। ସରକାରୀ ଯୋଜନାରୁ ଗ୍ରାମାଞ୍ଚଳ ଲୋକମାନେ ବଞ୍ଚିତ ହୋଇଥାନ୍ତି। ଏହାକୁ ଦୃଷ୍ଟିରେ ରଖି କୋରାପୁଟ ଜିଲା ପଟ୍ଟାଙ୍ଗି ବିଡିଓ ସୁକାନ୍ତ ପଟ୍ଟନାୟକ ଆରମ୍ଭ କରିଥିବା 'ଆସ ଖୋଜିବା' କାର୍ଯ୍ୟକ୍ରମ ଏବେ ସରକାରୀ ଯୋଜନାରେ ଲୋକଙ୍କୁ ଯୋଡ଼ିବାରେ ସହାୟକ ହୋଇପାରିଛି। ବିଡିଓ ପଟ୍ଟନାୟକ ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକରେ କାର୍ଯ୍ୟରତ ସମୟରେ ଉକ୍ତ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ମାଧ୍ୟମରେ ସରକାରୀ ଯୋଜନାରୁ ବଞ୍ଚିତ ବହୁ ଲୋକଙ୍କୁ ଚିହ୍ନଟକରି ସେ ସହାୟତା ଯୋଗାଇ ଦେଇଛନ୍ତି। ତାଙ୍କର ଏହି ପଦକ୍ଷେପକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇ ସମସ୍ତ ବ୍ଲକରେ ଆସ ଖୋଜିବା କାର୍ଯ୍ୟକ୍ରମ ବଜାୟ ରଖିଛି। ଆସ ଖୋଜିବା କାର୍ଯ୍ୟକ୍ରମ କୋରାପୁଟ ଜିଲାର ପଟ୍ଟାଙ୍ଗି ବ୍ଲକରେ ଆରମ୍ଭ ହୋଇଛି। ବିଡିଓ ପଟ୍ଟନାୟକ ପଟ୍ଟାଙ୍ଗି ବ୍ଲକରେ ଅଗଷ୍ଟ ୨୧ରେ ଦାୟିତ୍ୱ ଗ୍ରହଣ କରିବା ପରେ ପ୍ରଥମେ ଆସ ଖୋଜିବା କାର୍ଯ୍ୟକ୍ରମକୁ ଗୁରୁତ୍ୱ ଦେଇ ଆରମ୍ଭ କରିଥିଲେ। ଏହାଦ୍ୱାରା ସରକାରୀ ଯୋଜନାରୁ ବଞ୍ଚିତ ହୋଇ ରହିଯାଉଥିବା ଲୋକମାନେ କିପରି ଚିହ୍ନଟ ହୋଇପାରିବେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଆର୍‌ପିମାନଙ୍କ ସହଯୋଗରେ ଗତ ସେପ୍ଟେମ୍ବରରୁ ଫେବୃଆରୀ ୬ମାସ ମଧ୍ୟରେ ବ୍ଲକରେ ୨୦୬ ଜଣଙ୍କୁ ଚିହ୍ନଟ କରି ମଧୁବାବୁ ପେନ୍‌ସନ ଦେବାରେ ସକ୍ଷମ ହୋଇଛି। ସେହିପରି ୧୯ଜଣଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନାରେ ଚିହ୍ନଟ କରାଯାଇ ପ୍ରତି ପରିବାରକୁ ୨୦ହଜାର ଟଙ୍କା ସହାୟତା ଯୋଗାଇ ଦିଆଯାଇଛି। ୧୪ଜଣ ଶିକ୍ଷିତ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଛି। ୯୮ଜଣଙ୍କୁ ଜଙ୍ଗଲ ଜମିପଟ୍ଟା ଦିଆଯାଇଛି।

# ପୌର ପରିଷଦରେ ଟେଣ୍ଡର କାର୍ଯ୍ୟରେ ଅନିୟମିତତା

## କଂଗ୍ରେସର ଦୁର୍ନୀତି ନିବାରଣ ବିଭାଗକୁ ଦାବିପତ୍ର

ମାଲକାନଗିରି, ୧୩।୩ (ଦୁର୍ଯ୍ୟୋଧନ ପାତ୍ର)




ମାଲକାନଗିରି ଜିଲା ପୌର ପରିଷଦର ଉନ୍ନତି ଲାଗି ୧୩ ପ୍ରକଳ୍ପର ଟେଣ୍ଡର ଡକାଯାଇଥିଲା। ଉକ୍ତ ପ୍ରକଳ୍ପଗୁଡିକ ବର୍ତ୍ତମାନ କାର୍ଯ୍ୟ ଚାଲିଥିବା ବେଳେ ତାହା ନିମ୍ନମାନର ଓ ଅନିୟମିତତାରେ ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଜିଲା କଂଗ୍ରେସ ଏବଂ ଏହାକୁ ଭିତ୍ତିକରି ଦୁର୍ନୀତି ନିବାରଣ କାର୍ଯ୍ୟାଳୟକୁ ଏଥି ସମ୍ବନ୍ଧୀୟ ତଦନ୍ତ ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି, ୨୯।୮।୨୩ ଦିନ ମାଲକାନଗିରି ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରୁ ୧୩ ଟେଣ୍ଡର ନୋଟିସ କରା ଯାଇଥିଲା। ଠିକାଦାରମାନେ ଟେଣ୍ଡରରେ ଭାଗନେଇ ସେମାନଙ୍କ ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କାର୍ଯ୍ୟଗୁଡିକ ନିମ୍ନମାନର ହୋଇଥିବାରୁ ଜିଲା କଂଗ୍ରେସ କମିଟି ଓ ପୌର ପରିଷଦ କଂଗ୍ରେସ ସଭାପତିଙ୍କ ଜରିଆରେ ଏହାର ତଦାରଖ କରାଯାଇଥିଲା। ଟେଣ୍ଡର ନଂ. ୧୩ କାର୍ଯ୍ୟକୁ ତଦାରଖ କରିବାରୁ ନୋଟିସ ଅନୁଯାୟୀ ୭୦,୭୮,୭୧୪ଟଙ୍କା ଉଲ୍ଲେଖ ଥିବା ବେଳେ ଆକଳନ ଅନୁଯାୟୀ ୮୪,୨୩,୦୦୦ ଟଙ୍କା ଲେଖାଯାଇଥିବା ବେଳେ କାର୍ଯ୍ୟସ୍ଥଳରେ କୌଣସି ସାଇନ୍ ବୋର୍ଡ ଲଗାଯାଇନାହିଁ। ପ୍ରତ୍ୟେକ କାର୍ଯ୍ୟର ଆକଳନ ମୂଲ୍ୟ ଟେଣ୍ଡର ମୂଲ୍ୟ ଅଲଗା ଅଲଗା ଲେଖାଯାଇଛି। ସେହିପରି ମେଟାଲ କଂକ୍ରିଟ କାମ ୪ଇଞ୍ଚ ରହିବା କଥା । କିନ୍ତୁ ବହୁ ସ୍ଥାନରେ ମାତ୍ର ୧ ଇଞ୍ଚ କଂକ୍ରିଟ ପକାଯାଇଛି। ଡ୍ରେନ୍ ଉପରେ ପ୍ଲେଟ ରଡର ବ୍ୟବଧାନ ୮ ଇଞ୍ଚ ରହିଛି, ଯାହା ଆକଳନ ହିସାବରେ କରାଯାଇନାହିଁ। ୱାର୍ଡ ନଂ. ୫ରେ ଯେଉଁ ରାସ୍ତା ନିର୍ମାଣ କରାଯାଉଛି । ସେହି ସ୍ଥାନରେ ମାତ୍ର ଦୁଇଟି ଘର ଥିବା ବେଳେ ୬୦ ଲକ୍ଷ ଓ ଅନ୍ୟ କାମରେ ୭୦ଲକ୍ଷ ଟଙ୍କା ଖର୍ଚ୍ଚ କରିବାର କ'ଣ ଆବଶ୍ୟକତା ରହିଛି। ଏ ସମ୍ବନ୍ଧରେ ନିର୍ବାହୀ ଅଧିକାରୀ ଓ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ପଚାରିବାରୁ ନୀରବଦ୍ରଷ୍ଟା ସାଜିଛନ୍ତି। ତେଣୁ ତୁରନ୍ତ ଏହାର ତଦନ୍ତକରି ଯେଉଁମାନେ ଏଥିରେ ଦାୟୀ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କଂଗ୍ରେସ ଦାବି କରିଛି। ଖବରଦାତା ସମ୍ମିଳନୀ କରି ଏକ ଦାବିପତ୍ରକୁ ଦୁର୍ନୀତି ନିବାରଣ ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ କମିଟି ସଭାପତି ଗୋବିନ୍ଦ ପାତ୍ର, ମଙ୍ଗୁ ଖିଲ, ଜି. ଶ୍ରୀନିବାସ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

# ନିଆଁ ଲାଗି ଜଳିଗଲା ଲକ୍ଷାଧିକ ଟଙ୍କାର ବିସ୍କୁଟ

ବାଲିମେଲା, ୧୩।୩(ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଳା ସହରର ଦୈନିକ ବଜାରରେ ଥିବା ଶ୍ରୀପତି ପୃଷ୍ଟିଙ୍କ ବିସ୍କୁଟ ଗୋଦାମରେ ବୁଧବାର ନିଆଁ ଲାଗି ଲକ୍ଷାଧିକ ଟଙ୍କାର ବିସ୍କୁଟ ଜଳି ଯାଇଛି। ପୃଷ୍ଟି ଖାଇ ସାରି ବିଶ୍ରାମ ନେଉଥିବା ବେଳେ ହଠାତ୍ ଉପର ମହଲାରେ ଥିବା ଗୋଦାମ ଗୃହରେ ନଆଁ ଲାଗି ଯାଇଥିବା ଜାଣିବାକୁ ପାଇଥିଲେ। ଘର ଲୋକ ଓ ସାହି ପଡ଼ିଶାଙ୍କ ସହଯୋଗରେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ ମଧ ନିଆଁକୁ ଆୟତ କରିପାରି ନ ଥିଲେ। କୋରୁକୋଣ୍ଡା ଦମକଳ ଗାଡି ସହ କର୍ମଚାରୀମାନେ ଆସି ଉପର ମହାଲାଘରର ସାମ୍ନା କବାଟ ଭାଙ୍ଗି ଅଗ୍ନିଶମ କର୍ମଚାରୀମାନେ ନିଆଁ ଲିଭାଇବା ପାଇଁ ଚେଷ୍ଟା କରିଥିଲେ। ହେଲେ ଗୋଦାମରେ ଥିବା ଲକ୍ଷାଧିକ ଟଙ୍କାର ବିସ୍କୁଟ ଜଳି ପାଉଁଶ ହୋଇଯାଇଥିଲା। ଶର୍ଟ ସର୍କିଟରୁ ନିଆଁ ଲାଗିଥିବା ଜଣାପଡିଛି।

# ଶିକ୍ଷକ ସଂଘର ଜିଲାପାଳ, ଡିଇଓଙ୍କୁ ଦାବିପତ୍ର

**ମାଲକାନଗିରି, ୧୩।୩(ଦୁର୍ଯ୍ୟୋଧନ ପାତ୍ର):** ମାଲକାନଗିରି ଜିଲା ନୂତନ ପେନ୍‌ସନଭୁକ୍ତ ଯୋଜନା ଉଚ୍ଚ ବିଦ୍ୟାଳୟ ଶିକ୍ଷକ ସଂଘର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଜିଲାପାଳ ଓ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ୨ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ମୂଳ ଚାକିରିରେ ୬ ବର୍ଷ ଯୋଗକରିବା ସହ ୬ଟି ନ୍ୟାଶନାଲ ଇନ୍‌କ୍ରିମେଣ୍ଟ ପ୍ରଦାନ କରିବା ଏବଂ ହାଇସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀଙ୍କ କ୍ୟାଡର ରୁଲର ପୁନର୍ଗଠନ କରିବା ପାଇଁ ଦାବିପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ଯଦି ଆମ ଦାବି ଉପରେ ଆସନ୍ତା ୧୩ ସୁଦ୍ଧା କୌଣସି ପଦକ୍ଷେପ ନ ନିଅନ୍ତି, ତେବେ ରାଜ୍ୟ ସଂଘ ନିର୍ଦ୍ଦେଶ ଅନୁସାରେ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ୧୪ ତାରିଖରେ ହେବାକୁ ଥିବା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କନରେ ଯୋଗ ନ ଦେଇ ଏହାକୁ ବର୍ଜନ କରିବେ ବୋଲି ସଂଘର ସଭାପତି ଶିବଶଙ୍କର ପରମାଣିକ କହିଛନ୍ତି। ଏଥିପାଇଁ ସରକାର ଦାୟୀ ରହିବେ ବୋଲି ସେ କହିଛନ୍ତି। ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଦିଆଯାଇଥିବା ଦାବିପତ୍ରକୁ ମାଲକାନଗିରି ଜିଲା ଏନ୍‌ପିଏ ଉଚ୍ଚ ବିଦ୍ୟାଳୟ ସଂଘ ସଭାପତି ପରମାଣିକ, ସମ୍ପାଦକ ସନ୍ଦିପ୍ତ କୁମାର ଦାସ, ସହ ସମ୍ପାଦକ ଚତୁର୍ଭୁଜ ଦାସ, ଉପସଭାପତି ସୁଧୀର ରଞ୍ଜନ ସିକଦାର, ମହେନ୍ଦ୍ର କୁମାର ବେହେରା, ପ୍ରଶାନ୍ତ ବୁରୁଦା, ସଞ୍ଜୀବ କୁମାର ବୈଦ୍ୟ, ରଞ୍ଜିତ ବିଶ୍ୱାସ, କଳ୍ପତରୁ ଦାସ, ଶରତ ଚନ୍ଦ୍ର ଦାସଙ୍କ ସହ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

# ଜୁଆଆଡ୍ଡାରେ ଚଢ଼ାଉ, ୭ ଗିରଫ

କୋଷଗୁମଡ଼ା/କୋଡ଼ିଙ୍ଗା, ୧୩।୩(ପ୍ରସାଦ ବିଷୋୟୀ/ସମରେନ୍ଦ୍ର ପଟ୍ଟନାୟକ): କୋଷାଗୁମୁଡ଼ା ପୋଲିସ ବୁଧବାର ଏକ ଜୁଆ ଆଡ୍ଡାରେ ଚଢ଼ାଉ କରି ୭ ଜଣଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ୩ସ୍ମାର୍ଟ ଫୋନ, ୨ କିପ୍ୟାଡ୍ ଫୋନ, ଗୋଟିଏ ସୋଲାର ଲାଇଟ,୧୧ ବାଇକ୍ ସହ ନଗଦ ୪୦ହଜାର ଟଙ୍କା ମିଳିଛି। ଘୋଡ଼ାଧନୁଆ ନିକଟ ସର୍ଗିଗୁଡ଼ାରେ ଜୁଆ ଖେଳ ଚାଲିଥିବା ଖବରପାଇ ପୋଲିସ ଟିମ୍ ସେଠାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ୭ ଜୁଆଡ଼ିଙ୍କୁ ଗିରଫ କରାଯାଇଥିବାବେଳେ ୨୦ରୁ ଅଧିକ ଅନ୍ଧାରର ସୁଯୋଗରେ ଖସି ପଳାଇଥିବା ପୋଲିସ କହିଛି। କୋଷାଗୁମୁଡ଼ା ଥାନା କେସ ନମ୍ବର ୬୪/୨୪ରେ ମାମଲା ରୁଜୁ କରାଯାଇଛି ବୋଲି ଏସ୍‌ଆଇ ସୁଧାଂଶୁ ବାରିକ କହିଛନ୍ତି ।

# ଦଣ୍ଡକାରଣ୍ୟ ମୁକ୍ତି ସଙ୍ଗଠନର ରାଲି

କାଳିମେଳା, ୧୩।୩(ଜୀବନକୃଷ୍ଣ ଦାସ)-ମାଲକାନଗିରି ଜିଲା କାଳିମେଳା ବ୍ଲକରେ ଲାଗି ରହିଥିବା ବିଭିନ୍ନ ମୌଳିକ ସମସ୍ୟା ପୂରଣ ଦାବିରେ ଏକ ରାଲି ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କାଳିମେଳା ବିଡିଓ ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦଣ୍ଡକାରଣ୍ୟ ମୁକ୍ତି ସଂଗଠନ ଆବାହକ ଲଳିତ ନାରାୟଣ ମାଡକାମିଙ୍କ ନେତୃତ୍ୱରେ ଶତାଧିକ ଚାଷୀମାନେ ହାଟପଦା ନିକଟରୁ ରାଲିରେ ବାହାରିଥିଲେ। ଏ ନେଇ ଚାଷୀମାନେ କହିଛନ୍ତି, କାଳିମେଳା ଆଜିପର୍ଯ୍ୟନ୍ତ ସେପରି କୌଣସି ଗ୍ରାମଗୁଡିକରେ ଚାଷୀମାନଙ୍କର ମୌଳିକ ସମସ୍ୟା ସମାଧାନ ହୋଇନାହିଁ। ଯେଉଁ ସବୁ ଯୋଜନାଗୁଡିକ ଆମ ନିମନ୍ତେ ଆସୁଛି ପ୍ରକୃତରେ ଆମେ ଉପକୃତ ହୋଇପାରୁନାହୁଁ। ଆମ ଜୀବନ ଜୀବିକା ନିମନ୍ତେ ପିଲାଛୁଆଙ୍କୁ ଛାଡି ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଉଛୁ। କେନ୍ଦ୍ର ସରକାର କୋଟି କୋଟି ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆମେ ଆଜି ପର୍ଯ୍ୟନ୍ତ ଅନୁନ୍ନତ । ଯେଉଁ ସବୁ ସମସ୍ୟା ରହିଛି, ଏହାର ସମାଧାନ ନିମନ୍ତେ ଦାବି କରିଛନ୍ତି।


## OFFICE OF THE MUNICIPAL COUNCIL, BALANGIR

**Address: Office of the Municipal Council, Balangir, Opp. of Rajendra Park, Balangir, PIN - 767001**
**Ph. No.: 06652 232720, Email ID: bgrmc1972@gmail.com**
**Letter No. 1169 Date: 6.3.2024**

### ଅଭିବ୍ୟକ୍ତି ପ୍ରକାଶନ

No. C-1170: ବଲାଙ୍ଗୀର ପୌର ପରିଷଦ ଅଧୀନରେ ଥିବା ପାର୍କିଂ ଜୋନ୍ ଟିକସ ଆଦାୟ ପାଇଁ ୧ ବର୍ଷ ଠିକା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଯେଉଁ ୱାର୍ଡରେ ପାର୍କିଂ ଜୋନ୍ ଅଛି କେବଳ ସେହି ୱାର୍ଡର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନରେ ଲେଖା ହୋଇଥିବା ଆବେଦନ ପତ୍ର ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ **(www.balangir.nic.in)** କୁ ଯାଇ ତା'ର ସମସ୍ତ ବିବରଣୀ ପାଇପାରିବେ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗୀର ପୌରପାଳିକା
OIPR-13169/11/0032/2324

## OFFICE OF THE MUNICIPAL COUNCIL, BALANGIR

**Address: Office of the Municipal Council, Balangir, Opp. of Rajendra Park, Balangir, PIN - 767001**
**Ph. No.: 06652 232720, Email ID: bgrmc1972@gmail.com**
**Letter No. 1171 Date: 6.3.2024**

### ଅଭିବ୍ୟକ୍ତି ପ୍ରକାଶନ

No. C-3279: ବଲାଙ୍ଗୀର ପୌର ପରିଷଦ ଅଧୀନରେ ଥିବା ଦୈନିକ ବଜାର ଟିକସ ଆଦାୟ ପାଇଁ ୧ ବର୍ଷ ଠିକା ନିମନ୍ତେ ଦରଖାସ୍ତ ଆହ୍ୱାନ କରାଯାଉଛି । ଆଗ୍ରହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଅଭିବ୍ୟକ୍ତି ପ୍ରକାଶନରେ ଲେଖା ହୋଇଥିବା ଆବେଦନ ପତ୍ର ବଲାଙ୍ଗୀର ଜିଲ୍ଲା ୱେବସାଇଟ୍ **(www.balangir.nic.in)** କୁ ଯାଇ ତା'ର ସମସ୍ତ ବିବରଣୀ ପାଇପାରିବେ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବଲାଙ୍ଗୀର ପୌରପାଳିକା
OIPR-13169/11/0034/2324

## OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA

E Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
**"e" Procurement Notice for Bridge Works**
Identification No.- Online Tender- Bridge N.C.B. No. 354 for 2023-24.
Letter No. 1324 / Date. 11.3.24

**No.O-2771:**1. Name of the Work :- Bridge Works under BSY in the District of Mayurbhanj. 2. Total No. of Work :- 02 Nos. (Two). 3. Estimated Cost :- Rs.637.66 lakhs to Rs.648.28 Lakhs (Approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No.354 | Dt.18.03.2024 at 11.00 A.M. | Dt.02.04.2024 upto 5.00 P.M. | Dt.30.03.2024 upto 5.00 P.M. | Dt.03.04.2024 at 11.00 A.M. | Will be Intimated Later |

- Further details can be seen from the website www.tendersorissa.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0099/2324 Sd./- Er. S.K. Raut, Chief Construction Engineer, R.W.Circle, Baripada

## OFFICE OF THE MUNICIPAL COUNCIL, PARALAKHEMUNDI, GAJAPATI

### 'e' Procurement Notice

**Bid Identification No.05/PKDM-2023-24**
**No.C-3284 Letter No.862, Date:07.03.2024**

| | | |
|---|---|---|
| 1 | Nature of the Work | 1 No.of Civil construction works |
| 2 | Estimated Cost | Rs.56.10 Lakhs |
| 3 | Period of Completion | Six Calendar Months |
| 4 | Date and Time of availability of bid documents in the portal | From 11.03.2024 at 10.00 AM to 02.04.2024 at 5.00 PM |
| 5 | Last date/time for receipt of bids in the portal | 02.04.2024 at 5.00 P.M. |
| 6 | Date and Time of Opening of Bid | 03.04.2024 at 11.00 A.M. |
| 7 | Name and address of the Officer Inviting Bid | Executive Officer Paralakhemundi Municipality |

Further details can be seen from the e-Procurement portal "https://tendersorissa.gov.in."

**Sd./- Executive Officer**
**Paralakhemundi Municipality**
**OIPR-13145/11/0013/2324**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ
### (ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍)

ଇସ୍ତାହାର ସଂଖ୍ୟା: ୨୦୦ ତା:୧୨।୦୩।୨୦୨୪

No. g-184: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯେ, ନିମ୍ନଲିଖିତ ଅଜଣା ଶିଶୁଙ୍କୁ ଉଦ୍ଧାର କରାଯାଇ ଶିଶୁ ମଙ୍ଗଳ କମିଟି, ଅନୁଗୋଳଙ୍କ ନିର୍ଦ୍ଦେଶରେ ପଞ୍ଚମହାଲାସ୍ଥିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନରେ ରଖାଯାଇଅଛି। ଉକ୍ତ ଶିଶୁର ଯଦି କେହି ପିତାମାତା/ଅଭିଭାବକ ବା ଆଇନସିଦ୍ଧ ଦାବିଦାର ଥାଆନ୍ତି ତେବେ ଏହି ବିଜ୍ଞାପନ ପ୍ରକାଶ ପାଇବାର ତିରିଶ ଦିନ ମଧ୍ୟରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଅନୁଗୋଳ ଫୋନ ନମ୍ବର: ୦୬୭୬୪-୨୩୦୩୨୯କୁ ଯୋଗାଯୋଗ କରନ୍ତୁ। ଏହି ସମୟ ପରେ ଉକ୍ତ ଶିଶୁଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁର କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ର ଧାରା ୩୮ (ଉପ-ଧାରା-୧) ଓ ପୋଷ୍ୟ ସନ୍ତାନ ନିୟମାବଳୀ-୨୦୨୨ ଅନୁଯାୟୀ ପୋଷ୍ୟ ସନ୍ତାନ ନିମନ୍ତେ ଆଇନତଃ ଯୋଗ୍ୟ ଘୋଷଣା କରାଯିବ।

| କ୍ର.ସଂ. | ଶିଶୁର ନାମ | ପୁଅ/ ଝିଅ | ଜନ୍ମ ତାରିଖ | କେଉଁ ସ୍ଥାନରୁ ଉଦ୍ଧାର | ଶିଶୁ ମଙ୍ଗଳ କମିଟି କେସ୍ ନମ୍ବର | ବର୍ତ୍ତମାନର ଠିକଣା | ଫଟୋ |
|---|---|---|---|---|---|---|---|
| ୧ | ଆନିଶା | ଝିଅ | ୧୮।୦୨।୨୦୨୪ | ୱାର୍ଡ ନଂ. ୭, ତାଳଚେର, କୁନି ମହାରଣା ଅଙ୍ଗନୱାଡ଼ି କର୍ମୀଙ୍କ ଦ୍ୱାରା ଉଦ୍ଧାର | ୫୪୮/ ୨୦୨୪ | ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ସଂସ୍ଥା, ଆଦୃତା ଶିଶୁ ସଦନ, ପଞ୍ଚମହାଲା, ଅନୁଗୋଳ |  |

OIPR-33032/11/0004/2324 ସ୍ୱା./- ଜିଲ୍ଲାପାଳ, ଅନୁଗୋଳ

## OFFICE OF THE ZILLA PARISHAD, KENDRAPARA
ଜିଲ୍ଲା ପରିଷଦ କାର୍ଯ୍ୟାଳୟ, କେନ୍ଦ୍ରାପଡା

Phone No:06727-220064, E-Mail- ori-dkendrapada@nic.in, PIN-754211
No.1866/ ZP Date 07.03.24
**Short Quotation Call Notice**
**For Supply of "P2 Display wall (Size:9x6 ft)" to Zilla Parishad, Kendrapara**

**No.CAD-4567:**The intending manufacturers /Authorized dealers are invited to offer Tender Bid for supply installation and commissioning of "P2 Display wall (Size;9x6 ft)" for Zilla Parishad, Kendrapara with the following terms and conditions. The Quotation will be received in the office of the undersigned through Registered Post/ speed post/Drop Box on or before 14/03/2024. No other mode of submission of the Quotation is allowed. Further, the Quotations will be opened on 14/03/2024 at 12.30 PM in presence of the bidders or their authorized representatives in the office chamber of the Zilla Parishad, Kendrapara. The Quotation papers can also be downloaded from the District website www.kendrapara.nic.in. from 07/03/2024 to 14/03/2024.Further, the intending bidders are required to submit one EMD worth Rs.7000/-(Rupees Seven thousand) only in shape of Fixed Deposit/ Term Deposit/ NSC/ Post Office Deposits duly pledged in favour of "CDO-Cum-EO, Zilla Parishad, Kendrapara". The bid documents received without EMD cost are liable for rejection.The list of items along with the specifications is details below for reference of the intending bidders:-

**Wall Mounted LED Display Board:**

| Sl. No. | ITEMS | SPECIFICATION | QTY. | RATE | AMOUNT |
|---|---|---|---|---|---|
| 1 | P2 Video Display Screen | MODULE SIZE: 320x160 REFRESH RATE> 3840 Hz BRIGHTNESS upto 6000 Nits | 54 Sq.Ft. | | |
| 2 | Video Controller | HUIDU A-5 CARD with Ethernet HDMI & Pen drive support | 1 Unit | | |
| 3 | Structure | GI Structure for Screen with Plates & Magnets | 54 Sq.ft | | |
| 4 | ACP Work | ACP | 54 Sq.ft. | | |

Sd./- CDO-Cum-EO,
Zilla Parishad, Kendrapara
OIPR-19269/11/0033/2324

## GOVERNMENT OF ODISHA
## GOPABANDHU ACADEMY OF ADMINISTRATION
CHANDRASEKHARPUR, BHUBANESWAR-751023

### TENDER CALL NOTICE

**No.1079/GAA Dated:01.03.2024**

**No.T-193:**Gopabandhu Academy of Administration, Govt. of Odisha hereby **invites e-Tender from Registered Professional Manpower Service Providers for providing Security Guards (semi-skilled),Cleaning and Sanitation Services, Sweeping, maintenance and development of lawns, orchards, garden of Administrative block, hostel premises, the passage between administrative block to hostel and other areas of the campus of Gopabandhu Academy of Administration as described in the enclosed schedule/scope of works for three years under Comprehensive Facilities Management Services.**

The Tender Document can be downloaded from the web portal of e-Tender **"www.tendersodisha.gov.in"**

The bidders are requested to contact the following persons for any clarification on the Tender Document or any other related matter and submit the Tender by 08.04.2024 at 5.00 PM.The Technical Bids will be opened on communication through letter in the office chamber of Deputy Director General, Gopabandhu Academy of Administration or any other place as may be confirmed before 30 minutes of opening of bids.

The Gopabandhu Academy of Administration reserves the right to amend / cancel any of the terms and conditions in the Tender Document or to reject any or all tenders without giving any notice or assigning any reason. For any amendment/ cancellation/ retender, please refer to the above website. The decision of this Academy in this regard shall be final and binding on all.

**Contact No.0674-2300743**
**OIPR-09004/11/0013/2324 Sd./- Deputy Director General**

## ସଂକ୍ଷେପରେ

### ଶିବସେନାକୁ ୧୩, ଏନ୍‌ସିପିକୁ ୪ ଆସନ ଛାଡ଼ିଲା ଭାଜପା

**ମୁମ୍ବାଇ, ୧୩।୩:** ଆଗାମୀ ଲୋକ ସଭା ନିର୍ବାଚନକୁ ନେଇ ମହାରାଷ୍ଟ୍ରରେ ଶାସନରେ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ପକ୍ଷରୁ ଆସନ ବୁଝାମଣା ଚୂଡ଼ାନ୍ତ ହୋଇଛି। ଏନେଇ ଦୀର୍ଘ ଦିନ ଧରି ଚାଲିଥିବା ବିଚାରବିମର୍ଶ ପରେ ରାଜ୍ୟର ସମୁଦାୟ ୪୮ଟି ଆସନ ମଧ୍ୟରୁ ଭାଜପା ୩୧ଟି ଆସନରେ ଲଢ଼ିବା ନେଇ ନିଷ୍ପତ୍ତି ହୋଇଛି। ସେହିପରି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୧୩ଟି ଓ ଉପ ମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ନେତୃତ୍ୱାଧୀନ ଜାତୀୟତାବାଦୀ କଂଗ୍ରେସ ପାର୍ଟି(ଏନ୍‌ସିପି) ୪ଟି ଆସନରେ ଲଢ଼ିବା ନେଇ ସହମତି ପ୍ରକାଶ ପାଇଛି। ବାରାମତୀ, ରାଇଗଡ଼, ଶିରୁର୍ ଓ ପାରଭାନି ଆସନ ଏନ୍‌ସିପିକୁ ମିଳିଛି।

### ଉତ୍ତରାଖଣ୍ଡ ୟୁସିସିକୁ ରାଷ୍ଟ୍ରପତିଙ୍କ ମୋହର

**ଡେରାଡୁନ୍, ୧୩।୩:** ଫେବୃୟାରୀ ୭ରେ ଉତ୍ତରାଖଣ୍ଡ ବିଧାନସଭାରେ ପାରିତ ହୋଇଥିବା ଏକକ ଦେୱାନୀ ସଂହିତା (ୟୁସିସି) ବୁଧବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଅନୁମୋଦନ ଲାଭ କରି ଆଇନରେ ପରିଣତ ହୋଇଛି। ଭାଜପା ଶାସିତ ଉତ୍ତରାଖଣ୍ଡ ହେଉଛି ସ୍ୱାଧୀନ ଭାବେ ୟୁସିସି ଲାଗୁ କରିବାରେ ଦେଶର ପ୍ରଥମ ରାଜ୍ୟ। ଏନେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ମାଇକ୍ରୋବ୍ଲଗିଂ ସାଇଟ୍ ଏକ୍ସ'ରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୨୦୧ ଅନୁସାରେ ରାଷ୍ଟ୍ରପତି ଉତ୍ତରାଖଣ୍ଡ ୟୁସିସିକୁ ମଞ୍ଜୁର କରିଥିବା ନେଇ ଏକ ଗ୍ୟାଜେଟ୍ ନୋଟିଫିକେଶନ୍ ମଧ୍ୟ ଜାରି କରିଛନ୍ତି।

# ଆଣବିକ ଅସ୍ତ୍ର ଧମକ ଦେଲେ ପୁଟିନ୍

**ମସ୍କୋ, ୧୩।୩**


ଭ୍ଲାଡିମିର ପୁଟିନ୍

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ବୁଧବାର ଆମେରିକା ସମେତ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକୁ ଆଣବିକ ଅସ୍ତ୍ର ପ୍ରୟୋଗର ଧମକ ଦେଇଛନ୍ତି। ରୁଷିଆର ସାର୍ବଭୌମତ୍ୱ କିମ୍ବା ସ୍ୱାଧୀନତା ଉପରେ ବିପଦ ଦେଖାଦେଲେ ମସ୍କୋ ଆଣବିକ ଅସ୍ତ୍ର ବ୍ୟବହାର କରିବ ବୋଲି ପୁଟିନ୍ କହିଛନ୍ତି। ଏଥିସହ ଆମେରିକାକୁ ଆଣବିକ ସଂଘର୍ଷରୁ ଦୂରେଇ ରହିବାକୁ ସେ ପରାମର୍ଶ ଦେଇଛନ୍ତି। ରୁଷିଆରେ ଆସନ୍ତା ୧୫-୧୭ରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନରେ ବିଜୟ ଲାଭ କରି ଆଉ ୬ ବର୍ଷ ପାଇଁ ଏକଚ୍ଛତ୍ରବାଦୀ ଶାସନ ଚଳାଇବାକୁ ଥିବା ପୁଟିନ୍‌ଙ୍କ ଏହି ମନ୍ତବ୍ୟକୁ ବିଶେଷ ଗୁରୁତ୍ୱ ଦିଆଯାଉଛି।

ରୁଷୀୟ ସରକାରୀ ଟିଭି ଚ୍ୟାନେଲକୁ ପୁଟିନ୍ ସାକ୍ଷାତ୍‌କାର ଦେଇ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କୁ ଜଣେ ବର୍ଷିଆନ ରାଜନେତା ଭାବେ ଅଭିହିତ କରିଛନ୍ତି। ସେ କହିଛନ୍ତି, ବାଇଡେନ୍ ସମ୍ଭାବ୍ୟ ଉତ୍ତେଜନାର ବିପଦକୁ ସମ୍ପୂର୍ଣ୍ଣ ଭାବେ ବୁଝନ୍ତି। ବିଶ୍ୱ ଏକ ଆଣବିକ ଯୁଦ୍ଧ ଆଡ଼କୁ ମୁହାଁଉଛି ବୋଲି ସେ ମନେକରୁ ନ ଥିବା ପୁଟିନ୍ କହିଛନ୍ତି। ପୁଟିନ୍ ଆହୁରି କହିଛନ୍ତି, ରୁଷିଆର ଆଣବିକ ବଳ ସାମରିକ ଏବଂ ବୈଷୟିକ ଦୃଷ୍ଟିରୁ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇ ରହିଛି। ଦେଶର ସୁରକ୍ଷା ସିଦ୍ଧାନ୍ତ ଅନୁସାରେ ମସ୍କୋ ରୁଷୀୟ ରାଷ୍ଟ୍ରର ଅସ୍ତିତ୍ୱ ଓ ସାର୍ବଭୌମତ୍ୱ ପ୍ରତି ବିପଦ ଦେଖାଦେଲେ ଆମେ ଏହାକୁ ବ୍ୟବହାର କରିବୁ। ତେବେ ୟୁକ୍ରେନ୍ ବିରୋଧରେ ଚାଲିଥିବା ଯୁଦ୍ଧରେ ଆଣବିକ ଅସ୍ତ୍ର ପ୍ରୟୋଗ କରିବେ କି ବୋଲି ପ୍ରଶ୍ନ କରାଯିବାରୁ ଏହାର ଆବଶ୍ୟକତା ନାହିଁ ବୋଲି ପୁଟିନ୍ କହିଛନ୍ତି। ପ୍ରକାଶ ଯେ, ୨୦୨୨ ଫେବୃୟାରୀରେ ୟୁକ୍ରେନ୍ ଉପରେ ଆକ୍ରମଣ କରିବା ପରଠାରୁ ପୁଟିନ୍ ଆଣବିକ ଅସ୍ତ୍ର ପ୍ରୟୋଗ ନେଇ ବାରମ୍ବାର ଧମକ ଦେଇଆସୁଛନ୍ତି। ଗତ ମାସରେ ରାଷ୍ଟ୍ରକୁ ସମ୍ବୋଧନ କରିବାବେଳେ ମଧ୍ୟ ସେ ପାଶ୍ଚାତ୍ୟକୁ ୟୁକ୍ରେନ୍ ସପକ୍ଷରେ ନ ଲଢ଼ିବା ପାଇଁ ଚେତାବନୀ ଦେଇଥିଲେ।

### ରୁଷିଆ ପାଖରେ ୫,୫୮୦ ଅଣୁଅସ୍ତ୍ର

ବିଶ୍ୱର ସବୁଠୁ ବଡ଼ ଆଣବିକ ଅସ୍ତ୍ର ଭଣ୍ଡାର ରୁଷିଆରେ ଅବସ୍ଥିତ, ଯହିଁରେ ସୋଭିଏଟ୍ ୟୁନିୟନ୍‌ର ଆଣବିକ ଅସ୍ତ୍ର ମହଜୁଦ ରହିଛି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ନିୟନ୍ତ୍ରଣରେ ପ୍ରାୟ ୫,୫୮୦ଟି ଆଣବିକ ଅସ୍ତ୍ର ରହିଥିବା ଫେଡେରେଶନ୍ ଅଫ୍ ଆମେରିକାନ୍ ସାଇଣ୍ଟିଷ୍ଟସ୍ (ଏଫ୍ଏଏସ୍) ପକ୍ଷରୁ ସୂଚନା ଦିଆଯାଇଛି। ସେଗୁଡ଼ିକ ମଧ୍ୟରୁ ପ୍ରାୟ ୧,୨୦୦ ଅସ୍ତ୍ର ଆଉ ବ୍ୟବହାରଯୋଗ୍ୟ ନ ଥିବାବେଳେ ୪,୩୮୦ଟିରେ ଦୂର ଓ ସ୍ୱଳ୍ପ ରେଞ୍ଜର ଲକ୍ଷ୍ୟସ୍ଥଳକୁ ଭେଦ କରାଯାଇପାରିବ।



# ମୁଖ୍‌ତାର ଅନ୍‌ସାରୀଙ୍କୁ ଆଜୀବନ ଜେଲ

**ବାରାଣସୀ, ୧୩।୩**



ଗ୍ୟାଙ୍ଗଷ୍ଟରରୁ ରାଜନେତା ସାଜିଥିବା ମୁଖ୍‌ତାର ଅନ୍‌ସାରୀଙ୍କୁ ବୁଧବାର ବାରାଣସୀସ୍ଥିତ ସ୍ୱତନ୍ତ୍ର ଏମ୍‌ପି-ଏମ୍ଏଲ୍ଏ କୋର୍ଟ ଏକ ୩ ଦଶନ୍ଧି ପୁରୁଣା ବନ୍ଧୁକ ଲାଇସେନ୍ସ ଜାଲିଆତି ମାମଲାରେ ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଆଇପିସି ଦଫା ୪୬୭ (ଜାଲିଆତି), ୪୬୮ (ଠକିବା ଉଦ୍ଦେଶ୍ୟରେ ଜାଲିଆତି), ୧୨୦ବି (ଆପରାଧିକ ଷଡ଼ଯନ୍ତ୍ର) ସହ ଆର୍ମ୍ସ ଆକ୍ଟର ବିଭିନ୍ନ ଧାରାରେ ବିଚାରପତି ଅବନିଶ ଗୌତମ ଏହି ଦଣ୍ଡାଦେଶ ଦେଇଛନ୍ତି। ୧୯୯୦ ଡିସେମ୍ବରରେ ୟୁପିର ଗାଜିପୁର ଜିଲା ମହମ୍ମଦାବାଦ ଥାନାରେ ଏହି ମାମଲା ରୁଜୁ ହୋଇଥିଲା। ବଣ୍ଡା ଜେଲରେ ବନ୍ଦୀ ଜୀବନ ବିତାଉଥିବା ମୁଖ୍‌ତାର ଭିଡିଓ ଲିଙ୍କ୍ ଜରିଆରେ କୋର୍ଟରେ ହାଜର ହୋଇଥିଲେ। ୟୁପି, ପଞ୍ଜାବ, ନୂଆଦିଲ୍ଲୀ ସମେତ ବିଭିନ୍ନ ରାଜ୍ୟରେ ମୁଖ୍‌ତାରଙ୍କ ବିରୋଧରେ ପ୍ରାୟ ୬୦ ମାମଲା ରହିଛି। ଅନ୍ୟୂନ ୭ ମାମଲାରେ ସେ ଦୋଷୀ ସାବ୍ୟସ୍ତ ହୋଇସାରିଲେଣି।

# ରାହୁଲ ସିଂ ସିବିଏସ୍‌ଇ ମୁଖ୍ୟ

**ନୂଆଦିଲ୍ଲୀ, ୧୩।୩(ପି.ଟି.)**

କେନ୍ଦ୍ର ସରକାର ବୁଧବାର ବରିଷ୍ଠ ଅମଲାତନ୍ତ୍ରୀ ରାହୁଲ ସିଂଙ୍କୁ ସେଣ୍ଟ୍ରାଲ ବୋର୍ଡ଼ ଅଫ୍ ସେକେଣ୍ଡାରି ଏଜୁକେଶନ୍ (ସିବିଏସ୍‌ଇ) ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ରାହୁଲଙ୍କୁ ନିଧି ଛିବ୍ବେରଙ୍କ ସ୍ଥାନରେ ଅବସ୍ଥାପିତ କରାଯାଇଛି। ନିଧିଙ୍କୁ ନୀତି ଆୟୋଗ ପରାମର୍ଶଦାତା ରୂପେ ନିଯୁକ୍ତି ଦିଆଯାଇଛି। ଏହି ପ୍ରସ୍ତାବକୁ ନିଯୁକ୍ତି ସମ୍ପର୍କିତ କ୍ୟାବିନେଟ କମିଟି ଅନୁମୋଦନ କରିଛି। ବର୍ତ୍ତମାନ କାର୍ମିକ ଓ ତାଲିମ ବିଭାଗ ଅତିରିକ୍ତ ସଚିବ ଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ବିହାର କ୍ୟାଡର ଅଧିକାରୀ ରାହୁଲଙ୍କ ନିଯୁକ୍ତି ନେଇ କାର୍ମିକ ମନ୍ତ୍ରଣାଳୟ ନିର୍ଦ୍ଦେଶନାମା ଜାରି କରିଛି।

# ଆସ୍ଥା ଭୋଟ ଜିତିଲେ ନାୟବ ସିଂ ସୈନି

**ଚଣ୍ଡିଗଡ଼, ୧୩।୩**



ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଦିନକ ପରେ ବୁଧବାର ନାୟବ ସିଂ ସୈନି ବିଧାନସଭାରେ ଆସ୍ଥା ଭୋଟ ଜିତିଛନ୍ତି। ୯୦ ସଦସ୍ୟ ବିଶିଷ୍ଟ ହରିୟାଣା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନରେ ତାଙ୍କ ସପକ୍ଷରେ ଭାଜପାର ୪୧, ୬ ଜଣ ସ୍ୱାଧୀନ ଏବଂ ହରିୟାଣା ଲୋକହିତ୍ ପାର୍ଟିର ଜଣେ ବିଧାୟକ ଭୋଟ ଦେଇଥିଲେ। ଭାଜପାର ପୂର୍ବ ସହଯୋଗୀ ଜନନାୟକ ଜନତା ପାର୍ଟି(ଜେଜେପି) ନିଜ ୧୦ ବିଧାୟକଙ୍କୁ ଆସ୍ଥା ଭୋଟ ସମୟରେ ବିଧାନସଭା ନ ଆସିବାକୁ ହ୍ୱିପ୍ ଜାରି କରିଥିଲା। ସୈନି ଆସ୍ଥା ଭୋଟ ଜିତିବା ପରେ ରାଜ୍ୟର ପୂର୍ବତନ ମୁଖ୍ୟମନ୍ତ୍ରୀ ମନୋହର ଲାଲ୍ ଖଟ୍ଟର ନିଜ ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ଖଟ୍ଟର ୨୦୧୪ରୁ ଲଗାତର ୨ ଥର କର୍ନାଲ୍ ଆସନରୁ ବିଧାୟକ ନିର୍ବାଚିତ ହୋଇଥିଲେ।

# ହିଂସ୍ର କୁକୁର ପାଳନ ମନା

**ନୂଆଦିଲ୍ଲୀ, ୧୩।୩**

ଗତ କିଛିଦିନ ଧରି ଭାରତରେ ମଣିଷଙ୍କ ଉପରକୁ କୁକୁରମାନଙ୍କର ଆକ୍ରମଣ ବଢ଼ିବାରେ ଲାଗିଛି। କୁକୁର କାମୁଡ଼ାରେ ଦେଶରେ ବହୁ ବ୍ୟକ୍ତି ଗମ୍ଭୀର ଭାବେ ଆହତ ହେଉଥିବା ବେଳେ କେତେକଙ୍କର ମୃତ୍ୟୁ ମଧ୍ୟ ଘଟୁଛି। ଏହିସବୁ ଘଟଣାକୁ ଗୁରୁତର ଭାବେ ନେଇ କେନ୍ଦ୍ର ସରକାର କିଛି ହିଂସ୍ର ପ୍ରଜାତିର କୁକୁରଙ୍କ ଉପରେ ନିଷେଧ ଲଗାଇବାକୁ ଯାଉଛନ୍ତି। ପିଟ୍‌ବୁଲ୍, ଟେରିୟର୍, ଉଲ୍ଫ ଡଗ୍, ରୋଟ୍‌ୱିଲର, ମାଷ୍ଟିଫ୍ ଆଦି ହିଂସ୍ର ପ୍ରଜାତିର କୁକୁର, ମଣିଷ ଉପରେ ଆକ୍ରମଣ କରୁଥିବାର ଅନେକ ନଜିର ରହିଥିବାରୁ ଏହି ସବୁ ପ୍ରଜାତିର କୁକୁରଙ୍କ ଉପରେ ନିଷେଧାଦେଶ ଲଗାଇବାକୁ କେନ୍ଦ୍ର ସରକାର ପ୍ରସ୍ତାବ ଦେଇଛନ୍ତି। ଏହି ହିଂସ୍ର ପ୍ରଜାତିର କୁକୁରମାନଙ୍କର ବିକ୍ରି ଓ ପ୍ରଜନନ ଉପରେ ରୋକ ଲଗାଇବାକୁ ଯୋଜନା ରହିଛି। ଏନେଇ କେନ୍ଦ୍ର ପଶୁପାଳନ ମନ୍ତ୍ରଣାଳୟର ସଚିବ ଓ.ପି ଚୌଧୁରୀ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି। ଏହି ସବୁ ପ୍ରଜାତିର କୁକୁରମାନଙ୍କୁ ଲାଇସେନ୍ସ ପ୍ରଦାନ ନ କରିବାକୁ ରାଜ୍ୟଗୁଡ଼ିକୁ ପ୍ରସ୍ତାବ ଦିଆଯାଇଛି। ବିଭିନ୍ନ ପଶୁକଲ୍ୟାଣକାରୀ ସଂସ୍ଥା ଓ ପରାମର୍ଶଦାତାମାନଙ୍କର ରିପୋର୍ଟ ଆଧାରରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ପ୍ରସ୍ତାବ ଦିଆଯାଇଛି।

**ରାଜ୍ୟ ମୁଖ୍ୟ ସଚିବମାନଙ୍କୁ କେନ୍ଦ୍ରର ଚିଠି**



# କର୍ପୋରେଟ୍ ହାଉସକୁ ସୁରକ୍ଷା ଦେବାକୁ ଉଦ୍ୟମ

ସୁପ୍ରିମକୋର୍ଟଙ୍କ କଡ଼ା ନିର୍ଦ୍ଦେଶକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ନିର୍ବାଚନ କମିଶନ (ଇସି)ଙ୍କ ନିକଟରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ଦାଖଲ କରିଛି। ଆସନ୍ତା ୧୫ ତାରିଖ ଅପରାହ୍ନ ୫ଟା ସୁଦ୍ଧା ଏହି ତଥ୍ୟକୁ ନିର୍ବାଚନ କମିଶନ ନିଜ ୱେବ୍‌ସାଇଟ୍‌ରେ ଅପଲୋଡ୍ କରିବାକୁ ଶୀର୍ଷ ଅଦାଲତଙ୍କ ନିର୍ଦ୍ଦେଶ ଥିବାବେଳେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ (ଏସ୍‌ସିବିଏ) ସଭାପତି ଆଦୀଶ ସି. ଅଗ୍ରୱାଲ ଏହା ବିରୋଧରେ ରାଷ୍ଟ୍ରପତିଙ୍କୁ ପତ୍ର ଲେଖି ହସ୍ତକ୍ଷେପ ଲୋଡ଼ିଛନ୍ତି। ସର୍ବୋଚ୍ଚ ଅଦାଲତ ମାମଲାର ପୁନଃ ଶୁଣାଣି ନ କରିବା ପର୍ଯ୍ୟନ୍ତ ରାୟ କାର୍ଯ୍ୟକାରୀ କରା ନ ଯାଉ। ରାଜନୈତିକ ଦଳଗୁଡ଼ିକୁ ଚାନ୍ଦା ଦେଇଥିବା କର୍ପୋରେଟ୍ ହାଉସ୍‌ଗୁଡ଼ିକର ନାଁ ପ୍ରଘଟ ହେଲେ ସେମାନେ କ୍ଷତିଗ୍ରସ୍ତ ହେବେ ବୋଲି ଆଦୀଶ ରାଷ୍ଟ୍ରପତିଙ୍କୁ ଦେଇଥିବା ପତ୍ରରେ ଉଲ୍ଲେଖ କରିଛନ୍ତି। ତେବେ ଆଦୀଶ କର୍ପୋରେଟ୍ ହାଉସ୍‌ଗୁଡ଼ିକୁ ସୁରକ୍ଷା ଦେବା ପାଇଁ ଏପରି କରିଥିବା ରାଜ୍ୟର ଅଧିକାଂଶ ଆଇନଜୀବୀ ମତ ଦେଇଛନ୍ତି।






"ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ସୁପ୍ରିମକୋର୍ଟଙ୍କ ରାୟକୁ ସ୍ଥଗିତ କରିବା ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଯେଉଁ ଚିଠି ଲେଖିଛନ୍ତି, ତାହା ଆଇନ ସମ୍ମତ ନୁହେଁ। ସୁପ୍ରିମକୋର୍ଟ ରାୟକୁ ସ୍ଥଗିତ ରଖିବା କ୍ଷମତା ରାଷ୍ଟ୍ରପତି କିମ୍ବା ପ୍ରଧାନମନ୍ତ୍ରୀଙ୍କର ନାହିଁ। ସମସ୍ତେ ରାୟ ମାନିବାକୁ ବାଧ୍ୟ। ଏହି ଚିଠି ବାର୍ ଆସୋସିଏଶନର ଗରିମାକୁ ନଷ୍ଟ କରୁଛି। ଓକିଲମାନେ ଯଦି ସୁପ୍ରିମକୋର୍ଟ ରାୟକୁ ବନ୍ଦ କରିଦେବେ, ତେବେ ସୁପ୍ରିମକୋର୍ଟ ରହିବ କାହିଁକି। ଏହା ଆଇନ ସମ୍ମତ ନୁହେଁ। ପ୍ରଧାନମନ୍ତ୍ରୀ ଏବଂ କର୍ପୋରେଟ ହାଉସକୁ ସୁରକ୍ଷା ଦେବାକୁ ବାର୍ ଆସୋସିଏଶନ ସଭାପତି ଏଭଳି କରିଥାଇ ପାରନ୍ତି।

- **ନରସିଂହ ମିଶ୍ର, ବରିଷ୍ଠ ଆଇନଜୀବୀ ତଥା ପୂର୍ବତନ ଆଇନ ମନ୍ତ୍ରୀ**



"ସୁପ୍ରିମକୋର୍ଟ ଦେଶର ସର୍ବୋଚ୍ଚ ଅଦାଲତ। ଯଦି ସର୍ବୋଚ୍ଚ ଅଦାଲତଙ୍କ ରାୟ ଉପରେ କିଛି ପ୍ରତିବାଦ ଥାଏ, ତେବେ ପ୍ରଭାବିତ ପକ୍ଷ କେବଳ ରିଭ୍ୟୁ ଆବେଦନ କରିପାରିବେ। ଇଲେକ୍ଟୋରାଲ ବଣ୍ଡ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏସ୍‌ବିଆଇ ଏହାର ରିପୋର୍ଟ ଦାଖଲ କରିସାରିଛି। ଏଭଳି ସ୍ଥିତିରେ ଏହି ରିପୋର୍ଟକୁ ସାର୍ବଜନୀନ ନ କରିବାକୁ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ଆଦୀଶ ଅଗ୍ରୱାଲ ରାଷ୍ଟ୍ରପତିଙ୍କୁ ଚିଠି ଲେଖିବା ଅସାମ୍ବିଧାନିକ, ଆଇନ ସମ୍ମତ ନୁହେଁ। ବିଶେଷକରି ଏହା ଗଣତନ୍ତ୍ରର ପରିପନ୍ଥୀ।

- **ସିତାଂଶୁ ମୋହନ ଦ୍ୱିବେଦୀ, ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ବାର୍ କାଉନ୍‌ସିଲ**



"ଆର୍ଟିକଲ ୧୪୧ ହିସାବରେ ସୁପ୍ରିମକୋର୍ଟ ଯାହା ରାୟ ଦେବେ ତାହା ଲ ଅଫ୍ ଦ ଲ୍ୟାଣ୍ଡ; ଅର୍ଥାତ୍ ତାହା ହିଁ ପାଳନ ହେବ। ନ୍ୟାୟ ଧାରାରେ ସୁପ୍ରିମକୋର୍ଟ ହିଁ ଶେଷ। ଆମେ ତାଙ୍କ ଉପରେ ନୁହେଁ। ଯେହେତୁ ବିବାଦୀୟ ମନ୍ତବ୍ୟ ଆସୁଛି, ଆମେ ତର୍ଜମା କରୁଛନ୍ତି ମାତ୍ର ତାହା ଯୁକ୍ତିକର ନୁହେଁ। ସୁପ୍ରିମକୋର୍ଟ ଯଦି କହିଛନ୍ତି ପ୍ରମାଣ ବା କୌଣସି ଆଧାରରେ ରାୟ ଦେଇଥିବେ। ରାଷ୍ଟ୍ରପତି ଏହା ଉପରେ ହସ୍ତକ୍ଷେପ କରିପାରନ୍ତି, ମାତ୍ର ମୋ ମତରେ ସୁପ୍ରିମକୋର୍ଟଙ୍କ ରାୟକୁ ମାନିନେବା ଉଚିତ। ସମ୍ବିଧାନରେ ମଧ୍ୟ ସୁପ୍ରିମକୋର୍ଟ ରାୟ ଦେଶରେ ପାଳନ ହେବା ନେଇ ଉଲ୍ଲେଖ ରହିଛି। ଯଦି କମ୍ ବେଞ୍ଚରେ ଆଲୋଚନା ହୋଇଛି, ତା'ହେଲେ ବୃହତ୍ ପୀଠରେ ଏହାର ପୁନର୍ବିଚାର କରାଯାଇପାରିବ।

- **ଶୀଲଭଦ୍ର ଶାସ୍ତ୍ରୀ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ**



"ଗଣତନ୍ତ୍ରରେ ସମସ୍ତଙ୍କର ଜାଣିବା ଅଧିକାର ଅଛି। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସମସ୍ତ ବାର୍ ଆସୋସିଏଶନର ପ୍ରତିନିଧିତ୍ୱ କରେନାହିଁ। ଏହା ଏକ ସ୍ୱାଧୀନ ସଂସ୍ଥା। ଏହାର ସଭାପତି ସୁପ୍ରିମକୋର୍ଟଙ୍କ ରାୟ ଉପରେ ହସ୍ତକ୍ଷେପ କରିବା ଅର୍ଥ ବିଚାରାଳୟର ସ୍ୱାଧୀନତା ଉପରେ ହସ୍ତକ୍ଷେପ କରିବା। ଏଥିସହ ବାର୍ ଆସୋସିଏଶନର ଅନ୍ୟ ଏକ୍‌ଜିକ୍ୟୁଟିଭ କମିଟି ସଦସ୍ୟମାନେ ତାଙ୍କ ସହ ଏକମତ ନୁହନ୍ତି। ସେ ରାଜନୈତିକ ଉଦ୍ଦେଶ୍ୟ ରଖି ଏପରି କରିଥାଇପାରନ୍ତି। ବିଳମ୍ବରେ ହେଉ ପଛେ ସୁପ୍ରିମକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ନିର୍ବାଚନୀ ବଣ୍ଡ ବିଷୟରେ ସମସ୍ତେ ଜାଣିବା ଦରକାର। ଏହା ଗଣତନ୍ତ୍ର ବିରୋଧୀ। ନ୍ୟାୟପାଳିକା ବିରୋଧୀ। କର୍ପୋରେଟ ହାଉସ ଏବଂ ରାଜନେତାଙ୍କୁ ସୁରକ୍ଷା ଦେବା ପାଇଁ ଏହା ଉଦ୍ଦିଷ୍ଟ।

- **ବିଶ୍ୱପ୍ରିୟ କାନୁନ୍‌ଗୋ, ବରିଷ୍ଠ ଆଇନଜୀବୀ ତଥା ମାନବାଧିକାର କର୍ମୀ**



"ବୁଡ଼ିଗଲା ଗୋଡ଼ ତଳକୁ ତଳକୁ ଭଳି ଭାଜପା ନିଜର ସୁରକ୍ଷା ପାଇଁ ଏସବିଆଇ ଅଧ୍ୟକ୍ଷଙ୍କୁ ପ୍ରୟୋଗ କରିଥିଲା। ଏଥିରେ ସଫଳ ନ ହେବାରୁ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତିଙ୍କ ଜରିଆରେ ଇଲେକ୍ଟୋରାଲ ବଣ୍ଡ କିପରି ପ୍ରକାଶ ନ ପାଇବ ସେଥିପାଇଁ ଉଦ୍ୟମ ଜାରି ରଖିଛି। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ଭାଜପା ଏଜେଣ୍ଟ ଭାବେ କାମ କରୁଛନ୍ତି। ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି ଚିଠି ଲେଖାଯାଇଛି। ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥା ଧ୍ୱଂସ ଆଡକୁ ଯାଉଛି।

- **ଜନାର୍ଦ୍ଦନ ପତି, ସିପିଆଇ(ଏମ୍) ପୂର୍ବତନ ରାଜ୍ୟ ସମ୍ପାଦକ**



"ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ଆଦୀଶ ନିଜର ରାଜନୈତିକ ଅଭିସନ୍ଧି ରଖି ଏଭଳି ଚିଠି ଲେଖିଥାଇପାରନ୍ତି। ରାଜନୈତିକ ଦଳ ଓ କର୍ପୋରେଟ୍ ହାଉସକୁ ସୁରକ୍ଷା ଦେବା ପାଇଁ ଏଭଳି କରାଯାଇଥାଇପାରେ। ଏହା ନାଗରିକମାନଙ୍କ ମୌଳିକ ଅଧିକାରକୁ ଉଲ୍ଲଂଘନ କରୁଛି। ନିର୍ବାଚନୀ ବଣ୍ଡ ତଥ୍ୟ ଜାଣିବା ଅଧିକାର ସମସ୍ତଙ୍କର ରହିଛି। ଏହା ପିଲାଖେଳ ନୁହେଁ। ସୁପ୍ରିମକୋର୍ଟ ରାୟକୁ ସମାଲୋଚନା କରାଯାଇ ପାରେ। ମାତ୍ର ସମସ୍ତଙ୍କୁ ସମ୍ମାନ ଦେବାକୁ ହେବ।

- **ଧନେଶ୍ୱର ମହାନ୍ତି, ଭୁବନେଶ୍ୱର ବାର୍ ଆସୋସିଏଶନ ସଭାପତି**



"ସର୍ବୋଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ଐତିହାସିକ। ଏହାକୁ ପ୍ରାୟ ସମସ୍ତ ଦେଶବାସୀ ସ୍ୱାଗତ କରୁଛନ୍ତି। କିନ୍ତୁ କେତେ ଜଣ ନିଜର ସ୍ୱାର୍ଥ ପାଇଁ ରାଷ୍ଟ୍ରପତିଙ୍କୁ ଚିଠି ଲେଖି ନିଷ୍ପତ୍ତି ବିରୋଧରେ ହସ୍ତକ୍ଷେପ କରିବାକୁ କହୁଛନ୍ତି, ଏହା ଅନ୍ୟାୟ ଓ ଜନ ବିରୋଧୀ। ଏଥିରୁ ସେମାନେ କୌଣସି ରାଜନୈତିକ ଦଳକୁ ସୁରକ୍ଷା ଦେବାକୁ ଚାହୁଁଛନ୍ତି, ତାହା ସ୍ପଷ୍ଟ ଅନୁମାନ ହେଉଛି। ଏହି ନିଷ୍ପତ୍ତି ଦ୍ୱାରା କେଉଁ କେଉଁ କମ୍ପାନୀ କେଉଁ ଦଳକୁ କେତେ ଟଙ୍କା ଏବଂ କ'ଣ ପାଇଁ ଦେଇଛନ୍ତି ତାହା ଜଣାପଡ଼ିବ ଏବଂ ଏହା ମଧ୍ୟ ଦେଶବାସୀଙ୍କ ଜାଣିବା ଅଧିକାର ରହିଛି।

- **ଅଶୋକ ଦାସ, ପୂର୍ବତନ କେନ୍ଦୁଝର ଜିଲା ଓକିଲ ସଂଘ ସଭାପତି**



"ସ୍ୱଚ୍ଛ ଶାସନର ପ୍ରତିଶ୍ରୁତି ଦେଇ ମୋଦି ଶାସନକୁ ଆସିଲେ। ଏଯାଏ ତାଙ୍କ ସ୍ୱଚ୍ଛତାରେ କୌଣସି ଦାଗ ଲାଗିନାହିଁ। ତାଙ୍କର ଆଚାର ବ୍ୟବହାର ଓ ଦେଶ ପ୍ରତି ସମର୍ପଣ ଭାବ ସମସ୍ତ ସନ୍ଦେହରୁ ଉର୍ଦ୍ଧ୍ୱରେ ନିଶ୍ଚୟ। ଭାରତୀୟ ଜନତା ପାର୍ଟି ସ୍ୱତନ୍ତ୍ର ନୀତି ଆଦର୍ଶରେ ବିଶ୍ୱାସ ରଖେ। ଏହି ଦଳ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ଅଙ୍ଗୀକାରବଦ୍ଧ। ତେବେ ଆଜିର ନିର୍ବାଚନ ଦୃଶ୍ୟପଟ ଟଙ୍କାର ପ୍ରାବଲ୍ୟ ଉପରେ ନିର୍ଭରଶୀଳ। ଟଙ୍କା ନାହିଁ ତ ଭୋଟ ନାହିଁ। ସାଧାରଣ ଜନଜୀବନରେ ଟଙ୍କା ପାଇଁ ଭୋଟ ବିଷୟଟି ଅତ୍ୟନ୍ତ କଳୁଷିତ ହୋଇ ରହିଛି। ସେଥିରେ ସ୍ୱଚ୍ଛତା ଆସିବା ଆବଶ୍ୟକ। ଅପେକ୍ଷା କରନ୍ତୁ ଇଲେକ୍ଟୋରାଲ ବଣ୍ଡ ତଥ୍ୟ ଉପରେ ମୋଦି ସରକାରଙ୍କ ଭାବମୂର୍ତ୍ତି ଅଧିକ ଉଜ୍ଜ୍ୱଳ ହିଁ ହେବ।

- **ଚନ୍ଦ୍ରଶେଖର ପଣ୍ଡା, ଆଇନଜୀବୀ, ଯାଜପୁର ରୋଡ୍**



"ସୁପ୍ରିମକୋର୍ଟ ଥରେ ରାୟ ଦେବା ପରେ ଆଉ ଏକ୍ସଟେନଶନ ମାଗିବାର କିଛି ମାନେ ନ ଥାଏ। ଏସ୍‌ବିଆଇ ଜାଣିଶୁଣି ଅଦାଲତଙ୍କ ରାୟର ଅବମାନନା କରିଥିବାରୁ ବ୍ୟାଙ୍କ ବିରୋଧରେ ଅଦାଲତ ଅବମାନନା ମାମଲା ଚାଲିବା ଆବଶ୍ୟକ। ଏସ୍‌ବିଆଇକୁ କଡ଼ା ଦଣ୍ଡ ମଧ୍ୟ ଦିଆଯିବା ଦରକାର, ଯାହା ଫଳରେ ଭବିଷ୍ୟତରେ ଅନ୍ୟ କର୍ପୋରେରେଟ ସଂସ୍ଥା ସୁପ୍ରିମକୋର୍ଟଙ୍କ ରାୟକୁ ଅବମାନନା କରିବା ପାଇଁ ଭୟ କରିବେ।

- **ଅପୂର୍ବ ରଞ୍ଜନ ମଲ୍ଲିକ, ଆଇନଜୀବୀ**



"ସୁପ୍ରିମକୋର୍ଟ ଏସ୍‌ବିଆଇକୁ ଦେଇଥିବା ନିର୍ଦ୍ଦେଶ ସମ୍ପୂର୍ଣ୍ଣ ଗ୍ରହଣୀୟ ଏବଂ ନିର୍ବାଚନ କମିଶନଙ୍କ ୱେବ୍‌ସାଇଟରେ କେଉଁ ରାଜନୈତିକ ଦଳ କେତେ ଚାନ୍ଦା ପାଇଛନ୍ତି ତାହା ଜାଣିବା ସମସ୍ତ ଜନସାଧାରଣଙ୍କ ଗଣତାନ୍ତ୍ରିକ ଅଧିକାର ରହିଛି। ତେଣୁ ଏହା ସାର୍ବଜନୀନ ହେବା ଦରକାର। ଏହାଦ୍ୱାରା କୌଣସି ଗଣତାନ୍ତ୍ରିକ ପଦ୍ଧତିର କ୍ଷୁଣ୍ଣ ଘଟିବ ନାହିଁ। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ରାଷ୍ଟ୍ରପତିଙ୍କୁ ପତ୍ର ମାଧ୍ୟମରେ ସାର୍ବଜନୀନ ନ କରିବା ପାଇଁ ଯେଉଁ ଅନୁରୋଧ କରିଛନ୍ତି ତାହା ନିଶ୍ଚୟ କୌଣସି କର୍ପୋରେଟ କମ୍ପାନୀକୁ ସମର୍ଥନ କରି ଦେଇଥିବେ। ତେଣୁ ଏହି ଇଲେକ୍ଟୋରାଲ ବଣ୍ଡର ସମସ୍ତ ତଥ୍ୟ ସାର୍ବଜନୀନ ହେଲେ ନିର୍ବାଚନ ପ୍ରକ୍ରିୟା ମଧ୍ୟ ସମ୍ପୂର୍ଣ୍ଣ ସ୍ୱଚ୍ଛ ହୋଇପାରିବ।

- **ନବ କୁମାର କଣ୍ଡା, ଆଇନଜୀବୀ, ରାୟଗଡ଼ା**



"ସୁପ୍ରିମ କୋର୍ଟ ଦେଶର ସର୍ବୋଚ୍ଚ ଅଦାଲତ। ଇଲେକ୍ଟୋରାଲ ବଣ୍ଡ ସମ୍ପର୍କରେ ସୁପ୍ରିମକୋର୍ଟ ଯାହା ନିର୍ଦ୍ଦେଶ ଦେଇଛନ୍ତି ତାହା ସର୍ବମାନ୍ୟ ହେବାର ଆବଶ୍ୟକତା ରହିଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ। ଏଥିରେ କୌଣସି ପ୍ରକାର ବିବାଦ ସୃଷ୍ଟି କରିବା ଠିକ୍ ନୁହେଁ।

- **ପ୍ରମୋଦ କୁମାର ମିଶ୍ର, ବରିଷ୍ଠ ଆଡଭୋକେଟ, ବଲାଙ୍ଗୀର**



"ସୁପ୍ରିମକୋର୍ଟଙ୍କ ଜଜ୍‌ମେଣ୍ଟ ଉପରେ ଏଭଳି ଚିଠି ଲେଖିବା ଆଦୌ ଗ୍ରହଣୀୟ ନୁହେଁ। ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ନିଜର ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରିଛନ୍ତି। ସମ୍ବିଧାନରେ ଜନସାଧାରଣଙ୍କୁ ଜାଣିବାର ଅଧିକାର ଦିଆଯାଇଛି। ଇଲେକ୍ଟୋରାଲ ବଣ୍ଡ ବିଷୟରେ ସମସ୍ତେ ଜାଣିବା ଦରକାର।

- **ରଘୁମଣି ପଟେଲ, ଝାରସୁଗୁଡ଼ା ଓକିଲ ସଂଘର ପୂର୍ବତନ ସଭାପତି**

# ମେଣ୍ଟ ଚର୍ଚ୍ଚା: ବିଳମ୍ବ କରୁଛି ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)



- ୧୪୭ ପ୍ରାର୍ଥୀ ଯିବେ କୁଆଡ଼େ ତାକୁ ନେଇ ଚର୍ଚ୍ଚା
- ପ୍ରଗମନ ଆବେଦନକାରୀଙ୍କୁ ଟିକେଟ ଉପରେ ଗୁରୁତ୍ୱ ନ ଦେଇପାରେ କଂଗ୍ରେସ
- ୧୬ରେ କଂଗ୍ରେସ ଆଣିପାରେ ନିର୍ବାଚନୀ ଇସ୍ତାହାର
- ବନ୍ଦ ହୋଇଯାଇଛି ସବୁ ଦଳର ମିଶ୍ରଣ ପର୍ବ

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ନିଜର ପ୍ରସ୍ତୁତି ଜୋର୍‌ଦାର କରିଛନ୍ତି। ହେଲେ ବିଜେଡି-ଭାଜପା ମେଣ୍ଟ ଚର୍ଚ୍ଚା ବର୍ତ୍ତମାନ ସବୁ ପ୍ରକାର ରାଜନୈତିକ କାର୍ଯ୍ୟକ୍ରମକୁ ଏକ ପ୍ରକାର ବଦଳାଇଦେଇଛି। କିଛିଦିନ ତଳୁ ଯେପରି ବିଜେଡିରୁ ଅସନ୍ତୁଷ୍ଟ ହେଉଥିବା ନେତାମାନେ ଭାଜପାକୁ ନିଜର ବିକଳ୍ପ ବୋଲି ଭାବି ନେଉଥିଲେ ସେହି ଚିନ୍ତାଧାରାରେ ବ୍ୟାପକ ପରିବର୍ତ୍ତନ ହେବା ଭଳି ଲାଗୁଛି। ସେହିପରି ଭାଜପାରେ ଯେଉଁ ନେତାମାନେ ଭଲ ସଙ୍ଗଠକ ଥିଲେ ସେମାନଙ୍କୁ ବିଜେଡି ନେବାକୁ ଆଗ୍ରହ ଦେଖାଉଥିଲା। ପରବର୍ତ୍ତୀ ସମୟରେ ବିଜେଡି ସେଭଳି ନେତାଙ୍କୁ ଦଳରେ ସାମିଲ ମଧ୍ୟ କରିଦେଉଥିଲା। ହେଲେ ବର୍ତ୍ତମାନ ସ୍ଥିତିରେ ଭାଜପାର ସେପରି କୌଣସି ନେତା ଆଉ ବିଜେଡିରେ ଯୋଗଦେବା ଭଳି ଘଟଣା ଦେଖିବାକୁ ମିଳୁନାହିଁ। ଅନ୍ୟପଟେ କଂଗ୍ରେସର କେତେଜଣ ଟାଣୁଆ ନେତାଙ୍କୁ ମଧ୍ୟ ବିଜେଡି ଏବଂ ଭାଜପା ନିଜ ଦଳରେ ସାମିଲ କରିଦେଉଥିଲେ, ହେଲେ ସେକଥା ମଧ୍ୟ ଆଉ ଏବେ ଘଟୁନାହିଁ। ତେଣୁ ମିଶ୍ରଣ ପର୍ବ ଏକ ପ୍ରକାର ବନ୍ଦ ହୋଇଗଲା ଭଳି ଲକ୍ଷ୍ୟ କରାଯାଉଛି। ଖାଲି ସେତିକି ନୁହେଁ, ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳରେ ଅଧିକାଂଶ ନେତା ବର୍ତ୍ତମାନ ନିଜର ରାଜନୈତିକ ଭବିଷ୍ୟତ କଥା ଚିନ୍ତାକରି ଦ୍ୱନ୍ଦ୍ୱରେ ପଡ଼ିଗଲେଣି। ଯଦି ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ନ ହୁଏ ତେବେ ଉଭୟ ଦଳ ୧୪୭ ବିଧାନସଭାରେ ନିଜ ନିଜର ପ୍ରାର୍ଥୀ ଦେବେ। ଅର୍ଥାତ୍ ଉଭୟ ଦଳର ମୋଟ୍ ପ୍ରାର୍ଥୀ ସଂଖ୍ୟା ବିଧାନସଭା ପାଇଁ ୨୯୪ ହେବା କଥା। ହେଲେ ଯଦି ଉଭୟ ଦଳ ମଧ୍ୟରେ ମେଣ୍ଟ ହୋଇଯିବ ତେବେ ଦୁଇ ଦଳ ମିଶି ବିଧାନସଭା ଲାଗି ମୋଟ୍ ୧୪୭ ଜଣଙ୍କୁ ପ୍ରାର୍ଥୀ କରିବେ। ଏ କ୍ଷେତ୍ରରେ ବାକି ୧୪୭ ଜଣ କ'ଣ କରିବେ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି।

ବିଜେଡି ଏବଂ ଭାଜପା ମଧ୍ୟରେ ଯେପର୍ଯ୍ୟନ୍ତ ମେଣ୍ଟ ହେବ ନାହିଁ ବୋଲି ଶୁଣାଯାଉଥିଲା ସେତେବେଳେ କଂଗ୍ରେସ ୧୪୭ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ଦେବା ଲାଗି ପ୍ରଗମନ ଆପ୍‌ର ଆରମ୍ଭ କରିଥିଲା। ଯେଉଁମାନେ ପ୍ରାର୍ଥୀ ହେବାକୁ କଂଗ୍ରେସରୁ ଇଚ୍ଛା ପ୍ରକାଶ କରିବେ ଏବଂ ସବୁ ଶ୍ରେଣୀର ଲୋକମାନଙ୍କୁ ଏହି ଆପ୍‌ରେ ଆବେଦନ ପକାଇପାରିବେ ବୋଲି କଂଗ୍ରେସ ଘୋଷଣାକଲା। ହେଲେ ବିଜେଡି-ଭାଜପା ମଧ୍ୟରେ ମେଣ୍ଟ ହେବା କଥା ଆଗେଇବା ପରେ କଂଗ୍ରେସ ଆଉ ପ୍ରଗମନ ଆପ୍ ଆବେଦନକାରୀଙ୍କୁ ପ୍ରାର୍ଥୀ କରିବା କଥା ସେତେଟା ଚିନ୍ତା କରୁନାହିଁ। ଯେଉଁମାନେ ମେଣ୍ଟ ପ୍ରାର୍ଥୀ ତାଲିକାରୁ ବାଦ୍ ପଡ଼ିବେ ସେମାନଙ୍କୁ କିପରି ଦଳରେ ସାମିଲ କରି ଆସନ୍ତା ସାଧାରଣ ନିର୍ବାଚନରେ ପ୍ରାର୍ଥୀ କରିବ ସେନେଇ କଂଗ୍ରେସ ଚିନ୍ତାକରିବା ଆରମ୍ଭ କରିଛି। ଏହା ନ ହେଲେ ବହୁ ପ୍ରାର୍ଥୀ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିପାରନ୍ତି। ଏହା ହେଲେ କଂଗ୍ରେସକୁ କିଛି ଲାଭ ମିଳିବ ନାହିଁ। ତେଣୁ ସେହିଭଳି ପ୍ରାର୍ଥୀଙ୍କୁ ଟିକେଟ ଦେଇ ଆସନ୍ତା ନିର୍ବାଚନରେ ଭୋଟ ପ୍ରତିଶତ ବୃଦ୍ଧି କରିବା ଦିଗରେ ଦଳର ଶୀର୍ଷ ନେତୃତ୍ୱ ଚିନ୍ତାକରିବା ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଆସନ୍ତା ୧୯ ତାରିଖରେ ୩ୟ ଥର ଲାଗି ପ୍ରାର୍ଥୀ ଚୟନକୁ ନେଇ ସ୍କ୍ରିନିଂ କମିଟି ବୈଠକ ହେବାକୁ ଅଛି। ବିଜେଡି-ଭାଜପା ମେଣ୍ଟ ଘୋଷଣା ପରେ ହିଁ ଓଡ଼ିଶା ପାଇଁ ଉଭୟ ଦଳ ନିଜ ନିଜର ପ୍ରାର୍ଥୀ ତାଲିକା ଘୋଷଣା କରିବେ। ଏହାକୁ କଂଗ୍ରେସ ଅପେକ୍ଷା କରି ରହିଛି। ହେଲେ ମିଳିଥିବା ସୂଚନା ମୁତାବକ, ଆସନ୍ତା ୧୬ ତାରିଖରେ କଂଗ୍ରେସ ନିର୍ବାଚନୀ ଇସ୍ତାହାର ଘୋଷଣା କରିବାର ଯଥେଷ୍ଟ ସମ୍ଭାବନା ରହିଛି। ଏହା ପୂର୍ବରୁ ଦଳ ପ୍ରଥମ ପର୍ଯ୍ୟାୟ ବିଧାନସଭା ଏବଂ ଲୋକ ସଭା ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିବ ବୋଲି ଶୁଣିବାକୁ ମିଳିଛି। ଯେଉଁମାନେ ବିଧାୟକ ଅଛନ୍ତି ଏବଂ ପିସିସି ସଭାପତି, ପ୍ରଚାର କମିଟି ଅଧ୍ୟକ୍ଷ, ଆଉ କେତେଜଣ ବରିଷ୍ଠ ନେତା ଯେଉଁମାନଙ୍କୁ ଦଳ ନିଶ୍ଚୟ ପ୍ରାର୍ଥୀ କରିବ ସେମାନଙ୍କ ନାଁ ଘୋଷଣା କରିବ ବୋଲି ଶୁଣିବାକୁ ମିଳୁଛି।

ରାଜ୍ୟରେ ଯେଉଁ ମେଣ୍ଟ ହେବା ନେଇ ଚର୍ଚ୍ଚା ଚାଲିଛି, ସେହି କଥାରେ ବର୍ତ୍ତମାନ ତୃଣମୂଳସ୍ତରର କର୍ମୀମାନେ ସମ୍ପୂର୍ଣ୍ଣ ବ୍ୟସ୍ତ ହୋଇପଡ଼ିଲେଣି। ୨୦୧୯ ସାଧାରଣ ନିର୍ବାଚନରେ ଯେଉଁମାନଙ୍କୁ ନିଜର ପ୍ରତିଦ୍ୱନ୍ଦ୍ୱୀ କରିଥିଲେ ଏବେ ସେମାନଙ୍କୁ ସମର୍ଥନ କରିବା କଥାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଅନ୍ୟପଟେ ଯଦି ନିଜ ନେତାଙ୍କ ଟିକେଟ କଟିବା କଥା ଆଲୋଚନା ହେଉଛି ତେବେ ସିଧାସଳଖ କଂଗ୍ରେସକୁ ଚାଲିଯିବେ ବୋଲି ଯୁକ୍ତି ରଖୁଛନ୍ତି। କୌଣସି ମତେ ନିଜ ନେତାଙ୍କୁ ଛାଡ଼ିବା ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ସାମିଲହେବା ଏହି ଦୁଇଟା ଯାକ କଥା କର୍ମୀମାନଙ୍କ ଭିତରେ ଦ୍ୱନ୍ଦ୍ୱ ବଢ଼ାଇ ଦେଇଛି। ପ୍ରାୟ ବିଜେଡି ଏବଂ ଭାଜପା କର୍ମୀ କଂଗ୍ରେସକୁ ଚାଲିଯିବା କଥା ମଧ୍ୟ କହିଲେଣି।

## ପାଟକୁରା ଉପରେ ଭାଜପାର ନଜର

ଡେରାବିଶ, ୧୩।୩ (ବେବର୍ତ୍ତା ଅଜୟ ଦାସ)



ତେଜେଶ୍ୱର ପରିଡ଼ା



ମନୀଷା ପଣ୍ଡା

କେନ୍ଦ୍ରାପଡ଼ା ଜିଲାର ଗୁରୁତ୍ୱପୂର୍ଣ୍ଣ ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀ ପ୍ରାର୍ଥୀମାନେ ଏବେ ଗାଁରେ ନିଜ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଚଳିତ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ନିର୍ବାଚନମଣ୍ଡଳୀକୁ ଦଖଲ କରିବାକୁ ୩ ଦଳର ଆଶାୟୀ ପ୍ରାର୍ଥୀ ଆଶାବାଦୀ ରହିଛନ୍ତି।

ଆସନ୍ତା ନିର୍ବାଚନରେ ଭାଜପା ଆଶାୟୀ ପ୍ରାର୍ଥୀ ଭାବେ କେନ୍ଦ୍ରାପଡ଼ା ଜିଲା ଭାଜପା ସମ୍ପାଦିକା ମନୀଷା ପଣ୍ଡା ଦଳୀୟ କାର୍ଯ୍ୟକ୍ରମକୁ ଜାରି ରଖିଛନ୍ତି। ଛାତ୍ର ଜୀବନରୁ ସମାଜସେବାରେ ମନୀଷା ନିଜକୁ ଜଡ଼ିତ ରଖିଛନ୍ତି। ଜଣେ ମହିଳା ଓ ଅଞ୍ଚଳର ମାଟିର ଝିଅ ଭାବେ ନିଜକୁ ଅଭିହିତ କରିଛନ୍ତି। ରାଜ୍ୟ ସରକାରଙ୍କ ଦୁର୍ନୀତି ଓ ସାଧାରଣ ଲୋକଙ୍କ ପାଇଁ ରାଜ୍ୟକୁ ଆସୁଥିବା କେନ୍ଦ୍ରୀୟ ଯୋଜନାକୁ ବାଟମାରଣା ବିଷୟରେ ସେ ଲୋକଙ୍କୁ ଅବଗତ କରାଉଛନ୍ତି। ଏଥିସହ ବିକଶିତ ପାଟକୁରା ଗଠନ ତାଙ୍କର ସ୍ୱପ୍ନ ବୋଲି ସେ କହିଛନ୍ତି। ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପହଞ୍ଚି ମନୀଷା ବିପନ୍ନଙ୍କୁ ସହାୟତା କରିଥାନ୍ତି। ସେହିପରି ରାଜ୍ୟ ଭାଜପା ମୁଖପାତ୍ର ତେଜେଶ୍ୱର ପରିଡ଼ା ୨୦୧୯ ନିର୍ବାଚନ ପରଠାରୁ ଏଠାରେ ରାଜ୍ୟ ସରକାରଙ୍କ ଦୁର୍ନୀତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ଯୋଗ୍ୟ ହିତାଧିକାରୀଙ୍କୁ ବଞ୍ଚିତ ହେଉଛନ୍ତି। ଏଠାରେ ଥିବା ବିଭିନ୍ନ ସମସ୍ୟାକୁ ନେଇ ବ୍ଲକ, ତହସିଲ ଓ ଜିଲା କାର୍ଯ୍ୟାଳୟରେ ଆନ୍ଦୋଳନ କରିବା ଯୋଗୁ ଦବଦବା ବୃଦ୍ଧି ପାଇଛି। ନିର୍ବାଚନମଣ୍ଡଳୀରେ ଜଳସେଚନ, ଚାନ୍ଦୋଳରେ ଥାନା ପ୍ରତିଷ୍ଠା ସହ ୨ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ସ୍ୱାସ୍ଥ୍ୟ କର୍ମଚାରୀ ଓ ଡାକ୍ତରଙ୍କ ପଦବୀ ପୂରଣ ପାଇଁ ତେଜେଶ୍ୱରଙ୍କ ନେତୃତ୍ୱରେ ଭାଜପା ପକ୍ଷରୁ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟରେ ଆନ୍ଦୋଳନ କରାଯାଇଥିଲା। ଆଶାୟୀ ପ୍ରାର୍ଥୀ ଭାବେ ତେଜେଶ୍ୱରଙ୍କ ନାମ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

ସୂଚନାଯୋଗ୍ୟ, ଡେରାବିଶ ବ୍ଲକର ୨୬, ଗରଦପୁର ବ୍ଲକର ୧୮ ଓ ମାର୍ଶାଘାଇ ବ୍ଲକର ୭ଟି ପଞ୍ଚାୟତକୁ ନେଇ ପାଟକୁରା ନିର୍ବାଚନମଣ୍ଡଳୀରେ ୨୦୦୯ ରେ ବିଜେଡି ପ୍ରାର୍ଥୀ ଭାବେ ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଭାଜପା ଦ୍ୱିତୀୟ ସ୍ଥାନରେ ରହିଥିଲା। ସେହିପରି ୨୦୧୯ରେ ବିଜେଡର ସାବିତ୍ରୀ ଅଗ୍ରୱାଲ ନିର୍ବାଚିତ ହୋଇଛନ୍ତି। ଭାଜପା ଏଠାରେ ମଧ୍ୟ ଦ୍ୱିତୀୟ ସ୍ଥାନରେ ରହିଥିଲା। ତେଣୁ ଆଗାମୀ ନିର୍ବାଚନକୁ ସମସ୍ତେ ନଜର ରଖିଛନ୍ତି।

# ଛାତ୍ର କଂଗ୍ରେସ କର୍ମୀ-ପୋଲିସ ମୁହାଁମୁହିଁ

## ନବୀନ ନିବାସ ଘେରାଉ ଉଦ୍ୟମ

ଭୁବନେଶ୍ୱର, ୧୩।୩(ସୁନିତ୍ ମିଶ୍ର)




ଶିଶୁଭବନ ଛକଠାରେ ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର ବିକ୍ଷୋଭ ଶୋଭାଯାତ୍ରା ଅବସରରେ ପୋଲିସ ସହ ଧସ୍ତାଧସ୍ତି।

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର ନୱାଜଙ୍କ ନେତୃତ୍ୱରେ ବୁଧବାର 'ଛାତ୍ର ଆଣିବେ ପରିବର୍ତ୍ତନ' କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମ ଜରିଆରେ ଛାତ୍ର କଂଗ୍ରେସ ପକ୍ଷରୁ ନବୀନ ନିବାସ ଘେରାଉ ଉଦ୍ୟମ କରାଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସର କର୍ମକର୍ତ୍ତାମାନେ ଏକ ବିଶାଳ ବିକ୍ଷୋଭ ଶୋଭାଯାତ୍ରାରେ ରାଜମହଲ ଛକ ନିକଟରୁ ବାହାରି ଶିଶୁଭବନ ଛକ ଦେଇ ନବୀନ ନିବାସ ବାହାରିଥିଲେ। ହେଲେ ଶିଶୁ ଭବନ ଛକଠାରେ ପୋଲିସ ଛାତ୍ର କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କୁ ଅଟକାଇଥିଲା। ସେଠାରେ ଛାତ୍ର କଂଗ୍ରେସ କର୍ମୀ ଏବଂ ପୋଲିସ ମଧ୍ୟରେ ପ୍ରବଳ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ସେଠାରେ ପୋଲିସ ଓ ଛାତ୍ର କଂଗ୍ରେସର କର୍ମକର୍ତ୍ତାଙ୍କ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା ବେଳେ ଟମାଟୋ ମାଡ଼ ମଧ୍ୟ କରାଯାଇଥିଲା। ଏହାପରେ ପୋଲିସ ପକ୍ଷରୁ କେତେଜଣ ଛାତ୍ର କଂଗ୍ରେସ କର୍ମକର୍ତ୍ତାଙ୍କୁ ଭ୍ୟାନ୍ ଯୋଗେ ସେଠାରୁ ଉଠାଇ ନେଇଥିବା ବେଳେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଛାଡ଼ି ଦିଆଯାଇଥିବା ଜଣାପଡିଛି।

ଏହି ଅବସରରେ ୟାସିର ନୱାଜ କହିଛନ୍ତି, ବିଜେଡି ସରକାର ତାଙ୍କର ପ୍ରତିଶ୍ରୁତି ଅନୁଯାୟୀ ବର୍ଷକୁ ୨ ଲକ୍ଷ ହିସାବରେ ଯେଉଁ ୪୮ ଲକ୍ଷ ଚାକିରି ଦେବାର ଭରସା ଦେଇଥିଲେ ତାହା କୁଆଡ଼େ ଗଲା। ତା'ର ଉତ୍ତର ଏ ରାଜ୍ୟର ଯୁବ ଓ ଛାତ୍ର ସମାଜକୁ ସରକାର ଦିଅନ୍ତୁ। ବିରୋଧୀ ଦଳକୁ ଦୁର୍ବଳ କରିବା ପାଇଁ ଏବଂ ବିରୋଧୀ ଦଳ ଛାତ୍ର ନେତୃତ୍ୱ ସୃଷ୍ଟି କରି ନ ଦେବା ପାଇଁ ୨୦୧୮ରୁ ଓଡ଼ିଶାରେ ଅଗଣତାନ୍ତ୍ରିକ ଭାବେ ଛାତ୍ର ସଂସଦ ନିର୍ବାଚନ ବନ୍ଦ କରାଯାଇଛି। ବିଜେଡି ସରକାରରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ଜାଲ୍ ସାର୍ଟିଫିକେଟ୍‌ରେ ନାମଲେଖା ଚାଲିଥିବାବେଳେ ସେହି ର୍‍ୟାକେଟରେ ବିଜେଡି କର୍ମକର୍ତ୍ତାମାନେ ସମ୍ପୃକ୍ତ ଅଛନ୍ତି। ଅନ୍ୟ ଦଳର ଛାତ୍ର ସଙ୍ଗଠନକୁ ମରଣାତ୍ମକ ଆକ୍ରମଣ କରୁଛନ୍ତି। କ୍ୟାମ୍ପସ ଭିତରେ ମହିଳା ଅସୁରକ୍ଷିତ। ଗୁଣାତ୍ମକ ଶିକ୍ଷା ଦିଆଯାଉ ନ ଥିବାବେଳେ କେବଳ ନିର୍ବାଚନ ସମୟରେ ଭୋଟ ହାତେଇବା ପାଇଁ ନାଟକବାଜି ଚାଲିଛି। ଏ ସରକାର ୧୫ କୋଟି ଟଙ୍କାର ଛାତ୍ରବୃତ୍ତି ଲୁଟ କରିଥିବାର ସିଏଜି ରିପୋର୍ଟ ଦେଇଛନ୍ତି। ଯେଉଁ ଛାତ୍ରବୃତ୍ତି ଘୋଷଣା କରାଯାଇଛି ତାହା ୨୪ ବର୍ଷ ଭିତରେ କାହିଁକି ଘୋଷଣା କରାଗଲା ନାହିଁ ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ୨ ଲକ୍ଷ ୨୬ ହଜାର ସରକାରୀ ପଦବୀ ଖାଲି ପଡ଼ିଥିବା ବେଳେ ୧୦ ଲକ୍ଷ ବେକାର ଯୁବତୀଯୁବକ ନାମ ପଞ୍ଜୀକରଣ କରାଇ ଚାହିଁ ବସିଛନ୍ତି। ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ, ବେକାର ଯୁବତୀଯୁବକ ବେସାହାରା, ଶିକ୍ଷାନୁଷ୍ଠାନରେ ଦୁର୍ନୀତି। ଅନ୍ୟପକ୍ଷରେ ଖଣି,ପାଣି, ଡାଲି, ଚିଟ୍‌ଫଣ୍ଡ, ଛାତ୍ରବୃତ୍ତି, ଜମି ଓ ସରକାରୀ ଯୋଜନା ଲୁଟ ଏବଂ ଦୁର୍ନୀତିରେ ବିଜେଡି ସରକାରର ଅସଲ ମୁଖା ଧରାପଡ଼ିଯାଇଛି ବୋଲି ସେ କହିଛନ୍ତି।

## ପ୍ରଶାନ୍ତଙ୍କୁ ନେଇ ଅଡୁଆରେ ଭାଜପା

ଖୋର୍ଦ୍ଧା, ୧୩।୩ (ପ୍ରଭାତ ପାଣିଗ୍ରାହୀ)



ପ୍ରଶାନ୍ତ ଜଗଦ୍ଦେବ

ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିଜେଡିରୁ ବହିଷ୍କୃତ ହେବା ପରେ ପୁଣି ଦଳକୁ ଫେରିବେ ବୋଲି ଆଶା ବାନ୍ଧିଥିଲେ। ଦଳୀୟ କର୍ମୀ, ନେତାଙ୍କ ସହ ସୁସମ୍ପର୍କ ସତ୍ତ୍ୱେ ଚେଷ୍ଟା କରି ମଧ୍ୟ ଦଳକୁ ଫେରିପାରି ନ ଥିଲେ। ଶେଷରେ ବାଧ ହୋଇ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ସହ କଥା ହୋଇ ଶୀର୍ଷ ନେତୃତ୍ୱଙ୍କ ସହ ଆଲୋଚନା ପରେ ବିଧିବଦ୍ଧ ଭାବେ ଭାଜପା ରାଜ୍ୟ କାର୍ଯ୍ୟାଳୟରେ ସମର୍ଥକଙ୍କ ସହ ସାମିଲ ହୋଇଥିଲେ। ହେଲେ ଚିଲିକା ନିର୍ବାଚନମଣ୍ଡଳୀରେ ଭାଜପା କର୍ମୀଙ୍କ ମଧ୍ୟରେ ତାଙ୍କୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ଫଳରେ ଭାଜପା ଭିତରୁ ତାଙ୍କୁ ବିରୋଧ ହେଉଥିବା ଓ ଆଗକୁ ଦଳ ଅଖାଡୁଆ ସ୍ଥିତିରେ ପଡ଼ିପାରେ ବୋଲି ଆଲୋଚନା ହେଲାଣି।

ପ୍ରଶାନ୍ତ ବାଲୁଗାଁ ମଣ୍ଡଳ ସଭାପତି ନିରଞ୍ଜନ ସେଠୀଙ୍କୁ ଗାଳିଗୁଲଜ, ଆକ୍ରମଣ କରିବା ସହ ପଞ୍ଚାୟତ ଓ ଏନ୍‌ଏସି ନିର୍ବାଚନ ପ୍ରଚାର ବେଳେ ଭାଜପା କର୍ମୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିସହିତ ବାଣପୁର ପଲଟନ ପଡ଼ିଆରେ ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣା ଚାରିଆଡ଼େ ବ୍ୟାପୀ ଯାଇଥିଲା। ଏପରିକି ବିଜେଡି ମଧ୍ୟ ସେହି ସମୟରେ ଏହାକୁ ନିନ୍ଦା କରିଥିଲା। ପ୍ରଶାନ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ତୃଣମୂଳ ସ୍ତରରୁ ରାଜ୍ୟସ୍ତରରେ ଭାଜପା ତୁମ୍ବିତୋଫାନ କରିବା ସହ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟକୁ ବହୁ ସଂଖ୍ୟାରେ ଘେରାଉ ମଧ୍ୟ କରିଥିଲେ। ୨୦୧୯ ନିର୍ବାଚନରେ ବିଜେଡି ଟିକଟରେ ପ୍ରଶାନ୍ତ ଲଢ଼ି ବିଜୟ ଲାଭ କରିବା ଠାରୁ ପରବର୍ତ୍ତୀ ସମୟରେ ଏକାଧିକ ଘଟଣାରେ ଭାଜପା କର୍ମୀ ଏବଂ ପ୍ରଶାନ୍ତ ମୁହାଁମୁହିଁ ହୋଇଥିଲେ। ଏଥିପାଇଁ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀ ସର୍ବଭାରତୀୟସ୍ତରରେ ନିନ୍ଦିତ ହେଲା ବୋଲି ଭାଜପାର ନେତୃବୃନ୍ଦ ଗଣମାଧ୍ୟମ ଆଗରେ ଭାଷଣ ଦେଉଥିଲେ। ପ୍ରଶାନ୍ତ ଭାଜପାରେ ସାମିଲ ହେବା ପରେ ଚିଲିକା ନିର୍ବାଚନମଣ୍ଡଳୀର ଦଳୀୟ କର୍ମୀ ଏହାକୁ ସହଜରେ ହଜମ କରିପାରୁନାହାନ୍ତି। ଏପରିକି ଏକାଧିକ କର୍ମୀ ଶାସକ ଦଳର ଜଣେ ପ୍ରଭାବଶାଳୀ ନେତାଙ୍କ ସହ ଯୋଗାଯୋଗରେ ରହିଥିବା ଏବଂ ଖୁବ୍‌ଶୀଘ୍ର ଦଳ ପରିବର୍ତ୍ତନ କରିପାରନ୍ତି ବୋଲି ଚର୍ଚ୍ଚା ହେଲାଣି । ପ୍ରକାଶ ଯେ, ଲୋକଙ୍କ ଉପରକୁ ଗାଡ଼ି ମଡ଼ାଇଦେବା ଘଟଣାରେ ସୁପ୍ରିମକୋର୍ଟ ପ୍ରଶାନ୍ତଙ୍କୁ ଏକ ବର୍ଷ ଚିଲିକା ନିର୍ବାଚନମଣ୍ଡଳୀ ଗସ୍ତ ଓ ସଭାସମିତି ଉପରେ କଟକଣା ଜାରି କରିଥିଲେ। ଯଦିଓ ଏହି ଆଦେଶନାମାକୁ ଏକ ବର୍ଷ ପୂରିଲାଣି, ପ୍ରଶାନ୍ତ ଏଯାବତ୍ ଚିଲିକା ଅଞ୍ଚଳରେ ବଡ଼ ସମାବେଶ, ଶୋଭାଯାତ୍ରା କରି ନ ଥିଲେ। ଏବେ ଭାଜପାରେ ମିଶିବା ପରେ ଖୋର୍ଦ୍ଧା ଏବଂ ଚିଲିକାରେ ଏକ ବଡ଼ ସମାବେଶ ପାଇଁ ଯୋଜନା କରୁଥିବା ଜଣାପଡ଼ିଛି। ସେ ଏକପ୍ରକାର ନିଜ ଶକ୍ତି ପ୍ରଦର୍ଶନ ପାଇଁ ପ୍ରସ୍ତୁତି ଜାରି ରଖିଥିବା ବେଳେ ଦଳରେ ଏକ ଗୋଷ୍ଠୀ ପ୍ରଶାନ୍ତଙ୍କ ନେତୃତ୍ୱକୁ ମାନିନେଇ ପାରୁନାହାନ୍ତି। ଫଳରେ ଆଗାମୀ ନିର୍ବାଚନରେ ଏହାର ପ୍ରତିଫଳନ ଦେଖିବାକୁ ମିଳିପାରେ ବୋଲି ଆଲୋଚନା ହେଉଛି।

୨୦୦୨ରେ ପ୍ରଶାନ୍ତ ଜିଲା ପରିଷଦ ଚେୟାରମ୍ୟାନ ପରେ ଯୋଜନା କମିଟି ସଭାପତି, ୨୦୧୪ରେ ବେଗୁନିଆ ବିଧାୟକ ହୋଇଥିବା ବେଳେ ୨୦୧୯ରୁ ଚିଲିକା ବିଧାୟକ ଅଛନ୍ତି। ଫଳରେ ଚିଲିକା ସମେତ ଖୋର୍ଦ୍ଧା ଓ ବେଗୁନିଆରେ ତାଙ୍କର ଲୋକପ୍ରିୟତା ରହିଛି। ସବୁଠି ପ୍ରଶାନ୍ତଙ୍କ ଦଖଲ ରହିଥିଲେ ମଧ୍ୟ ତାଙ୍କ ମନମୁଖି କାର୍ଯ୍ୟ ଭାଜପାର କେତେଜଣ କର୍ମୀଙ୍କ ମହଲରେ ଅସନ୍ତୋଷ ସୃଷ୍ଟି କରିଛି। ଏ ଦିଗରେ କିଛି ଉନ୍ନତି ନ ଘଟିଲେ, ସେ ଭାଜପା ପାଇଁ ଅଡୁଆ ହେବେ ବୋଲି ଆଲୋଚନା ହେଉଛି।

# ଦୋହଲିଲା ବିଜେଡି ଗଡ଼

## ଶଙ୍ଖ ଛାଡ଼ି ପଦ୍ମ ଧରିଲେ ୧୦୦୦ରୁ ଊର୍ଦ୍ଧ୍ୱ କର୍ମୀ



ମିଶ୍ରଣ ପର୍ବରେ ଉପସ୍ଥିତ ଭାଜପା କାର୍ଯ୍ୟକର୍ତ୍ତା।

ଚାନ୍ଦବାଲି, ୧୩।୩(କିଷାନ ପାତ୍ର)

ନିର୍ବାଚନ ପୂର୍ବରୁ ଦଳ ବଦଳ ଚାଲିଥିବା ବେଳେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲଙ୍କ ବିଧାନସଭା କ୍ଷେତ୍ର ଚାନ୍ଦବାଲିରେ ବିଜେଡି ଛାଡ଼ି ହଜାରରୁ ଊର୍ଦ୍ଧ୍ୱ କର୍ମୀ ବୁଧବାର ଭାଜପାରେ ସାମିଲ ହୋଇଛନ୍ତି। ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ଖେରଙ୍ଗ ବଜାର ଭାଜପା କାର୍ଯ୍ୟାଳୟରେ ଖେରଙ୍ଗ ପଞ୍ଚାୟତ ପ୍ରଭାରୀ ପ୍ରଭାସ ଶୁଭଦର୍ଶନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ଅଞ୍ଚଳର ବିଜେଡିର ଟାଣୁଆ ନେତା ବାପି ମାଝି ଓ ପ୍ରଶାନ୍ତ ମାଝିଙ୍କ ନେତୃତ୍ୱରେ ୩୦୦ ପରିବାରର ୭୦୦ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡ଼ି ଛାଡ଼ି ବିଧିବଦ୍ଧ ଭାବେ ଭାଜପାରେ ଯୋଗ ଦେଇଛନ୍ତି। ସେହିପରି ରାଜନଗର ପଞ୍ଚାୟତରୁ ୫୦ ପରିବାରର ୨୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଭାଜପାରେ ଯୋଗ ଦେଇଛନ୍ତି। ରାଜ୍ୟ ଉପସଭାପତି ବିରଞ୍ଚି ତ୍ରିପାଠୀ, ଜିଲା ସଭାପତି ହେମନ୍ତ ପାଢ଼ୀ, ଯୁବନେତା ସୀତାଂଶୁ ମହାପାତ୍ର, ଚଳଚ୍ଚିତ୍ର ଅଭିନେତ୍ରୀ ଜୀନା ସାମଲ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ଉପସଭାପତି କମଳାକାନ୍ତ ସୂତାର, ରାଜ୍ୟ କୃଷକ ମୋର୍ଚ୍ଚା ସଦସ୍ୟ ଉପେନ୍ଦ୍ର ରାଉଳ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଶୋକ ରାଉଳ, ଜିଲା ମହିଳା ମୋର୍ଚ୍ଚା ସଭାନେତ୍ରୀ କଳ୍ପନା ଜେନା, ଆରଡ଼ି ଜୋନ ସଭାପତି କିଶୋର ନାୟକ, ରାଜାରାମ ମହାକୁଡ଼, ମାଳତୀଲତା ସାହୁ, ସସ୍ମିତା ନାୟକ, ଖେରଙ୍ଗ ସଭାପତି ବାଇଧର ସୂତାର, ପୂର୍ଣ୍ଣଚନ୍ଦ୍ର ପାଣି, ମୀନକେତନ ବିଶ୍ୱାଳ, ମୁକ୍ତିକାନ୍ତ ନାୟକ, ଅଭୟ ବଳ, ମନୋଜ ଭଳ, ଯୁବ ନେତା ଅଂଶୁମାନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରମୁଖ ଦଳ ଆଶାୟୀଙ୍କ ମେଣ୍ଟ ମନ୍ତବ୍ୟ

## ରାୟଗଡ଼ା ରାଜନୀତି

ରାୟଗଡ଼ା, ୧୩।୩(ଆଶିଷ ରଞ୍ଜନ ପଣ୍ଡା)



ବସନ୍ତ ଉଲାକା



ସତ୍ୟଜିତ୍ ଗମାଙ୍ଗ



ପ୍ରତାପ ପୁଆଲା



ଆପଲସ୍ୱାମୀ କାଡ୍ରାକା

୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସର ଆଶାୟୀମାନେ ଲୋକ ସଭା ଓ ବିଧାନସଭା ଆସନରେ ପ୍ରାର୍ଥୀ ହେବା ପାଇଁ ଦଳୀୟ ଶୀର୍ଷ ନେତୃତ୍ୱଙ୍କ ଠାରେ ଲବି ଚଳାଇଛନ୍ତି। ଯଦି ବିଜେଡି ଓ ଭାଜପା ପ୍ରାର୍ଥୀଙ୍କ କଥା ଦେଖାଯାଏ, ତେବେ ମେଣ୍ଟ ନେଇ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରୁ ନ ଥିବାରୁ ତାହା ଦୁଇ ଦଳର ଆଶାୟୀଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିଛି। ଉପରକୁ କିଛି କହି ନ ପାରିଲେ ମଧ୍ୟ ପ୍ରବଳ ଚିନ୍ତାରେ ଅଛନ୍ତି। ମେଣ୍ଟ ହେଲେ ବିଜେଡି ଜାଗାରେ ଭାଜପାକୁ ଟିକେଟ ମିଳିଲେ ବିଜେଡି ଆଶାୟୀ କ'ଣ କରିବେ ଏବଂ ଭାଜପା ଜାଗାରେ ବିଜେଡି ଆଶାୟୀଙ୍କୁ ଟିକେଟ ମିଳିଲେ ଭାଜପା ଆଶାୟୀ କ'ଣ କରିବେ, ସେ ନେଇ ଦ୍ୱନ୍ଦ୍ୱରେ ଆଶାୟୀ । ପଚାରିଲେ ଖାଲି କହୁଛନ୍ତି, ଶୀର୍ଷ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ଆମେ ସେଥିରେ ଏକମତ। ହେଲେ ମନ ଭିତରେ ବିଧାୟକ ଅଥବା ଏମ୍‌ପି ପ୍ରାର୍ଥୀ ହେବାକୁ ପ୍ରବଳ ଇଚ୍ଛା ରହିଥିବା ଜଣାପଡ଼ିଯାଉଛି।

ଏ ନେଇ ଆମେ ଭାଜପା, କଂଗ୍ରେସ ଓ ବିଜେଡିର କିଛି ଆଶାୟୀଙ୍କ ସହିତ ଆଲୋଚନ କରିଥିଲୁ । ବିଜେଡି ଓ ଭାଜପା ଆଶାୟୀମାନେ ଇଚ୍ଛା ନ ଥିଲେ ମଧ୍ୟ ଦଳର ନିଷ୍ପତ୍ତି ଶେଷ ନିଷ୍ପତ୍ତି କହିବାକୁ ବାଧ ହେଉଥିବା ଦେଖାଯାଇଛି। ଅନ୍ୟପଟେ ବିଜେଡି-ଭାଜପା ବାହାଘର କରାଇଥିବା କଂଗ୍ରେସ କହିଛି, ପୂର୍ବରୁ ଦୁଇ ଦଳ ଏକ । କେବଳ ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି । ଦୁଇ ଦଳର ଦୁର୍ନୀତି ଶୀର୍ଷରେ ପହଞ୍ଚିଲାଣି । ଏଥର ଜନସାଧାରଣ ଉଚିତ ଜବାବ ଦେବେ ବୋଲି କଂଗ୍ରେସ ନେତା ଓ କର୍ମୀ କହିଛନ୍ତି।

ରାୟଗଡ଼ାର ଭାଜପା ଆଶାୟୀ ପ୍ରାର୍ଥୀ ବସନ୍ତ ଉଲାକା କହିଛନ୍ତି, ସେ ରାୟଗଡ଼ା ବିଧାନସଭା ଓ କୋରାପୁଟ ଲୋକ ସଭା ଆସନ ଉଭୟ ପାଇଁ ଆଶାୟୀ ଅଛନ୍ତି । ତେବେ ଦଳ ଯାହା ନିଷ୍ପତ୍ତି ନେବ, ସେଥିରେ ସହମତ ହେବେ। ମେଣ୍ଟ ଯଦି ହୁଏ, ତେବେ ଯେଉଁ ଦଳର ପ୍ରାର୍ଥୀ ଟିକେଟ ପାଇବେ ତାଙ୍କୁ ସମର୍ଥନ କରିବେ। କିନ୍ତୁ ଗତଦିନରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଦୁର୍ନୀତି କହି ବିଜେଡିକୁ ବିରୋଧ କରୁଥିବା ବେଳେ ବର୍ତ୍ତମାନ ମେଣ୍ଟ ହେଲେ ଭୋଟରଙ୍କୁ ବୁଝାଇବା କଷ୍ଟକର ହେବ, ତଥାପି ଦଳ ନିର୍ଦ୍ଦେଶରେ କାମ କରିବେ ବୋଲି ସେ କହିଛନ୍ତି। ସେ ପୁଣି କହିଛନ୍ତି, ଦୁଇ ଦଳ ମଧ୍ୟରେ ମେଣ୍ଟ ହେଲେ ବହୁ ଆଶାୟୀ ପ୍ରାର୍ଥୀ କଂଗ୍ରେସରେ ଯୋଗଦେଇ ପାରନ୍ତି।

ରାୟଗଡ଼ାର କଂଗ୍ରେସ ବିଧାୟକ ଆଶାୟୀ ପ୍ରାର୍ଥୀ ଆପଲସ୍ୱାମୀ କାଡ୍ରାକାଙ୍କ ମତରେ ବିଜେଡି ଓ ଭାଜପା ଏବେ ମେଣ୍ଟ କଥା ଆଲୋଚନା କରୁଛନ୍ତି । ହେଲେ ସେମାନେ ପୂର୍ବରୁ ଏକ । ଓଡ଼ିଶାରେ ଲୋକଦେଖାଣିଆ କଳି, ଆଉ ଦିଲ୍ଲୀରେ କୋଳାକୋଳି। ଯଦି ସେମାନେ ପୂର୍ବରୁ ଏକ ନ ଥିଲେ, ତେବେ ବିଜେଡି କାହିଁକି ଦୁଇ ଥର ଭାଜପା ପ୍ରାର୍ଥୀ ତଥା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟ ସଭାକୁ ସମର୍ଥନ ଜଣାଇଲା ବୋଲି କହିଛନ୍ତି। ରାୟଗଡ଼ା ବିଜେଡି ଆଶାୟୀ ପ୍ରାର୍ଥୀ ଗଙ୍ଗାଧର ପୁଆଲା କହିଛନ୍ତି, ଦଳ ଯାହା ନିଷ୍ପତ୍ତି ନେବ ସେଥିରେ ସେ ସହମତ ହେବେ। ମେଣ୍ଟକୁ ନେଇ ଦଳ ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଦଳର ସବୁ ନେତା ଓ କର୍ମୀ ଗ୍ରହଣ କରି କାମ କରିବେ ବୋଲି ସେ କହିଛନ୍ତି।